# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୧୧/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 11/2025 | Page 16 | ₹ 7.00

୫୧ଶ ଭାଗ ୧୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 165 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।



ପାକିସ୍ତାନର ଡ୍ରୋନ୍ ଆକ୍ରମଣରେ ଜମ୍ମୁର ଆବାସିକ କୋଠାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି।

# ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

- ପାକିସ୍ତାନ ସରକାର ରାଜି, ମାନୁନାହିଁ ସେନା
- ସୀମାନ୍ତ ସହରରେ ସନ୍ଦିଗ୍ଧ ଡ୍ରୋନ୍, ଏଲଓସିରେ ଗୁଳି
- କଡ଼ା ଜବାବ ଦେଉଛି ଭାରତ, ଆହୁରି ଦିଆଯିବ
- ୧୨ରେ ଡିଜିଏମ୍ଓ ସ୍ତରରେ ପୁଣି ଆଲୋଚନା

ପାକିସ୍ତାନୀ ଆତଙ୍କବାଦୀଙ୍କ ପହଲଗାମ୍ ଆକ୍ରମଣ ଓ ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନକୁ ନେଇ ୨ ଦେଶ ମୁହାଁମୁହିଁ ହୋଇଥିବାବେଳେ ଆମେରିକାର ହସ୍ତକ୍ଷେପକ୍ରମେ ଶନିବାର ଅପରାହ୍ଣ ୫ଟାରୁ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲା। ଏହାର ୩ ଘଣ୍ଟା ପରେ ପାକିସ୍ତାନୀ ସେନା ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟ ଭଳି ସୀମାନ୍ତ ରାଜ୍ୟଗୁଡ଼ିକୁ ପୁନର୍ବାର ଟାର୍ଗେଟ କରିଛି। ପାକ୍ ରେଞ୍ଜର୍ସ ଅସ୍ତ୍ରବିରତି ଉଲ୍ଲଂଘନ କରି ନିୟନ୍ତ୍ରଣ ରେଖା ଓ ଅନ୍ତର୍ଜାତୀୟ ରେଖାରେ ତୁହାକୁତୁହା ଗୁଳିଗୋଳା ବର୍ଷଣ କରୁଛନ୍ତି। ସେହିପରି ଉତ୍ତର ଓ ପଶ୍ଚିମ ଭାରତର ଅନେକ ସୀମାନ୍ତ ସହର ଆକାଶରେ ପାକିସ୍ତାନୀ ଡ୍ରୋନ୍ ଚକ୍କର ମାରୁଥିବା ଦେଖିବାକୁ ମିଳିଛି। ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ସହରଗୁଡ଼ିକରେ ବ୍ଲାକ୍ଆଉଟ୍ ଘୋଷଣା କରାଯିବା ସହ ଯୁଦ୍ଧ ସାଇରନ୍ ବଜାଇ ଜନସାଧାରଣଙ୍କୁ ସତର୍କ କରାଯାଉଛି। ଗୋଟିଏ ପଟେ ଭାରତ ଓ ପାକିସ୍ତାନର ନିର୍ବାଚିତ ସରକାରଙ୍କ ମଧ୍ୟରେ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିବାବେଳେ ଅନ୍ୟପଟେ ପାକିସ୍ତାନୀ ସେନା ଏହାକୁ ଅବଜ୍ଞା କରି ସୀମାପାର ଆକ୍ରମଣ ଜାରି ରଖିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ପାକିସ୍ତାନୀ ସେନା ଦେଶର ନିର୍ବାଚିତ ସରକାର ଉପରେ କର୍ତ୍ତୃତ୍ୱ ଜାହିର କରିବାର ଇତିହାସ ରହିଛି। ଅନେକ ସମୟରେ ସରକାରଙ୍କ ନୀତିଠାରୁ ଭିନ୍ନ ମତ ପୋଷଣ କରି ସଶସ୍ତ୍ର ବଳ ନିଜସ୍ୱ ରଣନୀତି ଆପଣାଇଥାଏ। ତେଣୁ ଜେନେରାଲ ଆସିମ୍ ମୁନିରଙ୍କ ନେତୃତ୍ୱାଧୀନ ପାକିସ୍ତାନୀ ସେନା ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ପୁଣିଥରେ ଭାରତ ବିରୋଧରେ ଦୁଃସାହସିକ ପଦକ୍ଷେପ ନେବା ଆରମ୍ଭ କରିଛି ବୋଲି ସଦ୍ୟ ଘଟଣାବଳୀକୁ ଦେଖି ପ୍ରତିରକ୍ଷା ବିଶେଷଜ୍ଞମାନେ କହୁଛନ୍ତି।

**ନୂଆଦିଲ୍ଲୀ/ଇସ୍ଲାମାବାଦ/ୱାଶିଂଟନ୍,୧୦।୫**

ଭାରତ ଓ ପାକିସ୍ତାନ ପରସ୍ପର ବିରୋଧରେ ୩ ଦିନ ଧରି ସାମରିକ କାର୍ଯ୍ୟାନୁଷ୍ଠାନ ନେବା ପରେ ଶେଷରେ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଶନିବାର ଅପରାହ୍ଣ ୫ଟାରୁ ଜଳ, ସ୍ଥଳ ଓ ଆକାଶମାର୍ଗରେ କେହି କାହା ଉପରେ ଯୁଦ୍ଧାସ୍ତ୍ର ପ୍ରୟୋଗ କରିବେ ନାହିଁ ବୋଲି ସହମତି ପ୍ରକାଶ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ ଏନେଇ ଉଲ୍ଲେଖ କରିବା ପରେ ଉଭୟ ପକ୍ଷ ମଧ୍ୟ ଅସ୍ତ୍ରବିରତି ପ୍ରସଙ୍ଗ ସ୍ପଷ୍ଟ କରିଛନ୍ତି। ତେବେ ସିଜ୍ଫାୟାର ପାଇଁ ଭାରତ ଓ ପାକିସ୍ତାନ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍ଓ)ସ୍ତରରେ ଉଦ୍ୟମ ହୋଇଛି ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ ବୋଲି ନୂଆଦିଲ୍ଲୀ କହିଛି। ଏପ୍ରିଲ ୨୨ରେ ପାକିସ୍ତାନୀ ଆତଙ୍କବାଦୀମାନେ ଜମ୍ମୁ-କଶ୍ମୀରର ପହଲଗାମ୍ସ୍ଥିତ ବୈସରନ୍ ଉପତ୍ୟକାରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିଥିଲେ। ୧୪ ଦିନର ବ୍ୟବଧାନ ପରେ ଅର୍ଥାତ୍ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଭାରତ ପାକିସ୍ତାନକୁ ଶକ୍ତିଶାଳୀ ଜବାବ ଦେଇଥିଲା। ସ୍ଥଳସେନା, ବାୟୁସେନା ଓ ନୌସେନାର ମିଳିତ ଉଦ୍ୟମରେ ପାକିସ୍ତାନ ଏବଂ ପାକ୍-ଅଧିକୃତ କଶ୍ମୀର (ପିଓକେ)ର ୯ଟି ସ୍ଥାନରେ ମିଶାଇଲ ମାଡ଼ କରାଯାଇ ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ନଷ୍ଟ କରିଦିଆଯାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ଶତାଧିକ ଆତଙ୍କବାଦୀ ନିହତ ହୋଇଥିବାବେଳେ ପାକିସ୍ତାନ ସେମାନଙ୍କୁ ଶହୀଦ ଆଖ୍ୟାଦେଇ ଭାରତ ଉପରେ ☞ପୃଷ୍ଠା-୧୦

## ପାକିସ୍ତାନକୁ ସମର୍ଥନ ଜାରି ରହିବ: ଚାଇନା

**ଇସ୍ଲାମାବାଦ,୧୦।୫(ପି.ଟି.)**

ପାକିସ୍ତାନର ସାର୍ବଭୌମତ୍ୱ, କ୍ଷେତ୍ରିୟ ଅଖଣ୍ଡତା ଓ ଜାତୀୟ ସ୍ୱାଧୀନତା ବଜାୟ ରଖିବାରେ ଇସ୍ଲାମାବାଦକୁ ସମର୍ଥନ ଦେବା ଜାରି ରହିବ ବୋଲି ଶନିବାର ରାତିରେ ଚାଇନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ପାକ୍ ଉପପ୍ରଧାନମନ୍ତ୍ରୀ ଇଶାକ୍ ଡାରଙ୍କ ସହ ଫୋନ୍ରେ ଆଲୋଚନା ବେଳେ ତାଙ୍କୁ ଏଭଳି ପ୍ରତିଶ୍ରୁତି ଦେଇଥିବା ସେଠାକାର ବହିର୍ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଆଲୋଚନା ବେଳେ ଡାର୍ ସାମ୍ପ୍ରତିକ ସ୍ଥିତି ଓ ପରିବର୍ତ୍ତନଶୀଳ ଘଟଣାକ୍ରମ ଉପରେ ୱାଙ୍ଗ୍ଙ୍କୁ ଅବଗତ କରାଇଥିଲେ। ୱାଙ୍ଗ୍ ଚାଇନାର ସବୁଦିନିଆ ରଣନୈତିକ ସହଯୋଗୀ ପାକିସ୍ତାନକୁ ସମର୍ଥନ ଜାରି ରଖିବା ନେଇ ବେଜିଂର ଆଭିମୁଖ୍ୟକୁ ପୁଣି ଦୋହରାଇଛନ୍ତି ବୋଲି ଇସ୍ଲାମାବାଦ ସୂତ୍ରରୁ ପ୍ରକାଶ।

## ସୀମାନ୍ତ ରାଜ୍ୟକୁ ସତର୍କ କରାଇଲା କେନ୍ଦ୍ର

**ନୂଆଦିଲ୍ଲୀ/ଜମ୍ମୁ,୧୦।୫**

ନୂଆକରି ସିଜ୍ଫାୟାର ଘୋଷଣା ସତ୍ତ୍ୱେ ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟର ଅନେକ ଜିଲାରେ ପାକିସ୍ତାନୀ ଡ୍ରୋନ୍ ଦେଖିବାକୁ ମିଳିଛି। ଶ୍ରୀନଗରରେ ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଶୁଭିବା ପରେ ଏୟାର ଡିଫେନ୍ସ ୟୁନିଟ୍ଗୁଡ଼ିକୁ ସକ୍ରିୟ କରାଯାଇଛି। ଜମ୍ମୁ ନିକଟ ନଗ୍ରୋଟାର ଏକ ସେନା ଶିବିରରେ ନିଆଁ ଲାଗିଛି। ସେନା ଯବାନମାନେ ଶିବିର ବାହାରେ ସନ୍ଦେହଜନକ ଗତିବିଧି ଦେଖି ଗୁଳି ଚଳାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ତଲାସି ଜାରି ରହିଛି। ପାକିସ୍ତାନୀ ସୈନ୍ୟ ଓ ଆତଙ୍କବାଦୀମାନଙ୍କ ପକ୍ଷରୁ ସମ୍ଭାବ୍ୟ ଆକ୍ରମଣ ଆଶଙ୍କା କରାଯାଉଛି। ଏସବୁକୁ ଦେଖି ବିପଦ ଟଳି ନ ଥିବା ମନେକରି ସୀମାନ୍ତ ରାଜ୍ୟଗୁଡ଼ିକୁ ସତର୍କ ରହିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ☞ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ** ଡୋଭାଲଙ୍କ ସିଦ୍ଧାନ୍ତ




ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
No. T-18: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା12.05.2025ରିଖ** ସରକାରୀ ଛୁଟି ଦିନ ଥିବା ହେତୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0109/2526

## ସିଜ୍ଫାୟାରକୁ ସ୍ୱାଗତ, କିନ୍ତୁ...

**ନୂଆଦିଲ୍ଲୀ,୧୦।୫**

ଭାରତ ଓ ପାକିସ୍ତାନ ମଧ୍ୟରେ ଶନିବାର ହୋଇଥିବା ସିଜ୍ଫାୟାର ବୁଝାମଣାକୁ ଜାତିସଂଘ ସହ ଆମେରିକା, ବ୍ରିଟେନ୍, ଜର୍ମାନୀ ଭଳି ଅନେକ ପାଶ୍ଚାତ୍ୟ ରାଷ୍ଟ୍ର ସ୍ୱାଗତ କରିଛନ୍ତି। କିନ୍ତୁ ଅସ୍ତ୍ରବିରତି ପାଇଁ ଦୁଇଦେଶର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ସହମତି ପ୍ରକାଶ ପାଇବା ପରେ ପାକିସ୍ତାନୀ ସେନା ଯେପରି ଭାବେ ଉଲ୍ଲଂଘନ କରିଚାଲିଛି, ତାକୁ ଦେଖି ଅନେକେ ଏହାର ସ୍ଥାୟିତ୍ୱକୁ ନେଇ ସନ୍ଦେହ ବ୍ୟକ୍ତ କରିଛନ୍ତି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେଇର୍ ଷ୍ଟର୍ମର କହିଛନ୍ତି, ବର୍ତ୍ତମାନ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ସ୍ଥାୟୀ ହେବା ଉଚିତ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଅସ୍ତ୍ରବିରତିକୁ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଦିଗରେ 'ଏକ ସକାରାତ୍ମକ ପଦକ୍ଷେପ' ବୋଲି କହିବା ସହ ଏହାକୁ ବଜାୟ ରଖିବାକୁ ଉଭୟ ପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଜର୍ମାନୀ ଯୁଦ୍ଧବିରତିକୁ ସ୍ୱାଗତ କରିବା ସହ ଆଲୋଚନା ଜରିଆରେ ସମାଧାନର ବାଟ ଖୋଜିବାକୁ କହିଛି। ଇତିମଧ୍ୟରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲଙ୍କୁ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଫୋନ୍ କରି କଥା ହୋଇଛନ୍ତି। ବାର୍ତ୍ତାଳାପ ବେଳେ ଡୋଭାଲ କହିଛନ୍ତି, ଯୁଦ୍ଧରୁ କାହାରିକୁ ଲାଭ ମିଳେନାହିଁ ବୋଲି ଭାରତ ବୁଝିଥିବାରୁ ସବୁବେଳେ ଶାନ୍ତିକୁ ☞ପୃଷ୍ଠା-୧୦

## ପାକିସ୍ତାନକୁ ଆଇଏମ୍ଏଫ୍ର ୧ ବିଲିୟନ ଡଲାର ଋଣ | ସମୟକୁ ନେଇ ପ୍ରଶ୍ନ




**ନ୍ୟୁୟର୍କ/ ଇସ୍ଲାମାବାଦ, ୧୦।୫ (ପି.ଟି.)**

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଶୁକ୍ରବାର ପାକିସ୍ତାନକୁ ୧ ବିଲିୟନ ଆମେରିକୀୟ ଡଲାର ଋଣ ମଞ୍ଜୁର କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସର୍ବୋଚ୍ଚରେ ପହଞ୍ଚିଥିବା ବେଳେ ଏହି ସମୟରେ ଅନ୍ତର୍ଜାତୀୟ ଋଣପ୍ରଦାନକାରୀ ସଂସ୍ଥାର ଏଭଳି ନିଷ୍ପତ୍ତି ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। ଶନିବାର ପ୍ରାରମ୍ଭରେ ଶୁଣିବାକୁ ମିଳିଥିଲା ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ହୋଇଛି। ପରେ ପାକିସ୍ତାନ ତାହାକୁ ଉଲ୍ଲଂଘନ କରିଥିବା ଖବର ମିଳିଲା। ତେବେ ଏହି ଋଣ ପ୍ରଦାନ ସହ ଅସ୍ତ୍ରବିରତିର ସମ୍ପର୍କ ରହିଥିବା ନେଇ ଆଲୋଚନା ହେଲାଣି। ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ତାଙ୍କ ଯୋଗୁ ହୋଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିବା ବେଳେ ଭାରତ କହିଛି ଯେ ତାହା ପାକିସ୍ତାନ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା ମାଧ୍ୟମରେ ହୋଇଛି। କିନ୍ତୁ ଆମେରିକା ଉପରାଷ୍ଟ୍ରପତି ଜେ ଡି ଭାନ୍ସ ଓ ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ତାଙ୍କ ଦେଶ ହସ୍ତକ୍ଷେପରେ ଏହା ସମ୍ଭବ ହୋଇଛି ବୋଲି କହିଛନ୍ତି। ଏହା ମଧ୍ୟ ଶୁଣିବାକୁ ମିଳିଛି ଯେ, ୧ ବିଲିୟନ ଆମେରିକୀୟ ଡଲାର ଯାଚି ଆମେରିକା ଅସ୍ତ୍ରବିରତିରେ ରାଜି ହେବା ଲାଗି ପାକିସ୍ତାନ ଉପରେ ଚାପ ପକାଇଥିଲା। କାରଣ ୱାଶିଂଟନ ଡିସିର ବିନା ଅନୁମୋଦନରେ ଋଣ ମିଳି ନ ଥାଏ, ଯେହେତୁ ହ୍ୱାଇଟ୍ ହାଉସ ଏଥିଲାଗି ଶେଷ ସ୍ୱର୍ଶକାରୀ ଭୂମିକା ନିର୍ବାହ କରିଥାଏ।

ପାକିସ୍ତାନର ଦୁର୍ବଳ ଆର୍ଥିକ ସ୍ଥିତି ଓ ତାହାକୁ ମିଳୁଥିବା ସହାୟତା ରାଷ୍ଟ୍ର ପ୍ରାୟୋଜିତ ସୀମାପାର ଆତଙ୍କବାଦରେ ବିନିଯୋଗ ହେଉଥିବାରୁ ଭାରତ ପୂର୍ବରୁ ବହୁବାର ଅନ୍ତର୍ଜାତୀୟ ମଞ୍ଚରେ ଏହି ପ୍ରସଙ୍ଗ ଉଠାଇ ଆସିଛି। ଶୁକ୍ରବାର ଅନୁଷ୍ଠିତ ଆଇଏମ୍ଏଫ୍ ବୋର୍ଡ ବୈଠକରେ ପାକିସ୍ତାନକୁ ଏକ୍ସଟେଣ୍ଡେଡ୍ ଫଣ୍ଡ ଫ୍ୟାସିଲିଟି (ଇଏଫ୍ଏଫ୍) ଜରିଆରେ ଦିଆଯିବାକୁ ଥିବା ୨.୩ ବିଲିୟନ ଆମେରିକୀୟ ଡଲାର ଋଣ ଉପରେ ସମୀକ୍ଷା କରିବା ଲାଗି କହି ଭାରତ ପ୍ରତିବାଦ କରିଥିଲା। କିନ୍ତୁ ଆଇଏମ୍ଏଫ୍ ଏକ ବିବୃତିରେ ଜଣାଇଥିଲା ଯେ ପାକିସ୍ତାନର ୩୭ ମାସର ଇଏଫ୍ଏଫ୍କୁ ୨୫ ସେପ୍ଟେମ୍ବର ୨୦୨୪ରେ ମଞ୍ଜୁରୀ ମିଳିଥିଲା। ତାହା ପାକିସ୍ତାନର ନିରନ୍ତର ବିକାଶ ଦିଗରେ ଅଭିପ୍ରେତ ଥିବାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ପାକିସ୍ତାନକୁ ୧ ବିଲିୟନ ଆମେରିକୀୟ ଡଲାର ମଞ୍ଜୁରୀ କରାଯାଇଛି ବୋଲି ମୁଦ୍ରାପାଣ୍ଠି ପକ୍ଷରୁ କୁହାଯାଇଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ପ୍ରାଣହାନି ପରେ ଦୁଇ ଦେଶ ମଧ୍ୟରେ ଦେଖାଦେଇଥିବା ସାମରିକ ଉତ୍ତେଜନା ପରିପ୍ରେକ୍ଷୀରେ ପାକିସ୍ତାନକୁ ଆଇଏମ୍ଏଫ୍ର ଋଣ ପ୍ରଦାନ ବିଶ୍ୱ ସମୁଦାୟକୁ ଏକ ଭୟଙ୍କର ବାର୍ତ୍ତା ଦେଇଛି ବୋଲି ଭାରତ କହିଛି। ଅନ୍ୟପକ୍ଷରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଆଇଏମ୍ଏଫ୍ର ଋଣ ପ୍ରଦାନରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ପାକିସ୍ତାନର ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆସୁଥିବା ବେଳେ ଭାରତ ଷଡ଼ଯନ୍ତ୍ର କରି ଆଇଏମ୍ଏଫ୍ ଋଣ ରୋକିବା ଲାଗି କରିଥିବା ପ୍ରୟାସ ବିଫଳ ହୋଇଛି ବୋଲି ଶରିଫ୍ କହିଛନ୍ତି। ଦୁଇ ଦେଶ ମଧ୍ୟରେ ହୋଇଥିବା ଅସ୍ତ୍ରବିରତିକୁ ଶନିବାର ☞ପୃଷ୍ଠା-୧୦





ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ମେନ୍ଧାର ସେକ୍ଟର ବେହରା ଗ୍ରାମରେ ପାକିସ୍ତାନୀ ସେନାର ଶେଲ୍ ମାଡ଼ରେ ଏକ ଘର କ୍ଷତିଗ୍ରସ୍ତ ହୋଇଛି।

## ଅପରେଶନ ସିନ୍ଦୂରରେ ଅଜହରଙ୍କ ସମ୍ପର୍କୀୟ ସମେତ ୫ ଶୀର୍ଷ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ,୧୦।୫



ରୌଫ୍ ଅଜହର

ଭାରତୀୟ ସେନା ସିନ୍ଦୂର ଜରିଆରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀର(ପିଓକେ)ରେ ଥିବା ଲଶ୍କର-ଇ-ତୋଇବା ଏବଂ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ୯ଟି ଭିତ୍ତିଭୂମିକୁ ଧ୍ୱଂସ କରିଥିଲା। ଏଥିରେ ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ ଆଜହରଙ୍କ ଭାଇ ତଥା ୧୯୯୯ରେ କାନ୍ଦାହାର ବିମାନ ଅପହରଣର ମାଷ୍ଟରମାଇଣ୍ଡ ରୌଫ୍ ଅଜହରଙ୍କ ସମେତ ୫ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ନିହତ ହୋଇଥିବା ଶନିବାର ଭାରତୀୟ ଏଜେନ୍ସି ସ୍ପଷ୍ଟ କରିଛନ୍ତି। ଏହି ଆତଙ୍କବାଦୀମାନଙ୍କ ଶେଷକୃତ୍ୟରେ ପାକିସ୍ତାନୀ ସେନାର ବରିଷ୍ଠ ଅଧିକାରୀ, ପୋଲିସ ଅଫିସର ଓ ରାଜନେତା ଯୋଗଦେଇଥିଲେ, ଯାହା ଆତଙ୍କବାଦୀ ସଂଗଠନ ସହ ପାକ୍ ସରକାରଙ୍କ ଗୋପନ ବୁଝାମଣା ଥିବାର ଖୋଲା ପ୍ରମାଣ।

୭ ତାରିଖ ରାତିରେ ଭାରତୀୟ ସେନାର ଆକ୍ରମଣ ବେଳେ ଜେଇଏମ୍‌ର ବାହାବଲପୁର ମୁଖ୍ୟାଳୟରେ ଉପସ୍ଥିତ ଥିବା ମାସୁଦ୍ ଅଜହରଙ୍କ ଭିଣୋଇ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ମହମ୍ମଦ ୟୁସୁଫ ଅଜହର ନିହତ ହୋଇଥିଲେ। ସେହିପରି ଜେଇଏମ୍ ଆତଙ୍କବାଦୀଙ୍କ ତାଲିମ କେନ୍ଦ୍ର ବାହାବଲପୁରର ମର୍କଜ ସୁଭାନ ଆଲ୍ଲା ଦାୟିତ୍ୱରେ ଥିବା ମାସୁଦଙ୍କ ଅନ୍ୟଜଣେ ଭିଣୋଇ ହାଫିଜ ମୁହମ୍ମଦ ଜମିଲ ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଥିଲେ। ମୁରିଦ୍‌କେରେ ମର୍କଜ ତାଇବା ଦାୟିତ୍ୱରେ ଥିବା ଲଶ୍କର-ଇ-ତୋଇବା ଆତଙ୍କବାଦୀ ମୁଦାସର ଖାଦିଆନ୍ ଖାସ୍ ଓରଫ ଅବୁ ଜୁନ୍ଦଲ ଆକ୍ରମଣରେ ପ୍ରାଣ ହରାଇଥିଲେ। ଲଶ୍କର ଆତଙ୍କବାଦୀ ଖଲିଦ ଓରଫ ଅବୁ ଆକାଶ ଜମ୍ମୁ-କଶ୍ମୀରର ଏକାଧିକ ଆତଙ୍କବାଦୀ ଆକ୍ରମଣ ସହ ସମ୍ପୃକ୍ତ। ଫୈସଲାବାଦରେ ତାଙ୍କ ଶେଷକୃତ୍ୟ ବେଳେ ପାକ୍ ସେନା ଅଧିକାରୀ ଓ ସ୍ଥାନୀୟ ଡେପୁଟି କମିଶନର ଉପସ୍ଥିତ ଥିଲେ। ପିଓକେରେ ଜେଇଏମ୍‌ର ଅପରେଶନାଲ କମାଣ୍ଡରଙ୍କ ପୁଅ ମହମ୍ମଦ ହାସନ ଖାନ୍ ମଧ୍ୟ ଅପରେଶନ ସିନ୍ଦୂରରେ ନିହତ ହୋଇଥିଲେ।

# ଆତଙ୍କବାଦୀ କାର୍ଯ୍ୟ ଭାରତ ବିରୋଧୀ ଯୁଦ୍ଧ

ନୂଆଦିଲ୍ଲୀ,୧୦।୫(ପି.ଟି.)

ଭାରତ ମାଟିରେ ଭବିଷ୍ୟତରେ କୌଣସି ଆତଙ୍କବାଦୀ କାର୍ଯ୍ୟକୁ ଦେଶ ବିରୋଧରେ 'ଯୁଦ୍ଧର କାର୍ଯ୍ୟ' ଭାବେ ବିବେଚନା କରାଯିବ ଏବଂ ତଦନୁଯାୟୀ ଜବାବ ଦିଆଯିବ ବୋଲି ଶନିବାର କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାବେଳେ ଏହି ଦେଶକୁ କେନ୍ଦ୍ର ସରକାର ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଏହି ନିଷ୍ପତ୍ତି ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଆତଙ୍କବାଦ ଘଟଣା ବିରୋଧରେ ଏକ ଅନ୍ତିମ ରେଖା ଟାଣିବାକୁ ଚାହିଁଛନ୍ତି। ପାକିସ୍ତାନ ସହ ସମ୍ପୃକ୍ତ ଆତଙ୍କବାଦୀମାନେ ଯଦି ପୁଣିଥରେ ଭାରତକୁ ଟାର୍ଗେଟ କରନ୍ତି, ତେବେ ପହଲଗାମ୍ ପରବର୍ତ୍ତୀ ଅନୁରୂପ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଦିଆଯାଇଛି।

### ଇସ୍‌ଲାମାବାଦକୁ ନୂଆଦିଲ୍ଲୀର କଡ଼ା ଚେତାବନୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଏନ୍ଏସ୍ଏ ଅଜିତ ଡୋଭାଲ, ସିଡିଏସ୍ ଜେନେରାଲ ଅନିଲ ଚୌହାନ ଓ ୩ ବାହିନୀର ମୁଖ୍ୟ ଯୋଗ ଦେଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶନିବାର ଶୀର୍ଷ ସୁରକ୍ଷା ଅଧିକାରୀମାନଙ୍କର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏବଂ ଭାରତୀୟ ସଶସ୍ତ୍ର ବଳର ମୁଖ୍ୟମାନେ ଯୋଗଦେଇଥିଲେ। ବୈଠକରେ ବ୍ୟାପକ ବିଚାରବିମର୍ଶ ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଗତମାସ ୨୨ ତାରିଖରେ ଜମ୍ମୁ-କଶ୍ମୀରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଆକ୍ରମଣ ଘଟାଇଥିଲା। ଏହି ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ପାକିସ୍ତାନୀ ଆତଙ୍କବାଦୀମାନେ ଉପତ୍ୟକାରେ ଅନେକ ସମୟରେ ସୁରକ୍ଷା ବଳ ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରି ହିଂସାକାଣ୍ଡ ଘଟାଇ ଆସିଛନ୍ତି। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରେ ପାକିସ୍ତାନ ସମ୍ପୃକ୍ତ ଥିବା ଆତଙ୍କବାଦୀ ଆକ୍ରମଣ ଘଟଣାର ଦୃଢ଼ ଜବାବ ଦିଆଯାଇଆସୁଛି। ଗତ ୭ ତାରିଖରେ ଅପରେଶନ ସିନ୍ଦୂର ଜରିଆରେ ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରି ଏହାକୁ ଧ୍ୱଂସ କରିଥିଲା। ଏହାପରେ ପାକିସ୍ତାନ ଭାରତର ଉତ୍ତର ଓ ପଶ୍ଚିମସୀମାରେ ଥିବା କେତେକ ସାମରିକ ସ୍ଥଳ ଓ ଆବାସିକ ଅଞ୍ଚଳକୁ ଟାର୍ଗେଟ କରି ଏକାଧିକ ଆକ୍ରମଣ ଉଦ୍ୟମ କରିଥିଲା, ଯାହାର ଠିକଣା ଜବାବ ଭାରତୀୟ ସେନା ଦେଇଛି।

## ପାକିସ୍ତାନର ଶେଲ୍ ମାଡ଼ରେ କଶ୍ମୀର ଅଫିସର, ସୁବେଦାରଙ୍କ ସମେତ ୬ ମୃତ

ଜମ୍ମୁ,୧୦।୫



ମେଜର ପୱନ କୁମାର

ପାକିସ୍ତାନୀ ସେନାର ମୋର୍ଟାର ଶେଲ୍ ଏବଂ ଡ୍ରୋନ୍ ଆକ୍ରମଣରେ ଶନିବାର ଜମ୍ମୁ-କଶ୍ମୀର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ, ସେନାର ଜୁନିୟର କମିଶନ୍‌ଡ ଅଫିସର (ଜେସିଓ)ଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଉକ୍ତ ଆକ୍ରମଣ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଶନିବାର ଭୋର ୫ଟା ବେଳେ ଜମ୍ମୁ ଓ ଅନ୍ୟ ବୃହତ୍ ସହରରେ ଏୟାର ରେଡ୍ ସାଇରନ୍ ସହ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା। ପାକିସ୍ତାନର ଶେଲ୍ ମାଡ଼ରେ ରାଜୌରୀର ଅତିରିକ୍ତ ଜିଲା ଉନ୍ନୟନ କମିଶନର ରାଜକୁମାର ଥାପା ଓ ତାଙ୍କ କାର୍ଯ୍ୟାଳୟର ୨ ଜଣ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସରକାରୀ ମେଡିକାଲ କଲେଜକୁ ନିଆଯାଇଥିବାବେଳେ ସେଠାରେ ଥାପାଙ୍କ ମୃତ୍ୟୁ ଘଟିଥିଲା। ସେହିପରି ପୁଞ୍ଚ୍‌ର କ୍ରିଷ୍ଣା ଘାଟି ସେକ୍ଟର ନିକଟରେ ପାକିସ୍ତାନୀ ସେନାର ଶେଲ୍ ମାଡ଼ରେ ସୁବେଦାର ମେଜର ପୱନ କୁମାରଙ୍କ ମୃତ୍ୟୁ ଘଟିଛି। ରାଜୌରୀ ସହର ଶିଳ୍ପାଞ୍ଚଳରେ ଶେଲ୍ ମାଡ଼ ଯୋଗୁ ଐଶା ନୁର (୨) ଏବଂ ମହମ୍ମଦ ଶୋଏବ୍(୩୫)ଙ୍କ ମୃତ୍ୟୁ ଘଟିଥିବାବେଳେ ପୁଞ୍ଚ୍‌ର କଙ୍ଗ୍ରା-ଗଲହୁଟ୍ଟା ଗ୍ରାମରେ ମୋର୍ଟାର ଶେଲ୍ ଆକ୍ରମଣରେ ରଶିଦା ବି (୫୫) ପ୍ରାଣ ହରାଇଛନ୍ତି।



ପାକିସ୍ତାନର ଶେଲ୍ ମାଡ଼ରେ ପ୍ରାଣ ହରାଇଥିବା ରାଜୌରୀ ଅତିରିକ୍ତ ଜିଲା ଉନ୍ନୟନ କମିଶନର ରାଜକୁମାର ଥାପାଙ୍କ ବାସଭବନରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପହଞ୍ଚି ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଉଛନ୍ତି।

## ସର୍ବଦଳୀୟ ବୈଠକ ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ,୧୦।୫

ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଡାକିବାକୁ ଶନିବାର କଂଗ୍ରେସ ପ୍ରସ୍ତାବ ଦେଇଛି। ସରକାର ସବୁ ଦଳଙ୍କୁ ବିଶ୍ୱାସକୁ ନିଅନ୍ତୁ। ଏଥିସହିତ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଗତ ୧୮ ଦିନ ମଧ୍ୟରେ ଘଟିଥିବା ଘଟଣା ସମ୍ପର୍କରେ ଆଲୋଚନା କରାଯିବାକୁ ବିରୋଧୀ ଦଳ ଦାବି କରିଛି। ଭାରତ ଓ ପାକିସ୍ତାନ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ଅପରାହ୍ନରେ କହିବାର କିଛି ସମୟ ପରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ତ୍ରି ଏହା ଘୋଷଣା କରିଥିଲେ।

## ପାକିସ୍ତାନର ୮ ସାମରିକ ସ୍ଥଳରେ ଭାରତର ଆକ୍ରମଣ

ନୂଆଦିଲ୍ଲୀ,୧୦।୫

ପାକିସ୍ତାନୀ ସେନା ଭାରତର ସାମରିକ ଭିତ୍ତିଭୂମି ସମେତ ଆବାସିକ ଅଞ୍ଚଳରେ ଆକ୍ରମଣ କରିବା ପରେ ଭାରତୀୟ ବାୟୁସେନା ଶନିବାର ଏହାର ଦୃଢ଼ ଜବାବ ଦେଇଛି। ପାକିସ୍ତାନର ରାଡାର ୟୁନିଟ୍, ଅସ୍ତ୍ର ଭଣ୍ଡାର ସମେତ ୮ଟି ସାମରିକ ସ୍ଥଳକୁ ଟାର୍ଗେଟ କରି ବାୟୁସେନା ଆକ୍ରମଣ କରିଛି। ରଫିକି, ମୁରିଦ୍ ଚକଲାଲା, ରହିମ ୟାର୍ ଖାନ୍, ସୁକ୍କୁର, ଚୁନିଆନ୍, ପସରୁର ଏବଂ ସିଆଲକୋଟ୍‌ରେ ଥିବା ମିଲିଟାରି ଟାର୍ଗେଟ୍‌କୁ ଆକ୍ରମଣ କରାଯାଇଥିଲା। ଶୁକ୍ରବାର ରାତିରେ ପଞ୍ଜାବରେ ଥିବା ଏୟାରବେସ୍‌କୁ ପାକିସ୍ତାନୀ ସେନା ମିଶାଇଲ୍ ଆକ୍ରମଣ କରିଥିଲା। ଜମ୍ମୁ-କଶ୍ମୀରର ୩ ଏୟାରବେସ୍‌ରେ ଥିବା ମେଡିକାଲ ସେଣ୍ଟର ଏବଂ ସ୍କୁଲ୍‌ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ପାକିସ୍ତାନର ସିଆଲକୋଟ ଜିଲାର ଲୁନିଠାରେ ଥିବା ଏକ ଆତଙ୍କବାଦୀ ଲଞ୍ଚ୍‌ପ୍ୟାଡ୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯାଇଥିବା ବିଏସ୍ଏଫ୍ କହିଛି। ଶୁକ୍ରବାର ରାତିରେ ପାକିସ୍ତାନୀ ସେନା ଜମ୍ମୁ ସେକ୍ଟରର ବିଏସ୍ଏଫ୍ ପୋଷ୍ଟକୁ ଟାର୍ଗେଟକରି ଗୁଳିବର୍ଷା କରୁଥିବାବେଳେ ଲଞ୍ଚ୍‌ପ୍ୟାଡ୍‌କୁ ଧ୍ୱଂସ କରାଯାଇଛି।

## ପଞ୍ଜାବରେ ପୁଣି ଲାଗୁହେଲା ବ୍ଲାକ୍‌ଆଉଟ୍

ଚଣ୍ଡିଗଡ଼, ୧୦।୫

ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହେବା ପରେ ଶନିବାର ସନ୍ଧ୍ୟାରୁ ପଞ୍ଜାବ କର୍ତ୍ତୃପକ୍ଷ ରାଜ୍ୟରୁ ବ୍ଲାକ୍‌ଆଉଟ୍ ନିର୍ଦ୍ଦେଶ ପ୍ରତ୍ୟାହାର କରିନେଇଥିଲେ। ସଙ୍ଗରୁର, ରୁପନଗର ଏବଂ ଫଜିଲକା ଜିଲା ପ୍ରଶାସନ ବ୍ଲାକ୍‌ଆଉଟ୍ ନିର୍ଦ୍ଦେଶ ପ୍ରତ୍ୟାହାର କରିନେଇଥିବାବେଳେ ଜଳନ୍ଧର, କପୁରଥାଲା ଏବଂ ପଟିଆଲା ଜିଲା କର୍ତ୍ତୃପକ୍ଷ କଟକଣା ନିର୍ଦ୍ଦେଶନାମାଗୁଡ଼ିକୁ ବାତିଲ କରାଯାଇଥିଲା। ପରେ ପାକିସ୍ତାନ ଅସ୍ତ୍ରବିରତିର ଉଲ୍ଲଂଘନ କରିବାରୁ ପଞ୍ଜାବ ସରକାରଙ୍କ ପକ୍ଷରୁ ପୁଣିଥରେ ରାଜ୍ୟର ହୋସିଆରପୁର, ଫିରୋଜପୁର, ଫଜିଲକା, ପଠାନକୋଟ ଆଦି ଜିଲାରେ ବ୍ଲାକଆଉଟ ଲାଗୁ କରାଯାଇଥିଲା।

## ନାଗରିକ ସୁରକ୍ଷା ସାଇରନ୍ ଶବ୍ଦ ବ୍ୟବହାର କରନାହିଁ

ନୂଆଦିଲ୍ଲୀ,୧୦।୫

### ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ କେନ୍ଦ୍ରର ପରାମର୍ଶ

ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ନିଜର କାର୍ଯ୍ୟକ୍ରମ ପ୍ରସାରଣ ବେଳେ ନାଗରିକ ସୁରକ୍ଷା ଏୟାରରେଡ୍ ସାଇରନ୍ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାର ଏକ ଆଡଭାଇଜରି ଜାରି କରିଛନ୍ତି। କେବଳ ସମୂହ ସଚେତନତା ଅଭିଯାନ ପାଇଁ ଏହି ଶବ୍ଦ ବ୍ୟବହାର ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଶନିବାର କହିଛନ୍ତି। ନାଗରିକ ପ୍ରତିରକ୍ଷା ଆଇନ, ୧୯୬୮ର ଧାରା ୩(୧) (ଡବ୍ଲ୍ୟୁ)(୦)ରେ ପ୍ରଦତ୍ତ କ୍ଷମତା ଅନୁଯାୟୀ, ସମସ୍ତ ମିଡିଆ ଚ୍ୟାନେଲକୁ ସେମାନଙ୍କ କାର୍ଯ୍ୟକ୍ରମରେ ସିଭିଲ୍ ଡିଫେନ୍ସ ଏୟାରରେଡ୍ ସାଇରନ୍ ଶବ୍ଦ ବ୍ୟବହାର ନ କରିବା ପାଇଁ ଅନୁରୋଧ କରାଯାଉଛି ବୋଲି ଲିଖିତ ଆଡଭାଇଜରିରେ କୁହାଯାଇଛି। ଏଭଳି ସାଇରନ୍ ସବୁବେଳେ ବ୍ୟବହାର କରାଗଲେ ଆକାଶମାର୍ଗରୁ ଆକ୍ରମଣ ବେଳର ସାଇରନ୍ ପ୍ରତି ନାଗରିକଙ୍କ ସମ୍ବେଦନଶୀଳତା ହ୍ରାସ ପାଇବ ଏବଂ ପ୍ରକୃତ ଏୟାରରେଡ୍ ବେଳେ ସେମାନେ ଏହି ସାଇରନ୍‌କୁ ଏକ ନିୟମିତ ଘଟଣା ଭାବି ଭୁଲ୍ ବୁଝିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି।

## ନବଜାତକଙ୍କ ନାମ 'ସିନ୍ଦୂର' ରଖୁଛନ୍ତି ରାଜସ୍ଥାନୀ ମା'

ଜୟପୁର, ୧୦।୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଲୋକମାନେ ନିଜ ନିଜ ଦେଶପ୍ରେମକୁ ବିଭିନ୍ନ ଉପାୟରେ ପ୍ରକାଶ କରିଛନ୍ତି। ଆତଙ୍କବାଦ ବିରୋଧରେ ଭାରତ ସରକାରଙ୍କ 'ଅପରେଶନ ସିନ୍ଦୂର'ରେ ଅନୁପ୍ରାଣିତ ହୋଇ ରାଜସ୍ଥାନର ଅନେକ ମା' ସେମାନଙ୍କ ନବଜାତକଙ୍କ ନାମକୁ ସିନ୍ଦୂର ରଖୁଛନ୍ତି। ଝୁନ୍‌ଝୁନ୍ ଜିଲା ନୱଲଗଡ଼ ହସ୍ପିଟାଲରେ ବର୍ତ୍ତମାନ ସୁଦ୍ଧା ୩ ଜଣ ନବଜାତକଙ୍କ ନାମ ସିନ୍ଦୂର ରଖାଯାଇଛି। ସ୍ଥାନୀୟ ଝାଟର ଗ୍ରାମର ଜଣେ ମହିଳା ସୀମା କହିଛନ୍ତି, ଅପରେଶନ ସିନ୍ଦୂର ମାଧ୍ୟମରେ ପହଲଗାମ୍ ଆକ୍ରମଣରେ ମୃତ ପର୍ଯ୍ୟଟକଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ମିଳିଥିଲା। ତେଣୁ ସେ ତାଙ୍କ ନବଜାତ ଶିଶୁପୁତ୍ରର ନାମ ସିନ୍ଦୂର ରଖିଛନ୍ତି। ଏହି ନାମ ସର୍ବଦା ତାଙ୍କ ପୁଅକୁ ଦେଶକୁ ଭଲ ପାଇବା ପାଇଁ ପ୍ରେରଣା ଯୋଗାଇବ। ଉକ୍ତ ଶିଶୁର ଜେଜେମା' କହିଛନ୍ତି, ସେ ତାଙ୍କ ନାତିକୁ ସେନାକୁ ପଠାଇବେ, ଯାହାଫଳରେ ସେ ଦେଶର ସେବା କରିପାରିବ। ସେହିପରି ଗ୍ରାମର ଅନ୍ୟଜଣେ ମହିଳା ସଞ୍ଜୁ କହିଛନ୍ତି, ୪ ଦିନ ତଳେ ଜନ୍ମ ହୋଇଥିବା ତାଙ୍କ ପୁଅର ନାମ ସେ ସିନ୍ଦୂର ରଖିଛନ୍ତି। ପହଲଗାମ୍ ଆକ୍ରମଣରେ ଅନେକ ମା' ଏବଂ ଭଉଣୀ ସେମାନଙ୍କ ସିନ୍ଦୂର ହରାଇଥିଲେ। ଏହି ନାମରେ ଅପରେଶନ କରି ଭାରତୀୟ ସେନା ଆତଙ୍କବାଦକୁ ଦୃଢ଼ ଜବାବ ଦେଇଥିବା ସେ କହିଛନ୍ତି। ସେହିପରି କାସୈରୁ ଗ୍ରାମର କାଞ୍ଚନ କହିଛନ୍ତି, ସେ ତାଙ୍କ ନବଜାତ ଶିଶୁକନ୍ୟାର ନାମ ସିନ୍ଦୂର ରଖିଛନ୍ତି। ଏପରି କରି ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ସେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ନୱଲଗଡ଼ ହସ୍ପିଟାଲର ଡାକ୍ତର ଜିତେନ୍ଦ୍ର ଚୌଧୁରୀ କହିଛନ୍ତି, ଆତଙ୍କବାଦ ବିରୋଧରେ 'ଅପରେଶନ ସିନ୍ଦୂର'କୁ ନେଇ ଘୋଷଣା କରାଯିବା ପରେ ବର୍ତ୍ତମାନ ସୁଦ୍ଧା ହସ୍ପିଟାଲରେ ଜନ୍ମ ହୋଇଥିବା ୩ ନବଜାତକଙ୍କ ନାମକୁ ସେମାନଙ୍କ ଅଭିଭାବକ ସିନ୍ଦୂର ରଖିଛନ୍ତି। ସମ୍ପ୍ରତି ଲୋକଙ୍କ ମଧ୍ୟରେ ଥିବା ଗଭୀର ଦେଶପ୍ରେମ ଭାବନାକୁ ଏହା ଦର୍ଶାଉଛି ବୋଲି ସେ କହିଛନ୍ତି।





ସାମ୍ପ୍ରତିକ ସ୍ଥିତିରେ ବିଭିନ୍ନ ଦେଶ ବିଶେଷକରି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସୀମା ସଂଘର୍ଷ ଘଟି ଭୂରାଜନୈତିକ ତଥା ସାମରିକ ଉତ୍ତେଜନା ବଢ଼ିବାରେ ଲାଗିଛି। ୨୦୨୨ ଫେବୃଆରୀରୁ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଲାଗିରହିଥିବାବେଳେ ୨୦୨୩ ଅକ୍ଟୋବରରୁ ଇସ୍ରାଏଲ-ଗାଜା ସଂଘର୍ଷ ସ୍ଥିତିକୁ ସଙ୍ଗିନ କରିଦେଇଛି। ଏଭଳି ସମୟରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହୋଇ ପରସ୍ପର ବିରୋଧରେ ଡ୍ରୋନ୍‌ଠାରୁ ନେଇ ମିଶାଇଲ ପର୍ଯ୍ୟନ୍ତ ବ୍ୟବହାର କରିଛନ୍ତି। ଦେଖିବାକୁ ଗଲେ ଯୁଦ୍ଧରେ କେହି ବିଜୟୀ ହୋଇ ନ ଥାଆନ୍ତି। ଉଭୟ ପକ୍ଷର କ୍ଷତି ସାଧିତ ହୋଇଥାଏ। କିନ୍ତୁ ଲାଭାନ୍ୱିତ ହୋଇଥାନ୍ତି ଅସ୍ତ୍ର ବ୍ୟବସାୟ କରୁଥିବା କମ୍ପାନୀ ଓ ରାଷ୍ଟ୍ରଗୁଡ଼ିକ। ତେଣୁ ଅସ୍ତ୍ର ଉତ୍ପାଦନକାରୀ ରାଷ୍ଟ୍ର ସମୂହ ଅନେକ ସମୟରେ ଯୁଦ୍ଧ ସ୍ଥିତି ସୃଷ୍ଟି କରିବାକୁ ଉଦ୍ୟମ କରିଥାନ୍ତି ବୋଲି ଅଭିଯୋଗ ହୋଇଆସୁଛି। ଭାରତ-ପାକିସ୍ତାନ ମଧ୍ୟରେ ୧୮ ଦିନ ଧରି ସାମରିକ ଉତ୍ତେଜନା ଲାଗିରହିଥିବାବେଳେ ଶନିବାର ଅପରାହ୍ନ ୫ଟାରୁ ଦୁଇଦେଶ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଛନ୍ତି। ଆଗକୁ ସ୍ଥିତି କେଉଁ ଆଡ଼କୁ ମୁହାଁଇବ ତାହା ସମୟ କହିବ। କିନ୍ତୁ ଇତିମଧ୍ୟରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ବଢ଼ିଥିବା ସାମରିକ ଉତ୍ତେଜନା ଯୁଦ୍ଧାସ୍ତ୍ର ଶିଳ୍ପ ଓ କାରବାର ସମ୍ପର୍କିତ ଚର୍ଚ୍ଚାକୁ ଖୋରାକ ଯୋଗାଇଛି।




# ଯୁଦ୍ଧାସ୍ତ୍ର ବେପାର




## ୨.୪୪୩ ଟ୍ରିଲିୟନ ଡଲାରର ପ୍ରତିରକ୍ଷା ଶିଳ୍ପ

ବିଶ୍ୱର ସମସ୍ତ ସାର୍ବଭୌମ ରାଷ୍ଟ୍ରର ନିଜସ୍ୱ ପ୍ରତିରକ୍ଷା ଅଧିକାର ରହିଛି। ଶତ୍ରୁଦେଶ ଆକ୍ରମଣ କଲେ ଏକ ରାଷ୍ଟ୍ର ଆତ୍ମରକ୍ଷା କରିବା ସହ ପ୍ରତିପକ୍ଷକୁ ଜବାବ ଦେବା ପାଇଁ ଅସ୍ତ୍ରଶସ୍ତ୍ରର ଆବଶ୍ୟକତା ପଡ଼ିଥାଏ। ଏଥିପାଇଁ ଆଧୁନିକ ଯୁଗରେ ଆର୍ମ ଇଣ୍ଡଷ୍ଟ୍ରି ବା ସଶସ୍ତ୍ର ଶିଳ୍ପ ବା ସାମରିକ ଶିଳ୍ପ ଫୁଲିବାରେ ଲାଗିଛି। ଅସ୍ତ୍ରଶସ୍ତ୍ରଠାରୁ ନେଇ ଡ୍ରୋନ୍, ଯୁଦ୍ଧ ଉପକରଣ, ମିଶାଇଲ୍ ସିଷ୍ଟମ୍, ଯୋଗାଯୋଗ ବ୍ୟବସ୍ଥା, ଏୟାର ଡିଫେନ୍ସ ସିଷ୍ଟମ୍, ମିଶାଇଲ, ଲଜିଷ୍ଟିକାଲ ସପୋର୍ଟ ଆଦି ଏଥିରେ ଅନ୍ତର୍ଭୁକ୍ତ। ଅନେକ ଶିଳ୍ପ ଉନ୍ନତ ରାଷ୍ଟ୍ରର ସରକାର ଅସ୍ତ୍ର ନିର୍ମାଣ କ୍ଷେତ୍ରରେ ନିଜସ୍ୱ ନୀତି ପ୍ରଣୟନ କରିଥାନ୍ତି। ଏହି ନୀତି ବଳରେ ସମ୍ପୃକ୍ତ ରାଷ୍ଟ୍ରଗୁଡ଼ିକ ସାମରିକ ଉପକରଣ କ୍ରୟଠାରୁ ନେଇ ଅସ୍ତ୍ର ପ୍ରୟୋଗ ପର୍ଯ୍ୟନ୍ତ ସବୁକିଛି ଧାର୍ଯ୍ୟ କରନ୍ତି। ୨୦୨୪ରେ ଷ୍ଟକ୍‌ହୋମ୍ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ) ପକ୍ଷରୁ କରାଯାଇଥିବା ଏକ ଆକଳନ ଅନୁସାରେ ବିଶ୍ୱ ପ୍ରତିରକ୍ଷା ଶିଳ୍ପର ଆକାର ହେଉଛି ୨.୪୪୩ ଟ୍ରିଲିୟନ୍ ଆମେରିକୀୟ ଡଲାର। ୨୦୨୩ରେ ବିଶ୍ୱର ସବୁଠୁ ବଡ଼ ୧୦୦ ଅସ୍ତ୍ର ନିର୍ମାଣକାରୀ କମ୍ପାନୀ ୬୩୨ ବିଲିୟନ୍ ଡଲାର ରାଜସ୍ୱ ଆୟ କରିଥିଲେ।

## ବିଶ୍ୱର ୧୦ ବଡ଼ ଅସ୍ତ୍ର ନିର୍ମାତା

| କମ୍ପାନୀ | ଦେଶ | ବାର୍ଷିକ କାରବାର (ଡଲାରରେ) | ପ୍ରମୁଖ ଯୁଦ୍ଧାସ୍ତ୍ର |
|---|---|---|---|
| ୧. ଲକ୍‌ହିଡ୍ ମାର୍ଟିନ୍ | ଆମେରିକା | ୬୦ ବିଲିୟନ୍ | ଏଫ୍-୩୫ ଫାଇଟର ଜେଟ୍, ଥାଡ୍ ମିଶାଇଲ, ବ୍ଲାକ୍ ହକ୍ |
| ୨. ରେଥେଓନ୍ ଟେକ୍ନୋଲୋଜି | ଆମେରିକା | ୪୦ ବିଲିୟନ | ପାଟ୍ରିଅଟ୍ ମିଶାଇଲ, ରାଡାର, ଆଭିଓନିକ୍ସ |
| ୩. ନରଥ୍ରୋପ୍ ଗନ୍‌ମ୍ୟାନ୍ | ଆମେରିକା | ୩୬ ବିଲିୟନ୍ | ବି-୨୧ ବମ୍ବର, ଡ୍ରୋନ୍, ମିଶାଇଲ୍ ଡିଫେନ୍ସ ମିଶାଇଲ |
| ୪. ବୋଇଂ ଡିଫେନ୍ସ | ଆମେରିକା | ୩୦ ବିଲିୟନ୍ | ଆପାଚେ, ଚିନୁକ୍, କେସି-୪୬, ସାଟେଲାଇଟ୍ |
| ୫. ଜେନେରାଲ ଡାଇନାମିକ୍ସ | ଆମେରିକା | ୨୫ ବିଲିୟନ୍ | ଆବ୍ରାହମ୍ ଟ୍ୟାଙ୍କ, ଭର୍ଜିନିଆ ସବ୍‌ମାରାଇନ୍ସ |
| ୬. ବିଏଇ ସିଷ୍ଟମ୍ସ | ଆମେରିକା | ୨୩ ବିଲିୟନ୍ | ୟୁରୋଫାଇଟର ଟାଇଫୁନ୍, ନାଭାଲ ଶିପ୍ |
| ୭. ଏଭିଆଇସି ଆଭିଏଶନ୍ ଇଣ୍ଡଷ୍ଟ୍ରି | ଚାଇନା | ୨୦ ବିଲିୟନ୍ | ଫାଇଟର ଜେଟ୍ (ଜେ-ସିରିଜ୍), ହେଲିକପ୍ଟର |
| ୮. ନୋରିନ୍‌କୋ ଚାଇନା | ଚାଇନା | ୧୭ ବିଲିୟନ୍ | ଆର୍ମୋର୍ଡ ଭେହିକିଲ୍ସ, ଆର୍ଟିଲେରି |
| ୯. ଲିଓନାର୍ଡୋ ଏସ୍‌ପିଏ | ଇଟାଲୀ | ୧୪ ବିଲିୟନ୍ | ଏଡବ୍ଲ୍ୟୁ ହେଲିକପ୍ଟର, ୟୁରୋଫାଇଟର, ଇଲେକ୍ଟ୍ରୋନିକ୍ସ |
| ୧୦. ଥାଲେସ୍ ଗ୍ରୁପ୍ | ଫ୍ରାନ୍ସ | ୧୧ ବିଲିୟନ୍ | ରାଡାର, ଅପ୍‌ଟ୍ରୋନିକ୍ସ, ମିଶାଇଲ |

## ଭାରତ, ପାକିସ୍ତାନ ସାମରିକ କ୍ଷମତା

ଏପ୍ରିଲ ୨୨ ତାରିଖରେ ପହଲଗାମ୍‌ରେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା ପରେ ଭାରତ ପକ୍ଷରୁ ଗତ ୬ ତାରିଖ ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆତଙ୍କବାଦୀଙ୍କ ୯ ସ୍ଥାନରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଏହାପରଠାରୁ ୨ ଦେଶ ମଧ୍ୟରେ ସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ପାକିସ୍ତାନ ପକ୍ଷରୁ ଭାରତର ସୀମାବର୍ତ୍ତୀ ଅଞ୍ଚଳକୁ ଟାର୍ଗେଟ କରାଯାଇ ମିଶାଇଲ ଏବଂ ଡ୍ରୋନ୍ ଛଡ଼ାଯାଇଥିଲା, ଯାହାକୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ୍ ନଷ୍ଟ କରିଥିଲା। ସେହିପରି ଭାରତ ମଧ୍ୟ ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ୍‌କୁ ଧ୍ୱଂସ କରିବା ସହ ୫ଟି ଏୟାର ବେସ୍ ଏବଂ ୩ଟି ଅନ୍ୟ ସାମରିକ ଠିକଣା ଉପରେ ଆକ୍ରମଣ କରିଥିଲା।

| ସାମରିକ କ୍ଷମତା | ଭାରତ | ପାକିସ୍ତାନ |
|---|---|---|
| ଟ୍ୟାଙ୍କ | ୪,୨୦୧ | ୨,୬୨୭ |
| କମ୍ବାଟ ଟ୍ୟାଙ୍କ | ୩,୧୫୧ | ୧,୮୩୯ |
| କମ୍ବାଟ ହେଲିକପ୍ଟର | ୩୯ | ୪୩ |
| ବାୟୁସେନା | | |
| ଏୟାରକ୍ରାଫ୍ଟ | ୨,୨୨୯ | ୧,୩୯୯ |
| ଫାଇଟର ଜେଟ | ୫୧୩ | ୩୨୮ |
| ଏରିଆଲ ଟ୍ୟାଙ୍କର | ୬ | ୪ |
| ହେଲିକପ୍ଟର | ୮୯୯ | ୩୭୩ |
| ନୌସେନା | | |
| ବୁଡ଼ା ଜାହାଜ | ୧୮ | ୮ |
| ଏୟାରକ୍ରାଫ୍ଟ କ୍ୟାରିୟର | ୨ (ଆଇଏନ୍‌ଏସ୍ ବିକ୍ରମାଦିତ୍ୟ, ଆଇଏନ୍‌ଏସ୍ ବିକ୍ରାନ୍ତ) | ୦ |
| ଏୟାର ଡିଫେନ୍ସ ସିଷ୍ଟମ | ଏସ୍-୪୦୦ (ସୁଦର୍ଶନ ଚକ୍ର), ବରାକ-୮ (ଏମ୍‌ଆର୍‌ଏସ୍‌ଏମ୍), ଆକାଶ | ଏଚ୍‌କ୍ୟୁ-୯, ଏଲ୍‌ୱାଇ-୮୦, ଏଲ୍‌ୱାଇ-୮୦ଇଭି |
| ଅଣୁ ଅସ୍ତ୍ର | ୧୮୦ | ୧୭୦ |
| ନ୍ୟୁକ୍ଲିଆର ମିଶାଇଲ | କେ-୪, କେ-୧୫ , ଅଗ୍ନି-୫. ଅଗ୍ନି-୪, ଅଗ୍ନି-୩ , ଅଗ୍ନି-୨, ଅଗ୍ନି-୧, ପୃଥ୍ୱୀ-୨, ପ୍ରହାର, ନିର୍ଭୟ, ବ୍ରାହ୍ମୋସ | ଏଚଏଟିଏଫ୍ ୧-୮ , ଶାହିନ ୩, ଆବାବିଲ |




**ବୈଶ୍ୱିକ ଅସ୍ତ୍ର ବଜାର ଉପରେ ଆମେରିକାର ଆଧିପତ୍ୟ:** ବିଶ୍ୱର ପ୍ରାୟ ଅଧା ଯୁଦ୍ଧାସ୍ତ୍ର ଆମେରିକୀୟ କମ୍ପାନୀଗୁଡ଼ିକ ନିର୍ମାଣ କରି ବିଭିନ୍ନ ଦେଶକୁ ରପ୍ତାନି କରିଥାନ୍ତି।

**୨ୟରେ ଚାଇନା, ୩ୟରେ ରୁଷିଆ:** ଯୁଦ୍ଧାସ୍ତ୍ର କାରବାର କ୍ଷେତ୍ରରେ ଚାଇନା ଦ୍ୱିତୀୟ ସ୍ଥାନରେ ଥିବାବେଳେ ରୁଷିଆ ୩ୟ ସ୍ଥାନରେ ରହିଛି। ଏପରିକି ଘରୋଇ ଅସ୍ତ୍ର ନିର୍ମାଣ କ୍ଷେତ୍ରରେ ମଧ୍ୟ ୨ ଦେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆମେରିକା ବିରୋଧୀ ଏହି ରାଷ୍ଟ୍ରଦ୍ୱୟ ଅସ୍ତ୍ର ରପ୍ତାନି କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରୁ ନ ଥିବା ଅଭିଯୋଗ ହୋଇଥାଏ।

**ୟୁରୋପ:** ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ଅସ୍ତ୍ରନିର୍ମାତାଙ୍କ ଏକ ବୃହତ୍ ବଜାର ରହିଛି। ବିଶେଷକରି ଏରୋସ୍ପେସ୍ ଓ ନାଭାଲ ସିଷ୍ଟମ୍ ନିର୍ମାଣରେ ୟୁରୋପୀୟ କମ୍ପାନୀଗୁଡ଼ିକର ବିଶେଷତ୍ୱ ରହିଛି।

## ତୁଳନାତ୍ମକ ଚିତ୍ର

ଗ୍ଲୋବାଲ ଫାୟାର ପାୱାରର ସାମରିକ ଶକ୍ତି ର୍‍ୟାଙ୍କିଂ ଅନୁଯାୟୀ, ଭାରତ ବିଶ୍ୱର ଚତୁର୍ଥ ଶକ୍ତିଶାଳୀ ସାମରିକ ଶକ୍ତି ହୋଇଥିବାବେଳେ ପାକିସ୍ତାନ ହେଉଛି ଦ୍ୱାଦଶ ଶକ୍ତିଶାଳୀ ସାମରିକ ଶକ୍ତି। ଭାରତ ସାମରିକ କ୍ଷେତ୍ରରେ ସର୍ବାଧିକ ଖର୍ଚ୍ଚ କରୁଥିବା ବିଶ୍ୱର ପଞ୍ଚମ ଦେଶ। ୨୦୨୪ରେ ଭାରତ ନିଜର ସାମରିକ ଶକ୍ତି ପାଇଁ ୮୬.୧ ବିଲିୟନ ଡଲାର ଖର୍ଚ୍ଚ କରିଥିଲା, ଯାହା ଏହାର ଜିଡିପିର ମୋଟ ୨.୩%। ସେହିପରି ପାକିସ୍ତାନ ନିଜର ସାମରିକ ଶକ୍ତି ପାଇଁ ଗତବର୍ଷ ୧୦.୨ ବିଲିୟନ ଡଲାର ଖର୍ଚ୍ଚ କରିଥିଲା, ଯାହା ଏହାର ଜିଡିପିର ମୋଟ ୨.୭%। ମିଲିଟାରି ୱାଚ୍ ମାଗାଜିନ ଅନୁଯାୟୀ, ଭାରତ ଟାୟାର-୨ ମିଲିଟାରି ପାୱାର ହୋଇଥିବାବେଳେ ପାକିସ୍ତାନ ହେଉଛି ଟାୟାର-୩ ମିଲିଟାରି ପାୱାର। ଷ୍ଟକ୍‌ହୋମ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ)ର ରିପୋର୍ଟ ଅନୁଯାୟୀ, ୨୦୨୦ରୁ ୨୦୨୪ ମଧ୍ୟରେ ୟୁକ୍ରେନ ପରେ ଭାରତ ହେଉଛି ଦ୍ୱିତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର ଆମଦାନକାରୀ ଦେଶ। ସେହିପରି ୨୦୧୫-୧୯ରୁ ୨୦୨୦-୨୪ ମଧ୍ୟରେ ପାକିସ୍ତାନର ଅସ୍ତ୍ରଶସ୍ତ୍ର ଆମଦାନୀ ୬୧% ବୃଦ୍ଧି ପାଇଛି। ୧୯୯୦ ପରଠାରୁ ଚାଇନା ପାକିସ୍ତାନକୁ ସର୍ବାଧିକ ଅସ୍ତ୍ରଶସ୍ତ୍ର ଯୋଗାଇଛି। ୨୦୨୦-୨୪ ମଧ୍ୟରେ ପାକିସ୍ତାନର ୮୧% ଅସ୍ତ୍ରଶସ୍ତ୍ର ଆମଦାନୀ ଚାଇନାଠାରୁ ହୋଇଛି। ପାକିସ୍ତାନର ୧୦% ଅସ୍ତ୍ରଶସ୍ତ୍ର ଆମଦାନୀ ନେଦରଲାଣ୍ଡ୍‌ସଠାରୁ ଏବଂ ୬% ତୁର୍କୀଠାରୁ ହୋଇଛି। ସେହିପରି ଏହା ମଧ୍ୟରେ ରୁଷିଆ ସବୁଠାରୁ ଅଧିକ ଅସ୍ତ୍ରଶସ୍ତ୍ର ଭାରତକୁ ଯୋଗାଇଛି। ଭାରତର ୩୬% ଅସ୍ତ୍ରଶସ୍ତ୍ର ଆମଦାନୀ ରୁଷିଆଠାରୁ ହୋଇଛି। ସେହିପରି ଏହି ଅବଧିରେ ଦେଶର ୩୩% ଅସ୍ତ୍ରଶସ୍ତ୍ର ଆମଦାନୀ ଫ୍ରାନ୍ସଠାରୁ, ୧୮% ଇସ୍ରାଏଲଠାରୁ ହୋଇଛି।



# ଡୋଭାଲଙ୍କ ସିଦ୍ଧାନ୍ତ



ଆକାର ପଟେଲ

ଭାରତର ଡିଫେନ୍ସ ପ୍ଲାନିଂ କମିଟି (ପ୍ରତିରକ୍ଷା ଯୋଜନା କମିଟି) ୧୯ ଏପ୍ରିଲ ୨୦୧୮ରେ ଗଠନ ହୋଇଥିଲା। ଏହାର ଅଧ୍ୟକ୍ଷ ଥିଲେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ। ଏଥିରେ ବୈଦେଶିକ ସଚିବ, ପ୍ରତିରକ୍ଷା ସଚିବ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍, ତିନି ବାହିନୀର ମୁଖ୍ୟ ତଥା ଅର୍ଥ ବିଭାଗର ସଚିବମାନେ ସଦସ୍ୟ ଥିଲେ। ପ୍ରାଥମିକତା ଭିତ୍ତିରେ ଜାତୀୟ ପ୍ରତିରକ୍ଷା ଓ ସୁରକ୍ଷା ଦିଗକୁ ଦେଖିବା, ଅତ୍ୟାବଶ୍ୟକ ବୈଦେଶିକ ନୀତି, ପରିଚାଳନାଗତ ନିର୍ଦ୍ଦେଶ ଓ ତତ୍‌ସହ ଜଡ଼ିତ ଆବଶ୍ୟକତା, ଉପଯୋଗୀ ରଣନୀତି ଏବଂ ସୁରକ୍ଷା ସମ୍ପର୍କିତ ସିଦ୍ଧାନ୍ତ, ପ୍ରତିରକ୍ଷା ସ୍ଥିତି ତଥା ଭିତ୍ତିଭୂମିର ବିକାଶ, ଜାତୀୟ ସୁରକ୍ଷା ରଣନୀତି, ରଣନୈତିକ ପ୍ରତିରକ୍ଷା ଦୃଷ୍ଟିକୋଣ ଓ ନୀତି, ଅନ୍ତର୍ଜାତୀୟ ପ୍ରତିରକ୍ଷା କାର୍ଯ୍ୟକଳାପ ରଣନୀତି ଭଳି ଅନେକ ଦାୟିତ୍ୱ ଏହା ଉପରେ ନ୍ୟସ୍ତ କରାଯାଇଥିଲା। ଏହାର ପ୍ରଥମ ବୈଠକ ୩ ମେ ୨୦୧୮ରେ ହୋଇଥିଲା ଏବଂ ତା'ପରେ ଆଉ କୌଣସି ବୈଠକ ହୋଇଥିବା ଜଣାଯାଏ ନାହିଁ। ଜାତୀୟ ସୁରକ୍ଷା ନୀତି ଅଭାବରୁ ଭାରତ ସମ୍ଭବତଃ ତଥାକଥିତ ଡୋଭାଲ ସିଦ୍ଧାନ୍ତ ଉପରେ ନିର୍ଭରଶୀଳ। ଭିଡିଓରେ ଉପଲବ୍ଧ ଏହି ନୀତି ଲିଖିତ ଭାବେ ସାମ୍ନାକୁ ଆସି ନ ପାରେ। ଫେବୃଆରୀ ୨୦୧୪ରେ, ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତି ପାଇବା ପୂର୍ବରୁ, ଡୋଭାଲ ଥାଞ୍ଜାଭୁରସ୍ଥିତ ଶାସ୍ତ୍ର ବିଶ୍ୱବିଦ୍ୟାଳୟରେ କହିଥିଲେ, "ଆତଙ୍କବାଦ ଏକ ଅନ୍ତର୍ଜାତୀୟ ବିଷୟ ହୋଇଥିବାରୁ ଏବଂ ପାକିସ୍ତାନ ଏହାକୁ ପ୍ରୋତ୍ସାହିତ କରିବା ଯୋଗୁ ଭାରତ ପ୍ରତି ଏହା ଏକ ରଣନୀତିକ ବିପଦ। ଆତଙ୍କବାଦକୁ କେବଳ ଏକ ବିଚାର ଓ ଶବ୍ଦ ଭାବେ ଦେଖାଯିବାରୁ ଏହା ବିରୋଧରେ ଲଢ଼େଇ ହୋଇପାରିଲା ନାହିଁ। ପ୍ରକୃତ ଶତ୍ରୁକୁ ପରାସ୍ତ କରାଯାଇପାରିଥିଲେ ଆତଙ୍କବାଦ ସହ ଲଢ଼େଇ ହୋଇପାରିଥାନ୍ତା କିମ୍ବା ସେମାନଙ୍କ ଶକ୍ତି ହ୍ରାସ ହୋଇଥାନ୍ତା। ଏଣୁ ଏହି କ୍ଷେତ୍ରରେ ଭାରତକୁ ଶତ୍ରୁ ଭାବେ ପାକିସ୍ତାନର ନାମ ନେବାକୁ ପଡ଼ିଥିଲା।" ଡୋଭାଲ ପ୍ରଶ୍ନ କରିଥିଲେ, ତୁମେ ପାକିସ୍ତାନକୁ ଶତ୍ରୁ ଭାବେ ଚିହ୍ନଟ କରି କିଭଳି ନିୟନ୍ତ୍ରଣ କରିବ। ଏବଂ ସେ ସମ୍ପର୍କରେ ବୁଝାଇଦେଇଥିଲେ।

ସୀମାପାର ଆତଙ୍କବାଦ ବା ଉଗ୍ରବାଦରେ ପାକିସ୍ତାନର କ୍ଷମତା ଏବଂ ଆଣବିକ ଯୁଦ୍ଧର ଧମକ ଯୋଗୁ ଭାରତର ସେନା ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ଅକ୍ଷମତା ପ୍ରକାଶ କରିବା ହିଁ ଜାତୀୟ ସୁରକ୍ଷା ରଣନୀତି ପ୍ରତି ସମସ୍ୟା ଥିଲା। ତେବେ ଆମେ ଏହାକୁ କିଭଳି ନିୟନ୍ତ୍ରଣ କରିବା? ସେ କହିଥିଲେ, "ଏହା ସହଜ। ତୁମେ ଜାଣ, ଆମେ ତିନୋଟି ଉପାୟରେ ଶତ୍ରୁର ମୁକାବିଲା କରୁ। ଗୋଟିଏ ହେଉଛି ରକ୍ଷାତ୍ମକ ପଦ୍ଧତି। ଯଦି କେହି ଭାରତକୁ ପ୍ରବେଶ କରିବାକୁ ଆସେ ଆମେ ତାକୁ ଜଗୁଆଳି ଦ୍ୱାରା ରୋକିବୁ। ଅନ୍ୟଟି ହେଉଛି ରକ୍ଷାତ୍ମକ-ଆକ୍ରମଣ, ଅର୍ଥାତ୍ ନିଜକୁ ରକ୍ଷା କରିବା ଲାଗି ଆକ୍ରମଣ କରିବା ଏବଂ ଯେଉଁଠାରୁ ଆକ୍ରମଣ ହେଉଛି ଆମେ ସେଠାରେ ପହଞ୍ଚିବୁ। ତୃତୀୟଟି ହେଉଛି, ବିଧ୍ୱଂସକ ଆକ୍ରମଣ।" ସେ କହିଥିଲେ, ମନମୋହନ ସିଂଙ୍କ ସରକାରରେ ଆମେ କେବଳ ରକ୍ଷାତ୍ମକ ଉପାୟରେ କାମ କରିଥିଲୁ। ସେ ମଧ୍ୟ ସୂଚିତ କରିଥିଲେ, ପାରମ୍ପରିକ ଯୁଦ୍ଧ ବଦଳରେ ଭାରତ ପାକିସ୍ତାନ ଉପରେ ବିଭିନ୍ନ ବାଟରେ ଆକ୍ରମଣ କରୁ। ତାଙ୍କ ମତରେ, "ପାକିସ୍ତାନକୁ ଅନେକ ଉପାୟରେ ବିପଦରେ ପକାଇବା ଲାଗି କାମ କରିପାରିବା, ଯାହା ଅର୍ଥ ବ୍ୟବସ୍ଥା, ଆଭ୍ୟନ୍ତରୀଣ ସୁରକ୍ଷା, ରାଜନୈତିକ ହୋଇପାରେ। ଅନ୍ତର୍ଜାତୀୟ ସ୍ତରରେ ଅଲଗା କରି ମଧ୍ୟ ଏହା କରାଯାଇପାରିବ। ମୁଁ ସବିଶେଷ ବର୍ଣ୍ଣନା କରୁନାହିଁ କିନ୍ତୁ ରକ୍ଷାତ୍ମକ ପଦ୍ଧତିକୁ ତୁମେ ପରିବର୍ତ୍ତନ କର।" ଏହା ସହ ସେ ସୂଚାଇ ଦେଇଥିଲେ, "ଆଣବିକ ସ୍ତରରେ ଯୁଦ୍ଧ ପହଞ୍ଚିବା ଉପରେ କୌଣସି ନିୟନ୍ତ୍ରଣ ନ ଥିବାରୁ ଆକ୍ରମଣ ପଦ୍ଧତିର ବାଟ ବନ୍ଦ ହୋଇଯାଇଥିଲା। ତାଙ୍କ ମତରେ ରକ୍ଷାତ୍ମକ ପଦ୍ଧତି ଅର୍ଥହୀନ। ପାକିସ୍ତାନ ପ୍ରତି ଥିବା ବିପଦ ଭାରତ ତୁଳନାରେ ଅନେକ ଗୁଣ ଅଧିକ। ଭାରତ ରକ୍ଷାତ୍ମକ ଉପାୟରୁ ତାହାର ଗତି ରକ୍ଷାତ୍ମକ-ଆକ୍ରମଣକୁ ବଦଳାଇଛି ବୋଲି ଯେତେବେଳେ ପାକିସ୍ତାନ ଜାଣିବ, ସେତେବେଳେ ଏହାର କ୍ଷତି ସହିବାକୁ ସେମାନେ ଅସମର୍ଥ ବୋଲି ଅନୁଭବ କରିପାରିବେ। ବେଲୁଚିସ୍ତାନ ହରାଇପାରନ୍ତି। ଏଠି ଆଣବିକ ଯୁଦ୍ଧ ହେବ ନାହିଁ କି ସୈନ୍ୟ ଲଢ଼ିବେ ନାହିଁ। କ୍ଷତି କରିବାର ତୁମେ ଯଦି ଉପାୟ ଜାଣିଛ, ତେବେ ଆମେ ତା'ଠାରୁ ଅଧିକ ଜାଣିଛୁ।"

ଡୋଭାଲ ଆହୁରି ମଧ୍ୟ କହିଥିଲେ, "ଆମର ସମସ୍ୟା ହେଉଛି ଆମେ ସବୁବେଳେ ରକ୍ଷାତ୍ମକ ପଦ୍ଧତି ଅବଲମ୍ବନ କରିଆସୁଛୁ। ଯଦି ଆମେ ସ୍ୱ ରକ୍ଷା ପାଇଁ ଆକ୍ରମଣ ବାଟ ଧରିଥାଆନ୍ତୁ, ତେବେ ମୃତାହତଙ୍କ ସଂଖ୍ୟା ହ୍ରାସ କରିପାରିଥାନ୍ତୁ।" ଏହା ଥିଲା ଡୋଭାଲଙ୍କ ସିଦ୍ଧାନ୍ତ, ଯାହା ଆତଙ୍କବାଦ ଯୋଗୁ ଭାରତ ପ୍ରତି ସୃଷ୍ଟି ହୋଇଥିବା ରଣନୀତିକ ବିପଦକୁ ସାମ୍ନାକୁ ଆଣିଥିଲା। ଏହି ଅଲିଖିତ ସିଦ୍ଧାନ୍ତ ସରକାରଙ୍କ ଦ୍ୱାରା ଗ୍ରହଣୀୟ ହେଲା କି ନାହିଁ ତାହା ଅସ୍ପଷ୍ଟ ରହିଛି। କିନ୍ତୁ ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ ଡୋଭାଲଙ୍କ ଦଶନ୍ଧିର ପ୍ରଭାବ ପଡ଼ିଛି। ଭାରତ ୨୦୨୦ରେ ଅପରପକ୍ଷର ଆହ୍ୱାନର ସମ୍ମୁଖୀନ ହୋଇଥିଲା। ଏହି ସ୍ଥିତିରେ ପୂର୍ବତନ ସେନାଧ୍ୟକ୍ଷ ପ୍ରକାଶ ମେନନ୍ ଦର୍ଶାଇଥିଲେ ଯେ, ଅନେକ ଦଶନ୍ଧି ଧରି ସେନା ପ୍ରତି ଭାରତର ରାଜନୈତିକ ମାର୍ଗଦର୍ଶନ ପାକିସ୍ତାନ କୈନ୍ଦ୍ରିକ (ବିପଦ ଭାବେ) ଥିଲା। କିନ୍ତୁ ଏବେ ଚାଇନାର ବିପଦ ଆମ ଦ୍ୱାରଦେଶରେ ପହଞ୍ଚିଛି। ତେବେ ଉପା ଅମଳରେ 'ରକ୍ଷା ମନ୍ତ୍ରୀସ୍ ଡାଇରେକ୍ଟିଭ୍‌ସ' ବା ରକ୍ଷାମନ୍ତ୍ରୀଙ୍କ ଔପଚାରିକ ନିର୍ଦ୍ଦେଶ (ଯାହା ଯୁଦ୍ଧ ଆଶଙ୍କାରେ ସୈନ୍ୟବାହିନୀଗୁଡ଼ିକ କେତେ ପରିମାଣର ଅସ୍ତ୍ରଶସ୍ତ୍ର ରଖିବା ଉଚିତ) ଡକ୍ୟୁମେଣ୍ଟରେ ପୂର୍ବତନ ଜେନେରାଲ ମେନନ୍ କହିଥିଲେ, "ଲଗାତର ଏକ ସୁସଙ୍ଗତ ବା ସ୍ୱଷ୍ଟ ଜାତୀୟ ସୁରକ୍ଷା ରଣନୀତି ସହ ନେତୃତ୍ୱ ଅଭାବ ଲାଗି ରହିଛି। ଏନ୍‌ଏସ୍‌ଏ ନେତୃତ୍ୱରେ ଗଠିତ ପ୍ରତିରକ୍ଷା ଯୋଜନା କମିଟିକୁ ଏହି ଦାୟିତ୍ୱ ଦୁଇ ବର୍ଷ ପୂର୍ବେ ଦିଆଯାଇଥିଲା। ଅଦ୍ୟାବଧି କିଛି ବି ପଦକ୍ଷେପ ନିଆଯାଇନାହିଁ।

ପହଲଗାମ୍ ଆକ୍ରମଣ ପରେ ଏବେ ପୁନର୍ବାର ପାଶ୍ଚାତ୍ୟ ଯୁଦ୍ଧ ଭଳି ସ୍ଥିତି ଉପୁଜିଛି। ଚାଇନା ସହ ସଂଘର୍ଷ ଘଟିବାର ପାଞ୍ଚବର୍ଷ ଏବଂ ପ୍ରତିରକ୍ଷା ଯୋଜନା କମିଟି ଗଠନ ହେବାର ସାତବର୍ଷ ବିତିଗଲାଣି। ସମ୍ଭବତଃ ଏବକାର ଘଟଣାଗୁଡ଼ିକ ସରକାରଙ୍କୁ ଜାତୀୟ ସୁରକ୍ଷା ନୀତି ଲାଗୁ କରିବାକୁ ଉତ୍ସାହିତ କରିବ ଏବଂ ଏହି ଆଧାରରେ ଆମ ଉପରେ ପାରମ୍ପରିକ କିମ୍ବା ଆତଙ୍କବାଦ ଆକ୍ରମଣ ହେଲେ ଆମେ ପଦକ୍ଷେପ ନେବାକୁ ଅଗ୍ରସର ହୋଇପାରିବା।

Email:aakar.patel@gmail.com

# ମହାକାଶ ଯାତ୍ରା ଓ ପ୍ରଳୟର ଧାରା



ଡ. ନିଖିଳାନନ୍ଦ ପାଣିଗ୍ରାହୀ

"ଯେତେ ଯାହା ଅସୁବିଧା ସତ୍ତ୍ୱେ ମନୁଷ୍ୟ ପୃଥିବୀର ମାଧ୍ୟକର୍ଷଣକୁ ଅତିକ୍ରମ କରୁ ଏବଂ ଅନ୍ତତଃ ସୌରମଣ୍ଡଳୀୟ ମହାକାଶରେ ନିଜ ପାଇଁ ସ୍ଥାନ ସଂରକ୍ଷଣ କରୁ। ପୃଥିବୀର ସବୁ ପ୍ରକାର ବିପଦ ତା' ପ୍ରତି ରହିଛି... ଆମେ ମହାକାଶକୁ ସ୍ଥାନାନ୍ତରିତ ହେବାରେ ସୁଫଳ ସମ୍ପର୍କରେ ଅନେକ କିଛି କହିସାରିଛୁ। ତେବେ ସବୁ ବିଷୟ କହି ହେବ ନାହିଁ, ଏପରି କି କଳ୍ପନା କରିହେବ ନାହିଁ।"-( କନ୍‌ଷ୍ଟାଣ୍ଟିନ ସିଓଲଭିସ୍କି, 'ଦା ଏମ୍ସ ଅଫ୍ ଆଷ୍ଟ୍ରୋନଟିକ୍ସ, ୧୯୨୯)। ଏହି ଉଦ୍ଧୃତିରେ ସେ ତାଙ୍କ ପୂର୍ବ ପ୍ରଦତ୍ତ ମହାକାଶ ଯାତ୍ରା କଥନକୁ ଦୃଢ଼ କରିଛନ୍ତି। କନ୍‌ଷ୍ଟାଣ୍ଟିନ(୧୮୫୭-୧୯୩୫) ଜଣେ ରୁଷୀୟ ରକେଟ-ବିଜ୍ଞାନୀ। ମହାକାଶ ଯାତ୍ରା ସମ୍ବନ୍ଧରେ ସେ ଜଣେ ଅଗ୍ରଣୀ ଗବେଷକ । ତାଙ୍କ ପ୍ରଣୀତ ରକେଟ ସମୀକରଣ ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ। କୋରୋଲେଭ ଓ ଗ୍ଲୁସ୍କୋ ପରି ସୋଭିଏଟ ରକେଟ ଯନ୍ତ୍ରୀ ତାଙ୍କୁ ଅନୁସରଣ କରି ପରବର୍ତ୍ତୀ କାଳରେ ସୋଭିଏଟ ମହାକାଶ କାର୍ଯ୍ୟସୂଚୀକୁ ଆଗେଇ ନେଇଥିଲେ।

ତେବେ ଗତ ଶତାବ୍ଦୀର ପ୍ରଥମାର୍ଦ୍ଧରେ କନ୍‌ଷ୍ଟାଣ୍ଟିନ ପୃଥିବୀର ମାନବ ସମାଜର ଅସ୍ତିତ୍ୱ ନେଇ ଯେଉଁ ଆଶଙ୍କା ପ୍ରକଟ କରିଥିଲେ, ତାହା ତାଙ୍କ ଦୂରଦୃଷ୍ଟିର ପରିଚାୟକ। ପ୍ରଶ୍ନ ଉଠୁଛି, ବାସ୍ତବରେ ମାନବ ସମାଜ ଧରାପୃଷ୍ଠରୁ ନିଶ୍ଚିହ୍ନ ହେବ କି? କେତୋଟି ସମ୍ଭାବ୍ୟ କାରଣ ହେଉଛି- ଜଳବାୟୁ ପରିବର୍ତ୍ତନ, ପ୍ରଚଣ୍ଡ ଆଣବିକ ବିସ୍ଫୋରଣ, ଜୀବାଣୁ ବୋମାର ପ୍ରୟୋଗ, ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା ଓ ଜୈବିକ ଯୁଦ୍ଧର ଅପରିଣାମଦର୍ଶୀ, ପାରସ୍ପରିକ ଆକ୍ରମଣ, ସନ୍ତାନ ପ୍ରସବ ପାଇଁ ଅନିଚ୍ଛା, ନାରୀର ଉତ୍ପାଦିକତାରେ ହ୍ରାସ, ଅନ୍ତରୀକ୍ଷରୁ ଗ୍ରହାଣୁର ପୃଥିବୀ ଉପରେ ପ୍ରଚଣ୍ଡ ଆଘାତ, ଭୟଙ୍କର ଅଗ୍ନିପାତ, ଜୈବଜଗତର ବିପର୍ଯ୍ୟସ୍ତ ଭାରସାମ୍ୟ ଇତ୍ୟାଦି। ଉକ୍ତ କାରଣଗୁଡ଼ିକ ମଧ୍ୟରୁ ଏକ ବା ଏକାଧିକ କାରକର ପ୍ରାଦୁର୍ଭାବ ଆମ ପ୍ରତି ମହା ବିପତ୍ତି। ଏହା ଇଂରାଜୀରେ ଓମ୍ନିସାଇଡ ଭାବେ ପରିଚିତ।

ଏମିତି ବିପର୍ଯ୍ୟୟର ଆମେ ସମ୍ମୁଖୀନ ହେଲେ, ହୁଏତ ସମ୍ପୂର୍ଣ୍ଣ ପ୍ରଳୟ ନ ଘଟି ଖଣ୍ଡପ୍ରଳୟ ପୃଥିବୀରେ ଦେଖାଦେଇପାରେ। ତେବେ ଖଣ୍ଡପ୍ରଳୟ ହେବା ସ୍ଥିତିରେ ପୁଣି ସ୍ୱାଭାବିକ ପରିସ୍ଥିତି ଫେରିବା ପାଇଁ ଯେଉଁ ସମ୍ଭାବନା ଅଛି, ଏହି ସମ୍ବନ୍ଧରେ ଗବେଷକମାନେ କମ୍ପ୍ୟୁଟର ମଡେଲିଂ ସାହାଯ୍ୟରେ ଅନୁସନ୍ଧାନ କରିଛନ୍ତି। ସେମାନେ ନିମ୍ନତମ ଜୀବନକ୍ଷମ ଜନସଂଖ୍ୟା (ମିନିମମ୍ ଭାଇଏବଲ ପପୁଲେଶନ ବା ଏମ୍‌ଭିପି) ଦ୍ୱାରା ଏହା ପ୍ରକାଶ କରିଛନ୍ତି। ସଂକ୍ଷେପରେ ଏହା ହେଉଛି ୫୦/୫୦୦ ନିୟମ। ଅର୍ଥାତ୍ ନିଜ ଘନିଷ୍ଠ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରଜନନ ନ ଘଟିବାକୁ ଜନସଂଖ୍ୟା ସର୍ବନିମ୍ନ ପଚାଶ ହେବା ଆବଶ୍ୟକ ଏବଂ ଜିନୀୟ ମନ୍ଥର ପରିବର୍ତ୍ତନ (ଜେନେଟିକ ଡ୍ରିଫ୍ଟ)କୁ ହ୍ରାସ କରିବାକୁ ଏହି ସଂଖ୍ୟା ୫୦୦ ହେବାକୁ ପଡ଼ିବ। ତେବେ ଧରାଯାଉ ଉପରୋକ୍ତ ଉଭୟଙ୍କର ବିଲୋପକ ଯୋଗୁ କମ୍ପ୍ୟୁଟର ମଡେଲ ଦ୍ୱାରା ପ୍ରସ୍ତୁତ ୫୦/୫୦୦ ସର୍ତ୍ତଟି ଉଲ୍ଲଂଘନ ହୁଏ, ତେବେ ମାନବ ଜାତିର ଚିହ୍ନବର୍ତ୍ତ ଲୋପ ପାଇଯିବ। ଏଥିରୁ ବର୍ତ୍ତିବା ପାଇଁ ଅନ୍ୟ ଗ୍ରହରେ ବସତି ସ୍ଥାପନର ଆବଶ୍ୟକତା ରହିଛି ବୋଲି ବହୁ ଦୂରଦ୍ରଷ୍ଟା ବୈଜ୍ଞାନିକ ସତର୍କବାଣୀ ଶୁଣାଇଛନ୍ତି। ପ୍ରକାଶଥାଉ କି ଉପର ବର୍ଣ୍ଣିତ ସମସ୍ତ କାରଣ ମାନବକୃତ ନୁହେଁ। ଏଥିରୁ କେତେକ ପ୍ରାକୃତିକ କାରକ ରହିଛି, ଯାହା ମଣିଷର ନିୟନ୍ତ୍ରଣ ବାହାରେ ; ଯାହାକି ପୃଥିବୀକୁ ବାସ ଅନୁପଯୋଗୀ କରିଦେବ।

ତେଣୁ ୱାରେନ ଏଲିସ କହିଛନ୍ତି, "ମଣିଷ ମହାକାଶ ଯାତ୍ରା କରିବା ପଛରେ ଏକମାତ୍ର ଓ ସବୁଠାରୁ ସରଳ କାରଣ ହେଉଛି, ଯଦି ତୁମ ଜାତି (ସ୍ପେସିସ୍)କୁ ବଞ୍ଚାଇବାକୁ ଚାହୁଁଛ, ତେବେ ଗୋଟିଏ ସ୍ଥାନରେ(ପୃଥିବୀରେ) ବାନ୍ଧି ହୋଇ ନ ରହି ଏକାଧିକ ସ୍ଥାନ(ଗ୍ରହ)ରେ ସ୍ୱାମୀ-ସ୍ତ୍ରୀ ଯାଇ ରହ। ଏହା ହେଉଛି ସିଧାସିଧା କଥା।" - ୱାରେନ ଏଲିସ, 'ଅନ୍ ସ୍ପେସ୍ ଟ୍ରାଭେଲ ୱାଇର୍‌ଡ'। ତେବେ ମହାକାଶ ଯାତ୍ରା ପାଇଁ ଅନେକ ପ୍ରତିବନ୍ଧକ ରହିଛି। ପୃଥିବୀର ମାଧ୍ୟାକର୍ଷଣ ସମେତ ବାୟୁଶୂନ୍ୟତା, ବିକିରଣ, ମାଇକ୍ରୋଗ୍ରାଭିଟି, ଓଜନହୀନତା, ପ୍ରତିକୂଳ ପରିବେଶ ଇତ୍ୟାଦି ଯାତ୍ରୀମାନଙ୍କ ଉପରେ କୁପ୍ରଭାବ ବିଚାର୍ଯ୍ୟ। ତତ୍ ସହ ମହାକାଶ ଯାନ ଉତ୍‌କ୍ଷେପଣ କରିବା ଅପେକ୍ଷା ମାନବବାହୀ ମହାକାଶଯାନ ଅତ୍ୟଧିକ ବ୍ୟୟସାପେକ୍ଷ।

ଏ ବାବଦରେ ଅତ୍ୟଧିକ ବ୍ୟୟଭାର ବହନ କରିବାକୁ ଅଳ୍ପ କେତୋଟି ରାଷ୍ଟ୍ର ଆର୍ଥିକ ପୃଷ୍ଠପୋଷକତା କରିଛନ୍ତି। ଆମେରିକା, ରୁଷିଆ ଅଗ୍ରଗଣ୍ୟ। ତେବେ ସମ୍ପ୍ରତି ୟୁନାଇଟେଡ ଷ୍ଟେଟସ୍ କଂଗ୍ରେସ ଦ୍ୱାରା ପ୍ରଣୀତ ଫେଡେରାଲ ବଜେଟ ମାଧ୍ୟମରେ ନାସା ଦୁର୍ମୂଲ୍ୟ



ମହାକାଶୀୟ ଗବେଷଣା ଜାରି ରଖିଛି। ପନ୍ଦରଟି ଦେଶକୁ ନେଇ ଗଠିତ ୟୁରୋପିଆନ ସ୍ପେସ୍ ଏଜେନ୍ସି (ଇଏସ୍‌ଏ) ୧୯୭୫ରେ ମହାକାଶ ଅଭିଯାନରେ ହାତ ଦେଇଛି। ଭାରତ, ଜାପାନ, ଚାଇନା ଏବଂ ଅନ୍ୟ କେତେକ ଦେଶ ଏହାର ଉପାଦେୟତାକୁ ହୃଦୟଙ୍ଗମ କରି ପଦକ୍ଷେପମାନ ଇତ୍ୟବସରରେ ଗ୍ରହଣ କରିଛନ୍ତି।

କିନ୍ତୁ ଆମକୁ ଚକିତ କରେ ଯେ ବ୍ୟକ୍ତିଗତ ସ୍ତରରେ ମଧ୍ୟ କିଛି ଉଦ୍‌ଯୋଗୀଙ୍କ ଏହା ଦୃଷ୍ଟିଆକର୍ଷଣ କରିଛି। ୨୦୨୧ ପାଇଁ ଟାଇମ୍ ମାଗାଜିନ ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ୧୯୭୧ରେ ଜନ୍ମିତ ଏବଂ ଦକ୍ଷିଣ ଆଫ୍ରିକା, କାନାଡା, ୟୁଏସ୍‌ଏର ସମ୍ପ୍ରତି ନାଗରିକତ୍ୱ ଗ୍ରହଣ କରିଥିବା ଏଲନ ମସ୍କଙ୍କୁ ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବେ ମନୋନୀତ କରିଛି। ବିଶ୍ୱର ଏହି ସର୍ବଶ୍ରେଷ୍ଠ ଧନୀ ଜଣକ ନିଜର ଘରଟି ମଧ୍ୟ ବିକ୍ରି କରିଥିବାରୁ ସମ୍ପ୍ରତି ଏକପ୍ରକାର ବାସହୀନ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ସେ ନିଜ ବିପୁଳ ଧନରାଶି ମହାକାଶ କ୍ଷେତ୍ରରେ ଉପଯୋଗ କରିଛନ୍ତି। ତାଙ୍କ ପ୍ରତିଷ୍ଠିତ ସ୍ପେସ୍-ଏକ୍ସ ଇନ୍‌ସ୍ପିରେଶନ-୪ ନାମକ ଅଭିଯାନରେ ପ୍ରଥମ ଥର ପାଇଁ ସାଧାରଣ ବ୍ୟକ୍ତିଙ୍କୁ ମହାକାଶ ଭ୍ରମଣର ଅଭିଜ୍ଞତା ଦେଇଥିଲା। ଏହି ପରିପ୍ରେକ୍ଷୀରେ ବ୍ରିଟେନ୍‌ର ରିଚାର୍ଡ ବ୍ରାନସନଙ୍କ ଭର୍ଜିନ ଗାଲାକ୍ଟିଟ, ଆମାଜନର ଜେଫ୍ ବୋ ଜେସ୍‌ଙ୍କ ବ୍ଲୁ ଓରିଜନ୍‌ର ନ୍ୟୁ ସେଫର୍ଡ ରକେଟରେ ୨୦ ଜୁଲାଇ ୨୦୨୧ରେ ଅନ୍ତରୀକ୍ଷ ଭ୍ରମଣ ଉଲ୍ଲେଖନୀୟ।

ଏମାନେ ସମସ୍ତେ ଅର୍ବୁଦପତି। ଏମାନଙ୍କ ଲକ୍ଷ୍ୟ ହେଉଛି କେବଳ ଆନନ୍ଦଦାୟକ ମହାକାଶ ପର୍ଯ୍ୟଟନ ନୁହେଁ। ପୃଥିବୀବାସୀ ଯେମିତି ମହାକାଶର ପରିବେଶ ସହ ପରିଚିତ ହେବେ, ତାହାର ପରିକଳ୍ପନା। ତେଣୁ ୮୨ ବର୍ଷୀୟା ବେଲି ପଙ୍କଙ୍କଠାରୁ ଆରମ୍ଭ କରି ୧୮ ବର୍ଷ ବୟସ୍କ ଅଲିଭର ଡାଏମେନ ଯାତ୍ରୀ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ। ଭବିଷ୍ୟତରେ ସର୍ବସାଧାରଣ ଅନ୍ତରୀକ୍ଷର ବାତାବରଣକୁ ଆପଣେଇବାରେ ଏହାର ସହାୟକ ଭୂମିକା ରହିବ। ତେବେ ଏହା ସମ୍ଭବ ହୋଇଛି ସେମାନଙ୍କ ଅଚଳାଚଳ ସମ୍ପତ୍ତି ଯୋଗୁ। ତେଣୁ ବହୁ ବର୍ଷ ପୂର୍ବେ ବିଚକ୍ଷଣ ସମାଜଶାସ୍ତ୍ରୀ ଚାଣକ୍ୟ ଲେଖିଥିଲେ: "ଧନିକଃ ଶ୍ରୋତ୍ରିୟୋ ରାଜା ନଦୀ ବୈଦ୍ୟେସ୍ତୁ ପଞ୍ଚମଃ ପଞ୍ଚ ଯତ୍ର ନ ବିଦ୍ୟନ୍ତେ, ନ ତତ୍ର ଦିବସେ ବସତେ।" ଯେଉଁଠାରେ ଶେଠ, ବେଦପାଠୀ ବିଦ୍ୱାନ, ରାଜା, ବୈଦ୍ୟ ଏବଂ ନଦୀ ନାହିଁ, ଏହି ପାଞ୍ଚଟି ସ୍ଥାନରେ ଗୋଟିଏ ଦିନ ମଧ୍ୟ ରହିବା ଠିକ୍ ନୁହେଁ। ଶେଠର ଅର୍ଥ ଏଠାରେ ଘରୋଇ କମ୍ପାନୀ ମାଲିକ।

ପ୍ରିୟ ପାଠକେ! ଆମ ପାଇଁ ଏହି ଯୋଜନା ହଠାତ୍ ଆବଶ୍ୟକ ନ ପଡ଼ିପାରେ। କିନ୍ତୁ ଭବିଷ୍ୟତରେ ଯଦି ଦୈବାତ ପ୍ରଳୟ ଏହି ଧରାଧାମରେ ଦେଖାଦେବ, ସେତେବେଳେ ସମସ୍ତେ ମହାକାଶ କଲୋନି ବାସିନ୍ଦା (ଜନବସତି) ବା ଗ୍ରହାନ୍ତରୀ ହେବାକୁ ଆତୁର ହେବେ। ସେତେବେଳେ ଏହା ସେମାନଙ୍କ ପାଇଁ ହେବ ରକ୍ଷା କବଚ, ଯେଉଁ ସମୟରେ ଲୋକେ ପ୍ରାଣ ବିକଳରେ ଉଚ୍ଚାରଣ କରିବେ: ଯଃ ପଳାୟତି, ସଃ ଜୀବତି। ଅର୍ଥାତ୍ ଆପେ ବଞ୍ଚିଲେ ବାପର ନା। ତେବେ ଯେତେ ତରବର ହେଲେ ସୁଦ୍ଧା ୱାରେନ ଏଲିସ୍‌ଙ୍କ ଭାଷାରେ ପତ୍ନୀଙ୍କୁ ସାଥିରେ ନେବା ପାଇଁ ଭୁଲିବେ ନାହିଁ! ଆଦାମ ଏକା ରହିଲେ କ'ଣ ହେବ, ଯଦି ପାଖରେ ଇଭ୍ ନ ଥାଏ ?

ମୋ: ୯୦୭୮୭୪୩୮୪୩

# ସଙ୍କଟରେ ସଂସ୍କୃତି



ଅନନ୍ତ ଚରଣ ସ୍ୱାଇଁ

'ଦିନେ ନାହିଁ କାଳେ ନାହିଁ, ଗହ୍ମା ପୂନେଇଁ ଦିନ ମାଇଁ ମାଇଁ' ଏ କଥାଟି ଆମ ପାଇଁ ଆଜି ସମ୍ପୂର୍ଣ୍ଣ ସତ୍ୟ। ବର୍ଷ ତମାମ ଭୁଲି ଯାଉଛେ ଆମ ଭାଷା, ଆମ ସଂସ୍କୃତି, ଆମ ପରମ୍ପରା, ଆମ ଇତିହାସ ଓ ଆମ ଐତିହ୍ୟ। ଦେଖାଯାଏ ବିଭିନ୍ନ କାର୍ଯ୍ୟକ୍ରମରେ ଏସବୁ ଆମ ମନରେ ଉଜ୍ଜୀବିତ ହୋଇଉଠେ। ଗୋଟିଏ ଦିନ କିମ୍ବା ଗୋଟିଏ ପକ୍ଷ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ଉପରେ ଗୁରୁତ୍ୱ ଦେଲେ, ଅବିଲୁପ୍ତପ୍ରାୟ ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପୁନରୁଦ୍ଧାର ଓ ସୁରକ୍ଷା ହୋଇପାରିବ ନାହିଁ।

ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷା ଏବଂ ସଂସ୍କୃତିର ପୁନରୁତ୍ଥାନ ଓ ସୁରକ୍ଷା ପାଇଁ ବିଭିନ୍ନ ସାମାଜିକ ଓ ରାଜନୈତିକ ଆନ୍ଦୋଳନ ଆରମ୍ଭ ହୋଇଥିଲା। ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ ପ୍ରମୁଖ ମହାନ୍ ବ୍ୟକ୍ତିତ୍ୱଙ୍କ ନେତୃତ୍ୱରେ ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟ ପାଇଁ ଆନ୍ଦୋଳନ ଜୋର ଧରିଥିଲା। ଫଳସ୍ୱରୂପ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। କେବଳ ଅତୀତର ସ୍ମୃତିଚାରଣ ନୁହେଁ; ସଙ୍କଟରେ ଥିବା ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଓ ବିକାଶ ପାଇଁ ଆମକୁ ପଦକ୍ଷେପ ନେବାକୁ ପଡ଼ିବ।

ପାଶ୍ଚାତ୍ୟ ସଂସ୍କୃତି ଓ ଆଧୁନିକତାର ପ୍ରଭାବରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା କ୍ରମଶଃ ଲୋପ ପାଇବାରେ ଲାଗିଛି। ଆଜିର ଯୁବପିଢ଼ି ପାଶ୍ଚାତ୍ୟ ସଂସ୍କୃତି ଆଡ଼କୁ ଅଧିକ ଆକର୍ଷିତ ହେଉଛି। ଭୁଲିଯାଉଛନ୍ତି ଆମ ପ୍ରାଚୀନ ପରମ୍ପରା, ଆମ କଳା, ଆମ ସାହିତ୍ୟ, ଆମ ପର୍ବପର୍ବାଣି, ଆମ ଖାଦ୍ୟପେୟ, ଆମ ଲୋକ ସଂଗୀତ, ଲୋକ ନୃତ୍ୟ, ଚିତ୍ରକଳା ଇତ୍ୟାଦି ଇତ୍ୟାଦି।

ପର୍ବପର୍ବାଣି ଉପରେ ଆଧୁନିକତାର ପ୍ରଭାବ ଦେବ ଦେବୀଙ୍କ ବିସର୍ଜନ ଶୋଭାଯାତ୍ରାରୁ ଜାଣିହେବ। ପୂର୍ବେ, ପର୍ବ ପର୍ବାଣିରେ ପାରମ୍ପରିକ ପୋଷାକ, ଭୋଜନ, ଭଜନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉଥିଲା। ଏବେକାର ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଭସାଣି ବେଳେ ପାରମ୍ପରିକ ନୃତ୍ୟ ପରିବର୍ତ୍ତେ ଆଧୁନିକ ସିନେମା ଗୀତ ସହ ତାଳ ଦେଇ ଅଶ୍ଳୀଳ ନୃତ୍ୟ ପରିବେଷଣ ଏକ ନିୟମିତ ଧାରାରେ ପଡ଼ିଗଲାଣି। ଆଧୁନିକତାର ପ୍ରବେଶ ଫଳରେ ଆଧ୍ୟାତ୍ମିକତା ହ୍ରାସ ପାଉଛି। ବିଶୃଙ୍ଖଳା ବୃଦ୍ଧି ସହ ପରିବେଶ ହେଉଛି ବିଷାକ୍ତ।

ସେହିପରି ବିବାହ ପରି ଏକ ମାଙ୍ଗଳିକ କାର୍ଯ୍ୟକ୍ରମରେ ବିବାହ ପୂର୍ବରୁ ହଳଦୀ ବା ମେହେନ୍ଦି ଉତ୍ସବ, ନୃତ୍ୟ, ସଙ୍ଗୀତର ଆୟୋଜନ ଓ ପ୍ରାକ୍ ବିବାହ ଫଟୋ ଶୁଟିଂ, ବିବାହ କାର୍ଯ୍ୟକ୍ରମର ପ୍ରମୁଖ ଅଂଶ ପାଲଟି ଗଲାଣି। ଏସବୁ ପ୍ରଥା ଆମ ସମାଜରେ ପ୍ରଚଳିତ ଥିବା ପରି ମନେହୁଏ ନାହିଁ। ହୁଏତ ଅଳ୍ପ କେତେକ ସମ୍ପ୍ରଦାୟରେ ଏହି ଅନୁଷ୍ଠାନଗୁଡ଼ିକ ସୀମିତ ଥାଇପାରେ। ଏସବୁ ପ୍ରଥାକୁ ଅନୁସରଣ କରିବାରେ ସେପରି କିଛି ପ୍ରତିବନ୍ଧକ ନାହିଁ। ଏହାର ବ୍ୟାପକ ପ୍ରସାର ଦ୍ୱାରା ଆମ ମୌଳିକ ପ୍ରଥାର ଅବକ୍ଷୟ ହେବାରେ



ଲାଗିଛି। କିଛି ଦିନ ପରେ ହୁଏତ ବିବାହ ସମ୍ବନ୍ଧିତ ସମସ୍ତ ପାରମ୍ପରିକ ରୀତି ନୀତି ଲୋପ ପାଇଯିବ।

ପୁରୁଣା ଦିନର ପାଲା, ଦାସକାଠିଆ ଆସର, ଚକୁଳିଆ ପଣ୍ଡା ଗାଁ ବୁଲା, ରଜଦୋଳି ଗୀତ, କୁମାର ପୂର୍ଣ୍ଣିମାର ପୁଚି ଖେଳ, ଭାଲୁକୁଣି ଓଷା, ମଣ୍ଡା, ଚକୁଳି, ଆରିଷା, ଏଣ୍ଡୁରି ପିଠା ଏବଂ ଆହୁରି ଅନେକ ପାରମ୍ପରିକ ପ୍ରଥା ଆଜି ବିଲୁପ୍ତପ୍ରାୟ।

ଭାଷା ଓ ସଂସ୍କୃତିର ସମ୍ପର୍କ ନିବିଡ଼। ଭାଷା ବିନା ସଂସ୍କୃତିର ଅସ୍ତିତ୍ୱ ନ ଥାଏ। ଓଡ଼ିଆ ଭାଷାର ଗୁରୁତ୍ୱ ଦିନକୁ ଦିନ କମିବାରେ ଲାଗିଛି। ଓଡ଼ିଆ ପଢ଼ିବାକୁ ଆଗ୍ରହ କମି ଯାଉଛି। ଓଡ଼ିଆରେ ଦୁଇଧାଡ଼ି ଲେଖିବା ତ ଦୂରର କଥା ଅନେକ ପିଲା ଓଡ଼ିଆ ଠିକ ଭାବରେ କହିପାରୁ ନାହାନ୍ତି।ଏବେ ବି ଅନେକ ପରିବାରରେ ଓଡ଼ିଆରେ କଥା ହେବା ପାଇଁ ପସନ୍ଦ କରୁ ନାହାନ୍ତି। ଓଡ଼ିଆରେ ଶିକ୍ଷାଦାନ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଗୁଣାତ୍ମକ ମାନ ହ୍ରାସ ପାଉଛି। ଓଡ଼ିଆ ଶବ୍ଦ ବା ଓଡ଼ିଆ ବାକ୍ୟ ଆଉ ଓଡ଼ିଆ ଲିପିରେ ଲେଖା ଯାଉନାହିଁ। ଓଡ଼ିଆ ବାକ୍ୟ, ଇଂଲିଶ ଲିପିରେ ଲେଖାଯାଉଛି। ଏହି ପ୍ରକ୍ରିୟା ଜାରି ରହିଲେ, ହୁଏତ କିଛି ବର୍ଷ ମଧ୍ୟରେ ଓଡ଼ିଆ ଲିପି ବା ଅକ୍ଷର ସମ୍ପୂର୍ଣ୍ଣ ଲୋପ ପାଇଯିବ।

ନିକଟରେ ଜଣେ ଜଗନ୍ନାଥ ସଂସ୍କୃତି ପ୍ରବଚକ କହିଲେ, ଟେଲିଫୋନରେ ହେଲୋ କହିବା ପରିବର୍ତ୍ତେ ଜୟ ଜଗନ୍ନାଥ କହି ସମ୍ବୋଧନ ଆରମ୍ଭ କଲେ ଏହା ଆମ ଭାଷା ଓ ସଂସ୍କୃତି ପ୍ରତି ହେବ ଯଥେଷ୍ଟ ସମ୍ମାନ।

ଓଡ଼ିଆ ଭାଷାକୁ ବଞ୍ଚାଇରଖିବାକୁ ଅତୀତରେ ଓଡ଼ିଆମାନେ ହିଁ ଚେଷ୍ଟା କରିଥିଲେ। ସେମାନଙ୍କ ତ୍ୟାଗ ,ନିଷ୍ଠା, ଆନଦୋଳନର ଫଳ ସ୍ୱରୂପ ଓଡ଼ିଶା ହୋଇଥିଲା ସ୍ୱତନ୍ତ୍ର ପ୍ରଦେଶ, ଓଡ଼ିଆ ଭାଷାକୁ ମିଳିଥିଲା ସ୍ୱତନ୍ତ୍ର ଭାଷାର ମାନ୍ୟତା। ଓଡ଼ିଶାକୁ ସ୍ୱାତନ୍ତ୍ର୍ୟ ଆଣିଦେବାରେ ଥିଲା ସମସ୍ତ ଓଡ଼ିଆଙ୍କ ଆନ୍ତରିକ ଇଚ୍ଛା। କିନ୍ତୁ ଆଜି ପରିସ୍ଥିତି ସମ୍ପୂର୍ଣ ଅଲଗା। ଯେଉଁ ଓଡ଼ିଆମାନେ ଦିନେ ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ସାରା ଜୀବନ ଚେଷ୍ଟା କରିଥିଲେ ଆଜି ସେହି ଓଡ଼ିଆମାନଙ୍କ ଦାୟାଦମାନେ ଓଡ଼ିଆ କହିବା, ଓଡ଼ିଆ ପଢ଼ିବା,ଓଡ଼ିଆ ଲେଖିବା, ନିଜ ପିଲା ପିଲିଙ୍କୁ ଓଡ଼ିଆ ଶିକ୍ଷା ଦେବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ହଜିଯାଉଛି ଓଡ଼ିଆ ସଂସ୍କୃତି, ଭୁଲି ଯାଉଛନ୍ତି ଓଡ଼ିଆ ଭାଷା, ସେହି ଓଡ଼ିଆମାନେ ହିଁ ଓଡ଼ିଆ ଅସ୍ତିତ୍ୱର ମୂଳ ଉତ୍ପାଟନ ପାଇଁ ଦାୟୀ। ଦୋଷ ଦେବା କାହାକୁ ?

କିଛି କ୍ଷଣ ପାଇଁ ଅତୀତର ରୋମନ୍ଥନ କରି ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ସ୍ମରଣ କରିବା, ଓଡ଼ିଆ ଜାତିର ଉନ୍ନତି ଓ ଓଡ଼ିଆ ଭାଷାକୁ ଅଧିକ ବଳିଷ୍ଠ ଓ ଆଦୃତ କରିବାର ସଂକଳ୍ପ ନେଇଗଲେ ଲୋପପାଉଥିବା ଆମ ସଂସ୍କୃତି, ଆମ ଐତିହ୍ୟ ଓ ଆମ ଭାଷାର ପୁନରୁଦ୍ଧାର ହୋଇପାରିବ ନାହିଁ ଏଥିପାଇଁ ଦରକାର ସାମୂହିକ ପ୍ରଚେଷ୍ଟା, ଆନ୍ତରିକତା, ଓଡ଼ିଆ କହିବା, କୁହାଇବା, ଓଡ଼ିଆ ଲେଖିବା, ଓଡ଼ିଆ ପଢ଼ିବା, ଅନ୍ୟ ଭାଷା ପରି ନିଜ ପିଲାମାନଙ୍କୁ ଓଡ଼ିଆ ପଢ଼େଇବାର ସଂକଳ୍ପ। ଜାତି, ଧର୍ମ, ବର୍ଣ୍ଣ, ଧନୀ, ଗରିବ ଓ ଦଳଗତ ନିର୍ବିଶେଷରେ ସମସ୍ତେ ମିଳିତ ଭାବେ ଚେଷ୍ଟାକଲେ ଉତ୍କଳର ପୂର୍ବ ଐତିହ୍ୟ ଫେରିଆସିବ। ସଙ୍କଟାପନ୍ନ ସଂସ୍କୃତିର ପୁନରୁଦ୍ଧାର ହୋଇ ଓଡ଼ିଶା ଏକ ଉନ୍ନତ ରାଜ୍ୟରେ ପରିଣତ ହୋଇପାରିବ।

ପଲେଇ, ଚାନ୍ଦୋଳ, କେନ୍ଦ୍ରାପଡ଼ା,
ମୋ: ୭୩୮୧୦୪୬୪୭୭

## ଏଇ ଭାରତରେ

ଅହମଦାବାଦର ଜିତ୍ ଜ୍ୟୋଷୀ ଓ ଓମ୍ ଠାକୁର ସହରର ବିଭିନ୍ନ ପାର୍କରେ ମିନି ଲାଇବ୍ରେରି ଖୋଲୁଛନ୍ତି। ଜିତ୍ ଜ୍ୟୋଷୀଙ୍କ ବୟସ ୨୦ ଓ ସେ ଏବେ ବି.କମ୍ ପଢୁଛନ୍ତି। ୧୯ ବର୍ଷୀୟ ଓମ୍ ଜଣେ ବିବିଏର ଛାତ୍ର। ସହରର ପାର୍କଗୁଡ଼ିକ ସେମାନେ ପଠନ କେନ୍ଦ୍ର କରିଦେଇଛନ୍ତି। ପାର୍କକୁ ଯେଉଁମାନେ ଯାଉଛନ୍ତି ସେମାନେ ସେଠାରେ ବହି ପଢ଼ିବା ସହ ବ୍ୟାୟାମ କରୁଛନ୍ତି। ପାର୍କଗୁଡ଼ିକର ମିନି ଲାଇବ୍ରେରିରୁ ଲୋକେ ମାଗଣାରେ ବହି ନେଇ ପଢୁଛନ୍ତି। ପାର୍କ ଲାଇବ୍ରେରି ସରକାରୀ ଅନୁମତିରେ ଖୋଲୁଛନ୍ତି। ପରେ ପାର୍କରେ ଛୋଟ ଛୋଟ ବକ୍ସ କରି ସେଥିରେ ବହି ରଖାଯାଉଛି ଓ ପ୍ରତ୍ୟେକଟି ପାର୍କ ନିକଟରେ ରହୁଥିବା ଦୁଇଜଣ ସ୍ୱେଚ୍ଛାସେବୀ ଏହାର ଦେଖାରଖା କରୁଛନ୍ତି। ସେମାନେ 'ୟୋର ରିଡିଂ ସର୍କଲ' ଅଭିଯାନ ମାଧ୍ୟମରେ ଏଭଳି ସଫଳତା ପାଇପାରିଛନ୍ତି। ସେମାନେ ବହି ସଂଗ୍ରହ କରି ତାହାକୁ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ପ୍ରଥମେ ସେପ୍ଟେମ୍ବର ୨୦୨୩ରେ 'ୟୋର ରିଡିଂ ସର୍କଲ' ଅଭିଯାନରେ ଅହମଦାବାଦର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିପାଇଁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଖୋଲିଥିଲେ ଓ ଲାଇବ୍ରେରି ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ପ୍ରଥମ ମିନି ଲାଇବ୍ରେରି ପରିମଳ ଗାର୍ଡେନରେ ଖୋଲିଥିଲେ। ଗୁଜରାଟର ବିଭିନ୍ନ ସ୍କୁଲରେ ଲାଇବ୍ରେରି ଖୋଲିବାକୁ ସେମାନେ ଯୋଜନା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ମେ ୧୯୭୬

- ଭାରତ ଇରାକ୍‌ରୁ ୩୦ ଲକ୍ଷ ଟନ୍ ଅବିଶୋଧିତ ତୈଳ ଆମଦାନୀ କରିବ ବୋଲି ଚୁକ୍ତିବଦ୍ଧ ହୋଇଛି।
- କ୍ଷୁଦ୍ରଶିଳ୍ପ ଗବେଷଣା ଓ ଉନ୍ନୟନ ପରିଷଦ ଦେଶର ଅନୁନ୍ନତ ଅଞ୍ଚଳରେ ପ୍ରତିଷ୍ଠିତ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ନିଯୁକ୍ତି ବ୍ୟବସ୍ଥାକୁ ସମ୍ପ୍ରସାରଣ କରିବା ନେଇ ୫ଟି ଯୋଜନା ପ୍ରସ୍ତୁତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 3 | | | 7 | | 9 | 6 |
| | | | | | 4 | 5 | | |
| | 4 | | | | 6 | | | 1 |
| | | 4 | | | | | 8 | 7 |
| 8 | 5 | | | | | | | 9 |
| 2 | 7 | | | | | | | |
| | | | | | 9 | | | |
| | | 9 | 6 | 4 | 3 | | | |
| 3 | | | 1 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 3 | 6 | 9 | 2 | 4 | 1 | 7 |
| 2 | 4 | 6 | 1 | 3 | 7 | 8 | 5 | 9 |
| 9 | 7 | 1 | 8 | 4 | 5 | 6 | 3 | 2 |
| 5 | 9 | 2 | 4 | 7 | 3 | 1 | 8 | 6 |
| 3 | 8 | 7 | 2 | 6 | 1 | 9 | 4 | 5 |
| 6 | 1 | 4 | 9 | 5 | 8 | 2 | 7 | 3 |
| 4 | 3 | 8 | 5 | 2 | 9 | 7 | 6 | 1 |
| 7 | 6 | 9 | 3 | 1 | 4 | 5 | 2 | 8 |
| 1 | 2 | 5 | 7 | 8 | 6 | 3 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଝିଣ୍ଟିକା ମାରି ବଣି ପୋଷା ଚାଲିଛି

ମହାଶୟ,

କେଉଁଠୁ ଆରମ୍ଭ କରିବି ଭାବିଛି, ଖଡ଼ି ଛୁଆଁଠାରୁ ଆରମ୍ଭ କରିବି। ଖଡ଼ିଛୁଆଁ ନୀତି ଆଜି ବଦଳିଛି। ଖଡ଼ିଛୁଆଁ କେବଳ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସୀମିତ ଥିଲା। ଏବେ ମନ୍ତ୍ରୀ ନେତାଙ୍କ ମାଧ୍ୟମରେ ଓ ପୋଲିସ ଛାଉଣୀରେ ଖଡ଼ିଛୁଆଁ ଚାଲିଛି। ଖଡ଼ିଛୁଆଁ ପାଇଁ ସମୟ ସ୍ଥିରୀକୃତ ଥିଲେ ମଧ୍ୟ ଦିନ ଠିକ୍ ନ ଥିଲା। ଏବେ କୋଟି କୋଟି ଟଙ୍କା ଖର୍ଚ୍ଚରେ ଚାଲିଛି। ଏହି ଖଡ଼ିଛୁଆଁ ପର୍ବ ସେହିପରି ବିଭାଗଗୁଡ଼ିକରେ କର୍ମଚାରୀ ଆବଶ୍ୟକ ଥିଲେ ଉପଯୁକ୍ତ ପରୀକ୍ଷା କରି ବିଭାଗର ଅଧିକାରୀ କର୍ମଚାରୀ ଚୟନ କରି ନିଯୁକ୍ତି କରୁଥିଲେ। ଏବେ କିନ୍ତୁ ଚାଲିଛି ନିଯୁକ୍ତି ମେଳା ପୋଲିସଙ୍କ ସଜାଗ ଭିତରେ। ଝିଣ୍ଟିକା ମାରି ବଣି ପୋଷିଲା ପରି ଲୋକମାନଙ୍କୁ ଦରଦାମ ବୃଦ୍ଧିରେ ଶୋଷଣ କରି କରାଯାଉଛି ନୂଆ ନୂଆ ଯୋଜନା। ପ୍ରତ୍ୟକ୍ଷଭାବେ ଦରବୃଦ୍ଧିରେ ଲୋକଙ୍କୁ ମାରି, ମନଭୁଲା ଯୋଜନାମାନ କରି ପରୋକ୍ଷ ଭାବେ ଋଣକରି ଜନତାଙ୍କୁ ଶୋଷଣ ଚାଲିଛି। ଏହା କେବଳ ଅଳ୍ପ ବିଷ(ସ୍ଲୋ ପଏଜନ) ଭାବେ ମରିବା କଥା। ଏଇ ହେଲା ସରକାରଙ୍କ ଲୋକ ଉପକାର କଥା।

- ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୂପୁର ଯେଉଁ ପଦେ ବଜାଉଥିଲା ମୋଦେ
ପରାଣ-ବିହଗର ବେହାଗ
ଅଳକ-ଦାମେ ଯାର ଅଳକା କଲି ଛାର
ପୁରୁଣା ହୋଇଛି ସେ ସୋହାଗ।
(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜମି ଜବରଦଖଲ, ଗୁଳି ଓ ବୋମାମାଡ଼ ଘଟଣାରେ ୨ ଗିରଫ

ବାରଙ୍ଗ,୧୦।୫(ଲିଙ୍ଗରାଜ ରାଉତ)

ଏକ ସରକାରୀ ଜମି ଜବରଦଖଲ ଘଟଣାକୁ ନେଇ ଗତ ମାର୍ଚ୍ଚ ୦ରେ ହୋଇଥିବା ବୋମା ଓ ଗୁଳିକାଣ୍ଡ ଘଟଣାରେ ଚନ୍ଦକା ପୋଲିସ ୨ ଜଣକୁ ଗିରଫ କରିଛି। ସେମାନେ ହେଲେ ଅନ୍ଧାରୁଆ ଗ୍ରାମର ଆଶିଷ ରାୟ ଓରଫ ଆଶୁ (୩୦) ଓ ଆଇଗିଣିଆର ପୁପୁନ ମାଝୀ ଓରଫ ପପୁ (୩୦)। ପୋଲିସ ୬୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉକ୍ତ ଘଟଣାରେ ପୂର୍ବରୁ ଜଣେ ଗିରଫ ହୋଇଥିବାବେଳେ ଆଉ ୨ ଜଣ ଫେରାର ଅଛନ୍ତି। ସୂଚନା ମୁତାବକ, ଭୁବନେଶ୍ୱର ଉପକଣ୍ଠ ମଳିପଡ଼ା ପଣ୍ଡାକୁଦିଆସ୍ଥିତ ସରକାରୀ ଜମି କିଣାବିକାକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଗୁଳିଚାଳନା ସହ ବୋମାମାଡ଼ ମଧ୍ୟ ହୋଇଥିଲା। ଗୁଳିଟି ଭରତପୁର ଅଞ୍ଚଳର ସୋମନାଥ ସାହୁଙ୍କ ଜଙ୍ଘରେ ଗୁଳି ବାଜିଥିଲା। ଏଥିନେଇ ପୋଲିସ ବିକାଶ ବାରିକ ଓରଫ ବୁଲେଟ ରାଜାଙ୍କୁ ଗିରଫ କରିଥିଲା। ପୋଲିସ ସେହି ଘଟଣାରେ ଶନିବାର ଆଉ ୨ ଜଣଙ୍କୁ

# ବାର୍‌ରେ ବାଉନ୍ସରଙ୍କୁ ଗୁଳିମାଡ଼

- ପଥର ମାଡ଼ କରି କାଚ ଭାଙ୍ଗିଲେ
- ରାତି ସାରା ବାର୍ ଖୋଲାଯିବାକୁ ନେଇ ଉଠିଲା ପ୍ରଶ୍ନ





ଭୁବନେଶ୍ୱର,୧୦।୫(ସତ୍ୟଜିତ ରାଉତ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକ ନିକଟରେ ଥିବା କସ୍‌ମସ୍ କ୍ଲବ୍ ଆଣ୍ଡ ସ୍କାଏ ଲଙ୍ଗ୍ ନାମକ ବାର୍‌ରେ ବାଉନ୍ସରଙ୍କୁ ଗୁଳିମାଡ଼ ହୋଇଛି। ଶନିବାର ଭୋର ପ୍ରାୟ ୪ଟା ୩୦ରେ ୨ ଦୁର୍ବୃତ୍ତ ବାର୍ ସାମ୍ନାକୁ ଆସି ପଥର ମାଡ଼ କରିବା ସହ ଏହି କାଣ୍ଡ ଘଟାଇଛନ୍ତି। ଏଥିରେ ସୂର୍ଯ୍ୟ ପ୍ରଧାନ ଓରଫ ସୁରିଆ ଆହତ ହୋଇଛନ୍ତି। ଗୁଳିଟି ତାଙ୍କ ବାମ ଗୋଡ଼ରେ ବାଜିଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ବାର୍‌ରେ ବାଉନ୍ସର ନିଯୁକ୍ତି ନେଇ ହୋଇଥିବା ଟେଣ୍ଡର ପାଇଁ ଶତ୍ରୁତାରୁ ଗୁଳିମାଡ଼ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଏକ ବାଇକ୍‌ରେ ବାର୍ ମୁଖ୍ୟ ଫାଟକ ନିକଟରେ ପହଞ୍ଚି ବାହାରେ ଜଗିଥିବା ବାଉନ୍ସର ସୁରିଆଙ୍କ ଉପରେ ୫ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଏହାପରେ ଦୁର୍ବୃତ୍ତଦ୍ୱୟ ପଥର ମାଡ଼ କରି ବାର୍ କାଚ ଭାଙ୍ଗିଦେଇଥିଲେ। ଏଥିସହ ସେମାନେ ଏକ ବୋମା ବାର୍ ଉପରକୁ ପକାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏପରିକି ବୋମା ନ ଫୁଟିବାରୁ ଦୁର୍ବୃତ୍ତମାନେ ଅଫୁଟା ବୋମାକୁ ନେଇ ଫେରାର ହୋଇଯାଇଥିଲେ। ଗୁଳି ଶବ୍ଦ ଶୁଣି ବାର୍ କର୍ମଚାରୀମାନେ ଦୌଡ଼ି ଆସିଥିଲେ। ସେମାନେ ଆହତ ସୁରିଆଙ୍କୁ ପଟିଆ ନିକଟ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋକା ଜବତ କରିବା ସହ ହସ୍ପିଟାଲ ଯାଇ ସୁରିଆଙ୍କ ବୟାନ ରେକର୍ଡ କରିଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଚାଲିଥିବା ଥାନାଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି। ତେବେ ରାତି ସାରା ବାର୍ ଖୋଲାଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଭିନ୍ନ ବାର୍‌ରେ ସିକ୍ୟୁରିଟି ଦେବା ପାଇଁ ବାଉନ୍ସର ଆବଶ୍ୟକ ହେଉଥିବାରୁ କେତେଜଣ ସ୍ଥାନୀୟ ଯୁବକ ଜିମ୍ ଯୁବକଙ୍କୁ ବାଉନ୍ସର କରି ବାର୍‌ରେ ନିୟୋଜିତ କରୁଛନ୍ତି। ଟେଣ୍ଡର ବାବଦକୁ ମଧ୍ୟ ବହୁ ଅର୍ଥ ମଧ୍ୟ କାରବାର ହେଉଛି। ପଟିଆ ଅଞ୍ଚଳର ଜଣେ ଯୁବକ ଚନ୍ଦ୍ରଶେଖରପୁର ଅଞ୍ଚଳର ବିଭିନ୍ନ ବାର୍‌ରେ ବାଉନ୍ସର ଲଗାଇଥିଲେ। ଫଳରେ ଅପରପକ୍ଷ କାମ ନ ପାଇ ଏଭଳି କାଣ୍ଡ ଘଟାଇଥିବା ପୋଲିସ ସନ୍ଦେହ କରୁଛି।

## ଆଇସିଏଆର୍‌କୁ ସ୍ୱୟଂଚାଳିତ ମୃତ୍ତିକା ପରୀକ୍ଷଣ ଯନ୍ତ୍ର ଦେଲା ପତଞ୍ଜଳି

ଭୁବନେଶ୍ୱର, ୧୦।୫(ଅନୁରାଧା ମହାରଣା)



'ଧର୍‌ତୀ କା ଡାକ୍ତର' ପ୍ରଦାନ ଅବସରରେ ଡ. ରାଜେନ୍ଦ୍ର କୁମାର ଯାଦବଙ୍କ ସହ ଅନ୍ୟମାନେ।

କେନ୍ଦ୍ରୀୟ ମୃତ୍ତିକା ଲବଣତା ଗବେଷଣା ପ୍ରତିଷ୍ଠାନ(ଆଇସିଏଆର୍)କୁ ପତଞ୍ଜଳି ପ୍ରତିଷ୍ଠାନ ପକ୍ଷରୁ ସ୍ୱୟଂଚାଳିତ ମୃତ୍ତିକା ପରୀକ୍ଷଣ ଯନ୍ତ୍ର 'ଧର୍‌ତୀ କା ଡାକ୍ତର' ପ୍ରଦାନ କରାଯାଇଛି। ଏହି ମେଶିନ ଚାଷୀମାନଙ୍କୁ ସେମାନଙ୍କ କୃଷିଜମିର ମାଟି ପରୀକ୍ଷା କରିବାରେ ସାହାଯ୍ୟ କରିବା ସହ ଜୈବିକ ଏବଂ ରାସାୟନିକ ଚାଷ ପାଇଁ ଆବଶ୍ୟକ ସାର ବ୍ୟବହାରକରିବାକୁ ପରାମର୍ଶ ମଧ୍ୟ ପ୍ରଦାନ କରିବ। ଏହି ଅବସରରେ ଭରୁଆ କୃଷି ବିଜ୍ଞାନର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ଭାରତ ସରକାରଙ୍କ ଦ୍ୱାରା ପେଟେଣ୍ଟ ଏବଂ ସିଇ ପ୍ରମାଣିତ ଏହି ମେଶିନ ମାଧ୍ୟମରେ ମାଟିର ୧୨ଟି ଜରୁରୀ ପାରାମିଟର ପରୀକ୍ଷା କରାଯାଏ। ମାଟିରେ ଉପଲବ୍ଧ ନାଇଟ୍ରୋଜେନ୍, ଫସ୍‌ଫରସ୍ ଏବଂ ପଟାସ ସହ ବୋରନ, ଲୁହା, ଜିଙ୍କ୍, ତମ୍ବା ଏବଂ ମାଙ୍ଗାନିଜର ପରିମାଣ ସମ୍ପର୍କରେ ଜଣାପଡ଼ିଥାଏ। ପତଞ୍ଜଳି ବୈଜ୍ଞାନିକମାନେ ବର୍ଷ ବର୍ଷ ଧରି ବ୍ୟାପକ ଗବେଷଣା ପରେ ବିକଶିତ କରିଥିବା ଏହି ମେଶିନ ଚାଷୀଙ୍କ ପାଇଁ ଏକ ବରଦାନ। ଏହି ମେଶିନ ସାହାଯ୍ୟରେ ସରଳ ପଦ୍ଧତିରେ ତିନୋଟି ପ୍ରକାର ରାସାୟନିକ, ଜୈବିକ ଏବଂ ମିଶ୍ରିତ ଫସଲ ଅନୁସାରେ ସାର ପ୍ରୟୋଗ ସମ୍ପର୍କରେ ପରାମର୍ଶ ମିଳିପାରିବ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ମୃତ୍ତିକା ଲବଣତା ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ରାଜେନ୍ଦ୍ର କୁମାର ଯାଦବ କହିଥିଲେ, ଆମର ସ୍ୱାସ୍ଥ୍ୟ ମାଟିର ସ୍ୱାସ୍ଥ୍ୟ ସହ ଜଡ଼ିତ। ଏହା ଦେଶର ପ୍ରଥମ ଏପରି ମେଶିନ ଯାହାଦ୍ୱାରା ସମସ୍ତ ୧୨ ପାରାମିଟରକୁ ଠିକ୍ ଭାବରେ ପରୀକ୍ଷା କରାଯାଇପାରିବ। ଏହି ଅବସରରେ, ପତଞ୍ଜଳି ପ୍ରତିଷ୍ଠାନର ଡ. ଅଶୋକ ମେହେଟା ପତଞ୍ଜଳି ପ୍ରତିଷ୍ଠାନ ଦ୍ୱାରା ଚାଷୀଙ୍କ ପାଇଁ କରାଯାଉଥିବା ନିରନ୍ତର ପ୍ରୟାସ ପ୍ରତି ଉପସ୍ଥିତ ସମସ୍ତ ବୈଜ୍ଞାନିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ରୀୟ ମୃତ୍ତିକା ଲବଣତା ଗବେଷଣା ପ୍ରତିଷ୍ଠାନର ଡ. ଅରବିନ୍ଦ କୁମାର ରାୟ, ଡ. ଏସ୍. କେ. ସନୱାଲ, ଡ. ସତ୍ୟେନ୍ଦ୍ର କୁମାର, ଡ. ପାରୁଲ ସୁନ୍ଧା, ଡ. ପ୍ରିୟଙ୍କା ଚନ୍ଦ୍ର, ବିଭିନ୍ନ ବିଭାଗର ମୁଖ୍ୟ ତଥା ଅଶୋକ ମେହେଟା, ବିକ୍ରାନ୍ତ ବର୍ମା, ଡ. ଆଶୁତୋଷ ଗୁପ୍ତା, ଅଶୋକ କୁମାର, ଶିବମ କୁମାର ଉପସ୍ଥିତ ଥିଲେ।

## ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ

ବାଲିପାଟଣା,୧୦।୫(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଧୀନ ଶିଶୁ ଅନନ୍ତ ପୀଠ ବ୍ରିଜ୍ ନିକଟରୁ ଶନିବାର ଜଣେ ମହିଳାଙ୍କ ବେକରୁ ଦୁଇଜଣ ଦୁର୍ବୃତ୍ତ ସୁନାଚେନ୍ ଝାମ୍ପି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ବାରିଲୋ ଗ୍ରାମର ତିଲୋତ୍ତମା ମିଶ୍ର। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୦୧/୨୫) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ତିଲୋତ୍ତମା ଭୋର୍ ୫ଟା ୧୫ରେ ପ୍ରାତଃ ଭ୍ରମଣ କରୁଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ବେକରୁ ୧୦ ଗ୍ରାମ୍‌ର ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ଗତବର୍ଷ ଜାଗର ସମୟରେ ବାରିଲୋ ଗ୍ରାମର ସ୍ୱର୍ଣ୍ଣଲତା ସାହୁଙ୍କ ବେକରୁ ମଧ୍ୟ ଉକ୍ତ ସ୍ଥାନରୁ ସୁନାଚେନ୍ ଲୁଟ୍ ହୋଇଥିଲା। କିଛି ମାସ ପୂର୍ବେ ମୁଖିସାହିର ଜଣେ ମହିଳାଙ୍କ ବେକରୁ ମଧ୍ୟ ସୁନାଚେନ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏହି ଥାନା ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି ନ ହେବାରୁ ଏପରି ଘଟୁଥିବା ସାଧାରଣରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ କହିଛନ୍ତି, ପ୍ରତିଦିନ ପାଟ୍ରୋଲିଂ କରାଯାଉଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ।

## ସ୍ୱଚ୍ଛ ବିଦ୍ୟାଳୟ କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୧୦।୫(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ଜନ୍ମବାର୍ଷିକୀର ଅବ୍ୟବହିତ ପୂର୍ବରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ନିମନ୍ତେ ୟୁନିଟ୍-୩ସ୍ଥିତ ଦୃଷ୍ଟିବାଧିତ ପିଲାଙ୍କ ବିଦ୍ୟାଳୟ ପରିସରରେ ଏକ ସ୍ୱଚ୍ଛ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିବିଦ୍ୟାଳୟ ପରିସର ସଫା କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ରଶ୍ମିରଞ୍ଜନ ମହାନ୍ତି ଉଦ୍‌ଘାଟନ କରି କହିଥିଲେ, ସ୍ୱାଧୀନତା ସଂଗ୍ରାମୀ ପଟ୍ଟନାୟକ ସବୁବେଳେ ଅହିଂସା ଓ ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରୁଥିଲେ। ସ୍ୱଚ୍ଛତା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଭବାନୀ ପଟ୍ଟନାୟକ ଫାଉଣ୍ଡେଶନର ପରିଚାଳନା ଟ୍ରଷ୍ଟି ଡ. ବେଣୁଧର ସେନାପତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ନିରଞ୍ଜନ ମହାରଣା, ମନୋରଞ୍ଜନ ସାହୁ, ଠାକୁରାମ ବେହେରା, କେଶବ ଚନ୍ଦ୍ର ସେନାପତି, ଶ୍ରଦ୍ଧାଞ୍ଜଳି ଲାଲା, ଅଭିଲିପ୍ସା ଦାସ, ଭାଗ୍ୟଶ୍ରୀ ପରିଜା, ଜୟରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜିତ୍



@ ପ୍ରତୀକ୍



@ ପ୍ରିୟଙ୍କା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମଞ୍ଚସ୍ଥ ହେଲା ନାଟକ 'ଶେଷପୃଷ୍ଠା'

ଭୁବନେଶ୍ୱର, ୧୦।୫ (ସୌମ୍ୟରଞ୍ଜନ ରାଉତ)



ନାଟକ 'ଶେଷପୃଷ୍ଠା'ର ଏକ ଦୃଶ୍ୟ।

ଜୀବନର ଚଲାପଥ ବିଭିନ୍ନ ଅନୁଭୂତିରେ ଭରା। ଅନେକ ଜଣା ଅଜଣା ମୋଡ଼ ଦେଇ ସେ ଆମକୁ ନେଇଯାଏ ଆଗକୁ ଆଗକୁ। କେତେବେଳେ ଆନନ୍ଦ ଆଉ ଉଲ୍ଲାସର ମହକ ଅଜାଡ଼ି ଦିଏ ତ କେତେବେଳେ ଟାଣିନେଇଯାଏ କୋଉ ଅଜଣା ଭୟଙ୍କର ଗଳି ଭିତରକୁ। ଗୋଟିଏ ସାଧାରଣ ଝିଅ ସୁପ୍ରଭାର ଜୀବନ ଚାଲିଥିଲା ସରଳ ଆଉ ସ୍ୱଚ୍ଛନ୍ଦ ଗତିରେ। ତାପରେ କେତେ ଝରା କୁସୁମର ଜହ୍ନ ରାତି, କିଛି ପ୍ରଜାପତିର ରଂଗୀନ ଦିନ ଆଉ କେତେ ପାଗଳ ପବନର ମତୁଆଲା ଋତୁ। ସବୁ କିଛି କେତେ ସୁନ୍ଦର ଚାଲିଥିଲା। ହେଲେ ସୁପ୍ରଭାର ଭାଗ୍ୟ ଆକାଶରେ କେତେବେଳେ ଘୋଟି ଆସିଲା କଳା ବାଦଲ। ଘେରିଗଲା ଘନ ଅଂଧକାର। ସ୍ୱପ୍ନ ସବୁ ଭାଙ୍ଗିରୁଜି ଚୁରମାର୍ ହେଇଗଲା ଏମିତି ଏକ ଘଟଣାବଳୀକୁ ନେଇ ଭଞ୍ଜକଳା ମଣ୍ଡପଠାରେ ଶନିବାର ମଞ୍ଚସ୍ଥ ହୋଇଛି ଲାଲଟେନ୍ଦୁ ରଥଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଶେଷପୃଷ୍ଠା'। ପାଦଚିହ୍ନ ନାଟ୍ୟାନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ସନ୍ଧ୍ୟାରେ ଅତିଥି ଭାବରେ ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ଦର୍ପନାରାୟଣ ସେଠୀ, ଅନୁଷ୍ଠାନର ସଭାପତି ଅସୀମ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଲଲାଟେନ୍ଦୁ ରଥ ମଞ୍ଚ ପରିଚାଳନା କରିଥିଲେ।

## ଆଜି ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଅବସରରେ ରବିବାର ଶ୍ରୀମନ୍ଦିରରେ ଶ୍ରୀନୃସିଂହଙ୍କ ଜନ୍ମନୀତି ପାଳନ ହେବ। ଶ୍ରୀବିଗ୍ରହଙ୍କର ସର୍ବାଙ୍ଗ ନୀତି ସମ୍ପନ୍ନ ହୋଇ ଯାତଭୋଗ ସରିବା ପରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ଆଜ୍ଞାମାଳ ପାଇ ଚନ୍ଦନ ଯାତ୍ରା ନିମନ୍ତେ ଚନ୍ଦନ ଚକଡ଼ାକୁ ବିଜେ କରିବେ। ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ନୌକାବିହାର ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଏହାପରେ ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ସିଂହଦ୍ୱାର ଦେଇ ଚକ୍ରତୀର୍ଥ ରୋଡ୍‌ସ୍ଥିତ ନୃସିଂହ ମନ୍ଦିରକୁ ଯିବେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଶ୍ରୀନୃସିଂହ ଦେବଙ୍କୁ ଲାଗି କରାଯିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଭୋଗ କରିବେ। ଶ୍ରୀଜଗନ୍ନାଥବଲ୍ଲଭରେ ବିଭିନ୍ନ ନୀତି ସହ ଭୋଗ ବନ୍ଦାପନା ସରିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।

## ୧୪ରୁ ଆଲେନ୍ ଏନ୍‌ଇଇଟି ରିପିଟର୍ସ ବ୍ୟାଚ୍ ଆରମ୍ଭ

ଭୁବନେଶ୍ୱର, ୧୦।୫(ଅନୁରାଧା ମହାରଣା)



ଡାକ୍ତରୀ ପାଠ ପଢ଼ିବା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-୨୦୨୫ରେ ଭଲ ସଫଳତା ପରେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ ଏନ୍‌ଇଇଟି-ୟୁଜି ୨୦୨୬ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହ ନୂତନ ବ୍ୟାଚ୍ ଲାଗି ତାରିଖ ଘୋଷଣା କରିଛି। ଏହି ବ୍ୟାଚ୍‌ଗୁଡ଼ିକରେ ପ୍ରବେଶ ପାଇଁ ଆଲେନ୍ ଫିଂର ୯୦ ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଆଲେନ୍ ରିପିଟର୍ସ ଲିଡର ବ୍ୟାଚ୍ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ଏହା ପରେ ଆଗାମୀ ଦିନରେ ପ୍ରତି ସପ୍ତାହରେ ରିପିଟରମାନଙ୍କ ପାଇଁ ବ୍ୟାଚ୍ ଆରମ୍ଭ ହେବ। ଏହା ସହ ଆଲେନ୍ ସ୍କଲାରଶିପ ଆଡ୍‌ମିଶନ ଟେଷ୍ଟ (ଏ-ସେଟ୍) ମେଗା ଇଭେଣ୍ଟ ମଧ୍ୟ ମେ ୧୨ରୁ ୧୭ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏହା ଅଧୀନରେ ପ୍ରତିଦିନ ଏକ ଆସେଟ୍ ପରୀକ୍ଷା ହେବ, ଯେଉଁଥିରେ ଅଂଶଗ୍ରହଣ କରି ଜଣେ ଆଲେନ୍ ଫିଂରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରଶିପ ପାଇପାରିବେ। ଆଲେନ୍ କୋଟାର ସଭାପତି ବିନୋଦ କୁମାୱତ କହିଛନ୍ତି, ଦଶମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି ନର୍ଚରର ବ୍ୟାଚ୍ ମେ ୧୫ ଏବଂ ୨୯ ତାରିଖରେ ଆରମ୍ଭ ହେଉଛି। ସେହିପରି ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି-୨୦୨୬ ପ୍ରସ୍ତୁତି ନିମନ୍ତେ ୧୫ରୁ ନୂତନ ବ୍ୟାଚ୍ ଆରମ୍ଭ ହେଉଛି। ଜେଇଇ ମେନ୍ ଆଡଭାନ୍ସଡ ଲାଗି ପ୍ରସ୍ତୁତି ପାଇଁ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ନର୍ଚର ବ୍ୟାଚ୍ ମେ ୨୧ରୁ ଏବଂ ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଲିଡର ବ୍ୟାଚ୍ ମେ ୨୫ ଏବଂ ଜୁନ୍ ୧୩ରୁ ଆରମ୍ଭ ହେଉଛି। ଏନ୍‌ଇଇଟି ଫଳାଫଳ ପରେ ଏହି ଛାତ୍ରୀଛାତ୍ରଙ୍କୁ ଅଲ୍ ଇଣ୍ଡିଆ ର୍‍ୟାଙ୍କ ଆଧାରରେ ସ୍କଲାରଶିପ ଦିଆଯିବ। ଫଳାଫଳର କିଛିଦିନ ପରେ ଛାତ୍ରବୃତ୍ତି ରାଶି ପ୍ରକାଶ କରାଯିବ। ଏ ପରିସ୍ଥିତିରେ ଛାତ୍ରୀଛାତ୍ର ଫଳାଫଳ ଏବଂ ପରାମର୍ଶକୁ ଅପେକ୍ଷା ନ କରି ଠିକ୍ ସମୟରେ ସେମାନଙ୍କ ପ୍ରସ୍ତୁତି ପୁନର୍ବାର ଆରମ୍ଭ କରିପାରିବେ। ବିସ୍ତୃତ ସୂଚନା www.allen.ac.in ରେ ମିଳିପାରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଜଳବାୟୁ ପରିବର୍ତ୍ତନ ସହରୀ ଦାରିଦ୍ର୍ୟର ପ୍ରମୁଖ କାରଣ

ଭୁବନେଶ୍ୱର,୧୦।୫(ଅନୁରାଧା ମହାରଣା)




ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଆଣ୍ଡ କେୟାର(ଆଇଆଇଇସି) ପକ୍ଷରୁ ସ୍ଥାନୀୟ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଶନିବାର ଏକ ନଗରସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ସହରୀ ବିକାଶରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଅଣସଂଗଠିତ ଶ୍ରମିକ ସଂଘ, ଅଟୋ ଚାଳକ ସଂଘ, ଭିନ୍ନକ୍ଷମ ମଞ୍ଚ, ବରିଷ୍ଠ ନାଗରିକ ସଂଘ, ସଫେଇ କର୍ମଚାରୀ ସଂଘ ଆଦିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। 'ସତତ ସହର' ଶୀର୍ଷକ ପ୍ରକଳ୍ପର ଏହି ସମ୍ମିଳନୀ ଏକ ଅଂଶ ବିଶେଷ ଥିଲା। ଆଇଆଇଇସିର ଅଧ୍ୟକ୍ଷ କରୁଣାକର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଏହାର ନିର୍ଦ୍ଦେଶକ ଡ. ଶିଶିର କୁମାର ଦାସ ସ୍ୱାଗତ ଭାଷଣ ଦେଇ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଶାତୀତ ଜଳବାୟୁ ପରିବର୍ତ୍ତନ ସହରୀ ଦାରିଦ୍ର୍ୟର ଏକ ପ୍ରମୁଖ କାରଣ ବୋଲି ସେ କହିଥିଲେ। ଗୁଜୁରାଣ ମେଣ୍ଟାଇବାକୁ ଗ୍ରାମାଞ୍ଚଳରୁ ସହରକୁ ଅନେକ ଲୋକ ଆସୁଥିବାବେଳେ ଦିନକୁ ଦିନ ସହରରେ ବସ୍ତି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସହରର ବିକାଶରେ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାବେଳେ ସୀମିତ ଜାଗା, ଅବ୍ୟବସ୍ଥିତ ବାସଗୃହ, ପରିମଳ ବ୍ୟବସ୍ଥା, ଶୁଦ୍ଧ ପାନୀୟ ଜଳର ସଙ୍କଟ, ଅସ୍ୱାସ୍ଥ୍ୟକର ପରିବେଶ ସେମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି। ସେହି ଅଦିନିଆ ଝଡ଼ବର୍ଷା ସେମାନଙ୍କ ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବା ସେ କହିଥିଲେ। ଏହିସବୁ ଆହ୍ୱାନର କିପରି ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ସହରାଞ୍ଚଳରେ ବର୍ଷାଜଳ ଅମଳ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡ. ସନ୍ଦିପ୍ ପଟ୍ଟନାୟକ ଜଳବାୟୁ ପରିବର୍ତ୍ତନ ଏବଂ ଏହାର ଭୟବହତା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ କୃଷି ବିଜ୍ଞାନୀ ବିଦ୍ୟାଧର ମହାରଣା ଜଳବାୟୁ ପରିବର୍ତ୍ତନ ଏବଂ ସହରୀ କୃଷି ସମ୍ପର୍କରେ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ଏହି ଅବସରରେ ନଗର ସ୍ତରରେ ଏକ ଅନ୍ତର୍ନିବେଶୀ ମଞ୍ଚ 'ସହଭାଗୀ ବିକାଶ ମଞ୍ଚ'ର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଥିଲା। ଏହା ସହ ଆଇଆଇଇସି ଦ୍ୱାରା 'ସମାବେଶୀ ଓ ଦୀର୍ଘସ୍ଥାୟୀ ସହରୀ ବିକାଶର ଯାତ୍ରା' ପୁସ୍ତିକା ଉନ୍ମୋଚନ ହୋଇଥିଲା। ସାମାଜିକ କର୍ମୀ ମହେନ୍ଦ୍ର ପରିଡ଼ା, ସଚ୍ଚିକାନ୍ତ ପ୍ରଧାନ, ସୁଦର୍ଶନ ଛୋଟରାୟ, ଧୀରେନ୍, ରଞ୍ଜୁବାଳା, ଝୁନା ପ୍ରମୁଖ୍ୟ ବକ୍ତବ୍ୟ ରଖିଥିବାବେଳେ ପ୍ରକଳ୍ପ ସଂଯୋଜକ ସ୍ମୃତିରଞ୍ଜନ ସାହୁ, ବଂଶୀଧର ସାହାଣୀ, ମିନତି ପ୍ରହରାଜ, ରଶ୍ମି ଚମ୍ପତି ଓ ପ୍ରତ୍ୟୁଷ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ

**ବାଲିପାଟଣା, ୧୦।୫(ଅଭିମନ୍ୟୁ ନାୟକ):** ବାଲିପାଟଣା ଥାନା ଅଧୀନ ଶିଶୁ ଅନନ୍ତ ପୀଠ ବ୍ରିଜ୍ ନିକଟରୁ ଶନିବାର ଜଣେ ମହିଳାଙ୍କ ବେକରୁ ଦୁଇଜଣ ଦୁର୍ବୃତ୍ତ ସୁନାଚେନ୍ ଝାମ୍ପି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ବାରିଲୋ ଗ୍ରାମର ତିଳୋତ୍ତମା ମିଶ୍ର। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୦୧/୨୫) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ତିଳୋତ୍ତମା ଭୋର୍ ୫ଟା ୧୫ରେ ପ୍ରାତଃ ଭ୍ରମଣ କରୁଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ବେକରୁ ୧୦ ଗ୍ରାମ୍‌ର ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ଗତବର୍ଷ ଜାଗର ସମୟରେ ବାରିଲୋ ଗ୍ରାମର ସ୍ୱର୍ଣ୍ଣଲତା ସାହୁଙ୍କ ବେକରୁ ମଧ୍ୟ ଉକ୍ତ ସ୍ଥାନରୁ ସୁନାଚେନ୍ ଲୁଟ୍ ହୋଇଥିଲା। କିଛି ମାସ ପୂର୍ବେ ମୁଖିସାହିର ଜଣେ ମହିଳାଙ୍କ ବେକରୁ ମଧ୍ୟ ସୁନାଚେନ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏହି ଥାନା ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି ନ ହେବାରୁ ଏପରି ଘଟୁଥିବା ସାଧାରଣରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ କହିଛନ୍ତି, ପ୍ରତିଦିନ ପାଟ୍ରୋଲିଂ କରାଯାଉଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ।

### ଚନ୍ଦନ ଯାତ୍ରା ମହୋତ୍ସବ ପ୍ରସ୍ତୁତି

**କୃଷ୍ଣପ୍ରସାଦ, ୧୦।୫(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ଗଡ଼ରେ ଚନ୍ଦନ ଯାତ୍ରା ମହୋତ୍ସବ ପାଞ୍ଚମୌଜା ପରିଚାଳନା କମିଟି ପକ୍ଷରୁ ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ। ଏହି ମହୋତ୍ସବ ୫ ଦିନ ଧରି ଚାଲିବ। ଏନେଇ ଏକ ବୈଠକ ପାଞ୍ଚମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ବିଗ୍ରହମାନଙ୍କୁ ନେଇ ଚନ୍ଦନ ପୁଷ୍କରିଣୀରେ ଚାପଖେଳ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ପାଇକ ଆଖଡ଼ା, ସଂକୀର୍ତ୍ତନ ଆଦି ପ୍ରତିଯୋଗିତା ପାଇଁ ଆଲୋଚନା ହୋଇଛି। ଏଥିସହ ରାତିରେ ନାଟକ ପରିବେଷଣ କରାଯିବ। ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ଜନସମାଗମକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଥାନା ଉପଖଣ୍ଡ ପୋଲିସ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ସୁରକ୍ଷା ଯୋଗାଇ ଦିଆଯିବ। ବୈଠକରେ କମିଟିର ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ, କୁମାର ସିଂହ, ସୁରଥ ବେହେରା, ହରମୋହନ ମାନସିଂହ, ପ୍ରମୋଦ କୁମାର ପରିଡ଼ା, ସୁବାସ ଚନ୍ଦ୍ର ସିଂସାମନ୍ତ, ସାରଙ୍ଗଧର ବିଶ୍ୱାଳ, ପଦ୍ମ ଚରଣ ତରେଇଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ

**ପୁରୀ, ୧୦।୫(ଅଜିତ୍ କୁମାର ମହାନ୍ତି):** ଶ୍ରୀମନ୍ଦିରରେ ଶନିବାର ରାତିରେ ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି। ଧୁକୁଡ଼ି ଦ୍ୱାର ନିକଟରେ ରକ୍ତଛିଟା ପଡ଼ିଥିବା ହେତୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ହୋଇଛି। ଫଳରେ ନୀତିରେ ପ୍ରାୟ ୨ ଘଣ୍ଟା ବିଳମ୍ବ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟା ଆଳତି ବଢାଇ ପାଳିଆ ସେବାୟତ ବାହାରି ଆସିବା ସମୟରେ ଧୁକୁଡ଼ି ଦ୍ୱାର ଆଗରେ ରକ୍ତ ପଡ଼ିଥିବା ଦୃଷ୍ଟିକୁ ଆସିଥିଲା। ଏହା ପରେ ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଏଥିସହ ଭକ୍ତମାନଙ୍କ ଦର୍ଶନ ବନ୍ଦ କରାଯାଇ ଦ୍ୱାର ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଭିତର କାଠ ଧୁଆ ହୋଇ ଚୂନପାଣି ପଡ଼ିଥିଲା। ବଡ଼ ମହାସ୍ନାନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା।

### ଶ୍ରୀମନ୍ଦିର ସେବକ, କର୍ମଚାରୀଙ୍କ ପାଇଁ ଆଧାରକାର୍ଡ ସଂଶୋଧନ ଶିବିର ଆରମ୍ଭ

**ପୁରୀ, ୧୦।୫(ଅଜିତ୍ କୁମାର ମହାନ୍ତି):** ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଓକାକ୍ ସହାୟତାରେ ଶନିବାରଠାରୁ ନୀଳାଦ୍ରି ଭକ୍ତନିବାସଠାରେ ଶ୍ରୀମନ୍ଦିର ସେବକ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ପାଇଁ ଆଧାରକାର୍ଡ ସଂଶୋଧନ ଶିବିର ଆରମ୍ଭ ହୋଇଛି। ଏହି ଶିବିର ଜୁନ୍ ୧ ତାରିଖ ଯାଏ ପ୍ରତ୍ୟେକ ଶନିବାର ଓ ରବିବାର ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଜାରି ରହିବ। ଶିବିରରେ ଆଧାରକାର୍ଡ ନୂତନ, ସଂଶୋଧନ କିମ୍ବା ଅପଡେଟ୍ କରାଯାଇପାରିବ।

# ବାର୍‌ରେ ବାଉନ୍ସରଙ୍କୁ ଗୁଳିମାଡ଼

**ଭୁବନେଶ୍ୱର, ୧୦।୫(ସତ୍ୟଜିତ ରାଉତ)**



ଆହତ ସୂର୍ଯ୍ୟ ପ୍ରଧାନ।

- ପଥର ମାଡ଼ କରି କାଚ ଭାଙ୍ଗିଲେ
- ରାତି ସାରା ବାର୍ ଖୋଲାଯିବାକୁ ନେଇ ଉଠିଲା ପ୍ରଶ୍ନ

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକ ନିକଟରେ ଥିବା କସ୍‌ମସ୍ କ୍ଲବ୍ ଆଣ୍ଡ ସ୍କାଏ ଲଙ୍ଗ୍ ବାର୍‌ରେ ବାଉନ୍ସରଙ୍କୁ ଗୁଳିମାଡ଼ ହୋଇଛି। ଶନିବାର ଭୋର ପ୍ରାୟ ୪ଟା ୩୦ରେ ୨ ଦୁର୍ବୃତ୍ତ ବାର୍ ସାମ୍ନାକୁ ଆସି ପଥର ମାଡ଼ କରିବା ସହ ଏହି କାଣ୍ଡ ଘଟାଇଛନ୍ତି। ଏଥିରେ ସୂର୍ଯ୍ୟ ପ୍ରଧାନ ଓରଫ ସୁରିଆ ଆହତ ହୋଇଛନ୍ତି। ଗୁଳିଟି ତାଙ୍କ ବାମ ଗୋଡ଼ରେ ବାଜିଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ବାର୍‌ରେ ବାଉନ୍ସର ନିଯୁକ୍ତି ନେଇ ହୋଇଥିବା ଟେଣ୍ଡର ପାଇଁ ଶତ୍ରୁତାରୁ ଗୁଳିମାଡ଼ ହୋଇଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଏକ ବାଇକ୍‌ରେ ବାର୍ ମୁଖ୍ୟ ଫାଟକ ନିକଟରେ ପହଞ୍ଚି ବାହାରେ ଜଗିଥିବା ବାଉନ୍ସର ସୁରିଆଙ୍କ ଉପରେ ୫ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଏହାପରେ ଦୁର୍ବୃତ୍ତଦ୍ୱୟ ପଥର ମାଡ଼ କରି ବାର୍ କାଚ ଭାଙ୍ଗିଦେଇଥିଲେ। ଏଥିସହ ସେମାନେ ଏକ ବୋମା ବାର୍ ଉପରକୁ ପକାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏପରିକି ବୋମା ନ ଫୁଟିବାରୁ ଦୁର୍ବୃତ୍ତମାନେ ଅଫୁଟା ବୋମାକୁ ନେଇ ଫେରାର ହୋଇଯାଇଥିଲେ। ଗୁଳିଶବ୍ଦ ଶୁଣି ବାର୍ କର୍ମଚାରୀମାନେ ଦୌଡ଼ି ଆସିଥିଲେ। ସେମାନେ ଆହତ ସୁରିଆଙ୍କୁ ପଟିଆ ନିକଟ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋକା ଜବତ କରିବା ସହ ହସ୍ପିଟାଲ ଯାଇ ସୁରିଆଙ୍କ ବୟାନ ରେକର୍ଡ କରିଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଚାଲିଥିବା ଥାନାଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି। ତେବେ ରାତି ସାରା ବାର୍ ଖୋଲାଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଭିନ୍ନ ବାର୍‌ରେ ସିକ୍ୟୁରିଟି ଦେବା ପାଇଁ ବାଉନ୍ସର ଆବଶ୍ୟକ ହେଉଥିବାରୁ କେତେଜଣ ସ୍ଥାନୀୟ ଯୁବକ ଜିମ୍ ଯୁବକଙ୍କୁ ବାଉନ୍ସର କରି ବାର୍‌ରେ ନିୟୋଜିତ କରୁଛନ୍ତି। ଟେଣ୍ଡର ବାବଦକୁ ମଧ୍ୟ ବହୁ ଅର୍ଥ ମଧ୍ୟ କାରବାର ହେଉଛି। ପଟିଆ ଅଞ୍ଚଳର ଜଣେ ଯୁବକ ଚନ୍ଦ୍ରଶେଖରପୁର ଅଞ୍ଚଳର ବିଭିନ୍ନ ବାର୍‌ରେ ବାଉନ୍ସର ଲଗାଇଥିଲେ। ଫଳରେ ଅପରପକ୍ଷ କାମ ନ ପାଇ ଏଭଳି କାଣ୍ଡ ଘଟାଇଥିବା ପୋଲିସ ସନ୍ଦେହ କରୁଛି।

# ସୂର୍ଯ୍ୟମନ୍ଦିରରେ କଡ଼ା ସୁରକ୍ଷା ବ୍ୟବସ୍ଥା



ପ୍ରଶାସନ ପକ୍ଷରୁ ସୂର୍ଯ୍ୟ ମନ୍ଦିର ପରିସରରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି।

**କୋଣାର୍କ, ୧୦।୫(ଜ୍ୟୋତିରାଜ ମହାନ୍ତି)**

**ପୋଲିସ, ସ୍ଥାନୀୟ ପ୍ରଶାସନର ମିଳିତ ବୈଠକ**

କୋଣାର୍କଠାରେ ସମ୍ଭାବ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ସହ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ପୁରୀର ବୋମା ନିଷ୍କ୍ରିୟକାରୀ ଟିମ୍ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଯାଞ୍ଚ ବ୍ୟବସ୍ଥା ଜୋରଦାର କରାଯାଇଛି। ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ସହ ପର୍ଯ୍ୟଟକ ଓ ଜନସାଧାରଣଙ୍କୁ ସୁରକ୍ଷା ଦେବାକୁ କୋଣାର୍କ ଥାନାଠାରେ ଏକ ସୁରକ୍ଷା ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଇଣ୍ଡିଆନ ଅଏଲ୍ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସୁରକ୍ଷା ଉପରେ ପ୍ରାଥମିକତା ଦିଆଯାଇଥିଲା। ପର୍ଯ୍ୟଟକଙ୍କ ଯାଞ୍ଚ କଡ଼ାକଡ଼ି କରି ସୁରକ୍ଷା ନିମନ୍ତେ ୨୪ ଘଣ୍ଟିଆ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସୂର୍ଯ୍ୟ ମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ରଠାରେ ବୋମା ନିଷ୍କ୍ରିୟକାରୀ ଟିମ୍ ପକ୍ଷରୁ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହି ଟିମ୍ ମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକଙ୍କୁ ମଧ୍ୟ ଯାଞ୍ଚ କରିଥିଲା। କୋଣାର୍କ ପୋଲିସର ଏକ ଟିମ୍ ଯାଞ୍ଚ କରିବାରେ ସହାୟତା କରିଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତି, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ମାନସିଂହ ସାହିତ୍ୟ ସଂସଦର କବିତା ଆସର

**କୃଷ୍ଣପ୍ରସାଦ, ୧୦।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ମାନସିଂହ ସାହିତ୍ୟ ସଂସଦର ୫୩ତମ କବିତା ଆସର ଗୁଗ୍‌ଲ ମିଟ୍ ମାଧ୍ୟମରେ ଶନିବାର ବିଷ୍ଣୁପ୍ରସାଦ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କଟକରୁ ଗାଳ୍ପିକା ଡ. ସ୍ମୃତି ପଟ୍ଟନାୟକ ଯୋଗଦେଇ ଓଡ଼ିଆ କବିତାର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିଭାବେ ବିପିନ ବିହାରୀ ଦଳେଇ ଯୋଗଦେଇ କବିତା ପାଠ କରିଥିଲେ। ପ୍ରଫେସର ସରୋଜିନୀ ବରାଇ, ଆମେରିକାରୁ ଚନ୍ଦ୍ରା ମିଶ୍ର, ବୁଲୁ ବିଶୋୟୀ ମଧ୍ୟ କବିତା ପାଠ କରିଥଲେ। ସଂସଦର ମୁଖ୍ୟ ଉପଦେଷ୍ଟା ଡ. ପ୍ରେମାନନ୍ଦ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଲଳିତ କୁମାର ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବ୍ରହ୍ମପୁରରୁ ବନ୍ଦନା ପଣ୍ଡାଙ୍କ ଜଗନ୍ନାଥ ଭଜନ ପରେ ଅନୁଗୋଳରୁ କୁନ୍‌ମୁନ୍ ସାହୁଙ୍କ ସଂଯୋଜନାରେ କବି ସମୀର ନାୟକ, ଲୋପା ସାମଲ, ପ୍ରଦୀପ୍ତ ସାହୁ, ବନବିହାରୀ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରବୀଣା ଦାସ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ। ଆସନ୍ତା କବିତା ଆସର ଜୁନ୍ ୧୦ରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଲଳିତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜିତ୍



@ ପ୍ରତୀକ୍



@ ପ୍ରିୟଙ୍କା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି

**ପୁରୀ, ୧୦।୫(ଅଜିତ୍ କୁମାର ମହାନ୍ତି)**

ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଅବସରରେ ଶ୍ରୀମନ୍ଦିରରେ ଶ୍ରୀନୃସିଂହଙ୍କ ଜନ୍ମନୀତି ପାଳନ ହେବ। ଶ୍ରୀମନ୍ଦିରର ନୀତି ଅନୁଯାୟୀ ଶ୍ରୀବିଗ୍ରହଙ୍କର ସର୍ବାଙ୍ଗ ନୀତି ସମ୍ପନ୍ନ ହୋଇ ଯାତଭୋଗ ସରିବା ପରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ଆଜ୍ଞାମାଳ ପାଇ ଚନ୍ଦନ ଯାତ୍ରା ନିମନ୍ତେ ଚନ୍ଦନ ଚକଡ଼ାକୁ ବିଜେ କରିବେ। ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ନୌକାବିହାର ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଏହାପରେ ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଦେଇ ଦୋଳମଣ୍ଡପ ସାହି, ସୁବାସ ବୋଷ ଛକ ଦେଇ ଚକ୍ରତୀର୍ଥ ରୋଡ୍‌ସ୍ଥିତ ନୃସିଂହ ମନ୍ଦିରକୁ ଯିବେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଶ୍ରୀନୃସିଂହ ଦେବଙ୍କୁ ଲାଗି କରାଯିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଭୋଗ କରିବେ। ସେବାୟତମାନେ ନୀତି ସାରି ଶ୍ରୀମନ୍ଦିରକୁ ଫେରିବା ପରେ ମହାପ୍ରଭୁଙ୍କ ମଇଲମ ହୋଇ ଆଳତି ବଢ଼ିବ। ତିନିବାଡ଼ରେ ଠାକୁରଙ୍କୁ ପଞ୍ଚାମୃତ ମହାସ୍ନାନ ହେବେ। ସର୍ବାଙ୍ଗ ବଢ଼ିବା ପରେ ଠାକୁର ନୂଆଲୁଗା ଲାଗିହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗିହୋଇ ପାଣିପଡ଼ି ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ମହାଜନସେବକ ଦକ୍ଷିଣୀ ଘରୁ ନୃସିଂହ ଠାକୁରଙ୍କୁ ଆଣି ରତ୍ନସିଂହାସନ ଉପରକୁ ବିଜେ କରାଇବେ। ସେଠାରୁ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ଉପରକୁ ନୃସିଂହଙ୍କୁ ଖଟୁଲିରେ ବିଜେ କରାଇବେ। ଅପରପକ୍ଷରେ ମୁକ୍ତିମଣ୍ଡପ ନିକଟରେ ଥିବା ନୃସିଂହମନ୍ଦିର ଭିତରେ ପତି ମହାପାତ୍ର ଏବଂ ମୁକ୍ତିମଣ୍ଡପ ଉପରେ ବିଜେ ନୃସିଂହଙ୍କ ପାଖରେ ପୂଜାପଣ୍ଡା ମହାସ୍ନାନ ପୂଜା କରିବେ। ଏହାପରେ ଉଭୟଙ୍କ ପାଖରେ ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହି ହେବା ପରେ ବନ୍ଦାପନା ନୀତି ସମ୍ପନ୍ନ ହେବ। ମହାଜନସେବକ ନୃସିଂହଙ୍କୁ ହାତରେ ବିଜେ କରାଇ ଝୁଲଣମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇବା ପରେ ବିମାନବଡୁମାନେ ନୃସିଂହଙ୍କୁ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରାଇବେ। ସେଠାରେ ବିଭିନ୍ନ ନୀତି ସହ ଭୋଗ ବନ୍ଦାପନା ସରିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।

# ୧୪ରୁ ଆଲେନ୍ ଏନ୍‌ଇଇଟି ରିପିଟର୍ସ ବ୍ୟାଚ୍ ଆରମ୍ଭ

**ଭୁବନେଶ୍ୱର, ୧୦।୫(ଅନୁରାଧା ମହାରଣା)**



ଡାକ୍ତରୀ ପାଠ ପଢ଼ିବା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-୨୦୨୫ରେ ଭଲ ସଫଳତା ପରେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ ଏନ୍‌ଇଇଟି-ୟୁଜି ୨୦୨୬ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହ ନୂତନ ବ୍ୟାଚ୍ ଲାଗି ତାରିଖ ଘୋଷଣା କରିଛି। ଏହି ବ୍ୟାଚ୍‌ଗୁଡ଼ିକରେ ପ୍ରବେଶ ପାଇଁ ଆଲେନ୍ ଫି'ର ୯୦ ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଆଲେନ୍ ରିପିଟର୍ସ ଲିଡର ବ୍ୟାଚ୍ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ଏହା ପରେ ଆଗାମୀ ଦିନରେ ପ୍ରତି ସପ୍ତାହରେ ରିପିଟରମାନଙ୍କ ପାଇଁ ବ୍ୟାଚ୍ ଆରମ୍ଭ ହେବ। ଏହା ସହ ଆଲେନ୍ ସ୍କଲାରଶିପ ଆଡ୍‌ମିଶନ ଟେଷ୍ଟ (ଏ-ସେଟ୍) ମେଗା ଇଭେଣ୍ଟ ମଧ୍ୟ ମେ ୧୨ରୁ ୧୭ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏହା ଅଧୀନରେ ପ୍ରତିଦିନ ଏକ ଆସେଟ୍ ପରୀକ୍ଷା ହେବ, ଯେଉଁଥିରେ ଅଂଶଗ୍ରହଣ କରି ଜଣେ ଆଲେନ୍ ଫି'ରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରଶିପ ପାଇପାରିବେ। ଆଲେନ୍ କୋଟାର ସଭାପତି ବିନୋଦ କୁମାୱତ କହିଛନ୍ତି, ଦଶମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି ନର୍ଚର ବ୍ୟାଚ୍ ମେ ୧୫ ଏବଂ ୨୯ ତାରିଖରେ ଆରମ୍ଭ ହେଉଛି। ସେହିପରି ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି-୨୦୨୬ ପ୍ରସ୍ତୁତି ନିମନ୍ତେ ୧୫ରୁ ନୂତନ ବ୍ୟାଚ୍ ଆରମ୍ଭ ହେଉଛି। ଜେଇଇ ମେନ୍ ଆଡଭାନ୍ସଡ ଲାଗି ପ୍ରସ୍ତୁତି ପାଇଁ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ନର୍ଚର ବ୍ୟାଚ୍ ମେ ୨୧ରୁ ଏବଂ ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଲିଡର ବ୍ୟାଚ୍ ମେ ୨୫ ଏବଂ ଜୁନ୍ ୧୩ରୁ ଆରମ୍ଭ ହେଉଛି। ଏନ୍‌ଇଇଟି ଫଳାଫଳ ପରେ ଏହି ଛାତ୍ରୀଛାତ୍ରଙ୍କୁ ଅଲ୍ ଇଣ୍ଡିଆ ର୍ୟାଙ୍କ ଆଧାରରେ ସ୍କଲାରଶିପ ଦିଆଯିବ। ଫଳାଫଳର କିଛିଦିନ ପରେ ଛାତ୍ରବୃତ୍ତି ରାଶି ପ୍ରକାଶ କରାଯିବ। ଏ ପରିସ୍ଥିତିରେ ଛାତ୍ରୀଛାତ୍ର ଫଳାଫଳ ଏବଂ ପରାମର୍ଶକୁ ଅପେକ୍ଷା ନ କରି ଠିକ୍ ସମୟରେ ସେମାନଙ୍କ ପ୍ରସ୍ତୁତି ପୁନର୍ବାର ଆରମ୍ଭ କରିପାରିବେ। ବିସ୍ତୃତ ସୂଚନା www.allen.ac.in ରେ ମିଳିପାରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ଜଳବାୟୁ ପରିବର୍ତ୍ତନ ସହରୀ ଦାରିଦ୍ର୍ୟର ପ୍ରମୁଖ କାରଣ

**ଭୁବନେଶ୍ୱର, ୧୦।୫(ଅନୁରାଧା ମହାରଣା)**

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଆଣ୍ଡ କେୟାର(ଆଇଆଇଇସି) ପକ୍ଷରୁ ସ୍ଥାନୀୟ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଶନିବାର ଏକ ନଗରସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ସହରୀ ବିକାଶରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଅଣସଂଗଠିତ ଶ୍ରମିକ ସଂଘ, ଅଟୋ ଚାଳକ ସଂଘ, ଭିନ୍ନକ୍ଷମ ମଞ୍ଚ, ବରିଷ୍ଠ ନାଗରିକ ସଂଘ, ସଫେଇ କର୍ମଚାରୀ ସଂଘ ଆଦିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। 'ସତତ ସହର' ଶୀର୍ଷକ ପ୍ରକଳ୍ପର ଏହି ସମ୍ମିଳନୀ ଏକ ଅଂଶ ବିଶେଷ ଥିଲା। ଆଇଆଇଇସିର ଅଧ୍ୟକ୍ଷ କରୁଣାକର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଏହାର ନିର୍ଦ୍ଦେଶକ ଡ. ଶିଶିର କୁମାର ଦାସ ସ୍ୱାଗତ ଭାଷଣ ଦେଇ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଶାତୀତ ଜଳବାୟୁ ପରିବର୍ତ୍ତନ ସହରୀ ଦାରିଦ୍ର୍ୟର ଏକ ପ୍ରମୁଖ କାରଣ ବୋଲି ସେ କହିଥିଲେ। ଗୁଜୁରାଣ ମେଣ୍ଟାଇବାକୁ ଗ୍ରାମାଞ୍ଚଳରୁ ସହରକୁ ଅନେକ ଲୋକ ଆସୁଥିବାବେଳେ ଦିନକୁ ଦିନ ସହରରେ ବସ୍ତି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସହରର ବିକାଶରେ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାବେଳେ ସୀମିତ ଜାଗା, ଅବ୍ୟବସ୍ଥିତ ବାସଗୃହ, ପରିମଳ ବ୍ୟବସ୍ଥା, ଶୁଦ୍ଧ ପାନୀୟ ଜଳର ସଙ୍କଟ, ଅସ୍ୱାସ୍ଥ୍ୟକର ପରିବେଶ ସେମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି। ସେହି ଅଦିନିଆ ଝଡ଼ବର୍ଷା ସେମାନଙ୍କ ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବା ସେ କହିଥିଲେ। ଏହିସବୁ ଆହ୍ୱାନର କିପରି ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ସହରାଞ୍ଚଳରେ ବର୍ଷାଜଳ ଅମଳ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡ. ସନ୍ଦିପ୍ ପଟ୍ଟନାୟକ ଜଳବାୟୁ ପରିବର୍ତ୍ତନ ଏବଂ ଏହାର ଭୟବହତା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ କୃଷି ବିଜ୍ଞାନୀ ବିଦ୍ୟାଧର ମହାରଣା ଜଳବାୟୁ ପରିବର୍ତ୍ତନ ଏବଂ ସହରୀ କୃଷି ସମ୍ପର୍କରେ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ଏହି ଅବସରରେ ନଗର ସ୍ତରରେ ଏକ ଅନ୍ତର୍ନିବେଶୀ ମଞ୍ଚ 'ସହଭାଗୀ ବିକାଶ ମଞ୍ଚ'ର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଥିଲା। ଏହା ସହ ଆଇଆଇଇସି ଦ୍ୱାରା 'ସମାବେଶୀ ଓ ଦୀର୍ଘସ୍ଥାୟୀ ସହରୀ ବିକାଶର ଯାତ୍ରା' ପୁସ୍ତିକା ଉନ୍ମୋଚନ ହୋଇଥିଲା। ସାମାଜିକ କର୍ମୀ ମହେନ୍ଦ୍ର ପରିଡ଼ା, ସଚ୍ଚିକାନ୍ତ ପ୍ରଧାନ, ସୁଦର୍ଶନ ଛୋଟରାୟ, ଧୀରେନ୍, ରଞ୍ଜୁବାଳା, ଝୁନା ପ୍ରମୁଖ୍ୟ ବକ୍ତବ୍ୟ ରଖିଥିବାବେଳେ ପ୍ରକଳ୍ପ ସଂଯୋଜକ ସ୍ମୃତିରଞ୍ଜନ ସାହୁ, ବଂଶୀଧର ସାହାଣୀ, ମିନତି ପ୍ରହରାଜ, ରଶ୍ମି ଚମ୍ପତି ଓ ପ୍ରତ୍ୟୁଷ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ଅବିଭକ୍ତ ପୁରୀ ଜିଲାସ୍ତରୀୟ ଜୟଗୁରୁ ସମ୍ମିଳନୀ**

ବଳଙ୍ଗା,(କେଦାରେଶ୍ୱର ନନ୍ଦ)- ଅବିଭକ୍ତ ପୁରୀ ଜିଲାସ୍ତରୀୟ ଜୟଗୁରୁ ସମ୍ମିଳନୀ ବଳଙ୍ଗା ସାରସ୍ୱତ ସଂଘ ମନ୍ଦିର ପ୍ରାଙ୍ଗଣରେ ୨ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଟି. ଦେବେନ୍ଦ୍ର ପ୍ରସାଦ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଥମ ଦିବସ ମଙ୍ଗଳବାର ଅପରାହ୍ଣରେ ଜୟଗୁରୁ ସଂକୀର୍ତ୍ତନମଣ୍ଡଳୀ ବଳଙ୍ଗା ବଜାର ଓ ଗ୍ରାମ ପ୍ରଭୃତି ନଗର ପରିକ୍ରମା କରିଥିଲା। ବୁଧବାର ଦ୍ୱିତୀୟ ଦିବସରେ ସଂଘ ମନ୍ଦିର ପ୍ରାଙ୍ଗଣରେ ଜିଲାର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଠାକୁର ମହାରାଜାଙ୍କ ଆରତି, ପୂଜା ଓ ପ୍ରାର୍ଥନା ସଭାରେ ଯୋଗଦେଇଥିଲେ। ସଭାରେ ଡ. ଶଙ୍କରାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ବ୍ରଜେଶାନନ୍ଦ ସରସ୍ୱତୀ ମହାରାଜ, ଧର୍ମର ମୌଳିକ ଲକ୍ଷଣ ଓ ତା'ର ଉପକାରିତା ଉପରେ ଆଲୋଚନା କରିଥିଲେ। ଅନେକ ନୂତନ ଭକ୍ତ ମଧ୍ୟ ଏଥିରେ ଦିକ୍ଷୀତ ହୋଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୫।୨୦୨୫

| | |
|---|---|
| ୪,୮୪,୫୯୬ ଟଙ୍କା | |
| ସୁନା | ୮୪୦ ମିଲିଗ୍ରାମ୍ |
| ରୁପା | ୯.୮୦୦ ଗ୍ରାମ୍ |

# ୧୨,୦୪୮ ମକଦ୍ଦମା ଫଇସଲା, ୨.୧୯ କୋଟି ଆଦାୟ

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ**

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ସମେତ ନିମାପଡ଼ା, ପିପିଲି, କୋଣାର୍କ, କଣାସ ଓ ବ୍ରହ୍ମଗିରି କୋର୍ଟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସଚିବ ଅମିତ କୁମାର ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨,୦୪୮ ମକଦ୍ଦମା ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦରେ ୨ କୋଟି ୧୯ଲକ୍ଷ ୯୭ ହଜାର ୯୯୦ ଟଙ୍କା ଆଦାୟ କରାଯାଇଛି। ଅଧ୍ୟକ୍ଷା ଷଡ଼ଙ୍ଗୀ ଲୋକ ଅଦାଲତକୁ ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତ ବିଚାରପତି ସୁମିତା ଜେନା, ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ସୈକତ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟ ମିଶ୍ର, ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟୀ ଦେହୁରୀ, ମୁଖ୍ୟ ବିଚାରପତି ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ଶୋଭେନ କାନୁନ୍‌ଗୋ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ପ୍ରଜ୍ଞା ପଣ୍ଡା, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ସୋନାଲି ଅପରାଜିତ, ଦେୱାନୀ ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି, ଗ୍ରାମ୍ୟ ନ୍ୟାୟାଧିକାରୀ ନର୍ମଦା କର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତନ୍ମୟ ରଞ୍ଜନ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୁତକୀର୍ତ୍ତି ଆଚାର୍ଯ୍ୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶିଶିର କୁମାର ଭୋଇ, ଶିବାନୀ ମହାପାତ୍ର, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଚେତନ ଲାଡ୍ଡା, ନିଳିସା ପଟ୍ଟନାୟକ, ସୌରଭ ମହାପାତ୍ର ପ୍ରମୁଖ ମାମଲାଗୁଡ଼ିକର ବିଚାର କରିଥିଲେ। ଲୋକ ଅଦାଲତରେ ୩୪ ଗୋଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୧ କୋଟି ୪୪ ଲକ୍ଷ ୧୫ ହଜାର ଟଙ୍କା ଆଦାୟ କରାଯାଇଛି। ଏହାଛଡା ୧୧୩ ଗୋଟି ପ୍ରାକ୍ ମକଦ୍ଦମା ମାମଲାର ଫଇସଲା କରାଯାଇ ବ୍ୟାଙ୍କ ଋଣ ବାବଦକୁ ୪୧ଲକ୍ଷ ୨୪ ହଜାର ୪ ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତରେ ଜିଲା କାରାଗାରର କଏଦୀମାନଙ୍କ ଦ୍ୱାରା ତିଆରି କରାଯାଇଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ଷ୍ଟଲ୍ କୋର୍ଟ ପରିସରରେ ପ୍ରଦର୍ଶିତ କରାଯାଇଥିଲା।



ଲୋକ ଅଦାଲତରେ ଉପସ୍ଥିତ ବିଚାରପତିମାନଙ୍କ ସହ ଅଭିଯୋଗକାରୀମାନେ।

## ସଂକ୍ଷେପରେ

### ମୋବାଇଲ ଚୋରି, ଯୁବକ ଗିରଫ

ନିମାପଡ଼ା,୧୦।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଟ୍ରେକର ଷ୍ଟାଣ୍ଡ ନିକଟରେ ଥିବା ସାଇ ଇଲେକ୍ଟ୍ରିକାଲ ନାମକ ଏକ ମୋବାଇଲ ଦୋକାନରୁ ୧୨ ଲକ୍ଷ ୬୦ ହଜାର ଟଙ୍କା ମୂଲ୍ୟର ବହୁ ମୋବାଇଲ ଚୋରି ହୋଇଛି। ଦୋକାନରେ ପ୍ରାୟ ୨ ବର୍ଷ ହେଲା କାର୍ଯ୍ୟ କରୁଥିବା ସ୍ଥାନୀୟ ଥାନା ଅଧୀନ ବିଷ୍ଣୁପୁର ଗ୍ରାମର ସୁବାସ ଭୋଇ ଓ ତାଙ୍କ ସ୍ତ୍ରୀ ଚକ୍ରାନ୍ତ କରି ମୋବାଇଲ ଚୋରି କରିଥିବା ଦୋକାନ ମାଲିକ ଭିଲିଗ୍ରାମର କାଳନ୍ଦୀ ସେଠୀ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୧୩୫/୨୫ରେ ଏକ ମାମଲା ରୁଜୁ କରି ସୁବାସଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ମାଲିକ ସେଠୀ ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଅସୁସ୍ଥ ଥିବା ଓ ଦୋକାନକୁ ଠିକ୍ ଭାବେ ଆସି ନ ପାରିବାର ସୁଯୋଗ ନେଇ ସୁବାସ ଓ ତାଙ୍କ ସ୍ତ୍ରୀ ମିଶି ଏଭଳି ଘଟଣା ଘଟାଇଛନ୍ତି। ଗତ ଏପ୍ରିଲ ୨୫ରେ ଦୋକାନର ଷ୍ଟକ୍ ଓ ବିକ୍ରୟ ଖାତା ତନଖି କରିବାରୁ ଦୋକାନରୁ ୧୨ ଲକ୍ଷ ୬୦ ହଜାର ଟଙ୍କା ମୂଲ୍ୟର ମୋବାଇଲ ଚୋରି ହୋଇଥିବା ମାଲିକ ଜାଣିପାରିଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ମାଲିକ ସେଠୀ ସୁବାସଙ୍କୁ ପଚାରିବାରେ, ସେ କ୍ରୋଧାନ୍ୱିତ ହୋଇ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଇଥିଲେ।

### ହନୁମାନ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ

କଣାସ,୧୦।୫(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ କାଦୁଆ ପଞ୍ଚାୟତର ସାନଓରା ଗ୍ରାମରେ ପ୍ରତିଷ୍ଠିତ ହନୁମାନ ମନ୍ଦିରରେ ୭ ତାରିଖରୁ ଆରମ୍ଭ ହୋଇଥିବା ୧୧ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଅପରାହ୍ଣରେ ପୂର୍ଣ୍ଣାହୁତି କରାଯାଇ ଉଦ୍‌ଯାପିତ ହୋଇଯାଇଛି। ବାଜାବାଣ ପଟୁଆର ସହ ୧୦୮ ଜଳ କଳସ ଦୟାନଦୀରୁ ସଂଗ୍ରହ କରାଯାଇ ଯଜ୍ଞ ସ୍ଥଳକୁ ଅଣାଯାଇଥିଲା। ୧୦୮ ହନୁମାନ ଚାଳିଶା କାର୍ଯ୍ୟକ୍ରମରେ ରାମନାରାୟଣ ସାହୁ, ଅରୁଣ ମହାପାତ୍ର, ଦାଶରଥି ସାହୁ ପ୍ରମୁଖ ତତ୍ତ୍ୱାବଧାନ କରିଥିଲେ। ଆଶୀର୍ବାଦ ଶିଶୁ ମନ୍ଦିରର ୩୬ ଜଣ ଛାତ୍ରୀଛାତ୍ର ଭକ୍ତିସଙ୍ଗୀତ ସହ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶେଷଦିନ ରାମଲୀଳା ପରିବେଷଣ ହୋଇଥିଲା। ବିକ୍ରମ ସାହୁ, ରବୀନ୍ଦ୍ର ମହାପାତ୍ର, ଇନ୍ଦ୍ରମଣି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତ୍ୟହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଚାଲିଥିଲା। ବଲୁଙ୍କି ସାହି ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା। ଉଦ୍‌ଯାପନ ସଭାରେ ସର୍ବେଶ୍ୱର ଜେନା, ଅଜୟ ସେଠୀ, ପ୍ରଫୁଲ୍ଲ ସ୍ୱାଇଁ, କବି ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ନର୍ସିଂ ଏକ ସର୍ବୋତ୍କୃଷ୍ଟ ସେବା, ତ୍ୟାଗ

**ପ୍ରିୟଙ୍କା ଦେବୀ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ବାର୍ଷିକୋତ୍ସବ**

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ମହୀୟସୀ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲଙ୍କର ୨୦୫ତମ ଜୟନ୍ତୀ ସପ୍ତାହ ଏବଂ ବାଲିଗୁଆଳିସ୍ଥିତ ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷା କମଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ନର୍ସିଂ ଏକ ସର୍ବୋତ୍କୃଷ୍ଟ ସେବା ଏବଂ ତ୍ୟାଗ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବକ୍ତା ଭାବେ ଶିଶୁ ସୁରକ୍ଷା ଅଧିକାରୀ ମୁଖ୍ୟ ମନୋଜ କୁମାର ତ୍ରିପାଠୀ ଯୋଗଦେଇ ସମାଜର କଲ୍ୟାଣରେ ନର୍ସିଂ ସେବାର ଭୂମିକା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ସହକାରୀ ନର୍ସିଂ ଅଧୀକ୍ଷିକା ସବିତା କୁମାରୀ ପତି ତାଙ୍କ ଜୀବନର ସେବାନୁଭୂତି ବିଷୟରେ ସୂଚନା ଦେଇଥିଲେ। ପ୍ରିୟଙ୍କା ଦେବୀ ସ୍କୁଲ୍ ଅଫ୍ ନର୍ସିଂର ଅଧ୍ୟକ୍ଷା ପାର୍ବତୀ ପରିଡ଼ା ଛାତ୍ରୀଛାତ୍ର ସେବାନୁଭୂତି ହେବା ପାଇଁ ପ୍ରୋତ୍ସାହିତ କରିବା ସହ ଅଧ୍ୟାପିକା ସୋନାଲି ପ୍ରଧାନ ଶପଥ ପାଠ କରାଇଥିଲେ। ଏହି ଅବସରରେ ବାର୍ଷିକ ପତ୍ରିକା 'ପ୍ରଜ୍ଞା ପ୍ରବାହ'ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡ. ବାବୁଲା ବେହେରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିବା ବେଳେ ବିଶିଷ୍ଟ ନାଟ୍ୟକାର କୁମୁଦ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ମୟୂରଭଞ୍ଜ କଲେଜ ଅଫ୍ ନର୍ସିଂର ଅଧ୍ୟକ୍ଷା ମଧୁସ୍ମିତା ରଥ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ କାଳୀ ପ୍ରସନ୍ନ ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ବାର୍ଷିକ କ୍ରୀଡ଼ା ଉତ୍ସବ ତଥା ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରବୀନ୍ଦ୍ର ନାଥ ବାହିନୀପତି, ନୟନା ସାଶମଲ, ଡ. ନରହରି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଶିଷ କୁମାର ସାଥୁଆ ଓ ସହକର୍ମୀ ପରିଚାଳନା କରିଥିଲେ।

## ୫୨ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି ସହ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ସମର୍ପଣ ଓ କଳିଙ୍ଗ ବୈଶ୍ୟ ଯୁବକ ସଂଘ, ପୁରୀ ଦ୍ୱାରା ଏକ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଥିଲା। ଏହି ଶିବିରକୁ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ପାତ୍ର, କୈଳାସ ଚନ୍ଦ୍ର ବେହେରା, ସୁଷମା ମିଶ୍ର, ବିଭୁଦତ୍ତ ମିଶ୍ର, ବିଭୁଦତ୍ତ ସୁବୁଦ୍ଧି, ଜୟଦେବ ନାୟକ, ନିଗମାନନ୍ଦ ପାତ୍ର, ସୀମାଞ୍ଚଳ ପାତ୍ର, ଶ୍ୟାମ ପ୍ରକାଶ ସେନାପତି, କେଦାର ମହାପାତ୍ର, ଚିନ୍ମୟ ପାତ୍ର, ସୀତାରାମ ସେନାପତି, ଦେବରାଜ ଦାସ, ଦୀପକ ପାତ୍ର, ବରିଷ୍ଠ ଖବରଦାତା ମଧୁସୂଦନ ମିଶ୍ର ଓ ସମସ୍ତ ସଭ୍ୟ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରକୁ ସମର୍ପଣ ସଂଘର ସଭାପତି ଡ. ଅଭିମନ୍ୟୁ ଭୂୟାଁ, ସମ୍ପାଦିକା ଜୟନ୍ତୀ ମହାପାତ୍ର, କୋଷାଧ୍ୟକ୍ଷ ଗୋବିନ୍ଦ ପାତ୍ର ଓ ସଂଘର ସଦସ୍ୟମାନେ ପରିଚାଳନା କରିଥିଲେ।

# ବିଶ୍ୱ ମାତୃ ଦିବସ ଅବସରରେ କବିତା ଆସର



କବିତା ଆସରରେ ଉପସ୍ଥିତ କବି ଓ କବୟିତ୍ରୀମାନେ।

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ମଙ୍ଗଳାଘାଟ ଖଡ଼ିପଦାସ୍ଥିତ ସଂକଳ୍ପ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ମାତୃ ଦିବସ ଶନିବାର ପାଳିତ ହୋଇଛି। ଏହି ଅବସରରେ ମା'ମାନଙ୍କ ଉଦ୍ଦେଶ୍ୟରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଞ୍ଚାଳିକା ସୁଚରିତା ପାଢ଼ୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ସାହୁ, ସମ୍ମାନିତ ଅତିଥି ଭାବେ କବି ମଞ୍ଜୁଶ୍ରୀ ଦାସ, ଭାରତୀ ଭୂଷଣ ଦାସ, ସଦାଶିବ ମିଶ୍ର, ସୁରେଶ ପଟ୍ଟନାୟକ, ରାଧାକୃଷ୍ଣ ପ୍ରଧାନୀ ଏବଂ କବି ପୁଷ୍ପିତା ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହାପରେ ବିଭିନ୍ନ କବିଙ୍କ ଦ୍ୱାରା ମା'ଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରାଯାଇଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ସୀମାରେ ବୀର ଯବାନମାନେ ଦେଶ ମାତୃକାର ସେବା କରିବା ପାଇଁ ଘର ଛାଡ଼ି ସେଠାରେ କାର୍ଯ୍ୟରତ ଅଛନ୍ତି, ସେଠାରେ ଶହୀଦ ମଧ୍ୟ ହେଇ ଯାଉଛନ୍ତି। କର୍ତ୍ତବ୍ୟସ୍ଥଳରେ ବୀର ଯବାନ ଶହୀଦ ହେବା ପରେ ଘରେ ମା' ପୁଅ ପାଇଁ ଗର୍ବକରି କାନ୍ଦୁଥିବା ବେଳେ ଏଠାରେ ପୁଅମାନେ ମା'କୁ ଘରୁ ତଡ଼ିଦେବା ଫଳରେ ବୃଦ୍ଧାଶ୍ରମରେ ରହି ମଧ୍ୟ ନିଜ ପୁଅମାନଙ୍କୁ ମନେପକାଇ କାନ୍ଦୁଛି ତାହାରି ଉପରେ କବିମାନେ ଆଲୋଚନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସଂକଳ୍ପ ଫାଉଣ୍ଡେଶନର ସଦସ୍ୟମାନେ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଶେଷରେ ଅନୁଷ୍ଠାନର ସଞ୍ଚାଳିକା ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବ୍ରହ୍ମ କୁମାର ହୃଦାନନ୍ଦ ସେଠୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

କୋଣାର୍କ,୧୦।୫(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଭଗବତୀ ମହାବିଦ୍ୟାଳୟ ପରିସରରେ ଥିବା କୋଣାର୍କ ଭଗବତୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ କାର୍ଯ୍ୟାଳୟଠାରେ ସଂଘ ସଭାପତି ସ୍ୱର୍ଗତ ବ୍ରହ୍ମ କୁମାର ହୃଦାନନ୍ଦ ସେଠୀଙ୍କ ବିୟୋଗରେ ଶନିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂଘ ଉପଦେଷ୍ଟା ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ସଂଘ ସମ୍ପାଦକ ପଞ୍ଚାନନ ବରାଳ, ବରିଷ୍ଠ ଉପଦେଷ୍ଟା ରାୟ ମହାପାତ୍ର, ବରିଷ୍ଠ ସଦସ୍ୟ ଏନ. ଏ. ଶାହା ଅନ୍‌ସାରୀ, ରଣଜିତ୍ ରାଉତରାୟ, ଚନ୍ଦ୍ରଶେଖର ରାଉତରାୟ, ଅଜୟ କୁମାର ସେଠୀ, ପୁରାତନ ଛାତ୍ର ଭାଗୀରଥୀ ସ୍ୱାଇଁ, ପିନାକୀ ପ୍ରସାଦ ନାୟକ, ପ୍ରିୟରଞ୍ଜନ ରଥ, ଆଭାସ ମୁଦୁଲି ଓ ମନୋରଞ୍ଜନ ସେଠୀଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ସ୍ୱର୍ଗତ ସେଠୀଙ୍କ ବହୁମୁଖୀ ପ୍ରତିଭା ଓ ଅମ୍ଳାନ କୀର୍ତ୍ତିର ସ୍ମୃତିଚାରଣ କରିଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ସ୍ୱର୍ଗତ ସେଠୀଙ୍କ ଆତ୍ମାର ସଦ୍‌ଗତି କାମନା ନିମନ୍ତେ ୧ ମିନଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ସ୍କାଉଟ୍ସ ଗାଇଡ୍ସ ଛାତ୍ରୀଛାତ୍ର ପୁରସ୍କୃତ

କଣାସ,୧୦।୫(ବିଭୂତି ଭୂଷଣ ତ୍ରିପାଠୀ)

ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସ ମୁଖ୍ୟ କାର୍ଯ୍ୟାଳୟ ଓଡ଼ିଶା ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜଭବନ ପରିସରରେ ରାଜ୍ୟ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନମଙ୍ଗଳ କ୍ଲବ ରୋଭର୍ ରେଞ୍ଜର ଗ୍ରୁପ କଣାସର ୧୧ ଜଣ, ସ୍କାଉଟ୍ ଗାଇଡ୍‌ର ୪୭ ଜଣ, କବ୍ ବୁଲବୁଲର ୨୨ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। କଣାସ ଅଞ୍ଚଳର ସ୍କାଉଟ ଶିକ୍ଷକ ବାଳକୃଷ୍ଣ ସାହା, ପୁରୀ ଜିଲା ଗାଇଡ କମିଶନର ରୂପଶ୍ରୀ ଛୋଟରାୟ, କବ ମାଷ୍ଟର ଚୁଲୁଚନ୍ଦ୍ର ନାୟକ ଏଥିରେ ନେତୃତ୍ୱ ନେଇଥିଲେ। ପୂର୍ବରୁ ଛାତ୍ରୀଛାତ୍ର ସ୍ଥାନୀୟ ଅଞ୍ଚଳରେ ଅନେକ ସମୟରେ ସହାୟତା ଯୋଗାଇ ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଜିତ୍



@ ପ୍ରତୀକ୍



@ ପ୍ରିୟଙ୍କା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୧୪ରୁ ଆଲେନ୍ ଏନ୍‌ଇଇଟି ରିପିଟର୍ସ ବ୍ୟାଚ୍ ଆରମ୍ଭ



କ୍ଲାସରେ ଉପସ୍ଥିତ ଛାତ୍ରୀମାନେ।

ଭୁବନେଶ୍ୱର, ୧୦।୫(ଅନୁରାଧା ମହାରଣା)

ଡାକ୍ତରୀ ପାଠ ପଢ଼ିବା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-୨୦୨୫ରେ ଭଲ ସଫଳତା ପରେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ ଏନ୍‌ଇଇଟି-ୟୁଜି ୨୦୨୬ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହ ନୂତନ ବ୍ୟାଚ୍ ଲାଗି ତାରିଖ ଘୋଷଣା କରିଛି। ଏହି ବ୍ୟାଚ୍‌ଗୁଡ଼ିକରେ ପ୍ରବେଶ ପାଇଁ ଆଲେନ୍ ଫି'ର ୯୦ ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଆଲେନ୍ ରିପିଟର୍ସ ଲିଡର ବ୍ୟାଚ୍ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ଏହା ପରେ ଆଗାମୀ ଦିନରେ ପ୍ରତି ସପ୍ତାହରେ ରିପିଟରମାନଙ୍କ ପାଇଁ ବ୍ୟାଚ୍ ଆରମ୍ଭ ହେବ। ଏହା ସହ ଆଲେନ୍ ସ୍କଲାରଶିପ ଆଡ୍‌ମିଶନ ଟେଷ୍ଟ (ଏ-ସେଟ୍) ମେଗା ଇଭେଣ୍ଟ ମଧ୍ୟ ମେ ୧୨ରୁ ୧୭ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏହା ଅଧୀନରେ ପ୍ରତିଦିନ ଏକ ଆସେଟ୍ ପରୀକ୍ଷା ହେବ, ଯେଉଁଥିରେ ଅଂଶଗ୍ରହଣ କରି ଜଣେ ଆଲେନ୍ ଫି'ରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରଶିପ ପାଇପାରିବେ। ଆଲେନ୍ କୋଟାର ସଭାପତି ବିନୋଦ କୁମାୱତ କହିଛନ୍ତି, ଦଶମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି ନର୍ଚର ବ୍ୟାଚ୍ ମେ ୧୫ ଏବଂ ୨୯ ତାରିଖରେ ଆରମ୍ଭ ହେଉଛି। ସେହିପରି ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି-୨୦୨୬ ପ୍ରସ୍ତୁତି ନିମନ୍ତେ ୧୫ରୁ ନୂତନ ବ୍ୟାଚ୍ ଆରମ୍ଭ ହେଉଛି। ଜେଇଇ ମେନ୍ ଆଡଭାନ୍ସଡ ଲାଗି ପ୍ରସ୍ତୁତି ପାଇଁ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ନର୍ଚର ବ୍ୟାଚ୍ ମେ ୨୧ରୁ ଏବଂ ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଲିଡର ବ୍ୟାଚ୍ ମେ ୨୫ ଏବଂ ଜୁନ୍ ୧୩ରୁ ଆରମ୍ଭ ହେଉଛି। ଏନ୍‌ଇଇଟି ଫଳାଫଳ ପରେ ଏହି ଛାତ୍ରୀଛାତ୍ରଙ୍କୁ ଅଲ୍ ଇଣ୍ଡିଆ ର୍‌ୟାଙ୍କ ଆଧାରରେ ସ୍କଲାରଶିପ ଦିଆଯିବ। ଫଳାଫଳର କିଛିଦିନ ପରେ ଛାତ୍ରବୃତ୍ତି ରାଶି ପ୍ରକାଶ କରାଯିବ। ଏ ପରିସ୍ଥିତିରେ ଛାତ୍ରୀଛାତ୍ର ଫଳାଫଳ ଏବଂ ପରାମର୍ଶକୁ ଅପେକ୍ଷା ନ କରି ଠିକ୍ ସମୟରେ ସେମାନଙ୍କ ପ୍ରସ୍ତୁତି ପୁନର୍ବାର ଆରମ୍ଭ କରିପାରିବେ। ବିସ୍ତୃତ ସୂଚନା www.allen.ac.in ରେ ମିଳିପାରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ବାରମ୍ବାର ବିଦ୍ୟୁତ୍ କାଟରେ ଅତିଷ୍ଠ ଉପଭୋକ୍ତା

- ଘଣ୍ଟାଏ ଜଳିଲେ ତିନି ଘଣ୍ଟା ଅନ୍ଧାର
- ଗାଁ ଗାଁରେ କୁହୁଳୁଛି ଅସନ୍ତୋଷ
- ଅସହ୍ୟ ଗରମରେ ଅସ୍ତବ୍ୟସ୍ତ ଲୋକେ

କାକଟପୁର/ଅସ୍ତରଙ୍ଗ,୧୦।୫ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଗ୍ରୀଷ୍ମ ଦିନେ ଯେପରି ଉପଭୋକ୍ତା ହଇରାଣ ନ ହେବେ, ସେଥିପାଇଁ ବିଜୁଳି ବିତରଣ ସଂସ୍ଥା ଟିପିସିଓଡିଏଲ୍ ବାରମ୍ବାର ବୈଠକ କରିଥିଲା। ଏଥିସହ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରୀଷ୍ମକାଳୀନ ପ୍ରସ୍ତୁତି ପାଇଁ ବିଦ୍ୟୁତ୍ ବିଭାଗକୁ ମଧ୍ୟ ଉପଭୋକ୍ତା ଯେପରି ହଇରାଣ ନ ହେବେ ପରାମର୍ଶ ଦିଆଯାଇଥିଲା। ଏପରିକି ଗ୍ରୀଷ୍ମ ମୁକାବିଲା ପାଇଁ କମ୍ପାନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଯେଉଁଠି ଯେଉଁଠି ଆବଶ୍ୟକ ଥିଲା ସେଠାରେ ପୁରୁଣାକୁ ବଦଳାଇ ଉଚ୍ଚକ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ବିଜୁଳି ତା'ର ଓ ସରଞ୍ଜାମ ଲଗାଇ ଦିଆଯାଇଛି ବୋଲି କମ୍ପାନୀର ବରିଷ୍ଠ ଅଧିକାରୀମାନେ ସୂଚନା ଦେଇଥିଲେ। ମାତ୍ର ଏ ସମସ୍ତ ପ୍ରତିଶ୍ରୁତି ଓ ଘୋଷଣା ଏବେ ଭୁଲ୍ ପ୍ରମାଣିତ ହୋଇଛି।

ଗ୍ରାମାଞ୍ଚଳରେ ବିଜୁଳି ଘଣ୍ଟାଏ ଜଳିଲେ ତିନି ଘଣ୍ଟା ଅନ୍ଧାର ରହୁଛି। ପ୍ରବଳ ଗରମ ଓ ଗୁଳୁଗୁଳି ଏ ପଟେ ବିଜୁଳି ସେବା ଠପ୍ ହୋଇଯାଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଲାଣି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ସମସ୍ୟା ବେଶ୍ ବଢ଼ିଗଲାଣି। ପ୍ରତିଦିନ ଦିନରେ ୧୦ ଥରରୁ ଅଧିକ ଥର ବିଜୁଳି କଟୁଥିବା ବେଳେ ସନ୍ଧ୍ୟାରେ ଭୋଲ୍‌ଟେଜ ଅତ୍ୟନ୍ତ କମିଯାଉଛି। ଫଳରେ ବିଜୁଳି ବଲ୍‌ବଗୁଡ଼ିକ ଲଣ୍ଠନ ଭଳି ଜଳୁଛି। ଦିନରେ ବି ସମାନ ଅବସ୍ଥା। ବାହାରେ ସୂର୍ଯ୍ୟଙ୍କ ପ୍ରଚଣ୍ଡ ରୌଦ୍ରତାପ ଓ ଭିତରେ ବିଜୁଳି ଯନ୍ତ୍ରଣା ଯୋଗୁ ଉପଭୋକ୍ତା ତ୍ରାହି ତ୍ରାହି ଡାକିଲେଣି। ବର୍ତ୍ତମାନ ଅସ୍ତରଙ୍ଗରେ ଯେତିକି ବିଜୁଳି ଉପଭୋକ୍ତା ଥିଲେ ପ୍ରତ୍ୟେକ ବର୍ଷ କିଛିମାତ୍ରାରେ ଉପଭୋକ୍ତା ବଢୁଛନ୍ତି। ଏନେଇ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ସେହି ପୁରୁଣା ଟ୍ରାନ୍ସଫର୍ମର, ତାର ଓ ଅନ୍ୟାନ୍ୟ ବିଜୁଳି ସାମଗ୍ରୀ ବ୍ୟବହାର କରାଯାଉଛି। ଫଳରେ ବଢୁଥିବା ଉପଭୋକ୍ତା ବ୍ୟବହାର କରୁଥିବା ବିଜୁଳି ଲୋଡ୍ ଏହି ପୁରୁଣା ବିଜୁଳି ସରଞ୍ଜାମ ସମ୍ଭାଳି ପାରୁନାହିଁ। ଏଣୁ ବାରମ୍ବାର ବିଜୁଳି କଟୁଥିବା ବେଳେ ଭୋଲଟେଜ କମି ଯାଉଥିବା ଅଭିଯୋଗ ହୋଇଛି। ଏବେ ବି ବିଭିନ୍ନ ଗାଁରେ ନୂତନ ଟ୍ରାନ୍ସଫର୍ମର ବସୁଥିବା ଦେଖାଯାଉଛି। ଟିପିସିଓଡିଏଲ୍ ପକ୍ଷରୁ ଗ୍ରୀଷ୍ମପ୍ରବାହ ପୂର୍ବରୁ କାହିଁକି କାର୍ଯ୍ୟକାରୀ କରି ନ ଥିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବା ସହ ସମସ୍ୟାର ତୁରନ୍ତ ସମାଧାନ ଲାଗି ଲୋକେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଆସିଷ୍ଟାଣ୍ଟ ମ୍ୟାନେଜର୍ ସୁବ୍ରତ ତ୍ରିପାଠୀ କହିଛନ୍ତି, ଅନେକ ସ୍ଥାନରେ ବ୍ରେକ ଡାଉନ ହେଉଛି, ସେଥିପାଇଁ କିଛି ସମୟ ବିଦ୍ୟୁତ କାଟ କରାଯାଉଛି। ଗ୍ରୀଷ୍ମ ଦିନେ ଯେପରି ବିଜୁଳି ସମସ୍ୟା ସୃଷ୍ଟି ନ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଛି। ଯେଉଁ ଅଞ୍ଚଳ ଉଚ୍ଚକ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ଆବଶ୍ୟକତା ପଡୁଛି, ସେଠାରେ ଏ ଦିଗରେ ପଦକ୍ଷେପ ନିଆଯାଉଛି।



# ଏସ୍‌ସିବିରୁ ଘରୋଇ ହସ୍ପିଟାଲକୁ ରୋଗୀ ସ୍ଥାନାନ୍ତର କରୁଥିଲେ

**କଟକ,୧୦।୫(କାର୍ତ୍ତିକ ସାହୁ)**

ଦୂରଦୂରାନ୍ତରୁ ଉନ୍ନତ ଚିକିତ୍ସା ପାଇଁ ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟାନୁଷ୍ଠାନ କଟକ ଏସ୍‌ସିବି ମେଡିକାଲକୁ ଆସୁଥିବା ରୋଗୀଙ୍କୁ ସ୍ୱଷ୍ଟ ଦିବାଲୋକରେ ଠକେଇ କରାଯାଉଛି। ଏସ୍‌ସିବିରୁ ଘରୋଇ ହସ୍ପିଟାଲକୁ ରୋଗୀ ସ୍ଥାନାନ୍ତର କରି ସେମାନଙ୍କୁ ଶୋଷଣ କରାଯାଉଛି। ଏଭଳି ଏକ ଘଟଣାକ୍ରମରେ ୪ଜଣ ଆମ୍ବୁଲାନ୍ସ ଡ୍ରାଇଭର ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ଏସ୍‌ସିବିରୁ ଘରୋଇ ହସ୍ପିଟାଲକୁ ରୋଗୀ ସ୍ଥାନାନ୍ତର ନିମନ୍ତେ ଉଦ୍ୟମ କରୁଥିବା ବେଳେ ମଙ୍ଗଳାବାଗ ଥାନା ପୋଲିସ ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବାଙ୍କୀ ରଗଡ଼ିର ଦେବାଶିଷ ମହାନ୍ତି (୨୨), ବାଙ୍କୀ ଧନସରାର ରାମ ନାଏକ (୪୨) ଗୋବିନ୍ଦପୁର ଥାନା ଅଡ଼ଶପୁରର ସୁଶାନ୍ତ ବାରିକ( ୫୧) ଓ ପୁରୁଣା ସଚିବାଳୟ ମାର୍ଗରେ ରହୁଥିବା କ୍ରିଷ୍ଣା ବାହାଦୂର (୪୪)। ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ଗୁରୁତ୍ୱପୂର୍ଣ୍ଣ ହେଉଛି, ଗିରଫ କ୍ରିଷ୍ଣା ପୂର୍ବରୁ ମଧ୍ୟ ଏଭଳି ଦଲାଲି ଅଭିଯୋଗରେ ଧରାପଡି ଜେଲ ଯାଇଥିଲେ। ଅଭିଯୁକ୍ତଙ୍କ ପାଖରୁ ଏକାଧିକ ହସ୍ପିଟାଲ, ନର୍ସିଂହୋମ ଓ ଡାଇଗ୍ନୋଷ୍ଟିକ ସେଣ୍ଟରର ତଥ୍ୟ ପୋଲିସର ହସ୍ତଗତ ହୋଇଛି। ଏହାକୁ ଆଧାର କରି ଅଭିଯୁକ୍ତଙ୍କ ଅନ୍ୟ ସହଯୋଗୀଙ୍କୁ ଧରିବାକୁ ପୋଲିସ ଉଦ୍ୟମ କରୁଥିବା ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଏସ୍‌ସିବି ମେଡିକାଲକୁ ଦଲାଲମୁକ୍ତ କରିବା ପାଇଁ କମିଶନରେଟ୍ ପୋଲିସ୍ ଅଭିଯାନ ପୁଣି ଥରେ ସକ୍ରିୟ ହୋଇଛି। ଗତ କିଛି ଦିନ ହେବ ଏସ୍‌ସିବି ମେଡିକାଲରେ ଦଲାଲ ଗୋଷ୍ଠୀଙ୍କ କାରନାମା ଆରମ୍ଭ ହୋଇଯାଇଥିବା ପୋଲିସକୁ ସୂଚନା ମିଳିଥିଲା। ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ମଙ୍ଗଳାବାଗ ଥାନା ପୋଲିସର ଏକ ଟିମ ସାଦା ପୋଷାକରେ ଏସ୍‌ସିବି ପରିସରରେ ପଇଁତରା ମାରୁଥିଲେ। ଦଲାଲଙ୍କୁ ଠାବ ନିମନ୍ତେ ପୋଲିସ କର୍ମଚାରୀମାନେ ନିଜକୁ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ପରିଚୟ ଦେଇ କାଜୁଆଲଟି ଓ ନନଟ୍ରମା କାଜୁଆଲଟିରେ ଯୋଜନା ପ୍ରସ୍ତୁତ କରିଥିଲା। ଫଳରେ ଶୁକ୍ରବାର ରାତିରେ କାଜୁଆଲଟି ବାହାରୁ ୨ଜଣ ଦଲାଲ ପୋଲିସ ହାତରେ ଧରାପଡ଼ିଥିଲେ। ପୁଣି ଶନିବାର ସକାଳୁ ନନଟ୍ରମା କାଜୁଆଲଟି ପାଖରୁ ଆଉ ୨ଜଣଙ୍କୁ ପୋଲିସ ଧରିବାରେ ସଫଳ ହୋଇଥିଲା। ଅଭିଯୁକ୍ତମାନେ ୩ଜଣ ଗୁରୁତର ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ଉଦ୍ୟମ କରୁଥିଲେ। ଏହି ସମୟରେ ସାଦା ପୋଷାକଧାରୀ ପୋଲିସ ସେମାନଙ୍କୁ ମାଡ଼ି ବସିଥିଲା। ସମସ୍ତ ଅଭିଯୁକ୍ତ ପେସାରେ ବେସରକାରୀ ଆମ୍ବୁଲାନ୍ସ ଡ୍ରାଇଭର। ମାତ୍ର ଏସ୍‌ସିବି ପରିସରରେ ନିଜକୁ ବେସରକାରୀ ହସ୍ପିଟାଲର କର୍ମଚାରୀ ଭାବେ ପରିଚୟ ଦେଇ ରୋଗୀଙ୍କୁ ପ୍ରଭାବିତ କରୁଥିଲେ।



ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରିଛି।

# 'ଜିଏସ୍‌ଟି ଆବଶ୍ୟକତା ଜାଣନ୍ତୁ ଯୁବ ଉଦ୍ୟୋଗୀ'

**କଟକ,୧୦।୫(କାର୍ତ୍ତିକ ସାହୁ)**

ରୋଟାରୀ କ୍ଲବ ଅଫ୍ କଟକ ମିଡ୍‌ଟାଉନ ଆନୁକୂଲ୍ୟରେ ଦୋଳମୁଣ୍ଡାଇସ୍ଥ ଏକ ହୋଟେଲ ସମ୍ମିଳନୀ କକ୍ଷରେ ସୁସ୍ଥ ବ୍ୟବସାୟିକ ଗଠନରେ ଜିଏସଟିର ସରଳ ବିଶ୍ଳେଷଣ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିବେଶ ବିଜ୍ଞାନୀ ଡ. ଆଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ବାଣିଜ୍ୟକର ଓ ଜିଏସଟିର ଯୁଗ୍ମ ଆୟୁକ୍ତ (ନୀତି ଓ ପ୍ରବର୍ତ୍ତନ) କୁନୁ ପାଢ଼ୀ ଅତିଥି ବକ୍ତା ଭାବେ ଯୋଗଦେଇ ଯୁବ ଉଦ୍ୟୋଗୀ ଜିଏସଟିର ଆବଶ୍ୟକତା ଜାଣନ୍ତୁ ବୋଲି କହିଛନ୍ତି। ଏଥିସହ ବ୍ୟବସାୟର ଉତ୍ତମ ପରିଚାଳନା ପାଇଁ ଜିଏସଟିରେ ସୂଚନା ପ୍ରଯୁକ୍ତି ପ୍ରଣାଳୀର ବ୍ୟବହାର ଉପରେ ସେ ଧ୍ୟାନ ଆକର୍ଷଣ କରିଥିଲେ। ରୋଟାରୀଆନ ରମେଶ ଚନ୍ଦ୍ର ସିଂ, ଦିଲୀପ କୁମାର ସାହୁ, ମେଜର ନନ୍ଦକିଶୋର ଶତପଥି, ବେଣୀମାଧବ ତ୍ରିପାଠୀ, ଶୁଭ୍ରାଂଶୁ ସାମନ୍ତରାୟ, ଅରୁଣ କୁମାର ଦାଶ, ବିଭୂତି ଭୂଷଣ ରାଉତ, ଶଶାଙ୍କ ମହାପାତ୍ରଙ୍କ ସମେତ ଯୁବ ଶିଳ୍ପଯୋଗୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।


ଜିଏସ୍‌ଟିର ସରଳ ବିଶ୍ଳେଷଣ ଶୀର୍ଷକ କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।


ଭାରତର ଏକତା ଓ ସେନାର ଦୃଢ଼ ସଙ୍କଳ୍ପବଦ୍ଧର ସମ୍ମାନରେ ବାରବାଟୀ କଟକ ବିଧାୟିକାଙ୍କ ନେତୃତ୍ୱରେ ବକ୍ସିବଜାର ଗୋପବନ୍ଧୁ ପାର୍କ ନିକଟରୁ ବାହାରିଥିବା କଂଗ୍ରେସର ତ୍ରିରଙ୍ଗା ଶୋଭାଯାତ୍ରା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଜିତ୍


@ ପ୍ରତୀକ୍


@ ପ୍ରିୟଙ୍କା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୨,୮୭୭ ମାମଲା ଫଇସଲା

## ଜିଲାସ୍ତରୀୟ ଲୋକ ଅଦାଲତ

**କଟକ,୧୦।୫(କାର୍ତ୍ତିକ ସାହୁ)**

ରାଜ୍ୟ ଆଇନସେବା ପ୍ରାଧିକରଣ ମାର୍ଗଦର୍ଶନରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୨୭,୨୦୧ ମାମଲା ମଧ୍ୟରୁ ୧୨,୮୭୭ ମାମଲା ଫଇସଲା ହୋଇଥିଲା। ସେଥିରୁ ୨୨,୬୧,୨୭,୭୪୦.୭୦ ଟଙ୍କା ଆଦାୟ ପାଇଁ ସ୍ଥିର ହୋଇଥିଲା। ମୋଟର ଯାନ ଦୁର୍ଘଟଣା, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ବିଦ୍ୟୁତ୍ ଅଧିନିୟମଜନିତ, ଉପଭୋକ୍ତାଜନିତ, ଚେକ ବାଉନ୍ସ, ରାଜସ୍ୱ, ପ୍ରାକ ବିବାଦୀୟଜନିତ ମାମଲାଗୁଡ଼ିକର ଫଇସଲା କରାଯାଇଥିଲା। କଟକ ଜିଲା ଓ ଦୌରାଜଜ୍ କୋର୍ଟ ପରିସର ଏବଂ ତାଲୁକସ୍ତରରେ ଅନୁଷ୍ଠିତ ଲୋକ ଅଦାଲତକୁ ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଚାରପତି ସଙ୍ଗମ କୁମାର ସାହୁ ପରିଦର୍ଶନ କରି ମାମଲା ଫଇସଲା ଉପରେ ମାର୍ଗଦର୍ଶନ କରିଥିଲେ। କଟକ ଜିଲା ଓ ଦୌରାଜଜ୍ ତଥା କଟକ ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଶୀତିକଣ୍ଠ ସାମଲଙ୍କ ଅଧ୍ୟକ୍ଷତାରେ ଜିଲା କୋର୍ଟର ସମସ୍ତ ବିଚାରପତି ମାମଲାଗୁଡ଼ିକର ଫଇସଲା କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଜଗଦୀଶ ଚନ୍ଦ୍ର ଜେନା ଲୋକ ଅଦାଲତକୁ ପରିଚାଳନା କରିଥିଲେ।


କଟକ ଜିଲା ଓ ଦୌରାଜଜ୍ କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ଉପସ୍ଥିତ ବିଚାରପତିମାନେ।

# 'ସରକାର ଖୋଲନ୍ତୁ କନ୍ୟା ବିଶ୍ୱବିଦ୍ୟାଳୟ'

## ମହାକାଶ ବିଜ୍ଞାନୀ ବିଜୟ କୁମାର ଦାସଙ୍କୁ ନାଗରିକ ସମ୍ବର୍ଦ୍ଧନା

**କଟକ,୧୦।୫(କାର୍ତ୍ତିକ ସାହୁ)**

ମହିଳାଙ୍କୁ ଉପଯୁକ୍ତ ଶିକ୍ଷା ଓ ସଚେତନତା ରାଷ୍ଟ୍ରୀୟ ବିକାଶର ଚାବିକାଠି। ସରକାର ସବୁ ଜିଲାରେ ଖୋଲନ୍ତୁ ସ୍ୱତନ୍ତ୍ର କନ୍ୟା ବିଶ୍ୱବିଦ୍ୟାଳୟ। ଏଥିସହ ବିବାହ, ଗର୍ଭଧାରଣ, ମାତୃତ୍ୱ ଓ ସନ୍ତାନ ଲାଳନପାଳନ ଉପରେ ସ୍ୱତନ୍ତ୍ର ବୈଷୟିକ ଶିକ୍ଷା ପ୍ରଦାନ କରାଯାଉ। ଉତ୍କଳ ସେବକ ସମାଜ, ମହାନଦୀ ବିହାର ଯୁବକ ସଂଘ ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ମିଳିତ ଆନୁକୂଲ୍ୟରେ ମହାନଦୀବିହାରସ୍ଥିତ ମହାନଦୀ ଭବନରେ ଶନିବାର ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ସଭା ଓ ଆଲୋଚନାଚକ୍ରରେ ବକ୍ତାମାନେ ଏପରି ମତପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଆନ୍ତର୍ଜାତିକ ମହାକାଶ ବିଜ୍ଞାନୀ ପ୍ରଫେସର ବିଜୟ କୁମାର ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ବିଭିନ୍ନ ସଂଗଠନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଫେସର ଦାସ ଏକାଧାରରେ ଜଣେ ମହାକାଶ ବିଜ୍ଞାନୀ, ଉଦ୍ଭାବକ, ସଫଳ ଉଦ୍ୟୋଗପତି ଓ ସଂସ୍କୃତି ଗବେଷକ। ପୁରୀ ଜିଲାର ଏକ ଛୋଟିଆ ଗ୍ରାମରେ ଜନ୍ମଲାଭ କରି ନିଜର ପ୍ରଚେଷ୍ଟା, ଦୃଢ଼ ଇଚ୍ଛାଶକ୍ତି ଓ ଅଧ୍ୟବସାୟ ବଳରେ ସେ ଆଜି ବିଜ୍ଞାନ, ବୈଷୟିକ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଅଟୋମେସନ ଓ ମହାକାଶ ବିଜ୍ଞାନରେ ସ୍ନାତକୋର ହାସଲ କରିବା ସହିତ ଇସ୍ରୋରେ ଜଣେ ବୈଜ୍ଞାନିକ ଭାବେ ଡ. ବିକ୍ରମ ସରାଭାଇ, ଡ. ସତ୍ୟପ୍ରକାଶ, ଡ ଏ.ପି.ଜେ.ଅବଦୁଲ କଲାମଙ୍କ ସହ କାର୍ଯ୍ୟ କରିଛନ୍ତି। ତାଙ୍କର ଏକ ଉଦ୍ଭାବନ ଚନ୍ଦ୍ରାୟଣଯାନରେ ମଧ୍ୟ ସଂଯୋଗ କରାହୋଇଛି। ବିଶ୍ୱ ଶାନ୍ତିଦୂତ ଭାବେ କାର୍ଯ୍ୟ କରୁଥିବା ପ୍ରଫେସର ଦାସଙ୍କର ୫୦ ବର୍ଷର କର୍ପୋରେଟ ଅଭିଜ୍ଞତା ସହିତ ସେ ବିଭିନ୍ନ ଜାତୀୟ ଓ ଆନ୍ତଜାତୀୟ ଅନୁଷ୍ଠାନର ଉପଦେଷ୍ଟା ଭାବରେ କାର୍ଯ୍ୟରତ ଅଛନ୍ତି। ଶ୍ରୀମଦ୍ ଭଗବତ ଗୀତା ଉପରେ ପ୍ରଗାଢ଼ ଜ୍ଞାନ ରଖୁଥିବା ପ୍ରଫେସର ଦାସ ବିଜ୍ଞାନର ସବୁ ମୂଳତ୍ତ୍ୱ ଭଗବତ୍ ଗୀତାରେ ସନ୍ନିହିତ ଅଛି ବୋଲି ଦାବି କରନ୍ତି। ଭବିଷ୍ୟତରେ ଏକ ସୁସ୍ଥ ଓ ଉପଯୋଗୀ ପିଢ଼ି ଗଢିବାର ଏହା ଏକମାତ୍ର ଉପାୟ ବୋଲି ଦାସ କହିଛନ୍ତି। ସେ ବର୍ତ୍ତମାନ ଆମେରିକାର ନାଗରିକତ୍ୱ ଗ୍ରହଣ କରିବା ସହ ସପରିବାର ସେଠାରେ ରହି ବିଭିନ୍ନ ଗବେଷଣାମୂଳକ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେ ବହୁ ପୁସ୍ତକର ରଚୟତା ଓ ନିକଟରେ ଏକ ୟୁ.ଭି.ସି ହାର୍ମଲେସ୍ ଲାଇଟିଂର ଉଦ୍ଭାବନ କରିଛନ୍ତି ଯାହାକି ବିଭିନ୍ନ ପ୍ରକାରର ଭାଇରାଲ ସଂକ୍ରମଣ ଓ କୋଭିଡ୍ ଭଳି ରୋଗରୁ ମାନବ ସମାଜକୁ ରକ୍ଷା କରିପାରିବ। ବର୍ତ୍ତମାନ ସମୟ ପାଇଁ ବହୁତ ପ୍ରେରଣା ଯୋଗାଇଥିବା ତାଙ୍କ ଦ୍ୱାରା ଉଦ୍ଭାବିତ ଯନ୍ତ୍ରପାତିଗୁଡ଼ିକୁ ସେ ପ୍ରଦର୍ଶନ କରିଥିଲେ। ଉତ୍କଳ ସେବକ ସମାଜର ସମ୍ପାଦକ ଆଇନଜୀବୀ ଅମୀୟ ଭୂଷଣ ବିଶ୍ୱାଳ ସଂଯୋଜନା କରିଥିଲେ। ମହାନଦୀବିହାର ବିକାଶ ପରିଷଦ ସଭାପତି ସଞ୍ଜୟ କୁମାର ଜେନା, ସମ୍ପାଦକ ହିମାଂଶୁ ତ୍ରିପାଠୀ, କର୍ପୋରେଟର ଇଂ ସୁବ୍ରତ ଘଡ଼େଇ, ମହାନଦୀବିହାର ଯୁବକ ସଂଘ ସଭାପତି ତଥା ଆଇନଜୀବୀ ମନୋଜ ଦାସ, ପୂର୍ବତନ ବିଧାୟକ ଗୁରୁ ଚରଣ ଟିକାୟତ ଓ କର୍ପୋରେଟର ପ୍ରଜ୍ଞା ବେଉରା ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ ଅନ୍ୱୟ ଅଭିନବ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ମଳୟ କୁମାର ଷଡ଼ଙ୍ଗୀ ସହଯୋଗ କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଉପସଭାପତି ମନ୍ଦାକିନୀ ଜେନା ଧନ୍ୟବାଦ ଦେଇଥିଲେ।


କଟକ ମହାନଦୀବିହାରସ୍ଥିତ ମହାନଦୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ୯୨ ମାମଲା ଫଇସଲା: ୭,୪୮,୮୧,୦୦୦ ଟଙ୍କା ଆଦାୟ


ହାଇକୋର୍ଟ ଲିଗାଲ ସର୍ଭିସ ଆନୁକୂଲ୍ୟରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ହାଇକୋର୍ଟର ବିଚାରପତିମାନେ।

## ହାଇକୋର୍ଟରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୧୦।୫(କାର୍ତ୍ତିକ ସାହୁ)**

ହାଇକୋର୍ଟ ଲିଗାଲ ସର୍ଭିସ ଆନୁକୂଲ୍ୟରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୯୨ଟି ମାମଲାର ଆପୋଷ ଫଇସଲା ହୋଇଛି। ଏଥିସହ ୭,୪୮,୮୧,୦୦୦ ଟଙ୍କା କ୍ଷତିପୂରଣ ଓ ଅନ୍ୟାନ୍ୟ ବାବଦକୁ ଆଦାୟ ହୋଇଛି। ସେଥିମଧ୍ୟରେ ବ୍ୟାଙ୍କ, ବୀମା କ୍ଷତିପୂରଣ ବିବାଦ, ଫୌଜଦାରି, ବିଦ୍ୟୁତ୍ ଦେୟ ବିବାଦ, ବୈବାହିକ ବିବାଦ ଆଦି ମାମଲା ଫଇସଲା ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରୋନ୍-ଇନ୍-ଚିଫ୍ ଜଷ୍ଟିସ ହରିଶ ଟଣ୍ଡନ, ହାଇକୋର୍ଟର ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁ, ହାଇକୋର୍ଟର ବିଚାରପତି ତଥା ହାଇକୋର୍ଟ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି। ହାଇକୋର୍ଟ ବିଚାରପତିଗଣ ଏସ୍.କେ. ସାହୁ, ଏସ୍.କେ. ପାଣିଗ୍ରାହୀ, ଏ.କେ. ମହାପାତ୍ର, ଭି. ନରସିଂହ, ବି.ପି. ଶତପଥୀ, ଏମ.ଏସ. ରମଣ, ଏସ୍.କେ. ମିଶ୍ର, ଜି. ଶତପଥୀ, ଏସ୍.ଏସ. ମିଶ୍ର ଲୋକ ଅଦାଲତର ବିଭିନ୍ନ ବେଞ୍ଚରେ ମାମଲାଗୁଡ଼ିକର ଫଏସଲା କରିଥିଲେ।







## ଦେଶ ସୁରକ୍ଷାରେ ନିୟୋଜିତ ପୁଅବୋହୂଙ୍କ ପାଇଁ ପ୍ରାର୍ଥନା କରୁଛୁ



ଅପରେଶନ 'ସିନ୍ଦୂର'କୁ ନେଇ ଭାରତୀୟ ସେନା ସଶସ୍ତ୍ର ଭାବେ ସୀମା ସୁରକ୍ଷାରେ ନିୟୋଜିତ ରହିଛନ୍ତି। ଗୋଳାବାରୁଦର ବର୍ଷାକୁ ଖାତିର ନ କରି ଦେଶମାତୃକାର ସେବାରେ ନିୟୋଜିତ ରହିଥିବା ପୁଅବୋହୂଙ୍କ ପାଇଁ ଏବେ ସାଇବାବାଙ୍କ ଶରଣରେ ପ୍ରାର୍ଥନା କରୁଛନ୍ତି ବୋଲି କହିଛନ୍ତି ମୟୂରଭଞ୍ଜ ଜିଲା ବାରିପଦା ପାଲବଣି ଅଞ୍ଚଳର ବିଜୁଳି ମିଶ୍ର। ରାଜସ୍ଥାନର ବିକାନେର୍ ସୀମାରେ ନିୟୋଜିତ ପୁଅ ରବୀନ୍ଦ୍ର ନାଥ ମିଶ୍ର ଓ ବୋହୂ ଅଞ୍ଜୁ ମିଶ୍ରଙ୍କ ଦୀର୍ଘାୟୁ ପାଇଁ ସେ ପୂଜାର୍ଚ୍ଚନା କରୁଛନ୍ତି। ପୁଅ ସୈନିକ ଭାବେ ଦେଶ ସୁରକ୍ଷାରେ ରହିଥିବା ବେଳେ ବୋହୂ ସ୍ୱାସ୍ଥ୍ୟସେବାରେ ନର୍ସିଂ ଅଫିସର ଭାବେ ରହି ସେବା ଯୋଗାଉଛନ୍ତି। ପୁଅ ବୋହୂଙ୍କ ମଙ୍ଗଳ କାମନା ପାଇଁ ସାଇବାବାଙ୍କ ପାଖରେ ପୂଜାପାଠ କରୁଛନ୍ତି। ଦେଶ ସେବାରେ ନିୟୋଜିତ ସମସ୍ତ ସୈନିକ ବିଜୟୀ ହୁଅନ୍ତୁ। କେବଳ ତାଙ୍କ ପୁଅ ନୁହେଁ, ଦେଶର ସମସ୍ତ ମା'ଙ୍କ ପୁଅ ବିଜୟୀ ହୋଇ ଆସିବାକୁ ଠାକୁରଙ୍କ ନିକଟରେ ସେ ପ୍ରାର୍ଥନା କରୁଛନ୍ତି। ବିଜୟର ଟିକା ପିନ୍ଧାଇବା ପାଇଁ ସମସ୍ତ ମା' ପ୍ରସ୍ତୁତ ହୋଇ ରହିଛନ୍ତି। ଭାରତମାତାର ସୁରକ୍ଷାକରି ପୁଅ ବିଜୟୀ ହେଲେ ପ୍ରତ୍ୟେକ ମା' ପାଇଁ ଗର୍ବର ବିଷୟ ବୋଲି ବିଜୁଳି କହିଛନ୍ତି।

**– ବିଜୁଳି ମିଶ୍ର, ସୈନିକଙ୍କ ମା', ବାରିପଦା**

## ଅଖଣ୍ଡ ଦୀପ ଜାଳୁଛୁ



ଦେଶର ସୁରକ୍ଷା ପାଇଁ ତାଙ୍କର ଏକମାତ୍ର ପୁଅ ସୀମାରେ ପାକିସ୍ତାନ ସେନା ଓ ଆତଙ୍କବାଦୀଙ୍କ ସହ ଲଢ଼େଇ କରୁଥିଲା। ଏହା ତାଙ୍କ ପାଇଁ ଗର୍ବର ବିଷୟ। ଯୁଦ୍ଧରେ ବିଜୟ ପାଇଁ ପରିବାର ପକ୍ଷରୁ ଅଖଣ୍ଡ ଦୀପ ଜାଳିବା ସହ ସବୁବେଳେ ଭଗବାନଙ୍କୁ ପ୍ରାର୍ଥନା କରୁଛୁ ବୋଲି କହିଛନ୍ତି ଭାରତୀୟ ସେନାରେ କାର୍ଯ୍ୟରତ ଥିବା ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବୋଡ଼କ ମହାଜୀବୀ ଗ୍ରାମର ଗୌରାଙ୍ଗ ପ୍ରଧାନ(୩୫)ଙ୍କ ବାପା ଭାଗୀରଥି ପ୍ରଧାନ। ପୁଅ ପଞ୍ଜାବ ସୀମାରେ ନିୟୋଜିତ ଅଛନ୍ତି। ସେ ସବୁବେଳେ ଟିଭି ସାମ୍ନାରେ ବସି ରହି ଯୁଦ୍ଧର ସ୍ଥିତି ସମ୍ବନ୍ଧୀୟ ଖବର ଦେଖନ୍ତି। ଏପରିକି ଖାଇବା ବେଳେ ମଧ୍ୟ ଟିଭି ସାମ୍ନାରେ ବସି ଖାଆନ୍ତି। ରାତିରେ ନିଦ ଭାଙ୍ଗିଲେ ବି ଯୁଦ୍ଧର ସ୍ଥିତି କ'ଣ ଅଛି ଜାଣିବାକୁ ଟିଭି ଖୋଲି ବସନ୍ତି। ଅସ୍ତ୍ର ବିରତି ହେବା ଶୁଣି ଟିକେ ଖୁସି ଲାଗିଥିଲା। ହେଲେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ ଆଶଂକା ବଢାଇଛି। ତେବେ ଦେଶମାତୃକାର ସୁରକ୍ଷା ପାଇଁ ପ୍ରାର୍ଥନା କରୁଛୁ।

**–ଭାଗୀରଥି ପ୍ରଧାନ, ସେନାରେ କାର୍ଯ୍ୟରତ ଗୌରାଙ୍ଗ ପ୍ରଧାନଙ୍କ ବାପା**

## ପୁଅ ଦେଶ ସେବା କରୁଥିବାରୁ ଆମେ ଗର୍ବିତ

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା ଗ୍ରାମର ସତ୍ୟନାରାୟଣ ସିଂହ ଏବଂ ଶାନ୍ତିଲତା ସିଂହଙ୍କ ବଡ଼ ପୁଅ ସତ୍ୟବ୍ରତ ସିଂହ(୩୪) ସେନାରେ କାର୍ଯ୍ୟରତ ଅଛନ୍ତି। ସେ ୨୦୧୩ରୁ ଇଣ୍ଡିଆନ ଆର୍ମିରେ ଯୋଗଦେଇଥିଲେ। ପ୍ରଥମେ ମଧ୍ୟପ୍ରଦେଶ ପରେ ଦିଲ୍ଲୀ, ଆସାମ୍, ରାଜସ୍ଥାନରେ ନିୟୋଜିତ ହେବା ପରେ ବର୍ତ୍ତମାନ ପଞ୍ଜାବର ଚଣ୍ଡିଗଡ଼ରେ କାର୍ଯ୍ୟରତ ଅଛନ୍ତି। ତେବେ ବର୍ତ୍ତମାନ ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତିକୁ ଲକ୍ଷ୍ୟ କରି ଦିନ ରାତି ୨୪ ଘଣ୍ଟା ସଜାଗ ଅଛନ୍ତି ସତ୍ୟବ୍ରତ। ଶୁକ୍ରବାର ଅପରାହ୍ନ ୪ଟା ସମୟରେ ସତ୍ୟବ୍ରତଙ୍କ ସହିତ ତାଙ୍କ ମା'ବାପା ମାତ୍ର ୫ ମିନିଟ୍ କଥା ହୋଇଥିଲେ। ବର୍ତ୍ତମାନ ଚଣ୍ଡିଗଡ଼ରେ ବ୍ଲାକ୍ ଆଉଟ ଘୋଷଣା



ଏବଂ ଆକାଶମାର୍ଗରୁ ପାକିସ୍ତାନର କେତେକ ଡ୍ରୋନ୍‌କୁ ଭାରତୀୟ ସେନା ଖସାଇଥିବା କଥା ଯବାନ କହିଥିଲେ। ତେବେ ପୁଅ ଭାରତୀୟ ସେନାରେ ଯୋଗଦେଇ ଦେଶ ସେବା କରୁଥିବାରୁ ନିଜକୁ ଗର୍ବିତ ମନେକରୁଥିବା ସତ୍ୟବ୍ରତଙ୍କ ମା' ବାପା କହିଛନ୍ତି। ଏଥିସହ ଦେଶ ପାଇଁ ଯୁଦ୍ଧ କରୁଥିବା ଅନ୍ୟ ସୈନିକ ତଥା ପୁଅଙ୍କ ପାଇଁ ମଙ୍ଗଳକାମନା କରୁଛୁ ବୋଲି ସତ୍ୟବ୍ରତଙ୍କ ମା' ବାପା କହିଥିଲେ। ଦେଶ ପାଇଁ ଯୁଦ୍ଧ କରି ଭଲରେ ପୁଅ ଘରକୁ ଫେରୁ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି ବୋଲି ମା' ଶାନ୍ତିଲତା କହିଛନ୍ତି।

**– ଶାନ୍ତିଲତା ସିଂହ ଓ ସତ୍ୟନାରାୟଣ ସିଂହ, ସୈନିକଙ୍କ ମା'ବାପା, ମୋରଡ଼ା**

## ଘରେ ରୋଷେଇ ହେଉଛି, ଆମେ ଖାଇପାରୁନାହୁଁ

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ୍ ଗୁମ୍ମାଗଡ଼ ଗ୍ରାମର କୁଞ୍ଜ ବିହାରୀ କହଁର ପହଲଗାମ୍‌ରେ ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ଅଛନ୍ତି। ଏନେଇ ତାଙ୍କ ପତ୍ନୀ କହିଛନ୍ତି, ସ୍ୱାମୀ କଶ୍ମୀରର



କୁଞ୍ଜ ବିହାରୀ କହଁର

ପହଲଗାମ୍‌ରେ କାର୍ଯ୍ୟରତ ଅଛନ୍ତି। ଆଗରୁ ଫୋନରେ କଥା ହେଉଥିଲେ। ଏବେ ଆଉ ସମ୍ଭବ ହେଉନାହିଁ। ଦିନକୁ ୨ ମିନିଟ୍‌ରୁ କମ୍ ସମୟ କଥା ହେଉଛନ୍ତି। କଥା ହେବା ପାଇଁ ସୁଯୋଗ ଦିଆଯାଉନାହିଁ। ଆମେ ଫୋନ କଲେ ଉତ୍ତର ମିଳୁନାହିଁ। ସେପଟୁ କେତେବେଳେ କେମିତି ଫୋନ କରୁଛନ୍ତି। ଗତ ଶୁକ୍ରବାର ରାତିରେ ତାଙ୍କ କ୍ୟାମ୍ପ ଉପରେ ପାକିସ୍ତାନ ହମଲା କରିଛି। ସୌଭାଗ୍ୟ ବଶତଃ ତାଙ୍କର କିଛି ହୋଇନାହିଁ। ପୁଅ ନବମରେ ଏବଂ ଝିଅ ପ୍ରଥମରେ ପଢୁଛନ୍ତି। ସେମାନେ ଖାଲି ବାପାଙ୍କ କଥା ପଚାରୁଛନ୍ତି। ଆମେ ଭୟଭୀତ ଅବସ୍ଥାରେ ରହୁଛୁ। ଘରେ ରୋଷେଇ ହେଉଛି, କିନ୍ତୁ ଆମେ ଖାଇ ପାରୁନାହୁଁ। ଭଗବାନଙ୍କ ପାଖରେ ପ୍ରାର୍ଥନା ଯୁଦ୍ଧ ବନ୍ଦ ହେଉ, ସେ ଭଲରେ ଘରକୁ ଫେରି ଆସନ୍ତୁ।

**– କୁମୁଦିନୀ ଦେହୁରୀ, ଫୁଲବାଣୀ**

## ଦେଶ ପାଇଁ ଲଢ଼ିବାକୁ ସେ ଶପଥ ନେଇଛି



ମୋର ଏକମାତ୍ର ପୁଅ ସୁରଜ କୁମାର ରାଉତ କଶ୍ମୀରରେ ସୀମା ସୁରକ୍ଷା ବଳ ଯବାନ ଭାବେ କାର୍ଯ୍ୟରତ। ଯୁଦ୍ଧ କଥା ଶୁଣିବା ପରେ ସବୁଦିନ ତାଠାରୁ ସୀମା ପରିସ୍ଥିତି କଥା ବୁଝୁଛି। ଯାହାବି ହେଉ ଦେଶ ମାତୃକା ପାଇଁ ଲଢ଼ିବାକୁ ଶପଥ ନେଇଛି। ଆଉ ଅଧିକ କିଛି ଭାବୁନାହିଁ। ଗ୍ରାମଦେବତୀ ମା' କୁଲେଇଶୁଣୀ ଓ ଭାଗବତ ଗୋସେଇଁଙ୍କ ପାଖରେ ପ୍ରାର୍ଥନା କରୁଛି। ବିଜୟୀ ହୋଇ ଭଲରେ ଘରକୁ ଫେରୁ ବୋଲି କହିଛନ୍ତି କଟକ ସଦର ବ୍ଲକ ଅଧୀନ କନ୍ଦରପୁରର ପଞ୍ଚାୟତ ଅଥଙ୍ଗାର ଯବାନ ସୁରଜ କୁମାର ରାଉତଙ୍କ ମା' ପ୍ରମିଳା ରାଉତ।

**– ପ୍ରମିଳା ରାଉତ, ସୀମା ସୁରକ୍ଷା ବଳ ଯବାନଙ୍କ ମା'**

## ଘରେ ହନୁମାନ ଚାଳିଶା ପାଠ ଚାଲିଛି



ସ୍ୱାମୀ ରମାକାନ୍ତ ସର୍ବଭାରତୀୟ ସେନାରେ କାର୍ଯ୍ୟକରି ଜମ୍ମୁ-କଶ୍ମୀର ଅଞ୍ଚଳରେ ପୋଷ୍ଟିଂ ହୋଇଛନ୍ତି। ଜାଣିବାକୁ ପାଇଲି ସୀମାରେ ରହିଛନ୍ତି। ଛୁଟିରେ ଘରକୁ ଆସିଥିଲେ। ଫୋନ ପାଇ ଚାକିରିକୁ ଚାଲିଗଲେ। ଶାଶୁ ସବୁବେଳେ କାନ୍ଦୁଛନ୍ତି। ଘରେ ହନୁମାନ ଚାଳିଶା ପାଠ ଚାଲିଛି। ଦେଶ ପାଇଁ ଲଢୁଥିବାରୁ ମନରେ ସାହସ ଆସୁଛି। ଦେଶବାସୀ ଯବାନଙ୍କ ପଛରେ ରହିଥିବାରୁ କୌଣସି ଦୁଃଖ ଆସୁନାହିଁ ବୋଲି କହିଛନ୍ତି କଟକ ସଦର ବ୍ଲକ ଅଧୀନ କନ୍ଦରପୁରର ପଞ୍ଚାୟତ ସିଦ୍ଧେଶ୍ୱରପୁର ଗାଁର ଯବାନ ରମାକାନ୍ତଙ୍କ ସ୍ତ୍ରୀ ବୈଜୟନ୍ତୀ ସୁର।

**– ବୈଜୟନ୍ତୀ ସୁର, କନ୍ଦରପୁର**

## ପୁଅର ମଙ୍ଗଳ ସହ ଭାରତର ବିଜୟ କାମନା କରୁଛୁ

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଗଲପୁର ଗ୍ରାମପଞ୍ଚାୟତ ବାଘୁଆ ଗ୍ରାମର ଅକ୍ଷୟ କୁମାର ଦାଶ ଜମ୍ମୁସ୍ଥିତ ପ୍ରତିରକ୍ଷା ବିଭାଗର ଗୋଳାବାରୁଦ ଡିପୋରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ମା'ଙ୍କ ଦେହ ଅସୁସ୍ଥ ଥିବାରୁ ଗତ ୩ ତାରିଖଠାରୁ ୧ମାସ ପର୍ଯ୍ୟନ୍ତ ଛୁଟିରେ ଆସିଥିଲେ। ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଦୃଷ୍ଟିରୁ ଏବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କ ପରିବାର ଭୟରେ ରହିଛନ୍ତି। ମା' ଅନ୍ନପୂର୍ଣ୍ଣା ଓ ବାପା କ୍ଷେତ୍ରମୋହନ ଦାଶ ପୁଅର ମଙ୍ଗଳ କାମନା କରିବା ସହ ଭାରତର ବିଜୟ କାମନା କରିଛନ୍ତି। ସେହିପରି ବାଘୁଆ ଗ୍ରାମର ପ୍ରକାଶ କୁମାର ବିଶ୍ୱାଳ ଭାରତୀୟ ସ୍ଥଳସେନା ବିଭାଗରେ ରାଜସ୍ଥାନଠାରେ ଜଣେ ସୈନିକ ଭାବେ କାର୍ଯ୍ୟରତ। ଘରକୁ ଛୁଟିରେ ଆସିବାର ଥିଲେ ମଧ୍ୟ ସାମ୍ପ୍ରତିକ ପରିସ୍ଥିତିରେ ତାଙ୍କର ଛୁଟି ବାତିଲ ହୋଇଯାଇଛି। ଘରେ ଅସୁସ୍ଥ ବାପା ରମେଶ ଚନ୍ଦ୍ର ବିଶ୍ୱାଳ ଓ ମା' ମନୋରମା ବିଶ୍ୱାଳ ଓ ତାଙ୍କ ପରିବାର ଭୟଭିତରେ ଥିଲେ ମଧ୍ୟ ପୁଅର ମଙ୍ଗଳ କାମନା କରିଛନ୍ତି।

**– ଅକ୍ଷୟ କୁମାର ଦାଶଙ୍କ ମା'ବାପା**

## ଆଶ୍ୱାସନା ପାଉଛନ୍ତି ପରିବାର ଲୋକେ

ଦେଶମାତୃକା ପାଇଁ ଲଢେଇ କରିବାର ସଂକଳ୍ପ ନେଇ ଯୁଦ୍ଧ କ୍ଷେତ୍ରକୁ ବାହାରି ଯାଇଛନ୍ତି। ସେମାନଙ୍କ ଦୈନନ୍ଦିନର ଖବର ପାଇବା ପାଇଁ ଚାତକ ଭଳି ଚାହିଁ ରହିଛନ୍ତି ସେମାନଙ୍କ ପରିବାର ଲୋକେ। କିଛି ଗଣମାଧ୍ୟମର ଖବର ଅତିରଞ୍ଜିତ ହୋଇଥିବାରୁ ବେଳେବେଳେ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡୁଥିବା ଚୌଦ୍ୱାର ତଳବଜାର ବେହେରା ସାହିର ସୁବେଦାର ସଞ୍ଜୟ ବେହେରାଙ୍କ ସ୍ତ୍ରୀ ସୁରେଖା ବେହେରା ପ୍ରକାଶ କରିଛନ୍ତି। ସଞ୍ଜୟ ୧୯୯୭ରେ ସେଣ୍ଟ୍ରାଲ ରିଜର୍ଭ



ପୋଲିସରେ ଯବାନ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ସଞ୍ଜୟ ଶ୍ରୀନଗରର କୁପ୍‌ୱାରାରେ ପୋଷ୍ଟିଙ୍ଗ ଥିଲେ ମଧ୍ୟ ଯୁଦ୍ଧପାଇଁ ବର୍ତ୍ତମାନ ଡଗ୍‌ସ୍କ୍ୱାଡ୍ ଟିମ୍ ଲିଡର ଭାବେ ଶ୍ରୀନଗରର ଗୁର୍‌ଗାଁଓରେ କାର୍ଯ୍ୟରତ। ତାଙ୍କର ୨ପୁତ୍ରରୁ ବରୁଣ ଯୁକ୍ତ ୩ରେ ପାଠ ପଢୁଥିବା ବେଳେ ଅରୁଣ ଦଶମ ପାଠ ପଢୁଛନ୍ତି। ବାପାଙ୍କ ପାଇଁ ୨ପୁତ୍ର ଯେତିକି ଗର୍ବିତ ସେତିକି ଚିନ୍ତିତ ମଧ୍ୟ। ସ୍ତ୍ରୀ ସୁରେଖା ଓ ସାନ ଭାଇ ମଙ୍ଗରାଜଙ୍କ କହିବାନୁଯାୟୀ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସବୁଦିନ ପ୍ରାୟ ଦିନକୁ ୨ଥର ପରିବାର ସହିତ ସଞ୍ଜୟ ଯୋଗାଯୋଗରେ ଅଛନ୍ତି। ଶନିବାର ସକାଳେ ମଧ୍ୟ ସ୍ତ୍ରୀଙ୍କ ସହିତ ଫୋନରେ କଥା ହୋଇଥିବା ବେଳେ କଥାଛଳରେ ତାଙ୍କ ରେଜିମେଣ୍ଟର କିଛି ଯବାନ ଆହତ ହୋଇଥିବା କଥା ଶୁଣି ସୁରେଖା ଓ ତାଙ୍କ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ପାକିସ୍ତାନ -ଭାରତ ଆକ୍ରମଣରେ ଅଧିକ ପ୍ରତିହିଂସା ପରାୟଣ ହୋଇଥିବା ସେ ପ୍ରକାଶ କରିଥିଲେ। ହେଲେ ସୁରେଖା ସଞ୍ଜୟଙ୍କ ମନୋବଳ ବଢାଇବା ପାଇଁ ଆଶ୍ୱାସନା ଦେବା ସହିତ ଘରର ସମସ୍ତ ସଦସ୍ୟ ଠାକୁରଙ୍କୁ ପ୍ରର୍ଥନା କରିବା ସହିତ ସଞ୍ଜୟଙ୍କ ପାଇଁ ବିଭିନ୍ନ ମନ୍ଦିରରେ ମାନସିକ ରଖିଥିବା କହିଥିଲେ। ଯୁଦ୍ଧ ପାଇଁ ପରିବାରବର୍ଗଙ୍କ ମାନସିକ ସ୍ଥିତି ଭଲ ନ ଥିବା ଓ ଯେତେଶୀଘ୍ର ପାକିସ୍ତାନକୁ କଡାଜବାବ ଦେଇ ଗତ ଫେବୃୟାରୀରୁ ଘର ଛାଡି ଯାଇଥିବା ସଞ୍ଜୟ ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଭଲରେ ଘରକୁ ଫେରି ଆସିବାକୁ ଅପେକ୍ଷା କରିଥିବା ସେ ପ୍ରକାଶ କରିଛନ୍ତି।

**– ସୁବେଦାର ସଞ୍ଜୟ ବେହେରାଙ୍କ ସ୍ତ୍ରୀ ସୁରେଖା**

## ୨ଭାଇଙ୍କ ପାଇଁ ପରିବାର ଗର୍ବିତ



ନିଲାଞ୍ଚଳ ପ୍ରଧାନ



ରଞ୍ଜନ କୁମାର ପ୍ରଧାନ

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୨ କାଳୀ ମନ୍ଦିର ପଡ଼ାର ସ୍ୱର୍ଗତ ଝୁନୁ ପ୍ରଧାନ ଓ କବି ପ୍ରଧାନଙ୍କ ବଡ଼ପୁଅ ରଞ୍ଜନ ଏବଂ ସାନପୁଅ ନିଲାଞ୍ଚଳ ଭାରତୀୟ ସେନାବାହିନୀରେ କାର୍ଯ୍ୟରତ। ସେମାନେ ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିର୍ବାହ କରୁଛନ୍ତି। ତେବେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଉଭୟ ଭାଇଙ୍କ ସମେତ ଦେଶର ସଫଳତା ପାଇଁ ଘରେ ଗତ ୮ଦିନ ହେଲା ପୂଜାପାଠ ଚାଲିଥିଲା। ଯୁଦ୍ଧ ସ୍ଥିତିକୁ ନେଇ ପରିବାର ଲୋକେ ଆଦୌ ବିଚଳିତ ନୁହଁନ୍ତି, ବରଂ ବହୁତ ଗର୍ବ ଅନୁଭବ କରୁଛନ୍ତି ବୋଲି ମଝିଆ ଭାଇ ସିଲୁ କହିଛନ୍ତି।

୨୦୧୩ ମସିହାରୁ ସେ ସେନାବାହିନୀରେ ଯୋଗଦେଇଥିବା ନିଲାଞ୍ଚଳ ଶ୍ରୀନଗର କୁପୁକୁଡ଼ା ଏଏମସି(ଆର୍ମି ମେଡିକାଲ କର୍)ରେ କାର୍ଯ୍ୟରତ ଅଛନ୍ତି। ଏଠାରେ ତାଙ୍କ ସ୍ତ୍ରୀ ସୁନୀତା ଏବଂ ଶିଶୁପୁତ୍ର ନିଶାନ୍(୩ବର୍ଷ) ଅଛନ୍ତି। ଗତ ଡିସେମ୍ବର ମାସରେ ଧନୁଯାତ୍ରା ଚାଲିଥିବାବେଳେ ଦେଢ଼ମାସର ଛୁଟି ନେଇ ସେ ଘରକୁ ଆସିଥିଲେ। ପୁଣି ଆସିବା ପାଇଁ ସେ ଛୁଟି ମାଗିଥିଲେ ଏବଂ ଶନିବାର(୧୦।୫।୨୦୨୫) ଘରକୁ ଆସିବାର ଥିଲା। ମାତ୍ର ଭାରତ-ପାକିସ୍ଥାନ ଉତ୍ତେଜନା ମଧ୍ୟରେ ତାଙ୍କ ଛୁଟି ବାତିଲ୍ ହୋଇ ଯାଇଥିଲା। ଗତ ୪ଦିନ ତଳେ ସୀମାବର୍ତ୍ତୀ ଅଞ୍ଚଳରେ ଉଡୁଥିବା ପାକିସ୍ଥାନ ଝଣ୍ଡାକୁ ଓଲଟାଇ ଦେଇଥିଲୁ ଏବଂ ଯୁଦ୍ଧକ୍ଷେତ୍ରରେ ପାକିସ୍ଥାନ ବହୁତ ପଛରେ ଅଛି ବୋଲି ବୋଲି ଶୁକ୍ରବାର ଫୋନ୍‌ଯୋଗେ ସାନଭାଇ ନିଲାଞ୍ଚଳ ତାଙ୍କୁ କହିଥିଲେ ବୋଲି ସିଲୁ ପ୍ରକାଶ କରିଛନ୍ତି।

ସେହିପରି ବଡ଼ଭାଇ ରଞ୍ଜନ ୨୦୧୭ ମସିହାରୁ ସଶସ୍ତ୍ର ସୀମାବଳ(ଏସଏସବି)ରେ ଯୋଗ ଦେଇଛନ୍ତି। ଉତ୍ତର ପ୍ରଦେଶର ଗୋରେଖପୁରରେ ସେ ପ୍ରଥମେ ଅବସ୍ଥାପିତ ଥିଲେ। ଏବେ ବିହାରର ମୁଜାଫରନଗରରେ କାର୍ଯ୍ୟରତ ଅଛନ୍ତି। ଡାକରା ଆସିଲେ ଯୁଦ୍ଧକ୍ଷେତ୍ରକୁ ଯିବା ଲାଗି ପ୍ରସ୍ତୁତ ବୋଲି ରଞ୍ଜନ ତାଙ୍କୁ କହିଥିବା ସିଲୁ କହିଛନ୍ତି। ରଞ୍ଜନଙ୍କ ସ୍ତ୍ରୀ ରେଶ୍ମା ଓ ଶିଶୁପୁତ୍ର ଆୟୁଷ୍ମାନ(୫ବର୍ଷ) ଏଠାରେ ଅଛନ୍ତି। ତେବେ ଦୁଇ ଭାଇଙ୍କ ପାଇଁ ବହୁତ ଗର୍ବ ଅନୁଭବ କରିଥାଉ।

## ସେନାରେ ୩ ଭାଇ

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ବରପଲ୍ଲୀ ଗ୍ରାମର ଗୋଟିଏ ପରିବାରର ୩ ଭାଇ ସେନାରେ କାର୍ଯ୍ୟରତ ଅଛନ୍ତି। ଗ୍ରାମର ବାଉରୀ ବନ୍ଧୁ ଗୌଡ଼ଙ୍କ ୩ ପୁଅ ଯଥା ପ୍ରେମାନନ୍ଦ, ପ୍ରମୋଦ ଓ ନିତ୍ୟାନନ୍ଦ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଭାରତୀୟ ସେନାରେ କାର୍ଯ୍ୟରତ ଅଛନ୍ତି। ଏଭଳି ସ୍ଥିତିରେ ଭଗବାନ୍ ହିଁ ଭରସା ବୋଲି କହିଛନ୍ତି ତାଙ୍କ ପରିବାର। ସେହିପରି ସେହି ଗ୍ରାମର ଗଣପତି ତରାଇଙ୍କ ୪ ପୁଅ ମଧ୍ୟରୁ ୨ ପୁଅ ଶିବାନନ୍ଦ ଓ ବିଶ୍ୱନାଥ ମଧ୍ୟ ସେନାରେ କାର୍ଯ୍ୟରତ ଅଛନ୍ତି। ଉକ୍ତ ପରିବାର ମଧ୍ୟ ଏହି ଯୁଦ୍ଧ ଖବର ଶୁଣି ମର୍ମାହତ। ପିଲାମାନଙ୍କ ତଥା ଦେଶର ମଙ୍ଗଳ ପାଇଁ ପ୍ରତ୍ୟେକ ଦିନ ଠାକୁରଙ୍କୁ ଡାକୁଥିବା ସେ କହିଛନ୍ତି। ଗଞ୍ଜାମ ଅଞ୍ଚଳର ସୀମାନ୍ତ ଅଞ୍ଚଳରେ ସେନାରେ ଥିବା ନାରାୟଣ ତରାଇଙ୍କ ପୁଅ ବିପିନ ତରାଇଙ୍କ ସହ ଫୋନରେ ଯୋଗାଯୋଗ କରିବାରୁ ସେ କେଉଁଠି ଅଛନ୍ତି ସେନେଇ କୌଣସି ସୂଚନା ଦେବାକୁ ତାଙ୍କ କମାଣ୍ଡର ବାରଣ କରିଛନ୍ତି। ତେବେ ଯୁଦ୍ଧ ବିରତି ଘୋଷଣା ହୋଇଥିଲେ ବି ଭୟ ମନରୁ ଯାଇନି ବୋଲି ସେ କହିଛନ୍ତି।





ପାକିସ୍ତାନର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣକୁ ନିଷ୍ପ୍ରଭ କରି ଦେଉଥିବା ଭାରତର 'ସୁଦର୍ଶନ ଚକ୍ର' ତଥା ଏସ୍-୪୦୦ ଏୟାର ଡିଫେନ୍ସ ମିଶାଇଲ ସିଷ୍ଟମ୍‌ର ପ୍ରତିକୃତିକୁ ନେଇ କୋଲକାତାର ଏକ ବେକେରୀରେ ପ୍ରସ୍ତୁତ ହୋଇଥିବା କେକ୍‌କୁ ଜଣେ କର୍ମଚାରୀ ଶନିବାର ପ୍ରଦର୍ଶିତ କରୁଛନ୍ତି।

# ଜମ୍ମୁରୁ ଫେରିଲେ ୧୧୪ ଓଡ଼ିଆ ଛାତ୍ରୀଛାତ୍ର

**କଟକ,୧୦।୫(କାର୍ତ୍ତିକ ସାହୁ)**

ଜମ୍ମୁସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଓଡ଼ିଶାର ୧୧୪ଜଣ ଛାତ୍ରୀଛାତ୍ର ସୁରକ୍ଷିତ ଭାବେ ଓଡ଼ିଶା ଫେରିଛନ୍ତି। ସେମାନଙ୍କ ମଧ୍ୟରେ ୩୫ଜଣ ଛାତ୍ରୀ ଅଛନ୍ତି। ସରକାରୀ ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ସେମାନେ ଜମ୍ମୁରୁ ଦିଲ୍ଲୀ ଓ ପୁଣି ଦିଲ୍ଲୀରୁ ବିଭିନ୍ନ ଟ୍ରେନ୍ ଯୋଗେ ଆସି ଓଡ଼ିଶାର ନିଜ ଅଞ୍ଚଳର ଷ୍ଟେଶନରେ ଶନିବାର ଓହ୍ଲାଇଛନ୍ତି। ପ୍ରତ୍ୟେକ ରେଳଷ୍ଟେଶନରୁ ସେମାନଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ ଦ୍ୱାରା ନିଆଯାଇ ସେମାନଙ୍କ ପରିବାର ନିକଟରେ ପହଞ୍ଚାଇ ଦିଆଯାଇଥିବା ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ଜମ୍ମୁରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିରୁ ସୁରକ୍ଷିତ ଭାବେ ଘରକୁ ଫେରିବାକୁ ନେଇ ସରକାରଙ୍କୁ ଜଣାଇଥିଲେ। ଏ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆର୍‌ଟିଓମାନଙ୍କୁ ୮ ତାରିଖ ସନ୍ଧ୍ୟାରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇ ବିହିତ ପଦକ୍ଷେପ ନିଆଯାଇଥିଲା। ଜମ୍ମୁ-କଶ୍ମୀରରୁ ଫେରୁଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ୍‌ରେ ଆସିଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବାଲେଶ୍ୱରରେ ୩ଜଣ, ଭଦ୍ରକରେ ୪ଜଣ, ଯାଜପୁର-କେନ୍ଦୁଝର ରୋଡ୍‌ରେ ୫ଜଣ, କଟକରେ ୫ଜଣ, ଭୁବନେଶ୍ୱରରେ ୧୮ଜଣ ଏବଂ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍‌ରେ ଆସି ଝାରସୁଗୁଡ଼ାରେ ୮ଜଣଙ୍କୁ ସେମାନଙ୍କ ଘରେ ପହଞ୍ଚାଇ ଦିଆଯାଇଥିବା ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଏହାବାଦ୍ ତେଜସ୍ ରାଜଧାନୀ ଏକ୍ସପ୍ରେସ୍, ନୀଳାଚଳ ଏକ୍ସପ୍ରେସ, ପୁରୁଷୋତ୍ତମ ଏକ୍ସପ୍ରେସ୍ ଯୋଗେ ଅନ୍ୟମାନେ ଓଡ଼ିଶା ଫେରିଥିବା ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ରେଳଷ୍ଟେଶନଠାରେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ଅଧିକାରୀମାନେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ତେବେ କଟକରେ ଓହ୍ଲାଇଥିବା ୫ଜଣଙ୍କ ମଧ୍ୟରେ ଜଣେ ଛାତ୍ର ଓ ୪ଜଣ ଛାତ୍ରୀ ଅଛନ୍ତି।

### ସହାୟତା ପାଇଁ ହେଲ୍ପଲାଇନ୍ ନମ୍ବର ଜାରି

ଅନ୍ୟପକ୍ଷରେ ସୀମାନ୍ତ ରାଜ୍ୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସହ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ନିମନ୍ତେ ଓଡ଼ିଶା ସରକାରଙ୍କ ଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱରସ୍ଥିତ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନ୍ତର୍ଗତ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏଥିସହିତ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଦିଲ୍ଲୀସ୍ଥିତ ଓଡ଼ିଶା ନିବାସରେ କାର୍ଯ୍ୟକାରୀ ହୋଇଥିବା କଣ୍ଟ୍ରୋଲ ରୁମ୍‌କୁ ଯୋଗାଯୋଗ କରିବା ପାଇଁ ୭୪୨୮୧୩୫୦୪୪ ଓ ୦୧୧-୨୪୬୭୯୨୦୧ ନମ୍ବର ଜାରି କରାଯାଇଛି। ସେହିପରି ଭୁବନେଶ୍ୱରର ସଂସ୍କୃତି ଭବନଠାରେ କାର୍ଯ୍ୟକାରୀ କରାଯାଇଥିବା କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ ପାଇଁ ୦୬୭୪-୨୪୩୧୯୪୫ ଓ ୯୫୮୩୩୨୧୯୬୪ ନମ୍ବର ଜାରି କରାଯାଇଛି।



କଟକ ଷ୍ଟେସନରେ ପହଞ୍ଚିଥିବା ଛାତ୍ରଛାତ୍ରୀ। (ଫଟୋ-ରାଜକିଶୋର ମହାନ୍ତି)

# ଅସ୍ତ୍ରବିରତିକୁ ନେଇ ପ୍ରଶ୍ନ ଉଠାଇଲେ ଓମାର

**ଶ୍ରୀନଗର, ୧୦।୫**



ଓମାର ଅବଦୁଲ୍ଲା

ଭାରତ, ପାକିସ୍ତାନ ଅସ୍ତ୍ରବିରତି ପାଇଁ ରାଜି ହେବାର ମାତ୍ର କିଛି ଘଣ୍ଟା ପରେ ଶ୍ରୀନଗରରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିବା ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି। ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ନିୟନ୍ତ୍ରଣ ରେଖାରେ ଗୁଳିଗୋଳା ବର୍ଷା କରିଚାଲିଛି। ଶ୍ରୀନଗରରେ ବିସ୍ଫୋରଣ ସମୟର ଭିଡିଓ ଶେୟାର କରି ଅସ୍ତ୍ରବିରତି କୁଆଡ଼େ ଗଲା ବୋଲି ଓମାର ସୋସିଆଲ ମିଡିଆରେ ଲେଖିଛନ୍ତି। ସୂଚନାଯୋଗ୍ୟ, ଅସ୍ତ୍ରବିରତି ପାଇଁ ସହମତି ହୋଇଥିବା କେନ୍ଦ୍ର ସରକାର ଘୋଷଣା କରିବା ପରେ ଓମାର ଏହାକୁ ସ୍ୱାଗତ କରିବା ସହ ରାଜ୍ୟ ପ୍ରଶାସନକୁ ତୁରନ୍ତ ସହାୟତା ଓ ଥଇଥାନ କାର୍ଯ୍ୟରେ ନିୟୋଜିତ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର କିଛି ସମୟ ପରେ ପାକସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଜମ୍ମୁ-କଶ୍ମୀର ସମେତ ଅନ୍ୟ ସୀମାନ୍ତ ରାଜ୍ୟର ସହରଗୁଡ଼ିକରେ ଡ୍ରୋନ୍ ଆକ୍ରମଣ କରିଛି। ଶ୍ରୀନଗର ଓ ରାଜୌରୀରେ ଗୁଳିଗୋଳା ମାଡ଼ ହେବାରୁ ପୁଣିଥରେ ସହରକୁ ବ୍ଲାକ୍‌ଆଉଟ୍ କରାଯାଇଛି। ରାଜସ୍ଥାନର ପୋଖରାନ ଏବଂ କଶ୍ମୀରର ବାରମୁଲ୍ଲାରେ ପାକିସ୍ତାନୀ ଡ୍ରୋନ୍‌କୁ ଖସାଇ ଦିଆଯାଇଛି। ଅସ୍ତ୍ରବିରତି ଉଲ୍ଲଂଘନର ଠିକଣା ଜବାବ ଦେବାକୁ ବିଏସ୍‌ଏଫ୍‌କୁ ନିର୍ଦ୍ଦେଶ ଦିଆଯାଇଛି।



ଶୁକ୍ରବାର ରାତିରେ ପାକିସ୍ତାନର ଗୁଳିଗୋଳା ମାଡ଼ରେ ଜମ୍ମୁ ଉପକଣ୍ଠ ବଣ୍ଡଲାବ ଗ୍ରାମର ଏକ ଘର ଧ୍ୱସ୍ତ ହୋଇଯାଇଛି।



ପାକିସ୍ତାନର ଡ୍ରୋନ୍ ଆକ୍ରମଣରେ ଶୁକ୍ରବାର ରାତିରେ ଜମ୍ମୁର ରେହାରି ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା ଆବାସିକ କୋଠାଗୁଡ଼ିକ ନିକଟରେ ଉପସ୍ଥିତ ଲୋକେ।



ଭାରତ-ପାକିସ୍ତାନ ମଧ୍ୟରେ ଶୁକ୍ରବାର ରାତିରେ ଗୁଳିଗୋଳା ବର୍ଷଣ ଜୋର୍‌ଦାର ହୋଇଥିବାବେଳେ ରାଜସ୍ଥାନର ଜୈସାଲମର ଅଞ୍ଚଳରେ ପଡ଼ିଥିବା ସନ୍ଦିଗ୍ଧ ଯୁଦ୍ଧ ସାମଗ୍ରୀକୁ ଜଣେ ସୁରକ୍ଷା କର୍ମୀ ଶନିବାର ଯାଞ୍ଚ କରୁଛନ୍ତି।



ପାକିସ୍ତାନର ଡ୍ରୋନ୍ ଆକ୍ରମଣକୁ ଶୁକ୍ରବାର ରାତିରେ ଭାରତର ସଶସ୍ତ୍ର ବଳ ବିଫଳ କରିଦେବା ପରେ ଘଟିଥିବା ବିସ୍ଫୋରଣ ଯୋଗୁ ପଞ୍ଜାବର ଗୁର୍‌ଦାସପୁର ନିକଟ ରାଜୁବେଲା ଛିଛରନ ଗ୍ରାମର ଏକ କୃଷି କ୍ଷେତରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି।



ପାକିସ୍ତାନର ଗୁଳିଗୋଳା ବର୍ଷଣରେ ଶୁକ୍ରବାର ରାତିରେ ଜମ୍ମୁ-କଶ୍ମୀରର ରାଜୌରୀର ଏକ ଘର ଓ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି।



ଗୁଜରାଟର କଚ୍ଛ ଅଞ୍ଚଳରୁ ସୁରକ୍ଷା କର୍ମୀମାନେ ଜବତ କରିଥିବା ସନ୍ଦିଗ୍ଧ ଯୁଦ୍ଧ ଅସ୍ତ୍ର ଭଗ୍ନାବଶେଷକୁ ଶନିବାର ଜବତ କରାଯାଇଛି।



ଭାରତର ଏସ୍-୪୦୦ ଦ୍ୱାରା ଶୁକ୍ରବାର ରାତିରେ ପାକିସ୍ତାନୀ ଡ୍ରୋନ୍ ଧ୍ୱସ୍ତ ହୋଇଥିବାବେଳେ ସେଥିରେ ଥିବା ବିସ୍ଫୋରକ ସାମଗ୍ରୀ ଅମୃତସର ଉପକଣ୍ଠ ଜନବସତିରେ ପଡ଼ିଛି।



ପାକିସ୍ତାନର ସିଆଲକୋଟ୍‌ସ୍ଥିତ ଆତଙ୍କବାଦୀ ଲଞ୍ଚପ୍ୟାଡ୍‌କୁ ଶୁକ୍ରବାର ରାତିରେ ବିଏସ୍‌ଏଫ୍ ପକ୍ଷରୁ ଧ୍ୱଂସ କରିଦିଆଯାଇଛି।



ଶୁକ୍ରବାର ରାତିରେ ପାକିସ୍ତାନୀ ସେନାର ମୋର୍ଟାର ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲା ମେଣ୍ଢର ସେକ୍ଟର ଅନ୍ତର୍ଗତ ବେହରା ଗ୍ରାମର ଏକ ଘରଛାତ।



ପାକିସ୍ତାନର ଗୁଳିଗୋଳା ଆକ୍ରମଣରେ ଶୁକ୍ରବାର ରାତିରେ ଜମ୍ମୁର ଜାକିର ହୁସେନ ନିହତ ହୋଇଥିବାବେଳେ ମୃତଦେହ ନିକଟରେ ତାଙ୍କ ଆତ୍ମୀୟସ୍ୱଜନ।

## ସଂକ୍ଷେପରେ

### ଚନ୍ଦ୍ରଶେଖରଙ୍କ ଚନ୍ଦନ ଯାତ୍ରା ଉଦ୍‌ଘାଟିତ

ବାରଙ୍ଗ,୧୦।୫(ଲିଙ୍ଗରାଜ ରାଉତ)
ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଗ୍ରାମରେ ଚଳିତବର୍ଷ ଚନ୍ଦ୍ରଶେଖର ଦେବଙ୍କ ଚନ୍ଦନ ଯାତ୍ରା ଉତ୍ସବ ଶୁକ୍ରବାର ରାତିରେ ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ତପନ ଚକ୍ରବର୍ତ୍ତୀ, ଶାନ୍ତନୁ ଜେନା, ପ୍ରଦୀପ ବଡ଼ଜେନା, ଖବରଦାତା ପ୍ରଦୀପ ସ୍ୱାଇଁ, ଆଇନଜୀବୀ ଧନୁର୍ଦ୍ଧର ସୁନ୍ଦରାୟ, ମନ୍ମଥ ଛୋଟରାୟ, ପୀତବାସ ପ୍ରଧାନଙ୍କ ସହ ବହୁ ସୁରବି ଅତିଥି ଭାବେ ଯୋଗଦେଇଥିଲେ। ତପନ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାବା ବାଲୁଙ୍କେଶ୍ୱରଙ୍କ ଯାତ୍ରା ପଡ଼ିଆରେ ଏକ ଅପେରା ଦ୍ୱାରା ହେବାକୁ ଥିବା ୩ ରାତି ଯାତ୍ରା ଆରମ୍ଭ ହୋଇଥିଲା। ଅନ୍ୟପଟେ ରବିବାର ଠାକୁର ଗ୍ରାମ ପରିକ୍ରମା କରିବା ସହ ତାଙ୍କ ପାଖରେ ସାହି ଭୋଗ, କୋଠ ଭୋଗ ଆଦି ଲାଗି କରାଯିବ। ପରେ ଠାକୁରଙ୍କ ଯାତ୍ରା ସମାପନ ହେବ ବୋଲି ଚନ୍ଦନ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୬୩୩ ବିଦ୍ୟାର୍ଥୀଙ୍କୁ ଛାତ୍ରବୃତ୍ତି, ଆର୍ଥିକ ସହାୟତା

ତ୍ରିଶୂଳିଆ ୧୦।୫ (ତୁଷାରକାନ୍ତ ବେହେରା)
ଉଚ୍ଚଶିକ୍ଷାକୁ ଅଧିକ ସମାବେଶୀ ଓ ସୁଲଭ କରିବା ଦିଗରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଉଦ୍ୟମ ପୁନର୍ବାର ପ୍ରମାଣିତ ହୋଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷର ୬୩୩ ଜଣ ବିଦ୍ୟାର୍ଥୀଙ୍କୁ ଛାତ୍ରବୃତ୍ତି ଓ ଆର୍ଥିକ ସାହାଯ୍ୟ ଉପଲବ୍ଧ କରାଯାଇପାରିଛି। ଏହା ବିଗତ ବର୍ଷଠାରୁ ଢେର ଅଧିକ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଜଣାପଡ଼ିଛି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏହି ଉଦ୍ୟମ ଫଳରେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅନଗ୍ରସର ତଥା ଶାରୀରିକ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ଶିକ୍ଷାଲାଭରେ କୌଣସି ବାଧା ସୃଷ୍ଟି ହେବନାହିଁ। ଏହି ସଫଳତା ବିଶ୍ୱବିଦ୍ୟାଳୟର ଛାତ୍ର ବୃତ୍ତି ସହାୟତା ବିଭାଗର ନିଷ୍ଠା ଓ ଅଧ୍ୟବସାୟ ଯୋଗୁ ସମ୍ଭବ ହୋଇପାରିଛି। ସମ୍ପୃକ୍ତ ବିଭାଗର ନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ଦାଶ, ନୋଡାଲ ଅଧିକାରୀ ଡ. ଜସ୍ମିନ ଭୂୟାଁ ଓ କାର୍ଯ୍ୟନିଷ୍ଠ ସହାୟିକା ଅନିତା ସିଂହ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏହି ଉଦ୍ୟମ ଗୁଣବତ୍ତାମୂଳକ ଶିକ୍ଷା ପାଇଁ ଜାତିସଂଘର ଲକ୍ଷ୍ୟ ସହ ସମ୍ପୃକ୍ତ ଥିବାବେଳେ ଗ୍ରାମୀଣ ଓ ପଛୁଆ ଅଞ୍ଚଳରୁ ଆସିଥିବା ବିଦ୍ୟାର୍ଥୀମାନେ ଏହାଦ୍ୱାରା ଉପକୃତ ହୋଇପାରୁଛନ୍ତି। ଏଥିସହ ଭବିଷ୍ୟତର ଉଚ୍ଚଶିକ୍ଷା ପାଇଁ ମଧ୍ୟ ତାଙ୍କୁ ପ୍ରେରଣା ମିଳୁଛି।

# ସମାଜ ପରିବର୍ତ୍ତନ ଚାହୁଁଥିବା ବିପ୍ଳବୀର ମୃତ୍ୟୁ ଘଟେନା

## ଦିବାକର ନାୟକଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାର୍ପଣ ସଭା



ଶ୍ରଦ୍ଧାର୍ପଣ ସଭାରେ ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୧୦।୫ (ବନ୍ଦନା ସେଠୀ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ, ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ତଥା କୃଷକ ଆନ୍ଦୋଳନର ଜନନେତା ଦିବାକର ନାୟକଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାର୍ପଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସୂଚନା ଭବନଠାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି ସଭାପତିତ୍ୱ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଯୋଗଦେଇ, ସମାଜର ପରିବର୍ତ୍ତନ ଚାହୁଁଥିବା ଜଣେ ବିପ୍ଳବୀର କେବେ ମୃତ୍ୟୁ ଘଟେନା ବୋଲି କହିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଡ. ପ୍ରଶାନ୍ତ ମିଶ୍ର ପ୍ରାରମ୍ଭିକ ସୂଚନା ଦେବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଶ୍ରଦ୍ଧାଞ୍ଜଳି ଜଣାଇ ସେ ଏକାଧାରରେ ଜଣେ ବିପ୍ଳବୀ, ଜନନେତା, ସାମ୍ବାଦିକ ଓ ମାର୍କ୍ସବାଦୀ ତତ୍ତ୍ୱବିଦ ଭାବେ ସମାଜ ପାଇଁ ବହୁ ଅବଦାନ ରଖି ଯାଇଛନ୍ତି ବୋଲି କହିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଏବଂ ସିପିଆଇ(ଏମ୍‌ଏଲ୍) ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ପ୍ରମୁଖ ଯୋଗଦେଇ, ମାର୍କ୍ସବାଦ ପ୍ରତି ଅଙ୍ଗୀକାରବଦ୍ଧତା ଏବଂ ସମାଜର ପରିବର୍ତ୍ତନ ପାଇଁ ପ୍ରତିବଦ୍ଧ ଏକ ବିପ୍ଳବୀ ଭାବରେ ସ୍ୱର୍ଗତ ଦିବାକର ଜନମାନସରେ ଜଣେ ଉତ୍ସର୍ଗୀକୃତ ରାଜନେତା ଭାବରେ ପରିଚିତ ଥିଲେ ବୋଲି କହିଥିଲେ। ଏହି ଅବସରରେ ସ୍ୱର୍ଗତ ନାୟକଙ୍କ ସ୍ମୃତିରେ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତ ଫରୱାର୍ଡ ବ୍ଲକ୍‌ର ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଦେବୀପ୍ରସାଦ ମିଶ୍ର, ସିପିଆଇ(ଏମ୍) ରାଜ୍ୟ ନେତା ସନ୍ତୋଷ ଦାସ, ବରିଷ୍ଠ ସାମ୍ବାଦିକ ରବି ଦାସ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ସମୟର ଆହ୍ୱାନ: ରାଜ୍ୟପାଳ


ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ଅନ୍ୟମାନେ।

ଭୁବନେଶ୍ୱର, ୧୦।୫ (ସୌମ୍ୟରଞ୍ଜନ ରାଉତ)

ମା'ଘର ଫାଉଣ୍ଡେଶନ ଟ୍ରଷ୍ଟ, ଭୁବନେଶ୍ୱର ଓଏସ୍‌ଏସ୍ ହସ୍ପିଟାଲ, ତାଳଚେରର ମିଳିତ ପ୍ରୟାସରେ ବିଶ୍ୱ ମାତୃ ଦିବସ ଅବସରରେ ମୁଖ୍ୟ ଅତିଥିଭାବରେ ଯୋଗଦେଇ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି କହିଛନ୍ତି, ଓଡ଼ିଶାର ଦୁର୍ଗମ ଓ ଅନୁନ୍ନତ ଅଞ୍ଚଳରେ ବିଭିନ୍ନ ସମସ୍ୟାର ସମାଧାନ, ଶାନ୍ତି ପ୍ରତିଷ୍ଠା ପାଇଁ ନିରନ୍ତର ପଦକ୍ଷେପ, ମହିଳାମାନଙ୍କୁ ସଶକ୍ତ କରିବା, ଗୋଷ୍ଠୀଙ୍କୁ ପୋଷଣ କରିବା, ଶିକ୍ଷା ଓ କଲ୍ୟାଣମୂଳକ ପଦକ୍ଷେପକୁ ସହଜ କରିବା ଦିଗରେ ଅନୁଷ୍ଠାନର ଉତ୍ସର୍ଗୀକୃତ ପ୍ରଚେଷ୍ଟା ପାଇଁ ଖୁସି ପ୍ରକଟ କରିଥିଲେ। ଏଥିସହ ଏକ ସୁସ୍ଥ ସମାଜ, ଶକ୍ତିଶାଳୀ ଓ ସମୃଦ୍ଧ ଦେଶ ଗଠନ ନିମନ୍ତେ ପୃଷ୍ଠଭୂମି ଓ ଭୌଗୋଳିକ ପରିବେଶ ନିର୍ବିଶେଷରେ ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ ବୋଲି ରାଜ୍ୟପାଳ ମତପ୍ରକାଶ କରିଛନ୍ତି। ସେହିପରି ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଉପରେ ଏସ୍‌ଏସ୍ ହସ୍ପିଟାଲ, ତାଳଚେରର ପ୍ରୟାସ ପାଇଁ ଖୁସି ହେବା ସହ ଏହା ଏକ ସୁସ୍ଥ ଏବଂ ଶକ୍ତିଶାଳୀ ସମାଜ ଗଠନରେ ମୂଳଦୁଆ ବୋଲି କହିଥିଲେ। ସମାରୋହରେ ସମ୍ମାନିତ ଅତିଥିଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ସମାରୋହର କୋ-ଅର୍ଗାନାଇଜର ଆଡ୍‌ଭୋକେଟ୍ ରତ୍ନପର୍ଣ୍ଣା ମହାନ୍ତି ଏବଂ ଡ. ସୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୁନିତା ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଟିଏ ଭଲ ପୁସ୍ତକ ଭଲ ମଣିଷ ଗଢ଼ିବା ପାଇଁ ଯଥେଷ୍ଟ


ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବ ସଚିବ ଜୟନ୍ତୀ ରଥଙ୍କ ସହ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୧୦।୫
(ସୌମ୍ୟରଞ୍ଜନ ରାଉତ)

ଲେଖିକା ଚିନ୍ମୟୀ ପଣ୍ଡାଙ୍କ ଦୁଇଟି ପୁସ୍ତକ 'ଚିନ୍ମୟୀ ଚିନ୍ତନ' ଓ ଶିଶୁ କବିତା ସଂକଳନ 'ଆସ ପାଠ ପଢ଼ିବା' ଶନିବାର ସୂଚନା ଭବନଠାରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଜୟନ୍ତୀ ରଥ କହିଥିଲେ, ଗୋଟିଏ ଭଲ ପୁସ୍ତକ ଭଲ ମଣିଷ ଗଢ଼ିବା ପାଇଁ ଯଥେଷ୍ଟ। ଗଭୀର ଅଧ୍ୟୟନ ଓ ଚିନ୍ତନ ହିଁ ମଣିଷକୁ ସଫଳ କରାଏ। 'ଚିନ୍ମୟୀ ଚିନ୍ତନ' ନିବନ୍ଧ ପୁସ୍ତକକୁ ରଥ ସମୀକ୍ଷା କରିବା ସହ ସାମ୍ପ୍ରତିକ ଘଟଣାବଳୀକୁ ନେଇ ଲେଖାଯାଇଥିବା ଅନେକ ନିବନ୍ଧର ପାଠକୀୟତା ରହିଛି। ଏହା ବର୍ତ୍ତମାନ ଯୁବପିଢ଼ି ପାଇଁ ପ୍ରେରଣପ୍ରଦ ବୋଲି ମତ ଦେଇଥିଲେ। 'ଟୀରତରଙ୍ଗ' ପ୍ରକାଶନ ଦ୍ୱାରା ପ୍ରକାଶିତ ଏହି ୨ ପୁସ୍ତକ ସମ୍ପର୍କରେ ଅନ୍ୟତମ ଅତିଥି ପ୍ରମେୟ ଓ ନ୍ୟୁଜ୍-୭ର ଗ୍ରୁପ୍ ଏଡିଟର ଗୋପାଳକୃଷ୍ଣ ମହାପାତ୍ର କହିଥିଲେ, ଲେଖିବା ପାଇଁ ଭଲ ଅନୁଭବ ଦରକାର ଏବଂ ଗୋଟିଏ ଭଲ ପୁସ୍ତକ ପାଇଁ ଭଲ ଲେଖକର ଆବଶ୍ୟକତା ରହିଛି। ୨ଟି ପୁସ୍ତକ ପ୍ରକାଶନ ସମ୍ପର୍କରେ ନିଜର ଅନୁଭୂତି ପ୍ରକାଶ କରିବା ସହ ଲେଖିକା ଚିନ୍ମୟୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସୂର୍ଯ୍ୟ ମନ୍ଦିରରେ କଡ଼ା ସୁରକ୍ଷା ବ୍ୟବସ୍ଥା

କୋଣାର୍କ,୧୦।୫(ଜ୍ୟୋତିରାଜ ମହାନ୍ତି)

ସମ୍ଭାବ୍ୟ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ଲାଗି ପୁରୀ ବୋମା ନିଷ୍କ୍ରିୟକାରୀ ଟିମ୍ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହି ପରିପ୍ରେକ୍ଷୀରେ କୋଣାର୍କ ଥାନାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ଅଧକ୍ଷତା କରିଥିଲେ। ବୈଠକରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଇଣ୍ଡିଆନ ଅଏଲ୍ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସୁରକ୍ଷା ଉପରେ ପ୍ରାଥମିକତା ଦିଆଯାଇଥିଲା। ସୂର୍ଯ୍ୟ ମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ରଠାରେ ବୋମା ନିଷ୍କ୍ରିୟକାରୀ ଟିମ୍ ପକ୍ଷରୁ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହି ଟିମ୍ ମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକଙ୍କୁ ମଧ୍ୟ ଯାଞ୍ଚ କରିଥିଲା। କୋଣାର୍କ ପୋଲିସର ଏକ ଟିମ୍ ଯାଞ୍ଚ କରିବାରେ ସହାୟତା କରିଥିଲା। ୟ

# ଇଟିକିଲି ମିଟିକିଲି ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୫(ସୌମ୍ୟରଞ୍ଜନ ରାଉତ)

ପିଲାଙ୍କ ଅନୁଷ୍ଠାନ ଇଟିକିଲି ମିଟିକିଲିର ୩୦ତମ ପ୍ରତିଯୋଗିତା ଉତ୍ସବ ଶନିବାର ରୟାଲ ହାୟର ସେକେଣ୍ଡାରି ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି ଅଡିଟୋରିଅମ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟରେ ରେଡିଓ ଆଉଟ୍‌ରିଚ୍‌ର ପ୍ରତିଷ୍ଠାତା ସୁବ୍ରତ କୁମାର ପତି, ରୟାଲ କଲେଜର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିଷ୍ଣୁମୋହନ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ପିଲାମାନଙ୍କ ପ୍ରତିଭା ବିକଶିତ ହେଲେ, ଆମ ରାଜ୍ୟର ସାହିତ୍ୟ, ନୃତ୍ୟ, ସଂଗୀତ, କଳା ଇତ୍ୟାଦି ଭବିଷ୍ୟତରେ ଅଧିକରୁ ଅଧିକ ସମୃଦ୍ଧ ହୋଇପାରିବ ବୋଲି ବକ୍ତବ୍ୟରେ କହିଥିଲେ। ପରେ ମୁଁ ବି ଜଣେ ପାଠକ, ଓଡ଼ିଆ ସମ୍ବାଦପାଠ ଓ ଓଡ଼ିଆ କବିତା ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କ୍ୟୁଟି କିଡ୍‌ସ୍ ପ୍ରି-ସ୍କୁଲର ଅଧକ୍ଷା ସଂଯୁକ୍ତା ପଣ୍ଡା, ଶିଶୁ ସାହିତ୍ୟିକା ଶରତ କୁମାରୀ ମିଶ୍ର, ନିତିଦିନର ସହ ସମ୍ପାଦକ ହିମାଂଶୁ ଶେଖର ପ୍ରଧାନ, କବି ପ୍ରତିସ୍ୱିନୀ ମହାନ୍ତି ପ୍ରମୁଖ ବିଚାରକ ଭାବରେ ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶୀ ଓ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଅନୁଷ୍ଠାନର ଉପ-ସଭାପତି ଚିତ୍ତ ମହାପାତ୍ର ;ଯପଯଅଧ୍ୟାପକ ତଥା ଶିଳ୍ପ ବିଶେଷଜ୍ଞ ଡ. ସଚିକାନ୍ତ କର ଓ କ୍ଷୁଦ୍ରଶିଳ୍ପ ପରାମର୍ଶଦାତା ପ୍ରବାସ ଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ନୃତ୍ୟ ପ୍ରତିଯୋଗିତାରେ ଓଡ଼ିଶୀ ନୃତ୍ୟଗୁରୁ ପୀତାମ୍ବର ବିଶ୍ୱାଳ, ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରିୟଙ୍କା ମିଶ୍ର ଓ ଶୈଳଜା ନନ୍ଦିନୀ ବେହେରା ପ୍ରମୁଖ ବିଚାରକ ଭାବରେ ଉପସ୍ଥିତ ରହି କୃତୀ ଶିଳ୍ପୀମାନଙ୍କୁ ଚୟନ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସାଂସ୍କୃତିକ ସମ୍ପାଦିକା ଅନିତା ରଥ, ସଦସ୍ୟ ରଜନୀକାନ୍ତ ରାଉତ, ଜୟପ୍ରକାଶ ମିଶ୍ର, ସବିତା ତ୍ରିପାଠୀ, ପ୍ରବୀଣା ପରିଡ଼ା, ପ୍ରିୟଦର୍ଶୀ ସୌମ୍ୟକାନ୍ତ ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

# ନଗର ଉନ୍ନୟନ ବିଭାଗ ପରିଦର୍ଶନକଲେ ୧୦ ଆଇଏଏସ୍ ଅଧିକାରୀ


ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଓ ପରିଦର୍ଶନରେ ଆସିଥିବା ଆଇଏଏସ୍ ଅଧିକାରୀମାନେ।

ଭୁବନେଶ୍ୱର, ୧୦।୫ (ବନ୍ଦନା ସେଠୀ)

୨୦୨୪ ବ୍ୟାଚ୍‌ର ୧୦ଜଣ ଆଇଏଏସ୍ ଅଧିକାରୀ ଶୁକ୍ରବାର ଗୃହ ଏବଂ ନଗର ଉନ୍ନୟନ ବିଭାଗ ପରିଦର୍ଶନ କରିଛନ୍ତି। ଓଡ଼ିଶା କ୍ୟାଡର ଆବଣ୍ଟିତ ଏହି ଅଧିକାରୀମାନଙ୍କର ଓରିଏଣ୍ଟେଶନ କାର୍ଯ୍ୟକ୍ରମର ଅଂଶ ଭାବେ ଏହି ପରିଦର୍ଶନ କରାଯାଇଥିଲା। ରାଜ୍ୟରେ ସହରାଞ୍ଚଳ ପରିବର୍ତ୍ତନକୁ ଆଗେଇନେଉଥିବା ଏକ ପ୍ରମୁଖ ସରକାରୀ ବିଭାଗର କାର୍ଯ୍ୟକାରିତା ସହିତ ସେମାନଙ୍କୁ ବ୍ୟବହାରିକ ପରିଚୟ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ପ୍ରଶିକ୍ଷାର୍ଥୀମାନଙ୍କୁ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତକରି କହିଲେ, ଓଡ଼ିଶାର ସହରାଞ୍ଚଳ ନବସୃଜନ, ଅନ୍ତର୍ଭୁକ୍ତି ଏବଂ ନାଗରିକ କୈନ୍ଦ୍ରିକ ଶାସନ ଦ୍ୱାରା ଦ୍ରୁତ ପରିବର୍ତ୍ତନ ଦେଇ ଗତି କରୁଛି। ଏଭଳି ସ୍ଥିତିରେ ଏହି କାର୍ଯ୍ୟକ୍ରମ ପ୍ରଶିକ୍ଷାର୍ଥୀମାନଙ୍କୁ ସହରାଞ୍ଚଳ ବିକାଶ ପାଇଁ କାମ କରିବାକୁ ପ୍ରେରଣା ଯୋଗାଇବ। ଏଥିସହ ଭବିଷ୍ୟତର ସ୍ଥାୟୀ ଏବଂ ସ୍ଥାନୀୟ ଆବଶ୍ୟକତା ପ୍ରତି ପ୍ରତିକ୍ରିୟାଶୀଳ ସହରାଞ୍ଚଳ ନୀତି ଗଠନରେ ଯୁବ ଅଧିକାରୀଙ୍କ ଭୂମିକା ଉପରେ ପ୍ରମୁଖ ସଚିବ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ Viksit Odisha@୨୦୩୬ ପାଇଁ ଏହାର ପ୍ରମୁଖ ପଦକ୍ଷେପ ଏବଂ ଦକ୍ଷ ସେବା ପ୍ରଦାନ ପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମର ସମନ୍ୱୟ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ସଚିବ ଦେବାଶିଷ ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏସ୍‌ସିବିରୁ ଘରୋଇ ହସ୍ପିଟାଲକୁ ରୋଗୀ ସ୍ଥାନାନ୍ତର କରୁଥିଲେ

# ୪ ଆମ୍ବୁଲାନ୍ସ ଡ୍ରାଇଭର ଗିରଫ

କଟକ,୧୦।୫(କାର୍ତ୍ତିକ ସାହୁ)

ଦୂରଦୂରାନ୍ତରୁ ଉନ୍ନତ ଚିକିତ୍ସା ପାଇଁ ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟାନୁଷ୍ଠାନ ଏସ୍‌ସିବି ମେଡିକାଲକୁ ଧାଇଁ ଆସିଥିବା ରୋଗୀଙ୍କୁ ସ୍ୱଷ୍ଟ ଦିବାଲୋକରେ ଠକେଇ କରାଯାଉଛି। ଏସ୍‌ସିବିରୁ ଘରୋଇ ହସ୍ପିଟାଲକୁ ରୋଗୀ ସ୍ଥାନାନ୍ତର କରି ସେମାନଙ୍କୁ ଶୋଷଣ କରାଯାଉଛି। ଏଭଳି ଏକ ଘଟଣାକ୍ରମରେ ୪ଜଣ ଆମ୍ବୁଲାନ୍ସ ଡ୍ରାଇଭର ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ଏସ୍‌ସିବିରୁ ଘରୋଇ ହସ୍ପିଟାଲକୁ ରୋଗୀ ସ୍ଥାନାନ୍ତର ନିମନ୍ତେ ଉଦ୍ୟମ କରୁଥିବା ବେଳେ ମଙ୍ଗଳାବାଗ ଥାନା ପୋଲିସ ତାଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବାଙ୍କୀ ରଗଡ଼ିର ଦେବାଶିଷ ମହାନ୍ତି(୨୨), ବାଙ୍କୀ ଧନସରାର ରାମ ନାଏକ(୪୨) ଗୋବିନ୍ଦପୁର ଥାନା ଅଡ଼ଶପୁରର ସୁଶାନ୍ତ ବାରିକ(୫୧) ଓ ପୁରୁଣା ସଚିବାଳୟ ମାର୍ଗରେ ରହୁଥିବା କ୍ରିଷ୍ଣା ବାହାଦୂର(୪୪)। ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ଗୁରୁତ୍ୱପୂର୍ଣ୍ଣ ହେଉଛି, ଗିରଫ କ୍ରିଷ୍ଣା ପୂର୍ବରୁ ମଧ୍ୟ ଏଭଳି ଦଲାଲି ଅଭିଯୋଗରେ ଧରାପଡି ଜେଲ ଯାଇଥିଲେ। ଅଭିଯୁକ୍ତଙ୍କ ପାଖରୁ ଏକାଧିକ ହସ୍ପିଟାଲ, ନର୍ସିଂହୋମ ଓ ଡାଇଗ୍ନୋଷ୍ଟିକ ସେଣ୍ଟରର ତଥ୍ୟ ପୋଲିସର ହସ୍ତଗତ ହୋଇଛି। ଏହାକୁ ଆଧାର କରି ଅଭିଯୁକ୍ତଙ୍କ ଅନ୍ୟ ସହଯୋଗୀଙ୍କୁ ଧରିବାକୁ ପୋଲିସ ଉଦ୍ୟମ କରୁଥିବା ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଏସ୍‌ସିବି ମେଡିକାଲକୁ ଦଲାଲମୁକ୍ତ କରିବା ପାଇଁ କମିଶନରେଟ୍ ପୋଲିସ୍ ଅଭିଯାନ ପୁଣି ଥରେ ସକ୍ରିୟ ହୋଇଛି। ଗତ କିଛି ଦିନ ହେବ ଏସ୍‌ସିବି ମେଡିକାଲରେ ଦଲାଲ ଗୋଷ୍ଠୀଙ୍କ କାରନାମା ଆରମ୍ଭ ହୋଇଯାଇଥିବା ପୋଲିସକୁ ସୂଚନା ମିଳିଥିଲା। ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ମଙ୍ଗଳାବାଗ ଥାନା ପୋଲିସର ଏକ ଟିମ ସାଦା ପୋଷାକରେ ଏସ୍‌ସିବି ପରିସରରେ ପଇଁତରା ମାରୁଥିଲେ। ଦଲାଲଙ୍କୁ ଠାବ ନିମନ୍ତେ ପୋଲିସ କର୍ମଚାରୀମାନେ ନିଜକୁ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ପରିଚୟ ଦେଇ କାଜୁଆଲଟି ଓ ନନଟ୍ରମା କାଜୁଆଲଟିରେ ଯୋଜନା ପ୍ରସ୍ତୁତ କରିଥିଲା। ଫଳରେ ଶୁକ୍ରବାର ରାତିରେ କାଜୁଆଲଟି ବାହାରୁ ୨ଜଣ ଦଲାଲ ପୋଲିସ ହାତରେ ଧରାପଡ଼ିଥିଲେ। ପୁଣି ଶନିବାର ସକାଳୁ ନନଟ୍ରମା କାଜୁଆଲଟି ପାଖରୁ ଆଉ ୨ଜଣଙ୍କୁ ପୋଲିସ ଧରିବାରେ ସଫଳ ହୋଇଥିଲା। ଅଭିଯୁକ୍ତମାନେ ୩ଜଣ ଗୁରୁତର ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ଉଦ୍ୟମ କରୁଥିଲେ। ଏହି ସମୟରେ ସାଦା ପୋଷାକଧାରୀ ପୋଲିସ ସେମାନଙ୍କୁ ମାଡ଼ି ବସିଥିଲା। ସମସ୍ତ ଅଭିଯୁକ୍ତ ପେସାରେ ବେସରକାରୀ ଆମ୍ବୁଲାନ୍ସ ଡ୍ରାଇଭର। ମାତ୍ର ଏସ୍‌ସିବି ପରିସରରେ ନିଜକୁ ବେସରକାରୀ ହସ୍ପିଟାଲର କର୍ମଚାରୀ ଭାବେ ପରିଚୟ ଦେଇ ରୋଗୀଙ୍କୁ ପ୍ରଭାବିତ କରୁଥିଲେ।

## ଫଟୋ ରେ ଖବର



ଚଳିତ ବର୍ଷ ଦ୍ୱିତୀୟଥର ଲାଗି ଭୁବନେଶ୍ୱରର ତାପମାତ୍ରା ୪୦ ଡିଗ୍ରୀ ଟପିଥିଲା। ପ୍ରବଳ ଖରା ସହ ଗୁଳୁଗୁଳି ଯୋଗୁ ଲୋକେ ରାଜଧାନୀରେ ଥିବା ଏକ ଗଛ ମୂଳେ ବିଶ୍ରାମ ନେଉଛନ୍ତି।
ସାଇକେଲରେ ଯାଉଥିବା ଏକ ଦମ୍ପତି ମୁଣ୍ଡରେ ଗାମୁଛା ପକାଇ ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି। (ଫଟୋ: ବିକାଶ ନାୟକ)

**ଚାଟେରୀ ଭୋଗ ଖାଇଲେ ମା' ଅନ୍ଧାର ଘରବାଉଡି**

ବାଙ୍କୀ, ( ଶୁଭେନ୍ଦୁ ମହାପାତ୍ର) : ବାଙ୍କୀ ଉପଖଣ୍ଡ ସରଣ୍ଡାଗଡର ଆରାଧ୍ୟ ଦେବୀ ମା' ଅନ୍ଧାର ଘର ବାଉତିଙ୍କ ବୈଶାଖ ପୂର୍ଣ୍ଣିମା ଉପଲକ୍ଷେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣିମା ଦିନ ରାତିନୀତି ଅନୁଯାୟୀ ମା' ଗାଁ ବୁଲି ଭକ୍ତମାନଙ୍କୁ ଦର୍ଶନ ଦେବା ସହ ଚାଟେରୀ ଭୋଗ ଖାଇ ଆଶୀର୍ବାଦ ପ୍ରଦାନ କରିଥିଲେ। ପୂଜକ ଦିଲୀପ ରଣା, ପ୍ରମୋଦ କୁମାର ସାହୁ, ହିମାଂଶୁ ବେହେରା, ବେଣୁଧର ଦାସ, ରବିନାରାୟଣ ସାହୁ ଓ ପପୁ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଅଗ୍ନିକାଣ୍ଡ, ୨ ବଖରା ଜଳିଗଲା

ବାଙ୍କୀ, ୧୦।୫ ( ଶୁଭେନ୍ଦୁ ମହାପାତ୍ର)– ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମରେ ମଧ୍ୟାହ୍ନ ସମୟରେ ହଠାତ୍ ନିଆଁଲାଗି ୨ ବଖରା ଜଳିଯାଇଛି। ଏଥିରେ ଗ୍ରାମର ପ୍ରାଣକୃଷ୍ଣ ସାହୁଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁରେ ଘର ସମସ୍ତ ଆସବାବପତ୍ର ଓ ଗୁରୁତ୍ୱପୂର୍ଣ୍ଣ କାଗଜ ଜଳିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପରିବାର ଲୋକେ ଭୟରେ ବାହାରକୁ ଚାଲିଆସିଥିଲେ। ଏଥିସହ ବାଙ୍କୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପ୍ରବଳ ଖରା ଯୋଗୁ ସ୍ଥାନୀୟ ଲୋକେ ନିଆଁ ଲିଭାଇ ପାରି ନ ଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ବ୍ରହ୍ମପୁରା ସର୍କଲର ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ



ବାଙ୍କୀ, ୧୦।୫ ( ଶୁଭେନ୍ଦୁ ମହାପାତ୍ର / ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ବ୍ଲକ ସରଣ୍ଡା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଗମ୍ବର ପଣ୍ଡା(୯୨)ଙ୍କର ଶନିବାର ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। କଟକରେ ଚିକିତ୍ସାଧୀନ ଥିଲେ। ସେ ଜଣେ ମିଷ୍ଟଭାଷୀ, ମେଳାପି ଓ ଧର୍ମ ପ୍ରାୟଣ ବ୍ୟକ୍ତି ଭାବେ ଆଖପାଖ ଅଞ୍ଚଳରେ ପରିଚିତ ଥିଲେ। ନିଜ ଗ୍ରାମ ବଡ଼ନାଉପୁଟରେ ଦିଗମ୍ବରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ଅନ୍ତିମ ଯାତ୍ରାରେ ପୁରାତନ ସହଯୋଗୀ, ଛାତ୍ରୀଛାତ୍ର ଓ ପରିବାର ସଦସ୍ୟ ସାମିଲ ହୋଇଥିଲେ। ରାତ୍ର ୮ ଘଟିକା ସମୟରେ ସରଣ୍ଡା ବିଦ୍ୟାଳୟରେ ଶୋକ ସଭା ଆଗତ ହୋଇଥିଲା। ଦିଗମ୍ବରଙ୍କ ପରଲୋକରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସଚନ୍ଦ୍ର ପାଢୀ, ବନ ବିହାରୀ ପଣ୍ଡା, ପୂର୍ବତନ ସରପଞ୍ଚ ତରୁଣ କୁମାର ମହାପାତ୍ର, ବେଣୁଧର ଦାସ, ଶୁଭେନ୍ଦୁ ମହାପାତ୍ର, ରାଜେଶ ପଣ୍ଡା, ରଜନୀ କାନ୍ତ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ହାଇୱା ଚଳାଚଳକୁ ବିରୋଧ: ମହିଳାଙ୍କ ରାସ୍ତାରୋକୋ



ମହିଳାମାନେ ରାସ୍ତା ଅବରୋଧ କରି ପ୍ରତିବାଦ କରୁଛନ୍ତି।

**ଟିଗିରିଆ, ୧୦।୫(ଜାଫର ଖାଁ)**

ଟିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତସ୍ଥିତ ଜଗନ୍ନାଥପୁର ଗ୍ରାମର ମହିଳାମାନେ ଗ୍ରାମ ମଧ୍ୟଦେଇ ହାଇୱା ଚଳାଚଳକୁ ବିରୋଧ କରଛନ୍ତି। ଏନେଇ ଶନିବାର ଅପରାହ୍ନରେ ସେମାନେ ଗ୍ରାମ ରାସ୍ତା ଅବରୋଧ କରିଛନ୍ତି। ଏ ସମ୍ପର୍କରେ ଆଗାମୀ ଦିନରେ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରାଯିବ ବୋଲି ମହିଳାମାନେ ସୂଚନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଏନେଇ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗ୍ରାମ ନିକଟରେ ଥିବା ଭେଜିଆ ଅଞ୍ଚଳରୁ ଖଣି ମାଫିଆମାନେ ବେଆଇନଭାବେ କଳା ମୁଗୁନି ପଥର ଉତ୍ତୋଳନ କରିବା ସହ ସେଥିରୁ କ୍ରଶର ସାହାଯ୍ୟରେ ଗୋଡି ବାହାର କରୁଛନ୍ତି। ଉକ୍ତ ପଥର ଓ ଗୋଡିକୁ ନେବାପାଇଁ ପ୍ରତ୍ୟହ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ ହାଇୱା ଏହି ଗ୍ରାମ ଦେଇ ଉକ୍ତ ସ୍ଥାନକୁ ଯାତାୟାତ କରୁଛି। ଫଳରେ ଜଗନ୍ନାଥପୁର ଗ୍ରାମରେ ବାସ କରୁଥିବା ଶତାଧିକ ପରିବାର ଜୀବନ ଦୁର୍ବିଷହ ହୋଇଯାଇଛି। ହାଇୱା ଯାତାୟାତ ଫଳରେ ବିଭିନ୍ନ ସମୟରେ ଗ୍ରାମରେ ଦୁର୍ଘଟଣା ଘଟିବା ସହ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ଏଥିଯୋଗୁ ପିଲାମାନଙ୍କୁ ବିଦ୍ୟାଳୟକୁ ନେବାକୁ ଅଭିଭାବକମାନେ ଭୟ କରୁଛନ୍ତି। ହାଇୱାରୁ ଉଡୁଥିବା ଧୂଳିରେ ସ୍ଥାନୀୟ ଅଞ୍ଚଳ ପ୍ରଦୂଷିତ ହେବା ସହ ଜଳାଶୟଗୁଡିକ ମଧ୍ୟ ପ୍ରଦୂଷିତ ହୋଇଯାଉଛି। ଫଳରେ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସ୍ୱର ଉତ୍ତୋଳନ କଲେ ପରିବାରକୁ ଧମକ ଦିଆଯାଉଛି। ଏଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ମହିଳାମାନେ ଦାବି କରିଛନ୍ତି। ଖବର ଲେଖା ହେବା ବେଳକୁ ମହିଳାମାନେ ଧାରଣାରେ ବସିଥିଲେ।

# ୧୪ରୁ ଆଲେନ୍ ଏନ୍‌ଇଇଟି ରିପିଟର୍ସ ବ୍ୟାଚ୍ ଆରମ୍ଭ



**ଭୁବନେଶ୍ୱର, ୧୦।୫(ଅନୁରାଧା ମହାରଣା):**

ଡାକ୍ତରୀ ପାଠ ପଢ଼ିବା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି–୨୦୨୫ରେ ଭଲ ସଫଳତା ପରେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ ଏନ୍‌ଇଇଟି–ୟୁଜି ୨୦୨୬ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହ ନୂତନ ବ୍ୟାଚ୍ ଲାଗି ତାରିଖ ଘୋଷଣା କରିଛି। ଏହି ବ୍ୟାଚ୍‌ଗୁଡ଼ିକରେ ପ୍ରବେଶ ପାଇଁ ଆଲେନ୍ ଫି'ର ୯୦ ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଆଲେନ୍ ରିପିଟର୍ସ ଲିଡର ବ୍ୟାଚ୍ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ଏହା ପରେ ଆଗାମୀ ଦିନରେ ପ୍ରତି ସପ୍ତାହରେ ରିପିଟରମାନଙ୍କ ପାଇଁ ବ୍ୟାଚ୍ ଆରମ୍ଭ ହେବ। ଏହା ସହ ଆଲେନ୍ ସ୍କଲାରଶିପ ଆଡ୍‌ମିଶନ ଟେଷ୍ଟ (ଏ–ସେଟ୍) ମେଗା ଇଭେଣ୍ଟ ମଧ୍ୟ ମେ ୧୨ରୁ ୧୭ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏହା ଅଧୀନରେ ପ୍ରତିଦିନ ଏକ ଆସେଟ୍ ପରୀକ୍ଷା ହେବ, ଯେଉଁଥିରେ ଅଂଶଗ୍ରହଣ କରି ଜଣେ ଆଲେନ୍ ଫି'ରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରଶିପ ପାଇପାରିବେ। ଆଲେନ୍ କୋଟାର ସଭାପତି ବିନୋଦ କୁମାୱତ କହିଛନ୍ତି, ଦଶମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି ନର୍ଚର ବ୍ୟାଚ୍ ମେ ୧୫ ଏବଂ ୨୯ ତାରିଖରେ ଆରମ୍ଭ ହେଉଛି। ସେହିପରି ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି–୨୦୨୬ ପ୍ରସ୍ତୁତି ନିମନ୍ତେ ୧୫ରୁ ନୂତନ ବ୍ୟାଚ୍ ଆରମ୍ଭ ହେଉଛି। ଜେଇଇ ମେନ୍ ଆଡଭାନ୍ସଡ ଲାଗି ପ୍ରସ୍ତୁତି ପାଇଁ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ନର୍ଚର ବ୍ୟାଚ୍ ମେ ୨୧ରୁ ଏବଂ ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଲିଡର ବ୍ୟାଚ୍ ମେ ୨୫ ଏବଂ ଜୁନ୍ ୧୩ରୁ ଆରମ୍ଭ ହେଉଛି। ଏନ୍‌ଇଇଟି ଫଳାଫଳ ପରେ ଏହି ଛାତ୍ରୀଛାତ୍ରଙ୍କୁ ଅଲ୍ ଇଣ୍ଡିଆ ର୍ୟାଙ୍କ ଆଧାରରେ ସ୍କଲାରଶିପ ଦିଆଯିବ। ଫଳାଫଳର କିଛିଦିନ ପରେ ଛାତ୍ରବୃତ୍ତି ରାଶି ପ୍ରକାଶ କରାଯିବ। ଏ ପରିସ୍ଥିତିରେ ଛାତ୍ରୀଛାତ୍ର ଫଳାଫଳ ଏବଂ ପରାମର୍ଶକୁ ଅପେକ୍ଷା ନ କରି ଠିକ୍ ସମୟରେ ସେମାନଙ୍କ ପ୍ରସ୍ତୁତି ପୁନର୍ବାର ଆରମ୍ଭ କରିପାରିବେ। ବିସ୍ତୃତ ସୂଚନା www.allen.ac.in ରେ ମିଳିପାରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ଶଙ୍କର୍ଷଣ ମହାଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ଭକ୍ତମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

**ଟିଗିରିଆ, ୧୦।୫(ଜାଫର ଖାଁ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଶାସନସ୍ଥିତ ଶ୍ରୀଶ୍ରୀ ଶଙ୍କର୍ଷଣ ମହାଦେବଙ୍କ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ଅଧିବାସ ଶନିବାର ଆରମ୍ଭ ହୋଇଛି। ଶନିବାର ଅଧିବାସରେ ସକାଳୁ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ତିନି ଦିନ ବ୍ୟାପୀ ଏହି ଯଜ୍ଞ କାର୍ଯ୍ୟକ୍ରମ ଚାଲୁ ରହିବ। ରବିବାର ଦ୍ୱିତୀୟ ଦିନରେ ଗୀତା ଯଜ୍ଞ, ତୃତୀୟ ଦିନରେ ଚଣ୍ଡୀ ପାଠ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ବୈଦିକ ମନ୍ତ୍ର ଆଚାର୍ଯ୍ୟ ଅଭିନାଶ ଦାଶ ଉଚ୍ଚରଣ କରିଥିଲେ। ପ୍ରଚାରକ ପ୍ରଦୀପ କୁମାର ମିଶ୍ର, ଉପଦେଷ୍ଟା ହୃଷୀକେଶ ମିଶ୍ର, ସବ୍ୟସାଚୀ ମିଶ୍ର, ରଘୁନାଥ ମିଶ୍ର, ବସନ୍ତ କୁମାର ଦାସ, ପୃଥ୍ୱୀରାଜ ଦାସ ପ୍ରମୁଖ ଏହି ଯଜ୍ଞରେ ସହଯୋଗ କରିଛନ୍ତି। ଗ୍ରାମ ମୁଖିଆ ପୀତବାସ ଦାସଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞ ଆରମ୍ଭ ହୋଇଥିବାବେଳେ ଶିବ ପ୍ରସାଦ ଦାଶ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିଲେ।

## ଶ୍ରୀ ମଦନମୋହନ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

**ମାଣିଆବନ୍ଧ, ୧୦।୫ (ଅଖିଳ କୁମାର ସାହୁ):**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ହରିହରପାଟଣା ସାହିରେ ଶ୍ରୀଶ୍ରୀ ମଦନମୋହନ ଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪ ଦିନ ଧରି ଚାଲିଥିବା ଏହି ପ୍ରତିଷ୍ଠା ଉତ୍ସବରେ ବୁଧବାର ଅଙ୍କୁରୋପଣ, ଗୁରୁବାର କଳସଯାତ୍ରା, ଅଗ୍ନି ସ୍ଥାପନ, ଶୁକ୍ରବାର ସୂର୍ଯ୍ୟପୂଜା, ମହାସ୍ନାନ ଓ ଶନିବାର ଠାକୁର ସିଂହାସନ ବିଜେ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ଗଡ଼ରାଜା ଶ୍ରୀ ଶ୍ରୀ ତ୍ରିବିକ୍ରମ ଦେବ ବୀରବର ମଙ୍ଗରାଜ ମହାପାତ୍ର, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ତ୍ରିଭୁବନ ଚନ୍ଦ୍ର ଦେବ, ବିଶିଷ୍ଟ ଅତିଥିଭାବେ ପୂର୍ବତନ ବିଧାୟକ ଦେବୀ ପ୍ରସାଦ ମିଶ୍ର, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ମାଣିଆବନ୍ଧ ପାଞ୍ଚଶହ ଘର ସଭାପତି ପୀତବାସ ସାହୁ, ଉପସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ଶତପଥୀ, ସହ ସମ୍ପାଦକ ପ୍ରଭାକର ପ୍ରଧାନ, ସନ୍ତରାବାଲୀ ପଞ୍ଚାୟତର ନାଏବ ସରପଞ୍ଚ ଶରତ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ନିଷ୍ଠା ଓ ଅଧ୍ୟବସାୟ ରହିଲେ ସବୁ ଅସମ୍ଭବ ସମ୍ଭବ ହୋଇଥାଏ



କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଚୌଦ୍ୱାର, ୧୦।୫(ଆଶୁତୋଷ ଦାସ)**

ନିଷ୍ଠା ଓ ଅଧ୍ୟବସାୟ ରହିଲେ ମନୁଷ୍ୟ ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରିଥାଏ ବୋଲି ଗୋପାଳକୃଷ୍ଣ ଗୋଖଲେଙ୍କ ୧୫୯ତମ ଜୟନ୍ତୀ ଉତ୍ସବରେ ମତପ୍ରକାଶ ପାଇଛି। ହିନ୍ଦ ସେବକ ସଂଘ ଓଡ଼ିଶା ଶାଖା ପକ୍ଷରୁ ଚୌଦ୍ୱାରସ୍ଥିତ ଆଶ୍ରମ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ମହାନାୟକ ଗୋପାଳକୃଷ୍ଣ ଗୋଖେଲଙ୍କ ଜୟନ୍ତୀ ଉତ୍ସବରେ ତିରୁପତୀ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥି, ପ୍ରଫେସର ସୁରେନ୍ଦ୍ର ମୋହନ ମିଶ୍ର, ବରିଷ୍ଠ ଖବରଦାତା ସତ୍ୟ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୋଖଲେଙ୍କ ବିଚାରଧାରା ଓ କାର୍ଯ୍ୟଶୈଳି ଲାଲା ଲଜପତରାୟଙ୍କ ସହ ପ୍ରାୟ ସମାନ ରହିଥିଲା ବୋଲି ମତବ୍ୟକ୍ତ କରିଥିଲେ। ମନୁଷ୍ୟ ନିଷ୍ଠା ଓ ଅଧ୍ୟବସାୟ ବଳରେ ସବୁ କିଛି ସମ୍ଭବ କରିପାରିଥାଏ ବୋଲି ବକ୍ତାମାନେ ମତ ରଖିଥିଲେ। ହିନ୍ଦ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ଆଶ୍ରମ ପରିସରରେ ଥିବା ଲକ୍ଷ୍ମୀ ନାରାୟଣ ସାହୁ ଓ ଗୋଖଲେଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅନୁଷ୍ଠାନ ପିଲାମାନଙ୍କ ପକ୍ଷରୁ ପ୍ରାରମ୍ଭିକ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷାବିତ୍ ରବୀନ୍ଦ୍ର ନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୀମନ୍ତ ନାୟକ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ।

## 'ଶ୍ରଦ୍ଧାର ଅମୃତଧାରା' ପୁସ୍ତକ ଉନ୍ମୋଚିତ



ଅତିଥିମାନଙ୍କ ଦ୍ୱାରା 'ଶ୍ରଦ୍ଧାର ଅମୃତଧାରା' ପୁସ୍ତକ ଉନ୍ମୋଚନ କରାଯାଉଛି।

**କଟକ, ୧୦।୫(କାର୍ତ୍ତିକ ସାହୁ)**

ଶିକ୍ଷାବିତ୍ ଡ. ସୁବାସିନୀ ଲେଙ୍କାଙ୍କ ସମ୍ବନ୍ଧରେ ଲିଖିତ 'ଶ୍ରଦ୍ଧାର ଅମୃତଧାରା' ପୁସ୍ତକ ଶ୍ରୀରାମଚନ୍ଦ୍ର ଭବନଠାରେ ଉନ୍ମୋଚନ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନ କରି ପୁସ୍ତକର ଲେଖିକା ଡାକ୍ତର ଲେଙ୍କା ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ ବୋଲି କହିଥିଲେ। ସମ୍ମାନିତ ଅତିଥି ପୂର୍ବତନ ମୁଖ୍ୟ ଆୟକର କମିଶନର ମନୋରଞ୍ଜନ ପାଣିଗ୍ରାହୀ, ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ଦାଶ ପୁସ୍ତକରେ ନିଜସ୍ୱ ଲେଖା ପ୍ରଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ଡାକ୍ତର ଲେଙ୍କାଙ୍କ ଉତ୍ସର୍ଗୀକୃତ ଅବଦାନ ଓ ସମାଜର ନିଷ୍ପେସିତ ଶ୍ରେଣୀଙ୍କ ବ୍ୟକ୍ତିଙ୍କ ପାଇଁ ତାଙ୍କର ଜନହିତକର କାର୍ଯ୍ୟ ଏବଂ ବିଜ୍ଞାନ ଓ ସାହିତ୍ୟର ଉନ୍ନତି ଦିଗରେ ତାଙ୍କ ଅବଦାନ ପାଇଁ ତାଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ପୁସ୍ତକର ସମ୍ପାଦନା କରିଥିବା ଓ ପ୍ରକାଶ କରିଥିବା ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ, ଡାକ୍ତର ଲେଙ୍କାଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କୈଳାସ ଚନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ରାଜନୈତିକ ଉଦ୍ଦେଶ୍ୟରୁ ହତ୍ୟା ଅଭିଯୋଗ

## ମହାନଦୀରୁ ଯୁବକଙ୍କ ମୃତଦେହ ଜବତ

**ନିଶ୍ଚିନ୍ତକୋଇଲି/ସାଲେପୁର, ୧୦।୫ (ଅଶୋକ କୁମାର ମହାପାତ୍ର/ଅରବିନ୍ଦ ଭୂୟାଁ):**

କିଶନନଗର ଥାନା ଗୁଆଳି ଦେଇ ପ୍ରବାହିତ ମହାନଦୀ ଶଯ୍ୟାରୁ ଜଣେ ଯୁବକଙ୍କ ଭାସୁଥିବା ମୃତଦେହ ଜବତ କରାଯାଇଛି। ସେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ସରପଡ଼ା ଗ୍ରାମପଞ୍ଚାୟତ ଅଧୀନ ବୋଧଙ୍ଗ ଗ୍ରାମର ଦିବାକର ସ୍ୱାଇଁଙ୍କ ଜ୍ୟେଷ୍ଠପୁତ୍ର ଜିତେନ୍ଦ୍ର କୁମାର ସ୍ୱାଇଁ(୨୫)। ତେବେ ରାଜନୈତିକ ଉଦ୍ଦେଶ୍ୟ ରଖି ପୁଅକୁ ହତ୍ୟା କରାଯାଇଥିବା ବାପା ଦିବାକର କିଶନନଗର ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଦିବାକର ସାଲେପୁରସ୍ଥିତ ମାଛୁଆତି ନିକଟରେ ଦୀର୍ଘବର୍ଷ ହେବ ଘର ଭଡ଼ାନେଇ ରହିଆସୁଛନ୍ତି। ଶନିବାର ସନ୍ଧ୍ୟାରେ ପୁଅ ଜିତେନ୍ଦ୍ର ଯୋଗ କରିବା ପାଇଁ ସ୍ଥାନୀୟ ଖେଳପଡ଼ିଆକୁ ଯାଇଥିଲେ। ରାତି ୧୦ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ଦିବାକର ତାଙ୍କୁ ଫୋନ୍ କରିଥିଲେ। ମାତ୍ର ଜିତେନ୍ଦ୍ର ଫୋନ୍ ନ ଉଠାଇବାରୁ ବିଭିନ୍ନ ବନ୍ଧୁବାନ୍ଧବଙ୍କ ଘର ଖୋଜାଖୋଜି କରିଥିଲେ। ବିଳମ୍ବିତ ରାତିରେ ମୋବାଇଲ୍ ଟ୍ରାକିଂ କରିବା ପରେ କିଶନନଗର ଥାନା ଅନ୍ତର୍ଗତ ଗୁହାଳି ନିକଟରେ ଥିବା ଜଣାପଡ଼ିଥିଲା। ଦିବାକର ସେଠାକୁ ଯାଇ ବିଭିନ୍ନ ଜାଗାରେ ଖୋଜାଖୋଜି କରିଥିଲେ ମଧ୍ୟ ପୁଅ କିମ୍ବା ମୋବାଇଲର ସନ୍ଧାନ ମିଳି ନ ଥିଲା। ସକାଳୁ ମଧ୍ୟ ଉକ୍ତ ସ୍ଥାନରେ ମୋବାଇଲ୍ ଲୋକେଶନ ଟ୍ରାକ୍ ହେବାରୁ ପୁନର୍ବାର ସେଠାରେ ଖୋଜାଖୋଜି ବେଳେ ଜିତେନ୍ଦ୍ରଙ୍କୁ ମହାନଦୀରେ ଭାସୁଥିବା ଦେଖିଥିଲେ। ଏନେଇ କିଶନନଗର ଥାନାକୁ ଅବଗତ କରାଇବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ପାଣିରୁ ବାହାର କରି ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ଜରିଆରେ ଘଟଣାସ୍ଥଳରେ ତଦନ୍ତ କରିଛି। ଏନେଇ କିଶନନଗର ଥାନାରେ ଅପମୃତ୍ୟୁ ମାମଲା(ନଂ.୯/୨୫) ରୁଜୁ କରାଯାଇଛି। ଦିବାକର ରାଜନୀତିରେ ଆଗଧାଡ଼ିର ନେତୃତ୍ୱ ନେଉଥିବାରୁ ରାଜନୈତିକ ଆକ୍ରୋଶରୁ ପୁଅକୁ ହତ୍ୟା କରି ପାଣିରେ ଫିଙ୍ଗି ଦିଆଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ରିପୋର୍ଟ ଲେଖାହେଲା ବେଳକୁ ପୋଲିସ କାହାରିକୁ ଗିରଫ କରି ନ ଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ଆଇଆଇସି ଅନିତା ସାହୁ କହିଛନ୍ତି।

**ଫଟୋ ରେ ଖବର**




କଟକ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ସମ୍ମୁଖରେ କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଭାରତୀୟ ଯବାନଙ୍କ ମନୋବଳ ବୃଦ୍ଧି ପାଇଁ ଦୀପଦାନ।




କଟକ ଦଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ହିନ୍ଦୁ ସେନା ପକ୍ଷରୁ ଭାରତୀୟ ଯବାନଙ୍କ ସୁରକ୍ଷା ଓ ବିଜୟ କାମନା କରି ଦୀପଦାନ।

## ସଂକ୍ଷେପରେ

### ଜମିବାଡ଼ିକୁ କେନ୍ଦ୍ରକରି ଆକ୍ରମଣ, ବାପପୁଅ ଗିରଫ

ବାଲୁଗାଁ,୧୦।୫(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧୀନ ଶାନ୍ତିନଗର ନୂଆ ଜେଟିଠାରେ ରହୁଥିବା ଗୋଟିଏ ପରିବାରର ଦୁଇ ଭାଇ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ରକରି ମାରପିଟ୍ ହୋଇଛି। ଏଥିରେ ସାନଭାଇ ଆହତ ହୋଇଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୩୪/୨୫) ରୁଜୁ କରିଛି। ଏହି ଘଟଣାରେ ଅଭିଯୁକ୍ତ ବାପପୁଅଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜାନକୀ ବେହେରା ଏବଂ ପୁଅ ଦୀପକ ବେହେରା। ପୋଲିସ ସୂଚନା ମୁତାବକ, ପରିବାରର ବଡ଼ଭାଇ ଜାନକୀ ବେହେରା ଏବଂ ସାନଭାଇ ରାଜକିଶୋରଙ୍କ ମଧ୍ୟରେ ଘରଡ଼ିହ ଏବଂ ଜମିବାଡ଼ିକୁ କେନ୍ଦ୍ରକରି ପୂର୍ବରୁ ବିବାଦ ରହିଥିଲା। ଗୁରୁବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ବଚସା ସହ ହାତାହାତି ହୋଇଥିଲା। ଜାନକୀ ଏବଂ ତାଙ୍କ ପୁଅ ଦୀପକ ମାରଣାସ୍ତ୍ରରେ ଆକ୍ରମଣ କରିବା ଫଳରେ ରାଜକିଶୋର ଗୁରୁତର ଆହତ ହୋଇଥିଲେ। ଚିକିତ୍ସିତ ହୋଇ ଆସିବା ପରେ ସେ ଏନେଇ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ।

### ଖଣ୍ଡାଚୋଟରେ ମହିଳା ଆହତ

ଟାଙ୍ଗୀ,୧୦।୫(ରଘୁନାଥ ସାହୁ)

ଖଣ୍ଡା ଆକ୍ରମଣରେ ଶୁକ୍ରବାର ଜଣେ ମହିଳା ଆହତ ହୋଇଛନ୍ତି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ଡିଢିରି ସାହିର ମମତା ବେହେରା। ଏନେଇ ମମତାଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ଉକ୍ତ ସାହିରେ ଜାଳକାଠକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ବିବାଦ ହୋଇଥିଲା। ଗୋଟିଏ ପରିବାରର ସଦସ୍ୟ ଜିତୁ ବେହେରା ଏକ ଖଣ୍ଡାରେ ଅନ୍ୟ ପରିବାର ସଦସ୍ୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ମମତା ଆହତ ହୋଇଥିବା ଅଭିଯୋଗ ହୋଇଛି।

### ୧୭ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ,୧୦।୫(ସନ୍ଧ୍ୟାରାଣୀ ମିଶ୍ର)

ଅଚ୍ଛିନ୍ନ ଏକାଦଶ ରୁଦ୍ର ତଥା ବାବା ହଙ୍କେଶ୍ୱରଙ୍କ ସଭାଗୃହରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାବା ହଙ୍କେଶ୍ୱର ସେବାସଂଘ, ବେଗୁନିଆ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ(ପିଷ୍ଟା) ସମ୍ପାଦକ ରବୀନ୍ଦ୍ର ନାଥ ସାହୁଙ୍କ ଆବାହକତ୍ୱ ଏବଂ ଓଡ଼ିଶା ରକ୍ତଦାତା ମହାସଂଘର ସଦସ୍ୟ ଯୋଗେଶ୍ୱର ପଣ୍ଡାଙ୍କ ନେତୃତ୍ୱରେ ଉକ୍ତ ଶିବିର ହୋଇଥିଲା। ଶିବିରରେ ମୋଟ୍ ୧୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଡା. ସୌରଭ ରାୟ, ଲାବ୍‌ଟେକ୍ନିସିଆନ ଅରୁଣ କୁମାର ସାହୁ ଓ ଷ୍ଟାଫ୍ ନର୍ସ ଝିନ୍ସିରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ପୂର୍ବତନ ଏବିଇଓ ସୁରେଶ ଚନ୍ଦ୍ର ସେଠୀ, ଶିକ୍ଷକ କିଶୋର ପ୍ରଧାନ, ସୁଶାନ୍ତ ବେହେରା, ପୁରୁଷୋତ୍ତମ ପଟ୍ଟନାୟକ, ସମୀର ସୁନ୍ଦରାୟ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

ବେଗୁନିଆ,୧୦।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ପୋଲିସ ଶନିବାର ଡିଙ୍ଗର ଗ୍ରାମ ଛକଠାରେ ଚଢ଼ାଉ କରି ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ମନୋରଞ୍ଜନ ବେହେରା ଓରଫ୍ ମୁନୁ (୨୧)। ତାଙ୍କ ନିକଟରୁ ୧୦.୩୪ ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ପରେ ଅଭିଯୁକ୍ତ ମୁନୁଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା କହିଛନ୍ତି।

### ଭାରତମାତାର ସୁରକ୍ଷା ପାଇଁ ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ପଠନ

ନିରାକାରପୁର,୧୦।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ଆତଙ୍କବାଦ୍‌ର ବିନାଶ ଏବଂ ଭାରତମାତାର ସୁରକ୍ଷା ତଥା ସେନାର ମନୋବଳ ବୃଦ୍ଧି ପାଇଁ ନିରାକାରପୁରସ୍ଥିତ ଆଦର୍ଶ ଶିକ୍ଷାଦାନ ଶିବିର ଓ ଶୀୟାରାମ କ୍ଲାସେସ୍ ପକ୍ଷରୁ ସ୍ଥାନୀୟ ପୁରୁଣା ଥାନା ପରିସରରେ ଶନିବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମୂହିକ ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପଠନ କରାଯାଇଛି। ଏଥିରେ ଅଧ୍ୟାପକ ରାଜେଶ ପ୍ରତିହାରୀ, ବାବା ଭାଗୀରଥି ରାମ ଅଂଶଗ୍ରହଣ କରିଥିବା ବେଳେ ଅଧ୍ୟାପକ ଅଭିରାମ ପଣ୍ଡା, ବିଦ୍ୟାଧର ବିଶ୍ୱାଳ, ଅଶୋକ ବ୍ରହ୍ମା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ କମଳ ଲୋଚନ ପ୍ରଧାନ ଏବଂ ଶ୍ୟାମ ସୁନ୍ଦର ପଟ୍ଟନାୟକ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବାସୁଦେବ ମଣ୍ଡଳ, ଗୁଣନିଧି ପଶ୍ଚିମକବାଟ, ସରୋଜ ମହାପାତ୍ର, ନକୁଳ ବିଶ୍ୱାଳ, ଅମର କୁମାର ଜୟସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଥମୁନି ବ୍ରାଉନ୍‌ସୁଗାର କାରବାର

ଖୋର୍ଦ୍ଧା,୧୦।୫(ପ୍ରଭାତ ପାଣିଗ୍ରାହୀ)

- ଧରାପଡୁନାହାନ୍ତି ମାଷ୍ଟରମାଇଣ୍ଡ
- ବଢୁଛି ମହିଳାଙ୍କ ସମ୍ପୃକ୍ତି
- ଗଳାବାଟ ଦେଇ ଆସୁଛି



ଖୋର୍ଦ୍ଧାରେ ଥମୁନି ବ୍ରାଉନ୍‌ସୁଗାର କାରବାର। କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍, ଅବକାରୀ, ଫ୍ଲାଇଂ ସ୍କ୍ୱାଡ୍ ଏବଂ ଜିଲା ପୋଲିସ ପକ୍ଷରୁ ଚଢ଼ାଉ ସତ୍ତ୍ୱେ ଏଥିରେ କୌଣସି ପ୍ରଭାବ ପଡୁନାହିଁ। କୋଲ୍‌କାତା, ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧା ସହରକୁ ଆସୁଛି ବ୍ରାଉନ୍‌ସୁଗାର। ଏଠାରୁ ଗ୍ରାମାଞ୍ଚଳ ସମେତ ପଡ଼ୋଶୀ ଜିଲାକୁ ମଧ୍ୟ ପଠାଯାଉଛି। ସ୍ୱଳ୍ପ ସମୟରେ ଅଧିକ ରୋଜଗାର ଆଶାରେ ଏକାଧିକ ଯୁବକ ଏହାକୁ ପେସାଭାବେ ଗ୍ରହଣ କରିନେଇଛନ୍ତି। ନିଶା ସେବନକାରୀଙ୍କ ସଂଖ୍ୟା ବଢ଼ିବା ସହ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବଢୁଛି। ସେହିପରି ନିଶା କାରବାରରେ ମହିଳାଙ୍କ ସମ୍ପୃକ୍ତି ବଢ଼ିବାରେ ଲାଗିଛି, ଯାହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଖୋର୍ଦ୍ଧା ସହରର ଗୁରୁଜଙ୍ଗ, ସାମନ୍ତରାପୁର, ଠେଙ୍ଗାହାଟ, ବରୁଣେଇ ଶିଳ୍ପାଞ୍ଚଳ ଏବେ ବ୍ରାଉନ୍‌ସୁଗାରର ହବ୍ ପାଲଟିଛି। ନିୟମିତ ବ୍ୟବଧାନରେ ଏଠାରୁ ପୁଳା ପୁଳା ବ୍ରାଉନ୍‌ସୁଗାର ଜବତ କରାଯାଉଛି। ତେବେ ଏହି କାରବାରର ମାଷ୍ଟରମାଇଣ୍ଡ ନିକଟରେ ପୋଲିସ ନ ପହଞ୍ଚିବା ପର୍ଯ୍ୟନ୍ତ ଖୋର୍ଦ୍ଧା ସହର ନିଶା କବଳରୁ ମୁକ୍ତ ହୋଇପାରିବ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ନିଶା ଯୋଗୁ ଯୁବସମାଜ ବିପଥଗାମୀ ହେଉଥିବା ବେଳେ ମାଫିଆ ଓ ବେପାରୀମାନେ ବିଳାସପୂର୍ଣ୍ଣ ଜୀବନଯାପନ କରୁଛନ୍ତି। ଗୁରୁଜଙ୍ଗର ଦୁଇଜଣ ବ୍ରାଉନ୍‌ସୁଗାର ମାଫିଆ ବେଆଇନ ଭାବେ ସରକାରୀ ଜାଗାରେ ତୋଳିଥିବା ଘରକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଥିଲା। ସେହିପରି ୨୦୨୨ରେ ଖୋର୍ଦ୍ଧା ପୋଲିସ ସାମନ୍ତରାପୁରର ଜଣେ ନିଶା ବେପାରୀଙ୍କ ୧.୫ କୋଟିର ବେଆଇନ ଗଚ୍ଛିତ ସମ୍ପତ୍ତିକୁ ସିଲ୍ କରିଥିଲା। ତେବେ ଏନେଇ ମାଫିଆଙ୍କ ମହଲରେ ଛନକା ପଶିଥିଲା। ପୋଲିସ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ପରଠାରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଲୋକଙ୍କ ଆଶା ଥିଲା, ଏଣିକି ମାଫିଆମାନେ ସାବାଡ଼ ହେବେ। ସହରରେ ବ୍ରାଉନ୍‌ସୁଗାର କାରବାରରେ ରୋକ୍ ଲାଗିବ। ତେବେ ଏଥିରେ କୌଣସି ପ୍ରଭାବ ପଡ଼ି ନ ଥିବା ବେଳେ ଏହା ଦ୍ୱିଗୁଣ ବଢ଼ିଛି। ତେବେ ଚଢ଼ାଉ ବେଳେ ବେପାରୀ ଧରାପଡୁଥିବା ବେଳେ ଏହାର ମାଷ୍ଟରମାଇଣ୍ଡ ଖସିଯାଉଛନ୍ତି। ଯେତିକି ପରିମାଣର ବ୍ରାଉନସୁଗାର ଜବତ କରାଯାଉଛି ତାହା ଦେଖାଯାଉନାହିଁ, ଜାଣିଶୁଣି କମ୍ ପରିମାଣର ଦେଖାଯାଉଥିବା ଚର୍ଚ୍ଚା ହେଉଛି। କେତେକ ସ୍ଥାନରେ ପୋଲିସର ଚଢ଼ାଉ ପୂର୍ବରୁ ଖବର ପହଞ୍ଚିଯାଉଛି, ଫଳରେ ମାଫିଆ ଖସିଯାଉଛନ୍ତି। ତେବେ ଏ ସମ୍ପର୍କରେ ଏସ୍‌ପି ସାଗରିକା ନାଥ କହିଛନ୍ତି, ଖୋର୍ଦ୍ଧା ଜିଲାକୁ ନିଶାମୁକ୍ତ ଲାଗି ଅଭିଯାନ ଆରମ୍ଭ ହୋଇଛି। ଜିଲାରେ ଆଣ୍ଟି ନାର୍କୋଟିକ୍ସ ସ୍କ୍ୱାଡ୍ ଗଠନ କରାଯାଇଛି। ଏନେଇ ଏକ ହେଲ୍ପଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି। ଯେ କେହି ବି ଏ ସଂକ୍ରାନ୍ତରେ ସୂଚନା ଦେଇପାରିବେ, ସେମାନଙ୍କ ନାମ ଗୁପ୍ତ ରଖାଯିବ। ନିଶା କାରବାରକୁ ପ୍ରଶ୍ରୟ ଦିଆଯିବ ନାହିଁ। ଧରାପଡ଼ିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ୭୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଯୁବକ ଗିରଫ

ଖୋର୍ଦ୍ଧା,୧୦।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅବକାରୀ ପୋଲିସ ଶନିବାର ଗୁରୁଜଙ୍ଗରେ ଚଢ଼ାଉ କରି ୭୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଅଞ୍ଚଳର ସୁମନ୍ତ କୁମାର ବାରିକ ଓରଫ୍ ଗୋଧି(୩୩)। ତାଙ୍କ ନିକଟରୁ ଏକ ବାଇକ୍ ମଧ୍ୟ ଜବତ ହୋଇଛି। ଏନେଇ ଅବକାରୀ ଥାନାରେ ମାମଲା ରୁଜୁ ପରେ ସୁମନ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ସୁମନ୍ତ ବାଇକ୍‌ରେ ବ୍ରାଉନ୍‌ସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲା। କୌଣସି ସୂତ୍ରରୁ ଖବରପାଇ ଅବକାରୀ ପୋଲିସର ଏକ ଟିମ୍ ପହଞ୍ଚି ତାଙ୍କୁ ସନ୍ଦେହରେ ପଚରାଉଚରା କରିବା ବେଳେ ତାଙ୍କ ବାଇକ୍ ଡିକିରୁ ବ୍ରାଉନ୍‌ସୁଗାର ଜବତ ହୋଇଥିଲା। ଏହାପରେ ଅବକାରୀ ପୋଲିସ ତାଙ୍କୁ ଗିରଫ କରିଥିଲା।

## ରୋଜଗାର ମାଧ୍ୟମ ପାଲଟିଛି କେନ୍ଦୁପତ୍ର



ବେଗୁନିଆ,୧୦।୫(ସନ୍ଧ୍ୟାରାଣୀ ମିଶ୍ର)

ଦୈନନ୍ଦିନ ଜୀବନରେ ଖାଦ୍ୟ, ବସ୍ତ୍ର ଓ ବାସଗୃହର ଆବଶ୍ୟକତା ରହିଛି। ତେବେ ଏହାକୁ ପୂରଣ କରିବା ପାଇଁ ଅର୍ଥର ଆବଶ୍ୟକତା ପଡିଥାଏ। ଅର୍ଥ ରୋଜଗାର କରିବା ପାଇଁ କାମ କରିବାକୁ ପଡ଼ିଥାଏ। ତେବେ ବେଗୁନିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏକ ଗ୍ରାମର ଆଦିବାସୀ ମହିଳାମାନେ ପରିବାର ଚଳାଇବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟ କରିଥାନ୍ତି। ସୁରକ୍ଷା ଅଭାବରୁ ଜଙ୍ଗଲ ପଦା ହେବାକୁ ବସିଥିବା ବେଳେ ଆଦିବାସୀ ମହିଳାଙ୍କୁ ରୋଜଗାରର ବାଟ ଦେଖାଇଛି କେନ୍ଦୁପତ୍ର। ସେମାନେ ଗ୍ରୀଷ୍ମ ପ୍ରବାହକୁ ଖାତିର ନ କରି ବୁଲି ବୁଲି କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି। ସେଗୁଡିକ ଖରାରେ ଶୁଖାଇବା ପରେ ତାକୁ ବିଡ଼ା କରି ଏକ ପଣକୁ ୭୦ରୁ ୮୦ଟଙ୍କାରେ ବିକ୍ରି କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ଜଣାପଡ଼ିଛି। ଏପରିକି କଞ୍ଚାପତ୍ରକୁ ମଧ୍ୟ ୪୦ରୁ ୫୦ ଟଙ୍କାରେ ବିକ୍ରି କରୁଥିବା ଜଣାପଡିଛି।

## ରାଷ୍ଟ୍ରୀୟ ଲୋକ ଅଦାଲତ : ୨୫ ମାମଲା ଫଇସଲା




ବାଣପୁର,୧୦।୫(ଦିଲୀପ କୁମାର ସ୍ୱାଇଁ)

ତାଲୁକ ଆଇନସେବା ସମିତି ଆନୁକୂଲ୍ୟରେ ଶନିବାର ବାଣପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନସେବା ସମିତିର ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଈପ୍ସିତାପ୍ରିୟା ଏକ୍କା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଯୋଗଦେଇ ବିଭିନ୍ନ ମାମଲାର ଫଇସଲା କରିଥିଲେ। ଗୋଟିଏ ବ୍ୟାଙ୍କର ପ୍ରାକ୍ ବିବାଦୀୟ ମାମଲାର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ୮୯ ହଜାର ୭୮୯ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ୧୨ଟି ଫୌଜଦାରି ଏବଂ ୧୨ଟି ଦେୱାନୀ ମାମଲା ସମେତ ମୋଟ୍ ୨୫ଟି ମାମଲାର ଫଇସଲା ହୋଇଛି। ବାଣପୁର ଏବଂ ବାଲୁଗାଁର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଅନାଦେୟ ଋଣ ଆଦାୟ ଲାଗି ମାମଲା ପରିଚାଳନାରେ ସହଯୋଗ କରିଥିଲେ। ଓକିଲ ସଂଘର ସଦସ୍ୟ ଏବଂ ଅଦାଲତ କର୍ମଚାରୀଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

### ସ୍ୱଚ୍ଛ ବିଦ୍ୟାଳୟ କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୧୦।୫(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ଜନ୍ମବାର୍ଷିକୀର ଅବ୍ୟବହିତ ପୂର୍ବରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ନିମନ୍ତେ ୟୁନିଟ୍-୩ସ୍ଥିତ ଦୃଷ୍ଟିବାଧିତ ପିଲାଙ୍କ ବିଦ୍ୟାଳୟ ପରିସରରେ ଏକ ସ୍ୱଚ୍ଛ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି ବିଦ୍ୟାଳୟ ପରିସର ସଫା କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକକର୍ମୀ ରଶ୍ମୀ ରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିଲେ। ଭବାନୀ ପଟ୍ଟନାୟକ ଫାଉଣ୍ଡେଶନର ପରିଚାଳନା ଟ୍ରଷ୍ଟି ଡ.ବେଣୁଧର ସେନାପତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ନିରଞ୍ଜନ ମହାରଣା, ମନୋରଞ୍ଜନ ସାହୁ, ଠାକୁରାମ ବେହେରା, କେଶବ ଚନ୍ଦ୍ର ସେନାପତି, ଶ୍ରଦ୍ଧାଞ୍ଜଳି ଲାଲା, ଅଭିଲିପ୍ସା ଦାସ, ଭାଗ୍ୟଶ୍ରୀ ପରିଜା, ଜୟରମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରେନ୍ ମଝିରେ ବିଦ୍ୟୁତ୍ ଖୁଣ୍ଟି

ଟାଙ୍ଗୀ,୧୦।୫(ରଘୁନାଥ ସାହୁ)



ଟାଙ୍ଗୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ବ୍ଲକ ଛକଠାରୁ ବଳରାମ ଦେବ ମନ୍ଦିର ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଛି। ବଳରାମପୁର ସାହିସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ନିର୍ମାଣାଧୀନ ଡ୍ରେନ୍ ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟି ରହିଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ଉକ୍ତ ଖୁଣ୍ଟି ସ୍ଥାନାନ୍ତର ହୋଇପାରୁନାହିଁ। ଫଳରେ ଡ୍ରେନ୍ କାର୍ଯ୍ୟ ସେହି ସ୍ଥାନରେ ଅଟକିଛି। ବର୍ଷାଦିନ ପୂର୍ବରୁ ଏହି ଡ୍ରେନ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ପାରିଲେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ। ରାସ୍ତାପାର୍ଶ୍ୱରେ ୫ ଫୁଟ ମାଟି ଖୋଳାଯାଇଥିବା ବେଳେ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ରାସ୍ତା ଦେଇ ବହୁ ଯାନବାହନ ଯାତାୟାତ କରୁଛି। ସୁରକ୍ଷା ପ୍ରତି ଠିକାସଂସ୍ଥା ଦୃଷ୍ଟିଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବୃନ୍ଦାବନ ପ୍ରଧାନ ବାଣପୁର ଓକିଲ ସଂଘ ସଭାପତି

ବାଣପୁର,୧୦।୫(ଦିଲୀପ କୁମାର ସ୍ୱାଇଁ)

ନିର୍ବାଚନର ଏକ ମାସ ପରେ ବାଣପୁର ଓକିଲ ସଂଘ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ବରିଷ୍ଠ ଆଇନଜୀବୀ ବୃନ୍ଦାବନ ପ୍ରଧାନଙ୍କୁ ବାଣପୁର ଓକିଲ ସଂଘର ସଭାପତି ଭାବେ ରାଜ୍ୟ ଆଇନଜୀବୀ ପରିଷଦ ଘୋଷଣା କରିଛି। ଗତ ମାର୍ଚ୍ଚ ୨୯ରେ ବାଣପୁର ଓକିଲ ସଂଘର କର୍ମକର୍ତ୍ତା ଚୟନ ପାଇଁ ନିର୍ବାଚନ ହୋଇଥିଲା। ଉକ୍ତ ନିର୍ବାଚନରେ ସଭାପତି ପ୍ରାର୍ଥୀ ଭାବେ ଆଇନଜୀବୀ ବୃନ୍ଦାବନ ପ୍ରଧାନ ଏବଂ ଦେବୀପ୍ରସାଦ ସାମନ୍ତରାୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେବେ ନିର୍ବାଚନରେ ଉଭୟ ପ୍ରାର୍ଥୀ ୬୩ଟି ସମାନ ସଂଖ୍ୟକ ଭୋଟ ପାଇଥିଲେ। ତେଣୁ ସଭାପତି ପଦକୁ ନେଇ କୌଣସି ନିଷ୍କର୍ଷ ନ ବାହାରିବାରୁ, ବାଣପୁର ଓକିଲ ସଂଘର ନିର୍ବାଚନ ଅଧିକାରୀ ଏନେଇ ରାଜ୍ୟ ଆଇନଜୀବୀ ପରିଷଦକୁ ଲିଖିତଭାବେ ଜଣାଇଥିଲେ। ଫଳରେ ରାଜ୍ୟ ଆଇନଜୀବୀ ପରିଷଦର କେନ୍ଦ୍ରୀୟ ନିର୍ବାଚନ କମିଟିର ନିଷ୍ପତ୍ତିକ୍ରମେ, ଉକ୍ତ କାର୍ଯ୍ୟାଳୟରେ ଏପ୍ରିଲ ୯ରେ ରାଜ୍ୟ ଆଇନଜୀବୀ ପରିଷଦ ଏବଂ ଓକିଲ ସଂଘର ବହୁ ସଦସ୍ୟଙ୍କ ଉପସ୍ଥିତିରେ ଧର୍ମଗୁଳା ପଡ଼ି ବୃନ୍ଦାବନଙ୍କ ସପକ୍ଷରେ ବାଣପୁର ଓକିଲ ସଂଘ ସଭାପତି ପଦବୀ ପାଇଁ ମତପ୍ରକାଶ ପାଇଥିଲା। ଏନେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ କେନ୍ଦ୍ରୀୟ ନିର୍ବାଚନ କମିଟି ବାଣପୁର ଓକିଲ ସଂଘର ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲା। ତେବେ ସ୍ଥାନୀୟ ନିର୍ବାଚନ ଅଧିକାରୀ କୌଣସି ନିର୍ଦ୍ଦେଶନାମା ଜାରି ନ କରିବାରୁ ଉକ୍ତ ଘଟଣାକୁ ନେଇ ଦୀର୍ଘଦିନ ହେବ ବାଦାନୁବାଦ ଲାଗିରହିଥିଲା। ଶେଷରେ ଗତ ବୁଧବାର ପତ୍ର ସଂଖ୍ୟା ଓଏସ୍‌ବିସି ୧୩/୨୫ ଜରିଆରେ ରାଜ୍ୟ ଆଇନଜୀବୀ ପରିଷଦର କେନ୍ଦ୍ରୀୟ ନିର୍ବାଚନ କମିଟିର ସୁପାରିସ୍‌କ୍ରମେ ରାଜ୍ୟ ଆଇନଜୀବୀ ପରିଷଦର ସମ୍ପାଦକ ବୃନ୍ଦାବନ ପ୍ରଧାନଙ୍କୁ ଚଳିତବର୍ଷର ବାଣପୁର ଓକିଲ ସଂଘର ସଭାପତି ଭାବେ ଘୋଷଣା କରାଯାଇଛି।

# ଆକର୍ଷଣ ସାଜିଲା ପାଇକ ଆଖଡ଼ା

ବୋଲଗଡ଼,୧୦।୫(ଦେବବ୍ରତ ହୋତା)




ନୀଳକଣ୍ଠେଶ୍ୱର ଲୋକୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ବୋଲଗଡ଼ ବ୍ଲକ ପିଚୁକୁଳି ବଜାର ନୀଳକଣ୍ଠେଶ୍ୱର ବଣିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ଆୟୋଜିତ 'ନୀଳକଣ୍ଠେଶ୍ୱର ଲୋକୋତ୍ସବ'ର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏଥିରେ ମୁଖ୍ୟ ଅତିଥିଭାବେ ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ସାମାଜିକ କର୍ମୀ ମନୋଜ ପ୍ରଧାନ, ସମ୍ମାନିତ ଅତିଥିଭାବେ ଅସରଳା ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ, କଡ଼ବ ସରପଞ୍ଚ ନଳୀନ ବଡ଼ଜେନା, ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ ପରେ ଅନୁଷ୍ଠିତ ସଭାରେ ମହୋତ୍ସବ କମିଟି ସଭାପତି ପବିତ୍ର ମୋହନ ମାଝି ପୌରୋହିତ୍ୟ କରି ସ୍ୱାଗତ ଭାଷଣ ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁକ୍ତାକାଶ ରଙ୍ଗମଞ୍ଚରେ ଝଲସିଥିଲା ପାରମ୍ପରିକ ବିବିଧ ନୃତ୍ୟ, ସମରକଳା, ଲୋକକଳା ସହ ସମ୍ବଲପୁରୀ, ଓଡ଼ିଶୀ ଏବଂ ଅନ୍ୟାନ୍ୟ ଲୋକନୃତ୍ୟ। ସ୍ଥାନୀୟ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଚୁକୁଳି ସ୍ଥିତ ରଘୁନାଥ ଦେବ ଉଚ୍ଚ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ଅସରଳା ଡ୍ୟାନ୍ସ ଗ୍ରୁପର କଳାକାରମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଖୋର୍ଦ୍ଧାର ପାଇକଆଖଡ଼ା ଦଳ ଓ ମେଘମହ୍ଲାର ଅନୁଷ୍ଠାନ ଦ୍ୱାରା ଢୋଲମହୁରୀ,

### ନୀଳକଣ୍ଠେଶ୍ୱର ଲୋକୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ଜଗତ୍‌ସିଂହପୁରର ଜୟଦୁର୍ଗା ମ୍ୟାଜିକ ଷ୍ଟାର ଗ୍ରୁପ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଓ ଭୁବନେଶ୍ୱରର ଶିଳ୍ପିକା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ପ୍ରସ୍ତୁତ ମଡର୍ଣ୍ଣ ଡ୍ୟାନ୍ସ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଖବରଦାତା ଦେବବ୍ରତ ହୋତା, ନିରଞ୍ଜନ ନାୟକ, ସତ୍ୟନାରାୟଣ ବାରିକ, ସଞ୍ଜୀବ ସେଠୀଙ୍କ ସମେତ ବହୁ କବି, ସାହିତ୍ୟିକ, କଳାକାର, ଶିକ୍ଷାବିତ୍, କୃତୀ ଛାତ୍ର ଏବଂ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋଜ ଗୁମାନସିଂହଙ୍କ ସଂଯୋଜନାରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ଶ୍ରୀକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାମାଜିକ କର୍ମୀ ଶିଶିର ଆଚାର୍ଯ୍ୟ ଏବଂ ମନୋଜ ପଣ୍ଡାଙ୍କ ସମେତ ମହୋତ୍ସବ କମିଟି ସଦସ୍ୟମାନେ ସହଯୋଗ କରିଥିଲେ। ଶେଷରେ ବଣିକ ସଂଘ ଉପସଭାପତି ବିରଞ୍ଚି ଖାଡ଼ଙ୍ଗା ଧନ୍ୟବାଦ ଦେଇଥିଲେ।







ପିଚୁକୁଳି ବଜାର ନୀଳକଣ୍ଠେଶ୍ୱର ବଣିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ଆୟୋଜିତ 'ନୀଳକଣ୍ଠେଶ୍ୱର ଲୋକୋତ୍ସବ'ରେ ଶନିବାର ପରିବେଷିତ ନୃତ୍ୟ ଏବଂ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

**ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ମାଟ୍ରିକ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା**

କୋଣାର୍କ,(ଜ୍ୟୋତିରାଜ ମହାନ୍ତି)- ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ କୋଣାର୍କସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଏ-୧ ଓ ଏ-୨ ଗ୍ରେଡ୍ ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସମ୍ପାଦକ ବରିଷ୍ଠ ଶିକ୍ଷାବିତ୍ ଗୁଣନିଧି ମୁଦୁଲି ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ପରୀକ୍ଷାରେ ଏ-୧ ଓ ଏ-୨ ଗ୍ରେଡ୍ ପାଇ ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଥିବା ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ବିଦ୍ୟାଳୟ ପ୍ରତିଷ୍ଠାତା ମୁଦୁଲି ଓ ବିଦ୍ୟାଳୟ ପ୍ରଧାନଶିକ୍ଷକ କଳ୍ପନା ପଣ୍ଡା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଏହି ବିଦ୍ୟାଳୟ ଜିଲା ତଥା ସମଗ୍ର ରାଜ୍ୟରେ ଶିକ୍ଷା ଓ ସଫଳ ଛାତ୍ରଛାତ୍ରୀ ଗଢି ତୋଳିବା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିବ ବୋଲି ପ୍ରତିଷ୍ଠାତା ମୁଦୁଲି ପ୍ରକାଶ କରିଛନ୍ତି।

# ଉପକୂଳବର୍ତ୍ତୀ ଅଞ୍ଚଳରେ ତଟ ସୁରକ୍ଷା କଡ଼ାକଡ଼ି



ନୂଆଗଡ଼ ସାମୁଦ୍ରିକ ଥାନା ଅଞ୍ଚଳରେ ତଟ ସୁରକ୍ଷା ପାଇଁ ପୋଲିସ ମୁତୟନ ହୋଇଛନ୍ତି ।

ଅସ୍ତରଙ୍ଗ,୧୦।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

## ମତ୍ସ୍ୟଜୀବୀଙ୍କୁ ସମୁଦ୍ରମନା

ଭାରତ-ପାକିସ୍ତାନ ଯୁଦ୍ଧ ସ୍ଥିତିକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ସ୍ଥାନରେ ତଟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ପରିପ୍ରେକ୍ଷୀରେ ପୁରୀ ଜିଲା ଏସ୍‌ପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ ନୂଆଗଡ଼ ସାମୁଦ୍ରିକ ଥାନା ଅଞ୍ଚଳରେ ତଟ ସୁରକ୍ଷା ବଢ଼ାଇ ଦିଆଯାଇଛି। ଅଧିକ ଗୋଟିଏ ଲେଖାଏ ସେକ୍ସନ ଫୋର୍ସ ମୁତୟନ କରାଯିବା ସହ ସମ୍ଭାବ୍ୟ ପରିସ୍ଥିତିରେ ମୁକାବିଲା ପାଇଁ ଜରୁରୀ ଉପକରଣ ଯୋଗାଇ ଦିଆଯାଇଛି। ସମୁଦ୍ର ପଥରେ ସମ୍ଭାବ୍ୟ ଆକ୍ରମଣ କିମ୍ବା ଅନୁପ୍ରବେଶକୁ ରୋକିବାକୁ ଜଳପଥରେ ଆଲର୍ଟ ଜାରି କରାଯାଇଛି। ଜଳପଥରେ ଅଚିହ୍ନା ଡଙ୍ଗା, ମତ୍ସ୍ୟଜୀବୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ରହିଛି ବୋଲି ନୂଆଗଡ଼ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା କହିଛନ୍ତି। ସାମୁଦ୍ରିକ ଥାନା, ଉପକୂଳ ସୁରକ୍ଷା ବାହିନୀ, ସ୍ୱତନ୍ତ୍ର ସଶସ୍ତ୍ର ବଳ ପକ୍ଷରୁ ମିଳିତ ଭାବେ ସମୁଦ୍ର ମଝିରେ ୨୪ ଘଣ୍ଟିଆ ପ୍ରହରା ଦିଆଯାଉଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। କୌଣସି ପରିସ୍ଥିତିରେ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ନ ଯିବାକୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ଏଥିପାଇଁ ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଦେବୀ ନଦୀ ଅଞ୍ଚଳରେ ନୂଆଗଡ଼ ସାମୁଦ୍ରିକ ଥାନା ଅଧିକାରୀ କହିଛନ୍ତି, ୨ଟି ପର୍ଯ୍ୟାୟରେ ସମୁଦ୍ର ମଝିରେ ପାଟ୍ରୋଲିଂ ସହ ସ୍ଥଳ ପଥ ତଥା ନୂଆଗଡ଼ ଜେଟି ନିକଟରେ ଉପକୂଳ ସୁରକ୍ଷା ବାହିନୀ, ବନ୍ଧୁକଧାରୀ ପୋଲିସ ନିୟୋଜିତ ରହୁଛନ୍ତି। ଆବଶ୍ୟକ ପଡ଼ିଲେ ତତ୍‌କ୍ଷଣାତ ସିଆଇଏସ୍‌ଏଫ୍‌କୁ ଡକାଯାଇ ମୁତୟନ କରାଯିବ। ଯଦି ଅଚିହ୍ନା ବୋଟ୍‌ରେ ଲୋକ ଦେଖାଯାନ୍ତି, ତୁରନ୍ତ ସେମାନଙ୍କୁ ଅକ୍ତିଆରକୁ ଅଣାଯିବାକୁ ଯୋଜନା କରାଯାଇଛି ବୋଲି ନୂଆଗଡ଼ ଥାନା ଏଏସ୍‌ଆଇ ଯୁଧିଷ୍ଠିର ସାହୁ କହିଛନ୍ତି।

# ସୂର୍ଯ୍ୟ ମନ୍ଦିରରେ କଡ଼ା ସୁରକ୍ଷା ବ୍ୟବସ୍ଥା

କୋଣାର୍କ,୧୦।୫(ଜ୍ୟୋତିରାଜ ମହାନ୍ତି)

## ପୋଲିସ, ସ୍ଥାନୀୟ ପ୍ରଶାସନର ମିଳିତ ବୈଠକ

କୋଣାର୍କଠାରେ ସମ୍ଭାବ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ସହ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ପୁରୀର ବୋମା ନିଷ୍କ୍ରିୟକାରୀ ଟିମ୍ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଯାଞ୍ଚ ବ୍ୟବସ୍ଥା ଜୋରଦାର କରାଯାଇଛି। ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ସହ ପର୍ଯ୍ୟଟକ ଓ ଜନସାଧାରଣଙ୍କ ସୁରକ୍ଷା ଦେବାକୁ କୋଣାର୍କ ଥାନାଠାରେ ଏକ ସୁରକ୍ଷା ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଇଣ୍ଡିଆନ ଅଏଲ୍ ଫାଉଣ୍ଡେସନ ପକ୍ଷରୁ ନିର୍ମିତ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସୁରକ୍ଷା ଉପରେ ପ୍ରାଥମିକତା ଦିଆଯାଇଥିଲା। ପର୍ଯ୍ୟଟକଙ୍କ ଯାଞ୍ଚ କଡ଼ାକଡ଼ି କରି ସୁରକ୍ଷା ନିମନ୍ତେ ୨୪ ଘଣ୍ଟିଆ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସୂର୍ଯ୍ୟ ମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ରଠାରେ ବୋମା ନିଷ୍କ୍ରିୟକାରୀ ଟିମ୍ ପକ୍ଷରୁ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହି ଟିମ୍ ମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକଙ୍କୁ ମଧ୍ୟ ଯାଞ୍ଚ କରିଥିଲେ। କୋଣାର୍କ ପୋଲିସର ଏକ ଟିମ୍ ଯାଞ୍ଚ କରିବାରେ ସହାୟତା କରିଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତି, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣେନ୍ଦୁ ସେଠୀ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଚାନ୍ଦକ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ସୂର୍ଯ୍ୟମନ୍ଦିରକୁ ଯାଞ୍ଚ କରୁଛନ୍ତି ।

# ରଥଖଳାରୁ...

## ତୁମ୍ବଗୁଡ଼ିକରେ ପନ୍ଦାରି ଗାଡ଼ ଖୋଦେଇ ଜାରି



ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ଶ୍ରୀନଅରସ୍ଥିତ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ରଥ ନିର୍ମାଣର ୧୦ମ ଦିନରେ ମହାରଣା ସେବକମାନେ ରଥଖଳାଠାରେ ଉପସ୍ଥିତ ରହି ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଶୁକ୍ରବାର ସୁଦ୍ଧା ମହାରଣା ସେବକମାନେ ତିନି ରଥର ୪୨ ଗୋଟି ତୁମ୍ବରେ ୧୬ ଯୋଡ଼ାବିନ୍ଧ କାର୍ଯ୍ୟ ଶେଷ କରି ତୁମ୍ବଗୁଡ଼ିକରେ ଅଗରବିନ୍ଧ କାର୍ଯ୍ୟ ଜାରି ରଖିଥିଲେ। ତୁମ୍ବ ଗୁଡ଼ିକର ଉଭୟ ପାର୍ଶ୍ୱରେ ପନ୍ଦାରି ଗାଡ଼ ଖୋଦେଇ ଆରମ୍ଭ କରିଥିଲେ। ଶନିବାର ତିନିରଥର ତୁମ୍ବଗୁଡ଼ିକର ଅଗରବିନ୍ଧ ଶେଷ ହୋଇ ପନ୍ଦାରି ଗାଡ଼ ଖୋଦେଇ ଜାରି ରହିଛି। ସନ୍ଧ୍ୟା ସୁଦ୍ଧା ତିନିରଥର ୪୨ ଗୋଟି ତୁମ୍ବର ଉଭୟ ପାର୍ଶ୍ୱର ମଧ୍ୟଭାଗରେ ପନ୍ଦାରି ବଳା ବସିବା ପାଇଁ ମହାରଣା ସେବକମାନେ ନିହାଣରେ ଗୋଲାକାର ଗାଡ଼ ଖୋଦେଇ ଜାରି ରଖିଥିଲେ। ରବିବାର ନୃସିଂହ ଚତୁର୍ଦ୍ଦଶୀ ତିଥିରେ ଜନ୍ତାଗାଡ଼ ପ୍ରସ୍ତୁତି ସହ ଗୁଜ ଅନୁକୂଳ ପୂଜା ନିମନ୍ତେ ଆବଶ୍ୟକ ପରିମାଣ କାଠ ରଥ ଅମିନ ରଥ ଭୋଇ ସେବକଙ୍କ ସହାୟତାରେ ଖଳାକୁ ଯୋଗାଇ ଦେଇଛନ୍ତି। ରବିବାର ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ମହାପ୍ରଭୁ ଶ୍ରୀନୃସିଂହ ଦେବଙ୍କ ଜନ୍ମ ତିଥିରେ ଗୁଜ ଅନୁକୂଳ ପୂଜା ଅନୁଷ୍ଠିତ ହେବ। ଏଥିସହ ଅର କଟା ଅନୁକୂଳ, ଅର ଭୁଞ୍ଜା ଅନୁକୂଳ ଏବଂ ଜନ୍ତା ପଟାରେ ବିନ୍ଧ ଅନୁକୂଳ ପୂଜା ତିନି ରଥର ମୁଖ୍ୟ ମହାରଣା ସେବକଙ୍କ ଦ୍ୱାରା ପରମ୍ପରା ପ୍ରକାରେ ଅନୁଷ୍ଠିତ ହେବ। ସେଥିପାଇଁ ଶନିବାର ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଭୋଇ ସେବକଙ୍କ ସହାୟତାରେ ତିନି ରଥ ଚାଳିକୁ ଗୁଜ, କୁତୁକା ଏବଂ ଜଳଯନ୍ତ୍ର ନିର୍ମାଣ ପାଇଁ ପ୍ରଥମ ଦଫାରେ ୧୦ ଗୋଟି ଲେଖାଏ ୧୨ ଫୁଟିଆ ଧଉରା ଏବଂ ଅସନ କାଠ ଯୋଗାଇଛନ୍ତି। ଏଥିସହ ତିନି ରଥର ଦୁଇଟି ନାହାକା ଚକାର ଅର ନିର୍ମାଣ ପାଇଁ ଚାଳିକୁ ୧୧ଟି ଲେଖାଏ ୧୨ ଫୁଟିଆ ଅର ପଟା ଯୋଗାଇଛନ୍ତି। ପ୍ରତ୍ୟେକ ଚାଳିକୁ ୭ଟି ଲେଖାଏ ଚକ ନିର୍ମାଣ ପାଇଁ ପ୍ରଥମ ଦଫାରେ ପଇ ଯୋଗାଇ ଦେଇଛନ୍ତି। ଅପରପକ୍ଷରେ ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଚକ ଡେରା ନୀତି ପାଇଁ ଆବଶ୍ୟକ ପ୍ରକାରେ ଗୋଟିଏ ନାହାକା ତୁମ୍ବ ପାଇଁ ୪ ଟି ଲେଖାଏ ୧୨ ଗୋଟି ବଡ଼ ସାଇଜ୍ ପନ୍ଦାରି ବଳା ନିର୍ମାଣ କରିଥିଲେ। ଦୁଇ ଦୁଇଟି ଚକ ନିର୍ମାଣ ପାଇଁ ଆବଶ୍ୟକ ୩୨ ଯୋଡ଼ା ଲେଖାଏ ଅର କଣ୍ଟା ନିର୍ମାଣ ଶେଷ କରି ବାକି ତୁମ୍ବଗୁଡ଼ିକ ପାଇଁ ଅର କଣ୍ଟା, ପନ୍ଦାରି ବଳା ଏବଂ ତୁମ୍ବ ବଳା ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଶ୍ରୀମନ୍ଦିର ସେବକ, କର୍ମଚାରୀଙ୍କ ପାଇଁ ଆଧାରକାର୍ଡ ସଂଶୋଧନ ଶିବିର ଆରମ୍ଭ

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଓକାକ୍ ସହାୟତାରେ ଶନିବାରଠାରୁ ନୀଳାଦ୍ରି ଭକ୍ତନିବାସଠାରେ ଶ୍ରୀମନ୍ଦିର ସେବକ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ପାଇଁ ଆଧାରକାର୍ଡ ସଂଶୋଧନ ଶିବିର ଆରମ୍ଭ ହୋଇଛି। ଏହି ଶିବିର ଜୁନ୍ ୧ ତାରିଖ ଯାଏ ପ୍ରତ୍ୟେକ ଶନିବାର ଓ ରବିବାର ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଜାରି ରହିବ। କେବଳ ମଧ୍ୟାହ୍ନ ବିରତି ୧ଟା ୩୦ ମିନିଟ୍‌ରୁ ୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ ବନ୍ଦ ରହିବ। ଶିବିରରେ ଯୋଗଦାନ କରି ନିଜର ବା ନିଜ ପରିବାର ସଦସ୍ୟଙ୍କ ଆଧାରକାର୍ଡ ନୂତନ/ସଂଶୋଧନ/ଅପଡେଟ୍ କରାଇପାରିବେ। ସମସ୍ତ ସେବକମାନେ ଅବଗତ ହୋଇ ଏହି ଶିବିରର ସୁଯୋଗନେବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଏବଂ ବରିଷ୍ଠ ସେବକ ଏହି ଶିବିର ଆୟୋଜନ ସକାଶେ ହୋଇଥିବା ଉଦ୍ୟମ ଏବଂ ଓକାକ୍‌ର ସହଯୋଗ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।

### ପାନଦୋକାନ ତାଲା ଭାଙ୍ଗି ଚୋରି

ଯୋଗେଶ୍ୱରପୁର,୧୦।୫(ରଶ୍ମିରଞ୍ଜନ ସାହୁ)

ପାଣିଛତ୍ର ଛକରେ ଥିବା ଏକ ପାନ ଦୋକାନ କ୍ୟାବିନ ଭାଙ୍ଗି ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୩ ହଜାର ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ଏନେଇ ଦୋକାନୀ ତ୍ରିଲୋଚନ ପାତ୍ର ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଶନିବାର ସକାଳେ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ଲୋକାର୍ପଣର ୨ ବର୍ଷ ପରେ ମାର୍କେଟ କମ୍ପ୍ଲେକ୍ସ ଗୃହ ଆବଣ୍ଟନ

ନିମାପଡ଼ା,୧୦।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ପକ୍ଷରୁ ନୂତନ ବସ୍‌ଷ୍ଟାଣ୍ଡ ପରିସରରେ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଗୃହ ଲଟେରି ଜରିଆରେ ଶୁକ୍ରବାର ବ୍ୟବସାୟୀଙ୍କୁ ଆବଣ୍ଟନ କରାଯାଇଛି। ଏନ୍‌ଏସି ପକ୍ଷରୁ ୧ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ୧୨ ବଖରା ବିଶିଷ୍ଟ ଏହି ମାର୍କେଟ କମ୍ପ୍ଲେକ୍ସ ଗୃହ ୨୦୨୨ ଅଗଷ୍ଟ ୩୧ରେ ଉଦ୍‌ଘାଟିତ ହୋଇଥିଲା। ହେଲେ ଲୋକାର୍ପଣ ହେବାର ୨ ବର୍ଷ ୧୦ ମାସ ବିତିଯିବାକୁ ବସିଥିବାବେଳେ ଏହି ନୂତନ ମାର୍କେଟ କମ୍ପ୍ଲେକ୍ସ ଗୃହ ବ୍ୟବସାୟୀଙ୍କୁ ଆବଣ୍ଟନ ହୋଇ ନ ପାରି ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ଏ ସମ୍ପର୍କରେ ଧରିତ୍ରୀରେ ବହୁବାର ତଥ୍ୟଭିତ୍ତିକ ଖବର ପ୍ରକାଶିତ ହୋଇଛି। ଏହି ମାର୍କେଟ କମ୍ପ୍ଲେକ୍ସ ଗୃହ ଆବଣ୍ଟନ କରାଯିବା ସମ୍ପର୍କରେ ବ୍ୟବସାୟୀ ମୁଖ୍ୟମନ୍ତ୍ରୀ ତଥା ସ୍ଥାନୀୟ ବିଧାୟିକା ପ୍ରଭାତୀ ପରିଡ଼ାଙ୍କ ନିକଟରେ ଦାବି କରିଥିଲେ। ବ୍ୟବସାୟୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଆନ୍ତରିକ ଉଦ୍ୟମ ଯୋଗୁ ଏହି ମାର୍କେଟ କମ୍ପ୍ଲେକ୍ସ ଗୃହ ଆବଣ୍ଟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଏନ୍‌ଏସି ପକ୍ଷରୁ କାର୍ଯ୍ୟାଳୟଠାରେ ଏହି ଲଟେରି କରାଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷା ସନ୍ତୋଷ ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ, କାଉନ୍‌ସିଲର ଧନୁର୍ଦ୍ଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏନ୍‌ଏସି ପକ୍ଷରୁ ୨୪ ଲକ୍ଷ ଟଙ୍କା ବ୍ୟୟରେ ବ୍ଲକ ଛକ, ଡେଲଟା ଛକଠାରେ ୨୭ ବଖରା ବିଶିଷ୍ଟ ନବନିର୍ମିତ ଭେଣ୍ଡିଂ ଜୋନ ଗୃହ ଆସନ୍ତା ୧୭ ତାରିଖ ମଧ୍ୟରେ ଉଚ୍ଛେଦ ବ୍ୟବସାୟୀଙ୍କୁ ଆବଣ୍ଟନ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାସ କହିଛନ୍ତି। ଭେଣ୍ଡିଂ ଜୋନ ଗୃହ ପାଇବା ପାଇଁ ଉଚ୍ଛେଦ ଗରିବ ବ୍ୟବସାୟୀ ୩/୪ ବର୍ଷ ଅପେକ୍ଷାରେ ରହିଛନ୍ତି।




ମାର୍କେଟ କମ୍ପ୍ଲେକ୍ସ ଗୃହ ।

# ସର୍ଭିସ୍ ଷ୍ଟାର ପଦକ ପ୍ରଦାନ କଲେ ରାଜ୍ୟପାଳ

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଓଡ଼ିଶା ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜଭବନର ଅଭିଷେକ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ୨୦୨୪-୨୫ ବର୍ଷର ରାଜ୍ୟପାଳ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ପୁରୀ ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସର କମିଶନର ତଥା କଣାସସ୍ଥିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟଙ୍କୁ ତାଙ୍କର ନିରବଚ୍ଛିନ୍ନ ସେବା ସଂଗଠନକୁ ପ୍ରଦାନ କରିଥିବାରୁ ସର୍ଭିସ୍ ଷ୍ଟାର ପଦକ ଓ ମାନପତ୍ର ପ୍ରଦାନ କରିଛନ୍ତି। ଉତ୍ସବରେ ରାଜ୍ୟର ପ୍ରଥମ ଗାଇଡ୍ ଜୟଶ୍ରୀ କମ୍ଭମ୍‌ପାଟି, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଷ୍ଟ୍ରୀୟ ଉପସଭାପତି ତଥା ରାଜ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ର, ରାଜ୍ୟ ସ୍କାଉଟ୍ସ ମୁଖ୍ୟାଳୟର ସଚିବ ଶରତ ଚନ୍ଦ୍ର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ମୁଖ୍ୟାଳୟର ଜଏଣ୍ଟ ସଚିବ ଅନାମିକା ଦାସ ପରିଚାଳନା କରିଥିଲେ।

# ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶନିବାର ରାତିରେ ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି। ଧୁକୁଡ଼ି ଦ୍ୱାର ନିକଟରେ ରକ୍ତଛିଟା ପଡ଼ିଥିବା ହେତୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ହୋଇଛି। ଫଳରେ ନୀତିରେ ପ୍ରାୟ ୨ ଘଣ୍ଟା ବିଳମ୍ବ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟା ଆଳତି ବଢାଇ ପାଳିଆ ସେବାୟତ ବାହାରି ଆସିବା ସମୟରେ ଧୁକୁଡ଼ି ଦ୍ୱାର ଆଗରେ ରକ୍ତ ପଡ଼ିଥିବା ଦୃଷ୍ଟିକୁ ଆସିଥିଲା। ଏହା ପରେ ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଏଥିସହ ଭକ୍ତମାନଙ୍କ ଦର୍ଶନ ବନ୍ଦ କରାଯାଇ ଦ୍ୱାର ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଭିତର କାଠ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ବଡ଼ ମହାସ୍ନାନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା।

# ଆଜି ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଅବସରରେ ଶ୍ରୀମନ୍ଦିରରେ ଶ୍ରୀନୃସିଂହଙ୍କ ଜନ୍ମନୀତି ପାଳନ ହେବ। ଶ୍ରୀମନ୍ଦିରର ନୀତି ଅନୁଯାୟୀ ଶ୍ରୀବିଗ୍ରହଙ୍କର ସର୍ବାଙ୍ଗ ନୀତି ସମ୍ପନ୍ନ ହୋଇ ଯାତଭୋଗ ସରିବା ପରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ଆଜ୍ଞାମାଳ ପାଇ ଚନ୍ଦନ ଯାତ୍ରା ନିମନ୍ତେ ଚନ୍ଦନ ଚକଡ଼ାକୁ ବିଜେ କରିବେ। ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ନୌକାବିହାର ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଏହାପରେ ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଦେଇ ଦୋଳମଣ୍ଡପ ସାହି, ସୁବାସ ବୋଷ ଛକ ଦେଇ ଚକ୍ରତୀର୍ଥ ରୋଡ୍‌ସ୍ଥିତ ନୃସିଂହ ମନ୍ଦିରକୁ ଯିବେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଶ୍ରୀନୃସିଂହ ଦେବଙ୍କୁ ଲାଗି କରାଯିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଭୋଗ କରିବେ। ସେବାୟତମାନେ ନୀତି ସାରି ଶ୍ରୀମନ୍ଦିରକୁ ଫେରିବା ପରେ ମହାପ୍ରଭୁଙ୍କ ମଇଲମ ହୋଇ ଆଳତି ବଢ଼ିବ। ତିନିବାଡ଼ରେ ଠାକୁରଙ୍କୁ ପଞ୍ଚାମୃତ ମହାସ୍ନାନ ହେବେ। ସର୍ବାଙ୍ଗ ବଢ଼ିବା ପରେ ଠାକୁର ନୂଆଲୁଗା ଲାଗିହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗିହୋଇ ପାଣିପଡ଼ି ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ମହାଜନସେବକ ଦକ୍ଷିଣୀ ଘରୁ ନୃସିଂହ ଠାକୁରଙ୍କୁ ଆଣି ରତ୍ନସିଂହାସନ ଉପରକୁ ବିଜେ କରାଇବେ। ସେଠାରୁ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ଉପରକୁ ନୃସିଂହଙ୍କୁ ଖଟୁଲିରେ ବିଜେ କରାଇବେ। ଅପରପକ୍ଷରେ ମୁକ୍ତିମଣ୍ଡପ ନିକଟରେ ଥିବା ନୃସିଂହମନ୍ଦିର ଭିତରେ ପତି ମହାପାତ୍ର ଏବଂ ମୁକ୍ତିମଣ୍ଡପ ଉପରେ ବିଜେ ନୃସିଂହଙ୍କ ପାଖରେ ପୂଜାପଣ୍ଡା ମହାସ୍ନାନ ପୂଜା କରିବେ। ଏହାପରେ ଉଭୟଙ୍କ ପାଖରେ ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହି ହେବା ପରେ ବନ୍ଦାପନା ନୀତି ସମ୍ପନ୍ନ ହେବ। ମହାଜନସେବକ ନୃସିଂହଙ୍କୁ ହାତରେ ବିଜେ କରାଇ ଝୁଲଣମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇବା ପରେ ବିମାନବଡୁମାନେ ନୃସିଂହଙ୍କୁ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରାଇବେ। ସେଠାରେ ବିଭିନ୍ନ ନୀତି ସହ ଭୋଗ ବନ୍ଦାପନା ସରିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।

# ଲୋକ ଅଦାଲତରେ ୨୦ ଫୌଜଦାରି ମାମଲା ସମାଧାନ

କଣାସ,୧୦।୫(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରତିଷ୍ଠିତ ଜେଏମ୍‌ଏଫ୍‌ସି ଅଦାଲତରେ ଶନିବାର ଦ୍ୱୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ଟି ଫୌଜଦାରି ମାମଲାର ବିଚାର ବିମର୍ଶ କରାଯାଇ ସମାଧାନ କରାଯାଇଛି। ବିଚାରପତି ଭାବେ ଅନୁସମ ଦାସ, ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ନିଯୁକ୍ତ ପ୍ୟାନେଲ ଆଇନଜୀବୀ ସୁଶାନ୍ତ କୁମାର ମହାନ୍ତ, କାର୍ଯ୍ୟରତ ପେସ୍କାର ଦିଲ୍ଲୀପ କୁମାର ତରାଇ, ଜ୍ୟୋତି ରଞ୍ଜନ ପାଢୀ, କଣାସ ଓକିଲ ସମ୍ପାଦକ ବିଶ୍ୱନାଥ ବେହେରା, ସରକାରୀ ଓକିଲ ବିକ୍ରମ କୁମାର ନାଥ ଓ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

# ପୁରୀରେ ଶୁଭାରମ୍ଭ ହେବ ହେଲିଂ ପ୍ଲାଟ୍‌ଫର୍ମ, ଓଡ଼ିଶା ଯାତ୍ରୀ ଆପ୍

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ସରକାରଙ୍କ ସରକାରୀ ରାଇଡ୍ ହେଲିଂ ପ୍ଲାଟଫର୍ମ, ଓଡ଼ିଶା ଯାତ୍ରୀ ପୁରୀରେ ଏହାର ଶୁଭାରମ୍ଭ ପାଇଁ ପ୍ରସ୍ତୁତି ଚଳାଇଛି। ଭୁବନେଶ୍ୱର ଏବଂ କଟକରେ ସଫଳତା ପରେ ରାଜ୍ୟ ସମର୍ଥିତ ଆପ୍ ପୁରୀ ବାସିନ୍ଦା ଏବଂ ତୀର୍ଥଯାତ୍ରୀଙ୍କୁ ଏହାର ନିର୍ଭରଯୋଗ୍ୟ ଏବଂ କମିଶନମୁକ୍ତ ଅଟୋ ଏବଂ କ୍ୟାବ୍ ସେବା ପ୍ରଦାନ କରିବାକୁ ପ୍ରସ୍ତୁତ ହୋଇଛି। ପରିବହନ ବିଭାଗର ଅତିରିକ୍ତ କମିଶନର ଲାଲମୋହନ ସେଠୀଙ୍କ ଅଧ୍ୟକ୍ଷତାରେ ଓଏସ୍‌ଡି, ଏମ୍‌ଭିଆଇ, ଆସିଷ୍ଟାଣ୍ଟ ଏମ୍‌ଭିଆଇ, ଟିଆଇ, ଆସିଷ୍ଟାଣ୍ଟ ଆର୍‌ଟିଓ ଓ ଓଡ଼ିଶା ଯାତ୍ରୀ ଏବଂ ୫୩ଟି ସ୍ଥାନୀୟ ଅଟୋ ଏବଂ ଟୋଟୋ ସଂଘର ପ୍ରତିନିଧିଙ୍କ ସହିତ ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଯାତ୍ରୀ ଆପ୍‌ର ବୈଶିଷ୍ଟ୍ୟ ଏବଂ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ପୁରୀରେ ଆଗାମୀ ରଥଯାତ୍ରା ସମୟରେ ମାଗଣା ଅଟୋ ଯାତ୍ରା ପ୍ରଦାନ କରିବାର ଯୋଜନା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ସ୍ଥାନୀୟ ପ୍ରଶାସନ ଏବଂ ପରିବହନ ଅଂଶୀଦାରଙ୍କ ଉତ୍ସାହୀ ସମର୍ଥନ ସହିତ ଓଡ଼ିଶା ଯାତ୍ରୀ ପୁରୀରେ ଟେକ୍ନୋଲୋଜି-ସକ୍ଷମ, ସରକାର-ସମର୍ଥିତ ପରିବହନ ସମାଧାନର ଏକ ନୂତନ ଯୁଗ ଆଣିବା ପାଇଁ ପ୍ରସ୍ତୁତ ହେଉଛି ବୋଲି ମତପ୍ରକାଶ ପାଇଥିଲା।

# ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଭଜନ ପରିବେଷଣ

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଅବସରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚନ୍ଦନଚକଡ଼ାଠାରେ ଭଜନ ସମାରୋହର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଶ୍ରୀକ୍ଷେତ୍ରର ପ୍ରାଚୀନ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଭଜନ ପରିବେଷଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁରୁ ପ୍ରକାଶ କୁମାର ରଥ ଏବଂ ଗୁରୁ ତାପସ କୁମାର ନାୟକଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରୀଛାତ୍ର ସିପ୍ରା ମିଶ୍ର, ଭାଗ୍ୟଲକ୍ଷ୍ମୀ ଜେନା, ଦିବ୍ୟଜ୍ୟୋତି କର, ତେଜସ୍ୱିନୀ ମଲ୍ଲିକ, ଆଦ୍ୟାଶା ନାୟକ, ଓମ୍‌କୃଷ୍ଣ ଆଚାର୍ଯ୍ୟ, ସୁଜାତା ତରାଇ, ମୋନାଲିସା ନାଥ, କଲ୍ୟାଣୀ ସାହୁ ପ୍ରମୁଖ ପାରମ୍ପରିକ ସଙ୍ଗୀତ ଗାନ କରିଥିଲେ। ଏହା ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲା।




ପୁରୀ ଚନ୍ଦନଚକଡ଼ାରେ ଭଜନ ପରିବେଷଣ କରାଯାଉଛି।

# ଗୋପ ୱାରିୟର୍ସକୁ ହରାଇ ନିମାପଡ଼ା ଇଲେଭେନ ଚାମ୍ପିୟନ

## ପୁରୀ ଅଫିସିଆଲ ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍‌ଯାପିତ

ନିମାପଡ଼ା,୧୦।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ତହସିଲ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଜିଲାସ୍ତରୀୟ ପୁରୀ ଅଫିସିଆଲ ପ୍ରିମିୟର ଲିଗ୍ (୩) କ୍ରିକେଟ୍ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଦିବସର ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଗୋପ ୱାରିୟର୍ସକୁ ହରାଇ ନିମାପଡ଼ା ଇଲେଭେନ ଚାମ୍ପିୟନ ଟ୍ରଫି ହାସଲ କରିଛି। ୧୬ ବିଶିଷ୍ଟ ଏହି ମ୍ୟାଚ୍‌ରେ ଟସ୍ ଜିତି ଗୋପ ୱାରିୟର୍ସ ବ୍ୟାଟିଂ କରି ୬ଟି ଉଇକେଟ୍ ହରାଇ ୧୦୮ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ନିମାପଡ଼ା ଇଲେଭେନର ବୋଲର ସତ୍ୟବାନ ପଲେଇ ସର୍ବାଧିକ ୩ଟି ଉଇକେଟ୍ ନେଇଥିଲେ। ଜବାବରେ ନିମାପଡ଼ା ଇଲେଭେନ ବ୍ୟାଟିଂ କରି ୧୫.୫ ଓଭରରେ ୬ ଉଇକେଟ ହରାଇ ୧୧୨ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ପ୍ରତିପକ୍ଷ ଗୋପ ୱାରିୟର୍ସର ବୋଲର ଜିତେନ୍ଦ୍ର ଛାଟୋଇ ଓ ପଙ୍କଜ ଖଟୋଇ ୨ ଲେଖାଏ ଉଇକେଟ୍ ନେଇଥିଲେ। ଅମ୍ପାୟର ଭାବେ ରଶ୍ମିରଞ୍ଜନ ଦାସ ଓ ସୁଶାନ୍ତ କୁମାର ରାଉତ ମ୍ୟାଚ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ୍‌ରେ ବିଜୟୀ ନିମାପଡ଼ା ଇଲେଭେନର ଖେଳାଳି ମନୋଜ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ୍ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ନିମାପଡ଼ା ତହସିଲଦାର ମନୋଜ ପ୍ରଧାନ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ସତ୍ୟବାଦୀର ଅତିରିକ୍ତ ତହସିଲଦାର ଓମ୍‌ପ୍ରକାଶ ପରିଡ଼ା, ରାଜସ୍ୱ ସୁପରଭାଇଜର ରାମଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ନିମାପଡ଼ା ଓ ଗୋପ ତହସିଲ ଅଫିସର କର୍ମଚାରୀ ଖେଳାଳି ଭାବେ ଏହି ମ୍ୟାଚ ଖେଳିଥିଲେ।




ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ଓ ଚେକ୍ ପ୍ରଦାନ କରୁଛନ୍ତି।

# ୨୭ରେ କେରଳ ଛୁଇଁପାରେ ମୌସୁମୀ

ନୂଆଦିଲ୍ଲୀ,୧୦।୫(ପି.ଟି.)



ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ସାଧାରଣତଃ ଜୁନ୍ ୧ରେ କେରଳ ପହଞ୍ଚୁଥିବାବେଳେ ଏଥର ଆଗୁଆ ଭାବେ ମେ' ୨୭ରେ ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) କହିଛି। ପୂର୍ବାନୁମାନ ଅନୁଯାୟୀ, ମୌସୁମୀ କେରଳ ସ୍ପର୍ଶ କଲେ, ଏହା ୨୦୦୯ ପରେ ସଅଳ ପହଞ୍ଚିବାରେ ପ୍ରଥମ ଘଟଣା ହେବ। ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ, ୨୦୦୯ ମେ' ୨୩ରେ ମୌସୁମୀ କେରଳ ସ୍ପର୍ଶ କରିଥିଲା। ଜୁଲାଇ ୮ ସୁଦ୍ଧା ମୌସୁମୀ ସାରା ଦେଶରେ ପ୍ରବେଶ କରିଥାଏ ଏବଂ ସେପ୍ଟେମ୍ବର ୧୭ରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇ ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଅପସରି ଯାଇଥାଏ। ଗତବର୍ଷ ମେ' ୩୦ରେ ମୌସୁମୀ କେରଳ ଛୁଇଁଥିଲା। ସେହିପରି ୨୦୨୩ରେ ଜୁନ୍ ୮, ୨୦୨୨ରେ ମେ' ୨୯, ୨୦୨୧ରେ ଜୁନ୍ ୩, ୨୦୨୦ରେ ଜୁନ୍ ୧, ୨୦୧୯ରେ ଜୁନ୍ ୮ ଏବଂ ୨୦୧୮ରେ ମେ' ୨୯ରେ ମୌସୁମୀ କେରଳ ପହଞ୍ଚିଥିଲା। ତେବେ ମୌସୁମୀ ପହଞ୍ଚିବା ତାରିଖ ସହ ଦେଶରେ ହେବାକୁ ଥିବା ମୋଟ ବୃଷ୍ଟିପାତ ପରିମାଣର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ବୋଲି ଆଇଏମ୍ଡିର ଜଣେ ଅଧିକାରୀ କହିଛନ୍ତି। ଚଳିତ ବର୍ଷ ଏଲ୍ ନିନୋ ସ୍ଥିତି ସମ୍ଭାବନା ନ ଥିବାରୁ ବୃଷ୍ଟିପାତ ସ୍ୱାଭାବିକଠାରୁ ଅଧିକ ହେବ ବୋଲି ଗତ ମାସରେ ଆଇଏମ୍ଡି ପୂର୍ବାନୁମାନ କରିଥିଲା।



ଶ୍ରୀନହରସ୍ଥିତ ରଥଖଳାରେ ଶନିବାର ଓଝା ସେବକମାନେ ଡୁମ୍ବର ବଳା ଓ ପନ୍ଦାରି ପ୍ରସ୍ତୁତ କରୁଛନ୍ତି। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

# ମା' ପାଇଁ ଦୁନିଆ

ଭୁବନେଶ୍ୱର, ୧୦।୫
(ବନ୍ଦନା ସେଠୀ)



ମା' ଶବ୍ଦର କଳନା ନାହିଁ। ଶବ୍ଦଟି ଛୋଟ ହୋଇଥିଲେ ମଧ୍ୟ ଅର୍ଥ ବହୁତ ବ୍ୟାପକ। ମା' ପୃଥିବୀଠାରୁ ଅଧିକ ସହନଶୀଳ ଆଉ ଆକାଶଠୁ ଅଧିକ ପରିବ୍ୟାପ୍ତ। ସନ୍ତାନକୁ ଗର୍ଭରେ ରଖିବାଠାରୁ ଆରମ୍ଭକରି ବଡ଼ ହେବା ପର୍ଯ୍ୟନ୍ତ ମା' ହିଁ ରକ୍ଷାକବଚ ହୋଇଥାଏ। ଜଣେ ମା' ହିଁ ତା' ସନ୍ତାନର ପ୍ରଥମ ଗୁରୁ ଏବଂ ମାର୍ଗଦର୍ଶିକା ସାଜିଥାଏ। ତା'ର କୋଳ ସନ୍ତାନ ପାଇଁ ସବୁଠାରୁ ସୁରକ୍ଷିତ ସ୍ଥାନ ପାଲଟିଥାଏ। ସମୟ ଆସିଲେ ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏତେବଡ଼ ଦୁନିଆରେ ସେ ଏକାକୀ ଲଢ଼ିଥାଏ। ନିଜକୁ ଦୃଢ଼ ଭାବେ ଠିଆ କରିବା ସହ ସନ୍ତାନକୁ ଉପଯୁକ୍ତ ମଣିଷ ଭାବେ ଗଢ଼ିତୋଳେ। ଜଣେ ମା' ହିଁ ତା' ପିଲାଙ୍କ ପାଇଁ ଦୁନିଆ ପାଲଟିଯାଏ। ରବିବାର ମଦର୍ସ ଡେ' ଅବସରରେ ଏହିଭଳି କେତେଜଣ ମା'ଙ୍କ ସହ କେଇପଦ କଥା।

ବାଲେଶ୍ୱର ଭୋଗରାଇକୁ ବୋହୂ ସାଜି ଆସିଥିଲେ ବ୍ରଜକିଶୋରୀ ଜେନା। ସ୍ୱାମୀ ସୁବେଦାର ଅଧୀର କୁମାର ଜେନାଙ୍କର ଝାନ୍ସିରେ ପୋଷ୍ଟିଂ ହୋଇଥିବାରୁ ସ୍ୱାମୀଙ୍କ ସହ ସେଠାରେ ନିଜ ସାଂସାରିକ ଜୀବନ ଆରମ୍ଭ କରିଥିଲେ। ସ୍ୱାମୀ, ବଡ଼ପୁଅ ସଞ୍ଜୟ କୁମାର ଜେନା ଏବଂ ସାନପୁଅ ବିନୀତ୍ କୁମାର ଜେନାଙ୍କୁ ନେଇ ପରିବାର ହସଖୁସିରେ ଚାଲିଥିଲା। ମାତ୍ର ବିବାହର ୧୫ବର୍ଷ ପରେ ବ୍ରଜକିଶୋରୀଙ୍କ ଜୀବନରେ ଝଡ଼ ମାଡି ଆସିଥିଲା। ୨୦୦୬ରେ ସୁବେଦାର ଜେନା ପରେଡ୍ କରୁଥିବା ସମୟରେ ହଠାତ୍ ମୃତ୍ୟୁବରଣ କରିଥିଲେ। ସେହି ସମୟରେ ବଡପୁଅ ଦ୍ୱାଦଶ ଶ୍ରେଣୀରେ ଏବଂ ସାନପୁଅ ଷଷ୍ଠଶ୍ରେଣୀରେ ପଢୁଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଇପୁଅଙ୍କୁ କିପରି ଭଲ ମଣିଷ କରିବେ ତାହା ବ୍ରଜକିଶୋରୀଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। ଶାଶୁଘରେ ଅନ୍ୟ ସଦସ୍ୟ ଥିଲେ ମଧ୍ୟ ସେମାନଙ୍କ ପକ୍ଷରୁ ସେତେଟା ସହଯୋଗ ମିଳି ନ ଥିଲା। ତେଣୁ ସ୍ୱାମୀଙ୍କ ପେନ୍ସନ୍ ଅର୍ଥରେ ବାହାରେ ରହି ପିଲାମାନଙ୍କୁ ମଣିଷ କରିବା ତାଙ୍କ ପାଇଁ କଷ୍ଟସାଧ ହୋଇଥିଲା। ସାନପୁଅ ଦଶମ ପାସ୍ କରିବା ପରେ ଦୁଇପୁଅଙ୍କୁ ଧରି ସେ ବାଲେଶ୍ୱରକୁ ଚାଲି ଆସିଥିଲେ। ପେନ୍ସନ୍ ଅର୍ଥ ଏବଂ ଗାଁର ଚାଷବାସରୁ ମିଳୁଥିବା କିଛି ଅର୍ଥରେ ଦୁଇପୁଅଙ୍କୁ ପାଠ ପଢାଇ ମଣିଷ କରିବାରେ ବ୍ରଜକିଶୋରୀ ସଫଳ ହୋଇଛନ୍ତି। ବଡପୁଅ ଏବେ ସିଙ୍ଗାପୁରରେ ଇଞ୍ଜିନିୟର ଥିବାବେଳେ ସାନପୁଅ ଏମ୍ସ ଭୁବନେଶ୍ୱରରେ ଜଣେ ସଫଳ ଡାକ୍ତର ଭାବେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଭୁବନେଶ୍ୱରସ୍ଥିତ ଲିଙ୍ଗିପୁର ଅଞ୍ଚଳରେ ସାନପୁଅ ଓ ବୋହୂଙ୍କ ସହ ଏବେ ସେ ଦିନ କଟାଉଛନ୍ତି। ନିଜର ଧୈର୍ଯ୍ୟ ଓ ସାହସର ସହ ବ୍ରଜକିଶୋରୀ ଦୁଇପୁଅଙ୍କୁ ଭଲ ମଣିଷ କରି ଗଢିତୋଳିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

# ଛତିଶଗଡ଼ର ୩୮ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୦।୫
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର ୩୮ ମାଓବାଦୀ ପଡ଼ୋଶୀ ତେଲଙ୍ଗାନା ଭଦ୍ରାଦ୍ରି କତାଗୁଡେମ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୬ଜଣ ମିଲିସିଆ ସଦସ୍ୟ, ୭ ଜଣ ବିସିଏମ୍, ୬ ଜଣ କେଏଏମ୍ଏସ୍ ସଦସ୍ୟ, ୩ ଜଣ ସିଏନ୍ଏମ୍ ଓ ୪ ଜଣ ଜିଆର୍ଡି କ୍ୟାଡର ମାଓବାଦୀ ବୋଲି ସୂଚନା ମିଳିଛି। ଶନିବାର ଆତ୍ମସମର୍ପଣ କରିଥିବା ୩୮ ଜଣ ପୁରୁଷ ଓ ମହିଳା ମାଓବାଦୀଙ୍କୁ ତେଲଙ୍ଗାନା ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ କହିଛି। ଭଦ୍ରାଦ୍ରି କତାଗୁଡେମ ପୋଲିସ ସୂଚନା ଅନୁଯାୟୀ, ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଭିନ୍ନ କ୍ୟାଡରର ମୋଟ ୨୬୫ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଡିବିସିଏମ୍ର ଜଣେ, ଏସିଏମ୍ର ୧୧ ଜଣ, ପିଏମ୍ ର ୨୯ ଜଣ ମିଲିସିଆ ସଦସ୍ୟ ୯୨ ଜଣ, ଆର୍ପିସି ସମିତି ସଦସ୍ୟ ୩୩ ଜଣ, ଡିଏକେଏମ୍ଏସ୍, କେଏମ୍ଏସ୍ଏସ୍ର ୪୭ ଜଣ, ସିଏନ୍ଏମ୍ ସଦସ୍ୟ ୩୦ ଜଣ ଓ ଜିଆର୍ଡିର ୨୨ଜଣ ସାମିଲ ଅଛନ୍ତି। ବର୍ତ୍ତମାନ ତେଲଙ୍ଗାନା ଓ ଛତିଶଗଡ଼ ପୋଲିସ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠାକରି ମାଓବାଦୀ ଦମନ କାର୍ଯ୍ୟକ୍ରମ ଜାରି ରଖିଛି। ଇତିମଧ୍ୟରେ ବହୁ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଥିବା ବେଳେ ଅଧିକାଂଶ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଫଳରେ ମାଓବାଦୀ ସଂଗଠନ ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଏହି ୨ ରାଜ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ଚାଲିଥିବାବେଳେ ଏଥିରେ ଅନୁପ୍ରାଣିତ ହୋଇ ମାଓବାଦୀମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି।


GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
BALANGIR IRRIGATION CIRCLE, BALANGIR
NO.A-140
E-mail : sebalangir@gmail.com
"e-Procurement Notice"
Bid Identification No. : ACE, BOIC-01/2025-26
Procurement Details

| Pkg. No. | Name of works | Approx. Tender Cost in lakh | Class of Contractor | Bid Security/EMD-(online)-(in INR) | Cost of tender document (online)-(in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Flood Protection works at the right bank of river Salki near daily market at Baghiapada GP of Boudh Block (working RD 00M to 135M.) | Rs.117.51 Lakh (excluding G.S.T) | 'A' & 'B' Class | Rs.1,17,520/- | Rs.10,000/- | 12(Twelve) Calendar Months |
| 2 | Construction of Flood Protection wall/stone patching in River Salki from the existing stone patching at Gupteswar mandir upto 500m in the U/S and 100M in the D/S in village Khaliapali under Brahmanipali G.P. of Boudh Block(working RD 00M to 140M U/S and RD 171M to 231M D/S) | Rs.154.25 Lakh (excluding G.S.T) | 'A' & 'B' Class | Rs.1,54,260/- | Rs.10,000/- | 12(Twelve) Calendar Months |
| 3 | Flood Protection work to right bank of river Mahanadi from RD 75.00M to 675.00M [D/S to ghat to muhana] near village Kodasingha of Harbhanga G.P of Harbhanga Block (working RD 75M to 358M.) | Rs.184.41 Lakh (excluding G.S.T) | 'A' & 'B' Class | Rs.1,84,420/- | Rs.10,000/- | 12(Twelve) Calendar Months |

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC - 01/2025-26 | Dt.13.05.2025 at 10.00 hours | Dt.02.06.2025 up to 17.30 hours | Dt.13.05.2025 to Dt.20.05.2025 At Office during office hours. (In working days) | Dt.03.06.2025 at 11.00 Hours | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in"
Sd./- Additional Chief Engineer
Balangir Irrigation Circle, Balangir
OIPR-32347/11/0003/2526


# ଶର୍ଟ ସର୍କିଟରୁ ଗୁଣପୁର ଜିଆଇଇଟିରେ ଅଗ୍ନିକାଣ୍ଡ

ଗୁଣପୁର,୧୦।୫
(ପ୍ରଦୀପ କୁମାର ପାଢ଼ୀ)

**ଅଧାରୁ ବନ୍ଦହେଲା ଓଜେଇଇ ପରୀକ୍ଷା**

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଶନିବାର ମଧ୍ୟାହ୍ନ ୧ଟା ୪୫ରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ବହୁ କ୍ଷତି ହୋଇଥିବା ଜଣାପଡିଛି। ଜିଆଇଇଟି ବିଶ୍ୱବିଦ୍ୟାଳୟର ୫ମହଲା କୋଠା (ସିଏସ୍ଇ) ବିଭାଗର କମ୍ପ୍ୟୁଟର ଲାବ୍‌ରେ ଏହି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିଲେ ସୁଦ୍ଧା ଲାବ୍‌ରେ ଶର୍ଟ ସର୍କିଟରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଇଛି। ଅଗ୍ନିକାଣ୍ଡରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଲାବ୍‌ରେ ଥିବା ୧୪ଟି କମ୍ପ୍ୟୁଟର, ଟେବୁଲ ଚେୟାର, ସିଲିଂ ସର୍ଭର ରୁମ୍ ପୋଡ଼ି ନଷ୍ଟହୋଇଛି । ଏହାର ଆନୁମାନିକ ମୂଲ୍ୟ ୧କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନ୍‌ଭିଜେ ରାଓ ସୂଚନା ଦେଇଛନ୍ତି। ଖବରପାଇ ଗୁଣପୁର ଅଗ୍ନିଶମ ବାହିନୀର ଅଧିକାରୀ ରଜନୀକାନ୍ତ ଗୌଡ଼ ଅନ୍ୟ କର୍ମଚାରୀଙ୍କ ସହ ପହଞ୍ଚି ନିଆଁକୁ ଲିଭାଇଥିଲେ। ତେବେ ନିରାପତ୍ତା ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଓଜେଇଇ ପରୀକ୍ଷା ଅଧାରୁ ବନ୍ଦକରି ଦିଆଯାଇଥିଲା। ୧୦୦ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଉଥିବା ବେଳେ ପରୀକ୍ଷା ସରିବା ପାଇଁ ଆଉ ମାତ୍ର ୪୦ ମିନିଟ୍ ରହିଥିଲା। ଏହା ସହ ଦ୍ୱିତୀୟ ଶିଫ୍ଟରେ ଥିବା ପରୀକ୍ଷାକୁ ମଧ୍ୟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି ।


ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No. T-19: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୧୩।୦୫।୨୦୨୫ରିଖ (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୦୯।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ୍ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ
ସାଧାରଣ ଅଭିଯୋଗ–ତଥା–ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0108/2526



GOVERNMENT OF ODISHA
DEPARTMENT OF WATER RESOURCES
Office of the Additional Chief Engineer,
Drainage Circle, Balasore.
NO.A-135
Email ID: sedcbls@yahoo.com
"e" PROCUREMENT NOTICE NO.- ACEDCBLS - 03/2025-26

| Procurement Officer/ Name & address of the officer inviting Bids. | Name of work | Bid Identification Number | Tender Cost (in INR) (excluding G.S.T) of individual work | Bid Security/ EMD- (online)- (in INR) | Cost of tender document- (online)- (in INR) | Class of Contractor (Odisha PWD or equivalent class of other licensing authority) | Period of completion | Bid document available on-line for bidding | | Date of opening of the Technical Bid (Cover-I) |
|---|---|---|---|---|---|---|---|---|---|---|
| | | | | | | | | From | To | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| Additional Chief Engineer, Drainage Circle, Balasore. | Improvement to link drains of Nuanai Nalla including structure in Tihidi Block under Doab No. XII | ACEDCBLS/ DDBDK-01- 03/2025-26 | Rs.2,34,42,985/- | Rs.2,34,430/- | Rs.10,000/- | "B" and "A" Calss Contractor | 11 (Eleven) Calendar months | 14.05.25 | 28.05.25 | 29.05.25 |
| | Improvement to Kandia Drainage Channel from RD 00km to 27.00 km in Dhamnagar Block of Bhadrak District under Doab No. XIII. (Balance Work) | ACEDCBLS/ DDBDK- 02- 03/2025-26 | Rs.1,75,09,322/- | Rs.1,75,094/- | Rs.10,000/- | "B" and "A" Class Contractor | 11 (Eleven) Calendar months | 14.05.25 | 28.05.25 | 29.05.25 |
| | Improvement to Parbati and its link drain, Kanti D.C., Gohira D.C., D.C. from Mubarakpur to Jawnai and D.C. from Kubergodia to Jawnai in Bhandaripokhari Block of Bhadrak District under Doab No-XIII | ACEDCBLS/ DDBDK- 03- 03/2025-26 | Rs.4,22,95,633/- | Rs.4,22,960/- | Rs.10,000/- | "A" Class Contractor | 11 (Eleven) Calendar months | 14.05.25 | 28.05.25 | 29.05.25 |

Further details can be seen from the Govt. website www.tendersodisha.gov.in.
Sd./- Additional Chief Engineer,
Drainage Circle, Balasore
OIPR-32190/11/0016/2526


# କଙ୍ଗୋରେ ବନ୍ୟା, ୧୦୪ ମୃତ

କିନ୍‌ଶାସା, ୧୦।୫

ଆଫ୍ରିକୀୟ ଦେଶ ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋର ପୂର୍ବ ପ୍ରାନ୍ତରେ ଥିବା ସୁଦ୍ କିଭୁ ରାଜ୍ୟରେ ଲଗାଣ ବର୍ଷା ଯୋଗୁ ଭୀଷଣ ବନ୍ୟା ସ୍ଥିତି ଦେଖାଦେଇଛି। ଏହି ବନ୍ୟାରେ ୧୦୪ ଲୋକଙ୍କର ମୃତ୍ୟୁ ଘଟିଛି ବୋଲି ସ୍ଥାନୀୟ ଅଧିକାରୀ ବର୍ନାଡ ଅକିଲି କହିଛନ୍ତି। ଲଗାଣ ବର୍ଷା ଯୋଗୁ ସ୍ଥାନୀୟ କସାବା ନଦୀ ଫୁଲିବା ସହ ବନ୍ୟା ସୃଷ୍ଟି ହୋଇଥିଲା। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଏବଂ ବୃଦ୍ଧ ବ୍ୟକ୍ତି ରହିଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ଅଗ୍ନିଶମ ବାହିନୀ ଏବଂ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।


ବିଜ୍ଞାପନ

No. C-301: ଏତଦ୍ୱାରା କଟକ ମହାନଗର ନିଗମ ଅଞ୍ଚଳରେ ହୋର୍ଡ଼ିଂ ବ୍ୟବସାୟ କରୁଥିବା ନିଗମ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସମସ୍ତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଯେଉଁ ସଂସ୍ଥା ବା ବ୍ୟକ୍ତିବିଶେଷ ସେମାନଙ୍କ ସପକ୍ଷରେ ଆର୍ଥିକ ବର୍ଷ ୨୦୨୪–୨୫ ପାଇଁ ଥିବା ବକେୟା ଅର୍ଥ ପୈଠ କରିନାହାନ୍ତି ସେମାନେ ଆସନ୍ତା ତା୧୬।୦୫।୨୫ରିଖ ସୁଦ୍ଧା ମହାନଗର ନିଗମ କାର୍ଯ୍ୟାଳୟ, ଚୌଧୁରୀ ବଜାର ଲାଇସେନ୍ସ ବିଭାଗରେ ସେମାନଙ୍କ ସପକ୍ଷରେ ଥିବା ଧାର୍ଯ୍ୟ ଅର୍ଥ ତୁରନ୍ତ ପୈଠ କରନ୍ତୁ। ଯେଉଁମାନେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ବକେୟା ଅର୍ଥ ପୈଠ ନ କରିବେ ସେମାନଙ୍କ ହୋର୍ଡ଼ିଂ ଗୁଡ଼ିକ ଉଚ୍ଛେଦ କରିବା ସହିତ ବକେୟା ଅର୍ଥ ଫାଇନ ସହିତ ଆଦାୟ କରାଯିବ ଓ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏତତ୍ ସହିତ ଯେଉଁ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ତାଙ୍କର ବକେୟା ଅର୍ଥ ପୈଠ ନ କରନ୍ତି ତେବେ ସେମାନଙ୍କୁ ଭବିଷ୍ୟତରେ ସି.ଏମ୍.ସି. ସହିତ କୌଣସି କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ କିମ୍ବା କୌଣସି ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ଅନ୍ତର୍ଭୁକ୍ତ କରାଯିବ ନାହିଁ।

ସ୍ୱା./– ଉପ ଆୟୁକ୍ତ (ଲାଇସେନ୍ସ)
କଟକ ମହାନଗର ନିଗମ
OIPR-13031/11/0180/2526


## ଜଷ୍ଟିସ୍ ସୂର୍ଯ୍ୟକାନ୍ତ ହେଲେ ଏନ୍ଏଲ୍ଏସ୍ଏ ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ



ନୂଆଦିଲ୍ଲୀ, ୧୦।୫

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ନ୍ୟାଶ୍‌ନାଲ ଲିଗାଲ ସର୍ଭିସ ଅଥରିଟି (ଏନ୍ଏଲ୍ଏସ୍ଏ)ର ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଭାବେ ମନୋନୀତ କରିଛନ୍ତି। ଆସନ୍ତା ୧୪ ତାରିଖରୁ ସେ ଦାୟିତ୍ୱ ଗ୍ରହଣ କରିବେ। ଏନେଇ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଏହି ନିଯୁକ୍ତି ସାରା ଦେଶରେ ଆଇନଗତ ସହାୟତା ଏବଂ ଲୋକେ ନ୍ୟାୟ ପାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି।

# ହାସିନାଙ୍କ ଆୱାମି ଲିଗ୍ ବ୍ୟାନ୍ ହେଲା

ଢାକା, ୧୦।୫



ଶେଖ୍ ହାସିନା

ବାଂଲାଦେଶର ଅନ୍ତରୀଣ ସରକାର ଆତଙ୍କବାଦ ନିରୋଧୀ ଆଇନ ବଳରେ ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଆୱାମି ଲିଗ୍ ପାର୍ଟିକୁ ଶନିବାର ବେଆଇନ ଘୋଷଣା କରିଛନ୍ତି। ଏହି ଦଳକୁ ବ୍ୟାନ୍ କରିବା ଦାବିରେ ସେଠାର ନ୍ୟାଶନାଲ ସିଟିଜେନ୍ ପାର୍ଟି (ଏନ୍‌ସିପି) କର୍ମୀମାନେ ଗୁରୁବାରଠାରୁ ରାଲି କରିବା ସହ ଢାକାକୁ ଅବରୋଧ କରିଥିଲେ। ହାସିନାଙ୍କ ଦଳ ବେଆଇନ ଘୋଷଣା ନେଇ କ୍ୟାବିନେଟରେ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କିତ ଗେଜେଟ୍ ବିଜ୍ଞପ୍ତି ପରବର୍ତ୍ତୀ କାର୍ଯ୍ୟଦିବସରେ ପ୍ରକାଶ ପାଇବ ବୋଲି ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଲାଞ୍ଚ ମାମଲାରେ ଆୟକର କମିଶନର ଗିରଫ

ହାଇଦ୍ରାବାଦ, ୧୦।୫

ଏକ ୭୦ ଲକ୍ଷ ଟଙ୍କାର ଲାଞ୍ଚ ମାମଲାରେ ଶନିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହାଇଦ୍ରାବାଦର ଇନ୍‌କମ ଟାକ୍ସ ଅଫିସର (ଏକ୍‌ଜେମ୍‌ଶନ୍) ଜୀବନଲାଲ ଲାବିଡ଼ିଆଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି। ୨୦୦୪ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ଲାବିଡ଼ିଆ ଭ୍ରଷ୍ଟାଚାରରେ ଲିପ୍ତ ରହୁଥିବା ସହ ଲାଞ୍ଚ ମାଗୁଥିବା ନେଇ ସୂଚନା ମିଳିବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା ବୋଲି ସିବିଆଇର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ସେ କହିଛନ୍ତି।


GOVERNMENT OF ODISHA
OFFICE OF THE SUPERINTENDING ENGINEER,
P.H. DIVISION, SAMBALPUR
No.C-283
Email ID : eephdsbp@gmail.com
NOTICE INVITING TENDERS
National Competitive Bidding Through e-Procurement
Bid Identification No. SEPHSBP-01/2025-26 Dt.07.05.2025

01. Name of the Work : 1 Nos Work
02. Type of Bid : Single Bid System
03. Estimated Cost : Rs.18.92 lakh
04. Period of Completion : 2 (Two) Calendar Months
05. Date & Time of availability of bid document in the portal : From 11.00 A.M. of dt.14.05.2025 to 5.00 P.M. of 28.05.2025
06. Last date / time of receipt of bids in the portal : 5.00 P.M. of 28.05.2025
07. Date & Time of opening of technical bids : At 11.30 A.M. of 29.05.2025
08. Name and Address of the Officer Inviting Bid : Superintending Engineer, P.H. Division, Sambalpur, Near V.S.S. Stadium, Brooks Hill, Dist.-Sambalpur-768 001

**Further details can be seen from the website http://tenders.ori.nic.in or www.tendersorissa.gov.in**

Sd./- Superintending Engineer
P.H. Division, Sambalpur
OIPR-13026/11/0009/2526



झारखण्ड सरकार
पेयजल एवं स्वच्छता विभाग
ई–प्रोक्योरमेन्ट सूचना
(द्वितीय आमंत्रण)
अति–अल्पकालिन निविदा सूचना संख्या – DHN-1/02/2025-26 दिनांक – 10.05.2025

| | | | | | | |
|---|---|---|---|---|---|---|
| 1 | NAME OF WORK:- RELOCATION OF 125/115 MM DIA DEEP DRILLED TUBE WELL OF 75 MTRS DEPTH WITH INSTALLATION OF INDIA MARK -II (IS:15500 PART -2/2004) HAND PUMP WITH LOWERING OF 32 MM DIA MEDIUM QUALITY GI PIPE & CONSTRUCTION OF PLATFORM & DRAIN IN DIFFERENT VILLAGES ON TURN KEY BASIS UNDER D.W.&S. DIVISION NO.1, DHANBAD UNDER DMFT HEAD. FOR THE YEAR 2025-26 | | | | | |
| | ग्रुप संख्या | ड्रिल्ड न0 की संख्या | प्राक्कलित राशि (लाख में) | अग्रधन की राशि (लाख में) | परिमाण विपत्र का मूल्य (रूपये में) | कार्य पूर्ण करने की अवधि |
| | SR-KAN | 25 | 24.27350 | 0.50 | 5000.00 | 90 Days |
| | SR-NIR | 25 | 24.27350 | 0.50 | 5000.00 | 90 Days |
| | SR-KAL | 25 | 24.27350 | 0.50 | 5000.00 | 90 Days |
| | SR-EGY | 25 | 24.27350 | 0.50 | 5000.00 | 90 Days |
| 2 | वेबसाइट पर निविदा प्रकाशन की तिथि | 13.05.2025 समय 04.00 बजे अपराहन तक | | | | |
| 3 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 20.05.2025 समय 05.00 बजे अपराहन् तक | | | | |
| 4 | सरकार के सचिव, सूचना प्रौद्योगिकी एवं ई– गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 20.05.2025 समय 05.00 बजे अपराहन् तक | | | | |
| 5 | तकनीकी बिड खोलने की तिथि एवं समय | 21.05.2025 समय 05.00 बजे अपराहन् | | | | |
| 6 | तकनीकी बिड खोलने का स्थान | कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद | | | | |
| 7 | निविदा आमंत्रित करने वाले पदाधिकारी का नाम/पदनाम :- रणजीत कुमार ठाकुर, कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद | | | | | |
| 8 | निविदा आमंत्रित करने वाले कार्यालय का टेलिफोन नं0 : 0326-3148874 | | | | | |
| 9 | ई– प्रोक्यूरमेन्ट सेल का हेल्प लाईन सं0 : 0651-2480345 | | | | | |

नोट – (1) केवल ई निविदा ही स्वीकार किये जायेंगे।
(2) प्राक्कलित राशि घट–बढ़ सकती है तदनुसार अग्रधन की राशि एवं परिमाण विपत्र का मूल्य भुगतेय होगी।
अधिक जानकारी के लिए वेबसाईट http://jharkhandtenders.gov.in पर देखा जा सकता है।
कार्यपालक अभियन्ता
पेयजल एवं स्वचछता प्रमंडल सं.1, धनबाद
PR 352163 Drinking Water and Sanitation(25-26).D

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୧୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ଚଣ୍ଡିପାଠ, ସ୍ଥାନ: ଶ୍ରୀ ନୃସିଂହନାଥଙ୍କ ମନ୍ଦିର ପରିସର, ପାରିବାସୁଦେଇପୁର, ସମୟ: ସକାଳ ୯ଟା।
- ଇଟିକିଲି ମିଟିକିଲିର ୩୦ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ମାତୃ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳମଣି ଆଦର୍ଶ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ମାତୃ ଦିବସ ପାଳନ, ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମ, ପାଣ୍ଡରା ଛକ, ସମୟ: ଅପରାହ୍ନ ୪ଟା।

## କଟକ
- ଜିଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ, ସ୍ଥାନ: ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ, ସମୟ: ସକାଳ ୭ଟା।
- ବୁଦ୍ଧ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ମାଣିଆବନ୍ଧ ବୁଦ୍ଧ ପର୍ଯ୍ୟଟନ କ୍ଷେତ୍ର, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ମାଉସୀ ମା'ଙ୍କ ଜଳସାଇ ଉତ୍ସବ, ସ୍ଥାନ: ମାଉସୀ ମା' ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଭାରତ ବିକାଶ ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ହୋଟେଲ ହଲିଡେ ରିଶୋର୍ଟ, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀ ଲକ୍ଷ୍ମୀନୃସିଂହ ଦେବଙ୍କ ଜନ୍ମଉତ୍ସବ, ସ୍ଥାନ: ଜିପୁର, ଅଳଗୁମ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଶନିଶ୍ଚର ଦେବ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କୋଦବେରେଣୀ, ସମୟ: ସକାଳ ୬ଟା।
- ଦଧିବାମନ ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବେଗୁନିଆ, ସମୟ: ସକାଳ ୭ଟା।
- ଜିଲା ପ୍ରଶାସନ ପକ୍ଷରୁ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ବାଲେଶ୍ୱର
- ଗୋପେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୁସୁନ୍ଦୁଦାସପୁର, ଔପଦା, ସମୟ: ଦିବସବ୍ୟାପୀ।
- ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ପ୍ରତୀକ ଅନଶନ, ସ୍ଥାନ: ସାମ୍ବାଦିକ ପ୍ରକୋଷ୍ଠ ସମ୍ମୁଖ, ବାଲେଶ୍ୱର, ସମୟ: ସକାଳ ୭ଟା।
- ସାର୍ବଜନୀନ ମିର୍ଜାପୋଖରୀ ୧୦୭ତମ ଚନ୍ଦନ ଉତ୍ସବ ଷଷ୍ଠ ସନ୍ଧ୍ୟା, ସ୍ଥାନ: ମିର୍ଜାପୋଖରୀ ଆଡ଼ି, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚରମ୍ପା, ଭଦ୍ରକ, ସମୟ: ସକାଳ ୮ଟା।
- ତ୍ରିରଙ୍ଗା ସାଇକେଲ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟରୁ ପୁରୁଣାବଜାର, ଭଦ୍ରକ, ସମୟ: ସକାଳ ୮ଟା।
- ଉତ୍କଳ ସାମ୍ବାଦିକ ସଂଘର ରକ୍ତଦାନ ଶିବିର, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସକାଳ ୮ଟା।

## କେନ୍ଦୁଝର
- ଭାରତୀୟ ସୈନିକଙ୍କ ବିଜୟ ପାଇଁ ରାଲି, ସ୍ଥାନ: ଚମ୍ପୁଆ, ସମୟ: ସକାଳ ୮ଟା।
- ଯବାନଙ୍କ ଉଦ୍ଦେଶ୍ୟରେ ବାଇକ୍ ରାଲି, ସ୍ଥାନ: କେନ୍ଦୁଝର ସହର କାଳୀପଡ଼ିଆ, ସମୟ: ସକାଳ ୮ ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ-୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ବାରିପଦା ରକ୍ତଦାନ କେନ୍ଦ୍ର, ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ଜିଲା ଦଣ୍ଡ ନାଚ ମହାସଂଘ ବୈଠକ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଶ୍ରୀରାମ ତାରକ ବିଶଶାନ୍ତି ମହାଯଜ୍ଞ ଓ ଶ୍ରୀ ମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ : ସିନ୍ଧବା ଗ୍ରାମ ଶ୍ରୀ ମଲ୍ଲିକେଶ୍ୱର ଶୈବପୀଠ, ସମୟ: ସକାଳ ୮ ଟା।

## କନ୍ଧମାଳ
- ଜବାନଙ୍କ ମନୋବଳ ବୃଦ୍ଧି ପାଇଁ ବାଇକ ରାଲି, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ସକାଳ ୮ ଟା।

## ଢେଙ୍କାନାଳ
- ଜିଲା ପାଲାଗାୟକ ସଂଘର ୪୩ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଶ୍ରୀସତ୍ୟ ନାରାୟଣ ପାଲାମଣ୍ଡପ, ତରଭା, ଢେଙ୍କାନାଳ, ସମୟ: ଅପରାହ୍ନ ୧ଟା।
- ନୃସିଂହ ମହାଯଜ୍ଞ, ସ୍ଥାନ: ଇସ୍କନର ନୂତନ ଭୂମୀ ମହିଷାପାଟ, ସମୟ: ସକାଳ ସାଢେ ୬ଟା।

## ଅନୁଗୋଳ
- ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ କଲେଜ ଛକ, ସମୟ: ସକାଳ ୮ଟା।

## ଜଗତସିଂହପୁର
- ଡିଏଲ୍‌ଆର ଆସୋସିଏଶନ ପକ୍ଷରୁ ଜରୁରିକାଳୀନ ବୈଠକ, ସ୍ଥାନ: ଆସୋସିଏଶନ ପରିସର, ମଧୁବନ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କଣସରା ଓ ଶ୍ରୀହନୁମାନଜୀଉ ପୀଠ, ଦାଣ୍ଡି, ରାଜନଗର, ସମୟ: ସକାଳ ୭ଟା।

## ଯାଜପୁର
- ୧୯ତମ ବିଶ୍ୱ ଶାନ୍ତି ମହାଯଜ୍ଞ କର୍ମାରମ୍ଭ, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପୀଠ, ସମୟ: ସକାଳ ୬ଟା୩୦।
- ଭାରତୀୟ ଯବାନଙ୍କୁ ସମର୍ଥନ ଜଣାଇ ବ୍ଲକସ୍ତରୀୟ ବାଇକ୍ ରାଲି, ସ୍ଥାନ: ଧର୍ମଶାଳା ବ୍ଲକଠାରୁ କାଏମା ପର୍ଯ୍ୟନ୍ତ, ସମୟ: ସକାଳ ୮ଟା।
- ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖାର ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଚନ୍ଦନଯାତ୍ରାର ଦ୍ୱାଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଦ୍ୱାଦଶ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ଦ୍ୱାଦଶ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଯୋଦ୍ଧାଙ୍କ ମନୋବଳ ବୃଦ୍ଧି ନିମନ୍ତେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦ ।
- ବୀର ସୈନିକଙ୍କୁ ଉତ୍ସାହିତ କରିବା ପାଇଁ ଶୋଭାଯାତ୍ରା, ସ୍ଥାନ: ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟରୁ ଗାନ୍ଧୀ ପ୍ରମୋଦ ଉଦ୍ୟାନ, ସମୟ: ସକାଳ ୮ ଟା।

## ନବରଙ୍ଗପୁର
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଉମରକୋଟ, ସମୟ: ସକାଳ ୭ଟା।
- ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରୁ ମ୍ୟୁନିସିପାଲିଟି ଅଫିସ୍, ସମୟ: ସକାଳ ୭ଟା ୩୦।

## କୋରାପୁଟ
- ଭାରତୀୟ ସୈନିକଙ୍କ ପାଇଁ ରାଲି, ସ୍ଥାନ: ଦଶମନ୍ତପୁର ବ୍ଲକରୁ ଖମ୍ବେଶ୍ୱରୀ ପୀଠ, ସମୟ: ସକାଳ ୭ଟା ୩୦।
- ବାଇକ୍ ଶୋଭାଯାତ୍ରା, ସ୍ଥାନ: ବାରିଣିପୁଟ, ଜୟପୁର, ସମୟ: ସକାଳ ୮ଟା।
- ସେନା ବାହିନୀର ସମର୍ଥନରେ ବାଇକ୍ ରାଲି, ସ୍ଥାନ: ଦଶହରା ପଡିଆ, ସୁନାବେଡା-୧, ସମୟ: ସକାଳ ୮ଟା।
- ସୈନିକଙ୍କୁ ଉତ୍ସାହିତ କରିବା ନେଇ ବାଇକ୍ ଶୋଭାଯାତ୍ରା, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ସେନାକୁ ଉତ୍ସାହିତ କରିବାକୁ ବାଇକ୍ ରାଲି, ସ୍ଥାନ: ଆରଟିଓ ପଡିଆ, କୋରାପୁଟ, ସମୟ: ସକାଳ ୮ଟା।

## ମାଲକାନଗିରି
- ଯବାନଙ୍କୁ ଉତ୍ସାହିତ କରିବା ପାଇଁ ବାଇକ୍ ରାଲି, ସ୍ଥାନ: ବାଲିମେଲା ଗୋପବନ୍ଧୁ ଛକରୁ ପାୱାର ହାଉସ୍ ଛକ, ସମୟ: ସକାଳ ୭ ଟା୩୦।
- ଭାରତର ବୀର ସୈନିକଙ୍କୁ ଉତ୍ସାହିତ କରିବା ପାଇଁ ଶୋଭାଯାତ୍ରା, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଭବନଠାରୁ ଏମ୍.ଭି- ୭ , ସମୟ: ସକାଳ ୮ ଟା।

## ସମ୍ବଲପୁର
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜିତ ନିଃଶୁଳ୍କ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଫୁଟବଲ ପଡିଆ, ସମୟ : ସକାଳ ୮ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସମ୍ମିଳନୀ କକ୍ଷ, ସମୟ : ସକାଳ ୯ଟା।

## ବଲାଙ୍ଗୀର
- ସ୍ରୋତସ୍ୱତୀ ପକ୍ଷରୁ ସାରସ୍ୱତ କାର୍ଯ୍ୟକ୍ରମ 'ନିର୍ଲିପ୍ତ ନିଦାଘ',ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ହରିଶଙ୍କର ମହୋତ୍ସବ ୨୦୨୫ର ଚତୁର୍ଥ ଦିବସ ସ୍ଥାନ: ହରିଶଙ୍କର ପୀଠ, ହରିଶଙ୍କର, ଖପ୍ରାଖୋଲ ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- କଳ୍ପତରୁ ଆଶ୍ରମରେ ନାମଯଜ୍ଞ ଉଦ୍‌ଯାପନ ଉତ୍ସବ, ସ୍ଥାନ: ବାସନ୍ତୀ କଲୋନି, ସମୟ: ସକାଳ ୮ଟା ୩୦।
- ସ୍ମାର୍ଟ ୱାଟର ଷ୍ଟେଶନ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ମାତୃଦିବସ ଉପଲକ୍ଷେ ଦହିପଣା ବଣ୍ଟନ, ସ୍ଥାନ: ଛେଣ୍ଡ ଦୈନିକ ବଜାର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପଖାଳ ଦିବସ ପାଳନ, ସ୍ଥାନ: ଜଗଦା ସାଂସ୍କୃତିକ ପରିଷଦ, ସମୟ: ପୂର୍ବାହ୍ନ ୧୧ଟା।
- ସାଇବାବା ମନ୍ଦିର ପ୍ରତିଷ୍ଠା ଦିବସ ପାଇଁ ବୈଠକ, ସ୍ଥାନ: ଶକ୍ତିନଗର, ସମୟ: ଅପରାହ୍ନ ୫ଟା।

## ସୁନ୍ଦରଗଡ଼
- ଭାରତୀୟ ସେନା ବାହିନୀଙ୍କ ସମର୍ଥନରେ ବାଇକ ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସୁନ୍ଦରଗଡ଼,ସମୟ:ସକାଳ ୮ଟା।

## ବରଗଡ଼
- ବୈଶାଖ ମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ନୃସିଂହନାଥ ମନ୍ଦିର, ପାଇକମାଲ, ସମୟ:ସକାଳ ୭ଟା।
- ପରାକ୍ରମ ଶୋଭାଯାତ୍ରା, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ, ବରଗଡ଼,ସମୟ:ସକାଳ ୮ଟା।
- ଭାରତୀୟ ସେନାର ସମର୍ଥନରେ ବାଇକ୍ ରାଲି, ସ୍ଥାନ:ସିନେମା ଛକ, ଅତାବିରା, ସମୟ: ସକାଳ ୮ଟା।
- ବୀର ଯବାନଙ୍କ ଉଦ୍ଦେଶ୍ୟରେ ଆଦିମାତାଙ୍କ ପୂଜାର୍ଚ୍ଚନା, ସ୍ଥାନ:ହନୁମାନ ମନ୍ଦିର, ଅତାବିରା, ସମୟ:ସକାଳ ୮ଟା ୩୦।
- ମଦର୍ସ ଡେ ପାଳନ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ଅପରାହ୍ନ ୪ଟା।
- ରାଜ ପୋଲି କ୍ଲିନିକ ଏଣ୍ଡ୍ ଡାଇଗ୍ନୋଷ୍ଟିକ ସେଣ୍ଟରର ଉଦ୍‌ଘାଟନୀ,ସ୍ଥାନ: ପୁରୁଣା ଜୀରାବ୍ରିଜ, ୱାର୍ଡ଼ ନଂ-୧, ବରଗଡ଼,ସମୟ: ସନ୍ଧ୍ୟା ୬ଟା।
- ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ,ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଲ,ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ବୀର ସୈନିକଙ୍କୁ ଉତ୍ସାହିତ କରିବା ପାଇଁ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ସକାଳ ୮ଟା।
- ମହାବିଷ୍ଣୁ ଯଜ୍ଞ ଓ ଜଗଦାନନ୍ଦ ଜୀଙ୍କ ପ୍ରବଚନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ବାଲାଜୀ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ଚତୁର୍ଥ ଗନ୍ଧରାଢୀ ଲୋକକଳା ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼
- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କିର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ, ସହର, ସମୟ: ଭୋର୍ ୪ଟା।
- ଭାରତୀୟ ସୈନିକମାନଙ୍କୁ ସାହସ ଦେବା ପାଇଁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଆହ୍ୱାନକ୍ରମେ ବାଇକ ରାଲି, ସ୍ଥାନ:ସବ୍ କଲେକ୍ଟର ଅଫିସରୁ ଆରମ୍ଭ, ସମୟ: ସକାଳ ୭ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:ଦେବଗଡ ସହର ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହ ମା' କନକ ଦୁର୍ଗା ମନ୍ଦିର ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ଦେଉଳମୁଣ୍ଡାଠାରେ ଭାଗବତ ସପ୍ତାହ ପାରାୟଣ ଆରମ୍ଭ, ସ୍ଥାନ: ମାହେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୭ଟା୩୦।
- ସୁବର୍ଣ୍ଣପୁରରେ ଭାରତୀୟ ସଶସ୍ତ୍ର ବଳର ମନୋବଳ ବଢାଇବା ପାଇଁ ସାଇକେଲ ରାଲି, ସ୍ଥାନ: ରୟାଲ ପଡିଆରୁ ଟାଉନ ହଲ, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁର ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଅଷ୍ଟପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ, ସମୟ: ଅହରାତ୍ର।

## ନୂଆପଡ଼ା
- ମା' ସମଲେଶ୍ୱରୀଙ୍କ ନୂତନ ମନ୍ଦିରରେ ମା'ଙ୍କ ପିତଳ କୁମ୍ଭ, ତ୍ରିଶୂଳ, ଧ୍ୱଜା ଆରୋହଣ, ଗର୍ଭଗୃହରେ ଛତର ଅବସ୍ଥାପନ, ସ୍ଥାନ: ବିଜୟଗଡ ରାଜା କୋମନା, ସମୟ: ଅପରାହ୍ନ ୩ଟା।
- ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସଭା, ସ୍ଥାନ: ମନ୍ଦିର ପରିସର କୋମନା, ସମୟ: ସନ୍ଧ୍ୟା ୬ଟା ୩୦।
- ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନାଗଡ, ସମୟ: ରାତ୍ର ୧୦ଟା।

## ଝାରସୁଗୁଡ଼ା
- ରାଇଡ ଫର ପ୍ରାଇଡ କାର୍ଯ୍ୟକ୍ରମ ଅବସରରେ ବାଇକ ରାଲି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ:ସକାଳ ୮ଟା।
- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଲିଶା ପାଠ, ସ୍ଥାନ:ସାହାପଡ଼ା ହନୁମାନ ମନ୍ଦିର, ସମୟ:ସକାଳ ୮ଟା।
- ଆନ୍ତଃ ଜିଲା ହକି ଟୁର୍ନାମେଣ୍ଟ, ସ୍ଥାନ:ଜିଲା ହକି ଷ୍ଟାଡିୟମ, ଏଚ୍. କଣ୍ଟାପାଲି, ସମୟ: ଅପରାହ୍ନ ୪ଟା ୩୦।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୁଷ ମାସରେ ,**
**କୁକୁର ହାଣ୍ଡିରେ ପେଯା।**

ସାଧାରଣତଃ ପୌଷ ମାସରେ ଧାନ ଅମଳ ହୋଇଥାଏ। ଧାନ ପ୍ରମୁଖ ଶସ୍ୟ ହୋଇଥିବାବେଳେ ଏହି ମାସରେ ଅତି ଦୀନହୀନ ଦରିଦ୍ର ବ୍ୟକ୍ତି ଧାନ ପାଇ ସୁଖୀ ହେବା ସହ ସୁଖରେ କାଳାତିପାତ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପୋତ, ପୋଡ଼, ପକା,**
**ଏ ତିନିହେଁ ଏକା।**

ମଣିଷ ମୃତ୍ୟୁବରଣ କଲେ ଶବ ସଂସ୍କାର କରାଯାଇଥାଏ। ଶବକୁ ପୋତିବା, ପୋଡ଼ିବା ବା ପାଣିରେ ଫୋପାଡ଼ିବା ଏକା କଥା। ପନ୍ଥା ଭିନ୍ନ ହେଲେ ବି ଉଦ୍ଦେଶ୍ୟ ଏକା ବୋଲି ଏଠାରେ ଦର୍ଶାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ପାକ୍ ସେନାର...

ପ୍ରଥମ ପୃଷ୍ଠାରୁ...

ଆକ୍ରମଣ ଉଦ୍ୟମ ଜାରି ରଖିଥିଲା। ଭାରତୀୟ ସଶସ୍ତ୍ର ବଳ ମଧ୍ୟ ଜଳ, ସ୍ଥଳ ଓ ଆକାଶରେ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବାକୁ ପଛାଇ ନ ଥିଲା। ଗୁରୁବାର ପାକିସ୍ତାନ ଭାରତର ୧୫ ସହରକୁ ଟାର୍ଗେଟ କରିଥିବାବେଳେ ଶୁକ୍ରବାର ୨୬ ସହରକୁ ଆକ୍ରମଣ ଉଦ୍ୟମ କରିଥିଲା। କିନ୍ତୁ ଭାରତୀୟ ସୁରକ୍ଷା ବଳ ସେସବୁ ଉଦ୍ୟମକୁ ପ୍ରତିହତ କରିବା ସହ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେଇଥିଲା। ଏପରି କି ଶନିବାର ଭୋର ସମୟରେ ଭାରତ ପକ୍ଷରୁ ପାକିସ୍ତାନର ୮ଟି ସାମରିକ ପ୍ରତିଷ୍ଠାନ ଉପରେ ମିଶାଇଲ ମାଡ଼ କରାଯାଇଥିଲା। ପାକିସ୍ତାନ 'ଅପରେଶନ୍ ବୁନ୍ୟାନ୍ ଅଲ୍-ମର୍ସୁସ୍' ନାମରେ ପୁଣି ଦୁଃସାହସ ଦେଖାଇ ଭାରତୀୟ ସହରଗୁଡ଼ିକୁ ଆକ୍ରମଣ ଉଦ୍ୟମ କରିଥିଲା, ଯାହାକି ବିଫଳ ହୋଇଥିବା ଜଣାପଡ଼ିଛି। ଇତିମଧ୍ୟରେ ଭାରତ-ପାକିସ୍ତାନ ସମ୍ପୂର୍ଣ୍ଣ ଯୁଦ୍ଧ ଆଡ଼କୁ ମୁହାଁଉଥିବା ଦେଖି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଉତ୍ତେଜନା ହ୍ରାସ ପାଇଁ ପରାମର୍ଶ ଦେଇଥିଲେ। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ସହ ଟ୍ରମ୍ପ ପ୍ରଶାସନ ଯୋଗସୂତ୍ର ସ୍ଥାପନ କରି ସଂଘର୍ଷର ବିରାମ ଘଟାଇବାକୁ ଉଦ୍ୟମ କରିଥିଲା। ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ମଧ୍ୟ ଦୁଇଦେଶର ନେତାଙ୍କ ସହ ନିରନ୍ତର ସମ୍ପର୍କରେ ରହିଥିଲେ। ରାତିରେ ଘମାଘୋଟ ଲଢ଼େଇ ହୋଇଥିବାବେଳେ ଶନିବାର ଅପରାହ୍ନରେ ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରି ଲେଖିଥିଲେ, ଭାରତ ଓ ପାକିସ୍ତାନ ତତ୍କାଳ ସମ୍ପୂର୍ଣ୍ଣ ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି। ଆମେରିକା ମଧ୍ୟସ୍ଥତାରେ ରାତିସାରା ଆଲୋଚନା ହେବା ପରେ ସେ ଏହି ବିଷୟ ଘୋଷଣା କରିଥିବା ସେ ଉଲ୍ଲେଖ କରିଥିଲେ। ଏଥିସହ ସେ ଉଭୟ ଭାରତ ଓ ପାକିସ୍ତାନକୁ ଅଭିନନ୍ଦନ ଜଣାଇଥିଲେ।

ଏହା ପୂର୍ବରୁ ରୁବିଓ ଜୟଶଙ୍କର ଓ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଇଶାକ୍ ଡାର ଏବଂ ସେନାମୁଖ୍ୟ ଜେନେରାଲ ଆସିମ୍ ମୁନିରଙ୍କ ସହ ଆଲୋଚନା କରିଥିଲେ। ରୁବିଓ ୪୮ ଘଣ୍ଟା ଧରି ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ମିଶି ଭାରତ ଓ ପାକିସ୍ତାନର ଶୀର୍ଷ ନେତୃତ୍ୱଙ୍କ ସଙ୍ଗେ ଆଲୋଚନା କରିଥିବା ଏକ୍ସ'ରେ ସୂଚନା ଦେଇଥିଲେ। ଏନେଇ ଜୟଶଙ୍କର ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି, ଭାରତ ଓ ପାକିସ୍ତାନ ଗୁଳିଗୋଳା ବର୍ଷଣ ଏବଂ ସାମରିକ କାର୍ଯ୍ୟକଳାପ ବନ୍ଦ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ଭାରତ ସବୁବେଳେ ଆତଙ୍କବାଦ ବିରୋଧରେ ଲଢ଼େଇକୁ ଗୁରୁତ୍ୱ ଦେଇଆସିଛି ଏବଂ ଭବିଷ୍ୟତରେ ମଧ୍ୟ ଜାରି ରଖିବ। ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି କହିଛନ୍ତି, ଶନିବାର ୫ଟାରୁ ଏହା ପ୍ରଭାବୀ ହୋଇଛି। ଦୁଇଦେଶର ଡିଜିଏମ୍‌ଓଙ୍କ ମଧ୍ୟରେ ହୋଇଥିବା ଆଲୋଚନାର ଏହା ନିଷ୍କର୍ଷ। ପାକିସ୍ତାନ ଡିଜିଏମ୍‌ଓ ଭାରତର ଡିଜିଏମ୍‌ଓଙ୍କୁ ଅପରାହ୍ନ ୩ଟା ୩୫ରେ ଫୋନ୍ କରିଥିଲେ। ଆଲୋଚନା ପରେ ସହମତି ପ୍ରକାଶ ପାଇଛି। ଉଭୟ ପକ୍ଷଙ୍କୁ ଏହି ବୁଝାମଣା ମାନିବାକୁ ନିର୍ଦ୍ଦେଶ ଦିଆଯାଇଛି। ମେ' ୧୨ରେ ପୁନର୍ବାର ଦୁଇ ଦେଶର ଡିଜିଏମ୍‌ଓଙ୍କ ମଧ୍ୟରେ ଆଲୋଚନା ହେବ। ତେବେ ଏଥିରେ କୌଣସି ତୃତୀୟ ପକ୍ଷଙ୍କ ଭୂମିକା ନ ଥିବା ମିସ୍ରି କହିଛନ୍ତି। ଅନ୍ୟପକ୍ଷେ ସମୟ ବିତିବା ସହ ପାକିସ୍ତାନୀ ସେନା ତା'ର ଅସଲ ଚେହେରା ଦେଖାଇଛି। ଏହା ସଦ୍ୟ ବୁଝାମଣାର ଉଲ୍ଲଂଘନ ହୋଇଥିବାରୁ ଭାରତୀୟ ଯବାନମାନେ କଡ଼ା ଜବାବ ଦେଇଛନ୍ତି। ଆଗକୁ ଏହି ଧାରା ଜାରି ରହିଲେ ପାକିସ୍ତାନୀ ସୈନ୍ୟଙ୍କୁ ଆହୁରି ମୁହଁତୋଡ଼ ଜବାବ ଦିଆଯିବ ବୋଲି ମିସ୍ରି ଚେତାବନୀ ଦେଇଛନ୍ତି।

## ସମୟକୁ ନେଇ...

ପାକିସ୍ତାନ ଆଗେ ଉଲ୍ଲଂଘନ କରିବା ତା' ନିଜ ଉପରେ ସଂଯମ ନାହିଁ ବୋଲି କୁହାଗଲାଣି। ଆଲୋଚନା ହେଲାଣି ଋଣ ପାଇଯିବା ପରେ ଭାରତ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଲାଗି ପାକିସ୍ତାନ ପୁଣି ଅଣ୍ଟା ଭିଡ଼ିଲା। ଏକ ତଥ୍ୟରୁ ଜଣାପଡ଼ିଛି ୨୦୨୪ରେ ପାକିସ୍ତାନ ତା' ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୨.୬ ପ୍ରତିଶତ ବା ୧୦.୧ ବିଲିୟନ ଆମେରିକୀୟ ଡଲାର ସାମରିକ ବଜେଟ ପାଇଁ ଖର୍ଚ୍ଚ କରିଛି। ଉଲ୍ଲେଖଯୋଗ୍ୟ ଯେ ଭାରତର ସାମରିକ ବଜେଟ ୨୦୨୪ରେ ୮୬.୧ ବିଲିୟନ ଡଲାର ଥିଲା। ଦେଖିବାକୁ ଗଲେ ପାକିସ୍ତାନର ବାହ୍ୟଋଣ ପରିମାଣ ୧୩୦ ବିଲିୟନ ଆମେରିକୀୟ ଡଲାର ଉପରେ ରହିଛି। ଏହା ମଧ୍ୟ ଆଲୋଚନା ହେଉଛି ଯେ, ପାକିସ୍ତାନର ଋଣ ପରିମାଣ ବିରାଟ ଆକାର ଥିବା ବେଳେ ଆଇଏମ୍ଏଫ୍ ପୁଣି ତାକୁ ସହଯୋଗ କରିବାକୁ ଆଗେଇ ଆସିବା ପଛରେ ଆମେରିକାର ସମ୍ପୂର୍ଣ୍ଣ ହାତ ରହିଛି। ଆମେରିକାର ଯୁଦ୍ଧାସ୍ତ୍ର ନିର୍ମାଣ ଶିଳ୍ପ ବଡ଼ ଥିବାରୁ ସେ ସଂକ୍ରାନ୍ତ ସାମଗ୍ରୀ ଅନ୍ୟ ଦେଶକୁ ବିକି ଲାଭ ଉଠାଇବା ଲକ୍ଷ୍ୟ ରଖିଥାଏ। ଚର୍ଚ୍ଚା ହେଉଛି ପାକିସ୍ତାନକୁ ଆଇଏମ୍ଏଫ୍ ପକ୍ଷରୁ ଦିଆଯାଇଥିବା ୧ ବିଲିୟନ ଆମେରିକୀୟ ଡଲାର ଋଣର ବହୁଳ ଅଂଶ ଆମେରିକାରୁ ଯୁଦ୍ଧାସ୍ତ୍ର କିଣିବାରେ ବିନିଯୋଗ ହୋଇପାରେ। ପାକିସ୍ତାନର ବିଶିଷ୍ଟ ଅର୍ଥନୀତିଜ୍ଞ କେଇସର ବେଙ୍ଗଲି କହିଛନ୍ତି ଯେ ତାଙ୍କ ଦେଶ ଋଣ ପରିଶୋଧ କରିବା ଲାଗି ଋଣ ନେଇ ଏବେ ଗରିବ। ଯେତେବେଳେ ନିଜ ଦେଶର ଅର୍ଥନୀତିଜ୍ଞ ଏଭଳି ମତ ଦେଉଛନ୍ତି ସେତେବେଳେ ପାକିସ୍ତାନର ଅର୍ଥନୀତି ନୀତି କେତେ ସୁଦୃଢ଼ ଅଛି ସହଜରେ ଅନୁମେୟ।

## ସିଜ୍‌ଫାୟାରକୁ ସ୍ୱାଗତ, ...

ଗୁରୁତ୍ୱ ଦେଇଆସିଛି। ଉଭୟ ପକ୍ଷ ଶାନ୍ତି ଦିଗରେ ଅଗ୍ରସର ହେବା ଉଚିତ। ତେବେ ପାକିସ୍ତାନ ପଟୁ ଏଥିରେ ବ୍ୟତିକ୍ରମ ଦେଖାଦେଲେ ଭାରତ ଉଚିତ ଜବାବ ଦେବାକୁ ପ୍ରସ୍ତୁତ। ସେହିପରି ଭାରତର ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ମଧ୍ୟ ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଲ୍‌ଓସିରେ ଗୁଳିଗୋଳା ବର୍ଷଣ ଜାରି ରଖିଲେ ପାକିସ୍ତାନକୁ କଡ଼ା ଜବାବ ଦେବା ପାଇଁ ସଶସ୍ତ୍ର ବଳକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ବିଳମ୍ବିତ ରାତିରେ ଦେଶବାସୀଙ୍କୁ ଟିଭିରେ ସମ୍ବୋଧିତ କରି ଅସ୍ତ୍ରବିରତିକୁ ନିଜ ବିଜୟ ବୋଲି ଦର୍ଶାଇବା ସହ ମଧ୍ୟସ୍ଥତା ଲାଗି ସାଉଦି ଆରବ ଓ ଚାଇନାକୁ ଧନ୍ୟବାଦ ଜଣାଇଛନ୍ତି। ଅସ୍ତ୍ରବିରତି ଶାନ୍ତି, ସୌହାର୍ଦ୍ଦ୍ୟ ଓ କ୍ଷେତ୍ରିୟ ସ୍ଥିରତା ଦିଗରେ ଏକ ନୂଆ ଅଧ୍ୟାୟ, ଯାହାକୁ ଉଭୟ ପକ୍ଷ ମାନି ଚଳିବା ଉଚିତ ବୋଲି ଶରିଫ୍ କହିଛନ୍ତି।

## ସୀମାନ୍ତ ରାଜ୍ୟକୁ ...

ପାକିସ୍ତାନ ସହ ସଂଲଗ୍ନ ଭାରତୀୟ ରାଜ୍ୟଗୁଡ଼ିକର ମୁଖ୍ୟ ସଚିବମାନଙ୍କ ସହ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ବିଳମ୍ବିତ ରାତିରେ ଭିଡିଓ କନ୍‌ଫେରେନ୍ସ ଜରିଆରେ ବୈଠକ କରିଛନ୍ତି। ଭର୍ଚୁଆଲ ଆଲୋଚନାବେଳେ ମୁଖ୍ୟ ସଚିବମାନଙ୍କୁ ସତର୍କ ରହିବା ସହ ନିଜ ରାଜ୍ୟର ନାଗରିକ ପ୍ରତିରକ୍ଷା ବ୍ୟବସ୍ଥାକୁ ସକ୍ରିୟ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜିର ଶୁଭଚନ୍ଦ୍ର ପ୍ରଭାବରେ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଅର୍ଥ ଲାଭ ସହ ଶାରୀରିକ ସୁସ୍ଥତା କାମ କରିବା ସକାଶେ ଉତ୍ସାହିତ କରିପାରେ। ପ୍ରତ୍ୟେକ ପରିସ୍ଥିତିରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ସାହିତ୍ୟ, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** - ଧନାଧିପ ଦ୍ୱାଦଶସ୍ଥ ଯୋଗୁ ମୂଲ୍ୟବାନ୍ ଜିନିଷ କ୍ରୟ କରିବା ସକାଶେ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ବାଣିଜ୍ୟ ଓ ପରିବହନ ମନ୍ଦ ହେବ ନାହିଁ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** - ଶୁକ୍ର କ୍ଷେତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ଭାବୁଥିବେ ଗୋଟିଏ କଥା, କିନ୍ତୁ କଲାବେଳକୁ ଆଉ ଗୋଟିଏ କଥା। ଫଳରେ ପରିବାର ମଧ୍ୟରୁ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ଓ ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** - ରାଶିରେ ବଳହୀନ ମଙ୍ଗଳଙ୍କ ଯୋଗୁ ଦ୍ୱନ୍ଦ୍ୱରେ ପଡି କୌଣସି ସିଦ୍ଧାନ୍ତ ନେଇପାରିବେ ନାହିଁ। ପରୋକ୍ଷ ଭାବରେ ଭଲ ସମ୍ପର୍କ ନ ଥିବା ଏବଂ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କର ସକ୍ରିୟତା ବୃଦ୍ଧି ପାଇବ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ ଓ ଆନୁଷ୍ଠାନିକ କାମରୁ ଖୁସି ରହିପାରନ୍ତି। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ** - ଚତୁର୍ଥ ସ୍ଥାନ ଗୁରୁ ଦୃଷ୍ଟ ହେତୁ ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରଶଂସିତ ହେବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ଅତି ନିକଟରୁ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** - ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ପାରିବାରିକ ଜୀବନରେ ବିଲୁପ୍ତ ସ୍ନେହ, ଶ୍ରଦ୍ଧା ଓ ଆଦର ପାଇପାରିବେ। ତଥାପି କେତୁଜନିତ ସାମୟିକ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଗାମୀ ଶୁଭକାର୍ଯ୍ୟ ସକାଶେ ଗୃହସଜ୍ଜାରେ ମନୋନିବେଶ କରିପାରନ୍ତି। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯିବାର ସୂଚନା ରହିଛି।

**ତୁଳା** - ଅଷ୍ଟମରେ ଗୁରୁ ଥିବାରୁ ପରିସ୍ଥିତିର ଗୁରୁତ୍ୱ ଅନୁଭବ କରି ବନ୍ଧୁଙ୍କୁ ମନ କଥା କହିପାରିବେନି। ପାରିବାରିକ ଅଶାନ୍ତି ଓ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ନିର୍ମାଣ ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ।

**ବିଛା** - ରାଶ୍ୟାଧିପତିଙ୍କ ଦୁର୍ବଳତାଜନିତ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଚିନ୍ତା କରି ମନ ଭାରାକ୍ରାନ୍ତ ରହିବ। ବନ୍ଧୁଙ୍କ ମାଧ୍ୟମରେ କରଜ କରି ଆବଶ୍ୟକତା ଚଳାଇନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ସାହିତ୍ୟ ଓ ସାମ୍ବାଦିକତାରେ ଉନ୍ନତି ସହ ସାମାଜିକ ସ୍ତରରେ ଆଦୃତି ଲାଭ କରିବେ।

**ଧନୁ** - ବୁଧ ଦୃଷ୍ଟିରେ ଚନ୍ଦ୍ରଥିବାରୁ କଠୋର କଥା କହିବାକୁ କେନ୍ଦ୍ରକରି ପରିବାରରେ କଳହ ଦେଖାଦେଇପାରେ। ଅଫିସ୍‌ରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ସାଙ୍ଗକୁ ରାଜନୀତିରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ, ମାତ୍ର ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** - ସପ୍ତମସ୍ଥ ମଙ୍ଗଳ ଯୋଗୁ ଆଜି ନ ଥିଲେ ମଧ୍ୟ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସମସ୍ୟା ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ** - ଭାଗ୍ୟ ସ୍ଥାନରେ ଚନ୍ଦ୍ର ଥିବାରୁ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ସାମୟିକ ଚିନ୍ତିତ ରହିପାରନ୍ତି।

**ମୀନ** - ପାପଗ୍ରସ୍ତ ରାଶିରେ ଅବସ୍ଥାନ କରିଥିବାରୁ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁମିଳନରୁ ସାମୟିକ ଖୁସି ରହିବେ।

ଆଜି ମେ' ୧୧ ତାରିଖ, ବିଶ୍ୱ ମାତୃ ଦିବସ, ରାଷ୍ଟ୍ରୀୟ ପ୍ରଯୁକ୍ତି ଦିବସ, ବୈଶାଖ ଶୁକ୍ଳପକ୍ଷର ନୃସିଂହ ଚତୁର୍ଦ୍ଦଶୀ ରବିବାର, ସର୍ବସମ୍ମତ ନୃସିଂହ ଜନ୍ମ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୬ ଗତେ ଘ.୦୯।୩୪ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୪।୩୩ ଗତେ ଘ.୦୬।୦୯ ମଧ୍ୟେ ରାହୁକାଳ।

**ଠାକୁରାଣୀ ଯାତ୍ରା ବନ୍ଦ ଦାବିରେ ଗୋଟିଏ ଗୋଷ୍ଠୀର ଥାନା ଘେରାଉ**

ଗୋପାଳପୁର,(ନବୀନ ରାଜ ଆଚାରୀ): ଗଞ୍ଜାମ ଜିଲା ସୁନାପୁର ସାମୁଦ୍ରିକ ଥାନା ଅଧୀନ ପାତି ସୁନାପୁର ଠାକୁରାଣୀ ଯାତ୍ରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଶନିବାର ଗୋଟିଏ ଗୋଷ୍ଠୀର ଶତାଧିକ ମହିଳା ଓ ପୁରୁଷ ଥାନା ଘେରାଉ କରି ଯାତ୍ରାକୁ ବନ୍ଦ କରିବାକୁ ଅଡ଼ି ବସିଥିବା ଜଣାପଡିଛି। ଗତ ୫ରେ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ ହୋଇଥିଲା। ଉଭୟ ଗୋଷ୍ଠୀକୁ ନେଇ କମିଟି ଗଠନ କରି ଯାତ୍ରା କରିବା ପାଇଁ କୁହାଯାଇଥିଲା। ମାତ୍ର ଗୋଟିଏ ଗୋଷ୍ଠୀ ୧୧ରେ ଯାତ୍ରା କରିବା ପାଇଁ ସ୍ଥିର କରିଥିବା ବେଳେ ବିପକ୍ଷ ଗୋଷ୍ଠୀ ଏହାକୁ ଚଳିତ ମାସର ତୃତୀୟ କିମ୍ବା ଚତୁର୍ଥ ସପ୍ତାହରେ କରିବା ପାଇଁ ଅଡ଼ି ବସିଛନ୍ତି।






# ଆତଙ୍କବାଦର କୌଣସି ଧର୍ମ ନାହିଁ: ରାଜ୍ୟପାଳ

ଭୁବନେଶ୍ୱର,୧୦।୫(ସୁନିତ୍ ମିଶ୍ର)

## ଆଜି ପରାକ୍ରମ ଶୋଭାଯାତ୍ରାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ଆତଙ୍କବାଦର କୌଣସି ଧର୍ମ ନାହିଁ କି ହିଂସାର କିଛି ଶାସ୍ତ୍ର ନ ଥାଏ ବୋଲି ରାଜ୍ୟପାଳ ହରିବାବୁ କମ୍ଭମପାଟି କହିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପହଲଗାମ୍‌ରେ ସମ୍ପ୍ରତି ଘଟିଯାଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜିଥିବା ଘଟଣାକ୍ରମ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଗୋଷ୍ଠୀର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ୨୬ ନିରୀହ ଲୋକଙ୍କ ଜୀବନ ନେଇଥିବା ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଉପରେ ଗଭୀର ଦୁଃଖ ପ୍ରକାଶ କରି ରାଜ୍ୟପାଳ କହିଛନ୍ତି, ଏହା କେବଳ ନିରୀହ ନାଗରିକଙ୍କ ଉପରେ ଆକ୍ରମଣ ନୁହେଁ ବରଂ ଭାରତର ଧାରଣା, ଆମର ଏକତା, ଗଣତନ୍ତ୍ର ଏବଂ ଶାନ୍ତି ଉପରେ ପ୍ରହାର। ସଶସ୍ତ୍ର ବାହିନୀ 'ଅପରେଶନ ସିନ୍ଦୂର' ଆରମ୍ଭ କରିଛି, ଯେଉଁଥିରେ ସୀମାପାର ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରି ଠିକ୍ ଆକ୍ରମଣ କରାଯାଇଛି। ଆମର ସାହସୀ ସୈନିକମାନେ ସାର୍ବଭୌମତ୍ୱକୁ ରକ୍ଷା କରିବାକୁ ଯାଇ ଆଗଧାଡ଼ିରେ ଛିଡ଼ାହୋଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମେ ସମସ୍ତେ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡ଼ାହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି, ଆତଙ୍କବାଦ ମାନବତା ବିରୋଧରେ ଏକ ଯୁଦ୍ଧ। ଯେତେବେଳେ ଦେଶକୁ ଆବଶ୍ୟକତା ପଡ଼େ, ସେତେବେଳେ ସମସ୍ତେ କିପରି ଏକାଠି ହୁଅନ୍ତି ବୋଲି ଅବତାରଣା କରିବା ସହ ଅବଦୁଲ ହମିଦ୍‌ଙ୍କ ସାହସିକତା ଏବଂ ବଳିଦାନର ଉଦାହରଣ ଦେଇଥିଲେ। ଭାରତୀୟ ଭାବେ ଆମର ସର୍ବୋତ୍ତମ ପରିଚୟ ରହିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି କହିବା ସହ ସମସ୍ତେ ଏକଜୁଟ ହୋଇ ଦେଶ ପାଇଁ ନିଜର କର୍ତ୍ତବ୍ୟ ନିଭାଇବାକୁ ସେ ଆହ୍ୱାନ ଜଣାଇଛନ୍ତି। ଅନ୍ୟପଟେ ଅପରେଶନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମକୁ ସମ୍ମାନ ଜଣାଇବା ଲାଗି ରବିବାର ମୁଖ୍ୟମନ୍ତ୍ରୀ ଏକ ଶୋଭାଯାତ୍ରାର ଶୁଭାରମ୍ଭ କରିବେ। ଏହି ପରାକ୍ରମ ଶୋଭାଯାତ୍ରା କଳିଙ୍ଗ ଷ୍ଟାଡିୟମଠାରୁ ବାହାରିବ ବୋଲି ସୂଚନା ଦିଆଯାଇଛି।


ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବରିଷ୍ଠ ଅଧିକାରୀମାନେ।

# ଜିଲାପାଳ, ଆର୍‌ଡିସି, ଆଇପିଏସ୍ ଅଫିସରଙ୍କ ଛୁଟି ବାତିଲ

ଭୁବନେଶ୍ୱର,୧୦।୫(ସୁନିତ୍ ମିଶ୍ର)

ଦେଶରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତିକୁ ନେଇ ରାଜ୍ୟର ସବୁ ଜିଲାପାଳ, ଆର୍‌ଡିସିଙ୍କ ଛୁଟି ବାତିଲ କରିଦିଆଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ସବୁ ଜିଲାପାଳ ଏବଂ ଆର୍‌ଡିସିଙ୍କୁ ଚିଠି ମଧ୍ୟ କରାଯାଇଛି। ଯୁଦ୍ଧ ବନ୍ଦ ନେଇ ଏକ ପ୍ରକାର ଘୋଷଣା ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଜିଲାପାଳ, ଆର୍‌ଡିସିମାନଙ୍କ ଲାଗି ଜାରି ଚିଠିକୁ ପରିବର୍ତ୍ତନ କରାଯାଇ ନାହିଁ। ଚିଠିରେ ଉଲ୍ଲେଖ ରହିଛି, ଦେଶରେ ଯୁଦ୍ଧ ହେବା ଭଳି ପରିସ୍ଥିତି ଉପୁଜିଥିବାରୁ ଜିଲାପାଳ, ଆର୍‌ଡିସିମାନଙ୍କ ଛୁଟି ଯାହା ଅନୁମୋଦିତ ହୋଇଥିଲା ତାହା ବାତିଲ କରିଦିଆଯାଇଛି। ଯେଉଁମାନେ ଛୁଟିରେ ଅଛନ୍ତି ସେମାନଙ୍କୁ ତୁରନ୍ତ ଆସି କାର୍ଯ୍ୟରେ ଯୋଗଦେବା ଲାଗି କୁହାଯାଇଛି। ଆର୍‌ଡିସିମାନଙ୍କୁ ଏସବୁ ଭଲରେ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗୃହ ବିଭାଗ ପକ୍ଷରୁ ଆଉ ଏକ ଚିଠି ଜାରିକରି ଆଇପିଏସ୍ ଅଫିସରମାନଙ୍କ ଛୁଟିକୁ ମଧ୍ୟ ବାତିଲ କରିଦିଆଯାଇଛି। ଦେଶରେ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଆଇପିଏସ୍ ଅଫିସରମାନଙ୍କୁ କୌଣସି ଛୁଟି ମିଳିବ ନାହିଁ। କୌଣସି ଆଇପିଏସ୍ ଅଫିସର ମୁଖ୍ୟାଳୟ ଛାଡ଼ି ନ ଯିବା ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ୧,୯୨,୦୦୩ ମାମଲା ଫଇସଲା

କଟକ,୧୦।୫(କାର୍ତ୍ତିକ ସାହୁ)

## ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ

## ୧୩୦,୮୦,୨୮,୧୨୬ ଟଙ୍କା ଆଦାୟ

ରାଷ୍ଟ୍ରୀୟ ଆଇନସେବା ପ୍ରାଧିକରଣ ସୂଚୀ ଅନୁଯାୟୀ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟର ସମସ୍ତ ଜିଲାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ୩୦ ଜିଲା କୋର୍ଟ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, କଟକସ୍ଥିତ ଖାଉଟି ବିବାଦ ସମାଧାନ ଆୟୋଗ ଏବଂ ଭୁବନେଶ୍ୱରସ୍ଥିତ ଶିଳ୍ପ ଟ୍ରିବ୍ୟୁନାଲରେ ଲୋକ ଅଦାଲତ ସମାପନ ହୋଇଛି। ସାରା ରାଜ୍ୟରେ ମୋଟ ୧,୯୨,୦୦୩ଟି ମାମଲାର ଆପୋସ ଫଇସଲା ହୋଇଛି। ଏଥିସହ ୧୩୦ କୋଟି ୮୦ ଲକ୍ଷ ୨୮ ହଜାର ୧୨୬ ଟଙ୍କା କ୍ଷତିପୂରଣ ଓ ଅନ୍ୟାନ୍ୟ ବାବଦକୁ ଆଦାୟ ହୋଇଛି। ସୂଚନାନୁସାରେ, ବିଭିନ୍ନ ଅଦାଲତରେ ବିଚାର ପାଇଁ ପଡ଼ି ରହିଥିବା ୧୫,୯୮୭ ମାମଲା, ରାଜସ୍ୱ ମାମଲା ୧,୬୯,୩୮୨ ଏବଂ ପ୍ରାକ ମକଦ୍ଦମାସ୍ତରୀୟ ବିବାଦ ୬,୬୩୪ଟିରେ ଆପୋସ ସମାଧାନ କରାଯାଇଛି। ତନ୍ମଧ୍ୟରେ ଫୌଜଦାରି ୨୬୬, ଏନ୍‌ଆଇ ଆକ୍ଟରେ ୯୮୧, ଅର୍ଥ ଆଦାୟ ୪୫୨, ମୋଟର ଯାନ ଦୁର୍ଘଟଣା କ୍ଷତିପୂରଣ ଦାବି ୫୯୭, ଶ୍ରମ ବିବାଦ ୨୦, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୧୧, ବୈବାହିକ/ପାରିବାରିକ ବିବାଦ ୪୭୫, ଜମି ଅଧିଗ୍ରହଣ ୮, ରାଜସ୍ୱ ଅଧିକାରୀଙ୍କ ନିକଟରେ ପଡ଼ି ରହିଥିବା ମାମଲା ୧,୬୯,୩୮୨, କ୍ୱାସି ବିଚାର ବିଭାଗୀୟ ଅଧିକାରୀଙ୍କ ନିକଟରେ ପଡ଼ି ରହିଥିବା ଆଇପିଆର/ଖାଉଟି ଓ ଅନ୍ୟାନ୍ୟ ମାମଲା ୧୬, ଅନ୍ୟାନ୍ୟ ଦେୱାନୀ ୧୫୧୮, ଅନ୍ୟାନ୍ୟ ଫୌଜଦାରି ୧୧,୬୩୨, ଋଣ ଆଦାୟ ଟ୍ରିବ୍ୟୁନାଲ ୬ ଓ ରାଜ୍ୟ ଖାଉଟି ବିବାଦ ଆୟୋଗରେ ୫ଟି ମାମଲା ଫଇସଲା ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରୋନ୍-ଇନ୍-ଚିଫ୍ ଜଷ୍ଟିସ ହରିଶ ଟଣ୍ଡନ, ହାଇକୋର୍ଟର ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି।

# ଭାରତୀୟ ଯବାନଙ୍କ ପାଇଁ ବିଜେଡିର ତ୍ରିରଙ୍ଗା ଯାତ୍ରା


ଶନିବାର ରାଜମହଲ ଛକଠାରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରାରେ ବିଜେଡି ନେତା ଓ କର୍ମୀ।

ଭୁବନେଶ୍ୱର,୧୦।୫(ସୁନିତ୍ ମିଶ୍ର)

ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହୋଇଛି। ଏହାପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯଦିଓ ବର୍ତ୍ତମାନ ସ୍ଥିତିରେ ଅସ୍ତ୍ରବିରତି ନେଇ ସହମତି, ପୁଣି ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନ ଘଟଣାକୁ ଉଷ୍ମ କରିଛି। ଆଉ ଥରେ ଏନେଇ ଆସନ୍ତା ୧୨ ତାରିଖରେ ଘୋଷଣା ହେବ ବୋଲି ମଧ୍ୟ ଏମ୍‌ଇଏ ପକ୍ଷରୁ କୁହାଯାଇଛି। ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ନେଇ ବିଜେଡି ପକ୍ଷରୁ ଶନିବାର ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଭୁବନେଶ୍ୱର ଜିଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବିଶାଳ ଶୋଭାଯାତ୍ରା ରାଜମହଲ ଛକଠାରୁ ବାହାରି ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପାକିସ୍ତାନ ବିରୋଧରେ ବିଜେଡି ନେତା ଓ କର୍ମୀମାନେ ସ୍ଲୋଗାନ ଦେଇଥିଲେ। ଭାରତୀୟ ଯବାନମାନଙ୍କ ମନୋବଳ ବଢ଼ାଇବା ଲାଗି ମାଷ୍ଟରକ୍ୟାଣ୍ଟିନଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତାମାନଙ୍କ ମଧ୍ୟରେ ପ୍ରତାପ ଜେନା, ସଞ୍ଜୟ ଦାସବର୍ମା, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଦିବ୍ୟଶଙ୍କର ମିଶ୍ର, ବ୍ୟୋମକେଶ ରାୟ, ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।

# ଝୁମ୍ପୁଡିରୁ ମହିଳା, ପୁରୁଷଙ୍କ ଗଳିତ ମୃତଦେହ ଜବତ

ଭୋଗରାଇ,୧୦।୫(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବଡ଼ପାହି ଗ୍ରାମର ଏକ ଝୁମ୍ପୁଡିରୁ ମହିଳା ଓ ପୁରୁଷଙ୍କ ଗଳିତ ମୃତଦେହ ଶନିବାର ସକାଳୁ ଜବତ ହୋଇଛି। ମୃତକ ହେଲେ ବଡ଼ପାହି ଗ୍ରାମର ବିଜୟଲକ୍ଷ୍ମୀ ବେହେରା (୪୬) ଓ ରଣସିଂହପୁର ଗ୍ରାମର ଗଣେଶ ବେହେରା(୪୭)। ଭୋଗରାଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/ ୨୫)ରୁଜୁ କରି ପ୍ରାଥମିକ ତଦନ୍ତ କରୁଛି। ସୂଚନାନୁଯାୟୀ, ବିଜୟଲକ୍ଷ୍ମୀଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାରର ଅନ୍ୟମାନଙ୍କୁ ଛାଡି ପ୍ରାୟ ୪ ବର୍ଷ ହେବ ବଡ଼ପାହି ମୌଜାସ୍ଥିତ ଜଙ୍ଗଲ ଜମିରେ ଏକ ଝୁମ୍ପୁଡି କରି ରହିବା ସହିତ ଏକ ଚା', ପାନ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ଗଣେଶ ନିଜ ସ୍ତ୍ରୀ ଛାଡିଚାଲିଯିବାରୁ ସେ ମଧ୍ୟ ଦିନ ମଜୁରିଆ ଭାବରେ କାମ କରି ପ୍ରାୟ ୪ ବର୍ଷ ଧରି ବିଜୟଲକ୍ଷ୍ମୀଙ୍କ ସହିତ ସେହି ଝୁମ୍ପୁଡିରେ ରହିଆସୁଥିଲେ। ଶନିବାର ସକାଳେ ସେହି ଝୁମ୍ପୁଡିରୁ ପଚା ଦୁର୍ଗନ୍ଧ ଆସୁଥିବା ଜାଣି ବିଜୟଲକ୍ଷ୍ମୀଙ୍କ ପୁଅ ବିନୋଦ ଯାଇ ଦେଖିଥିଲେ। ତାଙ୍କ ମା' ଘର ଭିତରେ ଚଟାଣରେ ମରିପଡିଥିବା ଜାଣିବାକୁ ପାଇଥିଲେ। ଗଣେଶ ସେହି ଘର ଚାଳର ଏକ ବାଉଁଶରେ ରଶିରେ ଫାଶୀ ହୋଇଥିବା ଝୁଲନ୍ତା ଅବସ୍ଥାରେ ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ଆସିବା ପରେ ପୋଲିସକୁ ଖବର ଦିଆଯାଇଥିଲା। ଭୋଗରାଇ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ ଓ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ ପହଞ୍ଚିଥିଲେ। ସାଇଣ୍ଟିଫିକ ଟିମ୍ ଉପସ୍ଥିତିରେ ୨ ଗଳିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ସୂଚନା ମିଳିଛି।

# ବେଦିରେ ନବବିବାହିତ ସ୍ୱାମୀ ମୃତ

## କଉଡ଼ି ଖେଳରେ ବିଦ୍ୟୁତ୍ ସାଜିଲା କାଳ

ନିଶ୍ଚିନ୍ତକୋଇଲି,୧୦।୫
(ଅଶୋକ କୁମାର ମହାପାତ୍ର)


ସତ୍ୟମନୁ ସାହୁ

ବିବାହ ଦିନରୁ ୩ ଦିନ ପର୍ଯ୍ୟନ୍ତ ହସଖୁସିରେ ଦୁଇ ପରିବାର ଫାଟିପଡୁଥିଲା। ନବ ଦମ୍ପତି ସଂସାର ଗଢ଼ିବା ପାଇଁ ଅନେକ ସ୍ୱପ୍ନ ଦେଖିଥିଲେ। ମାତ୍ର ଏସବୁ ଫସର ଫାଟିଯାଇଛି। ବିବାହର ତୃତୀୟ ସନ୍ଧ୍ୟାରେ କଉଡ଼ି ଖେଳବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ନବବିବାହିତ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ନୃତାଙ୍ଗ ଗ୍ରାମରେ ଘଟିଛି। ମୃତକ ହେଲେ ଏହି ଗ୍ରାମର ସନ୍ତୋଷ ସାହୁଙ୍କ ପୁଅ ସତ୍ୟମନୁ ସାହୁ(ଲିଟୁନା)। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମେ' ୭ ତାରିଖରେ ଯାଜପୁର ଜିଲା ବଡ଼ଚଣା ଅଞ୍ଚଳର ଜଣେ କନ୍ୟାଙ୍କ ସହ ଲିଟୁନାଙ୍କ ବୈଦିକରୀତିରେ ବିବାହ ହୋଇଥିଲା। ବିବାହ ପରେ ଲିଟୁନା ନବବିବାହିତା ସ୍ତ୍ରୀଙ୍କୁ ଧରି ନୃତାଙ୍ଗ ଗ୍ରାମକୁ ଫେରିଥିଲେ। ପରମ୍ପରା ଅନୁଯାୟୀ, ପ୍ରତ୍ୟହ ସନ୍ଧ୍ୟାରେ କଉଡ଼ି ଖେଳ ହେଉଥିଲା। ଶୁକ୍ରବାର ବେଦିରେ ବରକନ୍ୟାଙ୍କୁ କଉଡ଼ି ଖେଳାଇବାରେ ପରିବାର ଲୋକେ ମସ୍‌ଗୁଲଥିବାବେଳେ ହଠାତ୍ ଲିଟୁନା ଚିତ୍କାର କରିଥିଲେ। ସେ ବେଦିରେ ଲାଗିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିବା ଜଣାପଡ଼ିଥିଲା। ତୁରନ୍ତ ତାଙ୍କୁ ପ୍ରଥମେ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଲିଟୁନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହାପରେ କନ୍ୟାଙ୍କୁ ନେଇ ଗ୍ରାମରେ ବିଭିନ୍ନ କଥା ଶୁଣିବାକୁ ମିଳିଥିବା ବେଳେ ବାପଘର ଲୋକେ ଆସି ଝିଅକୁ ତାଙ୍କ ଘରକୁ ନେଇଯାଇଛନ୍ତି।


**SAHEED LAXMAN NAYAK MEDICAL COLLEGE & HOSPITAL, KORAPUT**

**Walk-in-Interview for the post of Junior Residents on Contractual basis / deputation basis**

**WALK-IN-INTERVIEW**

**No.E-82** : Eligible Candidates are invited for Walk-in-interview for the post of Junior Residents on contractual basis for SLNMCH, Koraput. The walk-in-interview is scheduled to be held on **14.05.2025 at 10.30 A.M.** in the office of the Dean & Principal, SLNMCH, Koraput. The details eligibility criteria, Selection procedure, application form along with other terms and conditions are available in our official website i.e. **www.slnmch.nic.in**

Sd./- Dean & Principal,
SLNMCH, Koraput

OIPR-10121/11/0034/2526


# ଆଉ ୫ ଦିନ ଖରା, ଗୁଳୁଗୁଳି

ଭୁବନେଶ୍ୱର,୧୦।୫
(ଅନୁରାଧା ମହାରଣା)



ରାଜ୍ୟରେ ଗତ କିଛିଦିନ ଧରି ଖରା ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ଶନିବାର ସମ୍ବଲପୁରରେ ସର୍ବାଧିକ ତାପମାତ୍ରା ୪୨.୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ହୀରାକୁଦରେ ୪୧.୭, ଝାରସୁଗୁଡା ୪୧.୬, ବାଲେଶ୍ୱର ୩୯.୭, ରାଉରକେଲା ୩୯.୬ ଓ ଚାନ୍ଦବାଲିରେ ୩୯.୪ ଡିଗ୍ରୀ ରହିଥିଲା। ତେବେ ଚଳିତ ବର୍ଷ ଦ୍ୱିତୀୟଥର ଲାଗି ଭୁବନେଶ୍ୱରର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିଲା। ରାଜଧାନୀରେ ପାରଦ ୪୦.୨ ଡିଗ୍ରୀ ଛୁଇଁଥିବାବେଳେ ଗତବର୍ଷ ସହରରେ ତାପମାତ୍ରା ୧୦ରୁ ଅଧିକ ଥର ୪୦ଡିଗ୍ରୀ ଡେଇଁଥିଲା। ତେବେ ଚଳିତ ବର୍ଷ କାଳବୈଶାଖୀ ପ୍ରଭାବରୁ ତାପମାତ୍ରା କମ୍ ରହିଥିବା କୁହାଯାଉଛି। ଆହୁରି ୫ଦିନ ଏ ପରିସ୍ଥିତି ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ପୂର୍ବାନୁମାନ ଅନୁସାରେ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲାରେ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ରୂପାନ୍ତରଣ

ଭୁବନେଶ୍ୱର,୧୦।୫

ଓଡ଼ିଶା ବିଧାନସଭା ଦ୍ୱାରା ଗଠିତ ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି-ଏକ୍ସ (ଶକ୍ତି)ର ଏକ ପ୍ରତିନିଧି ଦଳ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ର ଭୁବନେଶ୍ୱର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନର ଲକ୍ଷ୍ୟ ହେଉଛି, ଓଡ଼ିଶା ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାରେ ଡିଜିଟାଲ ଭିତ୍ତିଭୂମି ଓ ପରିଚାଳନାରେ ଚାଲିଥିବା ଉନ୍ନତିର ସମୀକ୍ଷା କରିବା। ଷ୍ଟାଣ୍ଡିଂ କମିଟି-ଏକ୍ସ (୨୦୨୫-୨୬)ର ଅଧ୍ୟକ୍ଷ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱାଧୀନ ପ୍ରତିନିଧିଦଳରେ ବିଧାୟକ ସରୋଜ କୁମାର ପ୍ରଧାନ, ବିଧାୟକ ଦିବ୍ୟଶଙ୍କର ମିଶ୍ର ଏବଂ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଟିପିସିଓଡିଏଲ୍‌ର ନେତୃତ୍ୱ ଦଳ ମଧ୍ୟ ଉପସ୍ଥିତ ଥିଲେ।

ଟିପିସିଓଡିଏଲ୍ ଅଧିକାରୀମାନେ କମିଟି ସଦସ୍ୟଙ୍କୁ ସୁପରଭାଇଜରି କଣ୍ଟ୍ରୋଲ ଓ ଡାଟା ଆକ୍ୱିଜିସନ୍ (ସ୍କାଡା) ପ୍ଲାଟ୍‌ଫର୍ମ କିଭଳି ବିଦ୍ୟୁତ୍ ନେଟ୍‌ୱର୍କର ବାସ୍ତବ ସମୟ ନିରୀକ୍ଷଣ କରିବା ସହ ବୁଦ୍ଧିମତ୍ତାର ସହ ତ୍ରୁଟିକୁ ଅଲଗା ଏବଂ ଗ୍ରୀଡ୍ ପରିଚାଳନାକୁ ସ୍ୱୟଂକ୍ରିୟ କରିପାରିଛି, ତାହା ବୁଲି ଦେଖାଇଥିଲେ।

କମିଟିର ସଦସ୍ୟମାନଙ୍କୁ ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ରର ଦକ୍ଷତା ବିଷୟରେ ଅବଗତ କରାଯାଇଥିଲା। ଯେଉଁଥିରେ କେନ୍ଦ୍ରୀୟ ବିଦ୍ୟୁତ୍ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର (ସିପିଏସ୍‌ସିସି) ଓ ଗୁରୁତ୍ୱପୂର୍ଣ୍ଣ ଏରିଆ ପାୱାର ସିଷ୍ଟମ୍ କଣ୍ଟ୍ରୋଲ ସେଣ୍ଟର (ଏପିଏସ୍‌ସିସି) ସାମିଲ ରହିଛି। ଏହି ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ ମିଳିତ ଭାବେ କାମ କରୁଛି,ଯାହାଦ୍ୱାରା ୨୪ ଘଣ୍ଟା ନିରୀକ୍ଷଣ, ନିରବଚ୍ଛିନ୍ନ ଯୋଗାଣ ପରିଚାଳନା ଏବଂ ଟିପିସିଓଡିଏଲ୍‌ର ସମଗ୍ର ନେଟ୍‌ୱର୍କରେ ବିଦ୍ୟୁତ୍ ବିଭ୍ରାଟର ଦ୍ରୁତ ସମାଧାନ ସୁନିଶ୍ଚିତ କରାଯାଇପାରୁଛି।

ଏ ସମ୍ପର୍କରେ କମିଟିର ଅଧ୍ୟକ୍ଷ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ରରେ ମୁତୟନ କରାଯାଇଥିବାବେଳେ ଅତ୍ୟାଧୁନିକ ବ୍ୟବସ୍ଥା ବାସ୍ତବରେ ପ୍ରଶଂସାଯୋଗ୍ୟ ରହିଛି। ବାତ୍ୟା ଓ ଉଗ୍ରବାଦ ଭଳି ଜରୁରିକାଳୀନ ଓ ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା କରିବାକୁ ଏହି କେନ୍ଦ୍ରରେ ଉତ୍ତମ ବ୍ୟବସ୍ଥା ରହିଛି।

ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, ଷ୍ଟାଣ୍ଡିଂ କମିଟିର ସମସ୍ତ ସଦସ୍ୟଙ୍କୁ ଆମନ୍ତ୍ରଣକରି ଏବଂ ସେମାନଙ୍କ ସାମ୍ନାରେ ଓଡ଼ିଶା ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଜାରି ରହିଥିବା ରୂପାନ୍ତରଣକୁ ପ୍ରଦର୍ଶନକରି ଆମେ ଗର୍ବିତ। ନବସୃଜନ, ପ୍ରଯୁକ୍ତି ଓ ଗ୍ରାହକ କୈନ୍ଦ୍ରିକ ସେବା ଜରିଆରେ ଆମେ ପରିଚାଳନାକୁ ସୁଦୃଢ଼ କରିବା ଜାରି ରଖିଥିବାବେଳେ ଏ କ୍ଷେତ୍ରରେ ସେମାନଙ୍କ ମତାମତ ବେଶ୍ ମୂଲ୍ୟବାନ୍ ରହିଛି। ସେମାନଙ୍କ ପରିଦର୍ଶନ ଭରସାଯୋଗ୍ୟ, ଡିଜିଟାଇଜେଶନ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ଓଡ଼ିଶାର ଶକ୍ତି ରୂପାନ୍ତରଣ ଆଗକୁ ବଢ଼ାଇବାରେ ଟିପିସିଓଡିଏଲ୍‌ର ଭୂମିକାକୁ ଦୋହରାଉଛି।


**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. III BHUBANESWAR**

bbsrrandb03@yahoo.com

No.B-118

60Estg.No - Date -

**Government of Odisha "e"-Procurement Notice No (05) of 2025-26**

**Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | Road Works |
| 2 | Total No. of works | 07 Nos. work |
| 3 | Estimated Cost | i) Rs.56,30,300.00, ii) Rs.87,97,100.00, iii) Rs.83,48,800.00, iv) Rs.84,74,600.00, v) Rs.52,54,400.00, vi) Rs.54,54,600.00, vii) Rs.50,35,500.00 |
| 4 | Class of Contractor | "B" Class Contractor |
| 5 | Period of Completion | 2 (Two) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From 14.05.2025 at 11.30 P.M. to 23.05.2025 at 5.30 P.M. |
| 8 | Last Date & Time for Receipt of bids in the Portal | 23.05.2025, upto 5.30 P.M. |
| 9 | Name & Address of the Officer inviting Bid | Er. Narendra Kumar Ghadai, Superintending Engineer, Bhubaneswar (R&B) Division. No III, Bhubaneswar |

Further details can be seen from the e-procurement portal https://tendersorissa.gov.in

**N.B: Subsequent corrigendum / addendum if required shall be available in the website as indicated above.**

Sd./- Superintending Engineer
BBSR (R&B) Division No.III, BBSR

OIPR-34089/11/0028/2526



**OFFICE OF THE NOTIFIED AREA COUNCIL, KARANJIA DIST. - MAYURBHANJ**

**No.656/NAC, Date : 08.05.2025**

Email ID : karanjian.hud@ori.nic.in

**"e" Procurement Notice**

**Bid Identification No.NAC-KJA-03/2025-26**

**No.C-292** : Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| Sl. No. | Name of the Work | Value of Work put to Tender Excluding GST (In Rs. Lakh) | Bid Security (EMD) (In Rs. Lakh) (off line) | Cost of Bid Document (In Rs.)(of online) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | | 6 |
| 1. | "Extension of Administrative Building with other ancillary structures etc. inside existing SeTP at Karanjia N.A.C. Mayurbhanj, Odisha | 68.40 | 68,400 | 10,000/- | "B" | 4 (four) Months |

**2. Critical Dates :**

| Sl. No. | Description | | Critical Dates |
|---|---|---|---|
| (i) | Period of availability of tenders on-line | : | Dt.09.05.2025 to dt.17.05.2025 up to 1.00 P.M. |
| (ii) | Last date & time of bidding on-line | : | Dt.17.05.2025 upto 1.00 P.M. |
| (iii) | End Date for Submission of Bid documents, Tender Paper Cost, EMD Etc. as per DTCN dropping on the Office Tender BOX Otherwise tender will be rejected. | : | Dt.19.05.2025 during office hours |
| (iv) | Date & time of Opening of Bids | : | Dt.20.05.2025 at 11.00 A.M. |

The authority reserves right to reject any or all the tender without assigning any reason thereof.
Further details can be seen from the procurement portal i.e. www.tendersorissa.gov.in

Sd./- Executive Officer
Karanjia N.A.C

OIPR-13119/11/0014/2526

## ଜନ୍ମଦିନର ଶୁଭେଚ୍ଛା

ନାମ: .................................
ବୟସ: .................................
ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆର୍‌ଓଡିଟିଇପି ଯୋଜନା ସମ୍ପ୍ରସାରଣକୁ ଫିକିର ଅନୁରୋଧ

**ଭୁବନେଶ୍ୱର,୧୦।୫**

ବର୍ତ୍ତମାନ ସମୟରେ ରପ୍ତାନୀ ଉତ୍ପାଦ ଉପରେ ଶୁଳ୍କ କିମ୍ବା ଟିକସ ଛାଡ଼ (ଆର୍‌ଓଡିଟିଇପି) ଯୋଜନା ସମ୍ପ୍ରସାରଣକୁ ବଢ଼ାଇବା ପାଇଁ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ସରକାରଙ୍କୁ ଅନୁରୋଧ କରିଛି। ଏପରିକି ଫିକି ଆନୁଷ୍ଠାନିକ ଭାବେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟକୁ ଚିଠି ଲେଖି ଅଗ୍ରିମ ପ୍ରାଧିକରଣ (ଏଏ), ରପ୍ତାନୀଭିତ୍ତିକ ୟୁନିଟ୍ (ଇଓୟୁଏସ୍) ଏବଂ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଏସ୍‌ଇଜେଡ୍) ଅଧୀନରେ କାର୍ଯ୍ୟ କରୁଥିବା ୟୁନିଟ୍‌ଗୁଡ଼ିକ ପାଇଁ ରପ୍ତାନୀ ଉତ୍ପାଦ ଉପରେ ଶୁଳ୍କ କିମ୍ବା ଟିକସ ଛାଡ଼ (ଆର୍‌ଓଡିଟିଇପି) ଯୋଜନାକୁ ତୁରନ୍ତ ବିସ୍ତାର କରିବା ପାଇଁ ଆବେଦନ କରିଛି। ବାଣିଜ୍ୟ ମନ୍ତ୍ରଣାଳୟକୁ ଲେଖିଥିବା ଏକ ଚିଠିରେ ଫିକି ଏହି ରପ୍ତାନୀମୁଖୀ ଜୋନ୍‌ଗୁଡ଼ିକରେ ଆଧାରିତ ୟୁନିଟ୍ ପାଇଁ ୨୦୨୫ ଫେବୃଆରୀ ୫ପରେ ଆର୍‌ଓଡିଟିଇପି ଲାଭ ବନ୍ଦ ହେବା ଉପରେ ଚିନ୍ତା ପ୍ରକଟ କରିଛି ଏବଂ ମନ୍ତ୍ରଣାଳୟକୁ ଅତି କମ୍‌ରେ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏକ ବୃଦ୍ଧି ବିଜ୍ଞପ୍ତିକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛି। ପ୍ରଚଳିତ ବିଶ୍ୱ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଫିକି ଭାରତୀୟ ଉତ୍ପାଦନର ମୂଲ୍ୟ ପ୍ରତିଯୋଗିତା ବଜାୟ ରଖିବା ଏବଂ ଅନ୍ତର୍ଜାତୀୟ ବଜାରରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସମାନ କ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ଯୋଜନା ଅଧୀନରେ ଏଏ/ଇଓୟୁ/ଏସ୍‌ଇଜେଡ୍ ୟୁନିଟ୍‌ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଜାରି ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି।

ଫିକିର ପ୍ରତିନିଧିତ୍ୱ ଭାରତୀୟ ଖଣିଜ ଶିଳ୍ପ ଫେଡେରେଶନ (ଫିମି) ଏବଂ ଆଲୁମିନିୟମ ଆସୋସିଏସନ ଅଫ୍ ଇଣ୍ଡିଆ (ଏଏଆଇ) ଭଳି ଶୀର୍ଷ ଶିଳ୍ପ ସଂସ୍ଥା ଦ୍ୱାରା ସମ୍ପ୍ରତି କରାଯାଇଥିବା ସମାନ ଉପସ୍ଥାପନା ପରେ ଆସିଛି, ଯାହା ବିଶ୍ୱ ବାଣିଜ୍ୟ ବିଷୟରେ ବ୍ୟାପକ ଶିଳ୍ପ ଆଶଙ୍କାକୁ ପ୍ରତିଫଳିତ କରିଥାଏ। ୨୦ବିଲିୟନ ଡଲାରରୁ ଅଧିକ ନିବେଶ ସହ ଆଲୁମିନିୟମ ଭାରତର ଶିଳ୍ପ ଦୃଶ୍ୟପଟରେ ଏକ ପ୍ରମୁଖ ଶିଳ୍ପ ପାଲଟିଛି, ଯାହା ଭାରତକୁ ବିଶ୍ୱର ଦ୍ୱିତୀୟ ବୃହତ୍ ଆଲୁମିନିୟମ ଉତ୍ପାଦକ କରିଥାଏ। ପୂର୍ବରୁ ଫିମି ଏହାର ପ୍ରତିନିଧିତ୍ୱରେ ଉଲ୍ଲେଖ କରିଥିଲା। ଭାରତର ପ୍ରାୟ ୪୫% ଆଲୁମିନିୟମ ରପ୍ତାନି ଏଏ/ଇଓୟୁ/ଏସ୍‌ଇଜେଡ୍‌ସ୍ଥାନଗୁଡ଼ିକରେ ଅବସ୍ଥିତ ୟୁନିଟ୍‌ଗୁଡ଼ିକରୁ ଆସିଥାଏ। ଆର୍‌ଓଡିଟିଇପି ସମର୍ଥନ ପ୍ରତ୍ୟାହାର କରିବା ଭାରତୀୟ ନିର୍ମାତାମାନଙ୍କର ସେମାନଙ୍କର ବିଶ୍ୱସ୍ତରୀୟ ସାଥୀମାନଙ୍କ ସହ ପ୍ରତିଯୋଗିତା କରିବାର କ୍ଷମତାକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଦୁର୍ବଳ କରିଥାଏ। କାରଣ ଏମ୍ବେଡେଡ୍ କର ଏବଂ ଶୁଳ୍କ, ଯାହା ଆଲୁମିନିୟମ ଉତ୍ପାଦନ ଖର୍ଚ୍ଚର ୧୦% ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ, ଅକ୍ଷୁଣ୍ଣ ଏବଂ ସମାଧାନ ହେବ ନାହିଁ।

# ପ୍ରୋ ଆକ୍ଟିଭ୍ ୱେର୍‌ର ଶୁଭାରମ୍ଭ




**ଭୁବନେଶ୍ୱର,୧୦।୫ (ଅଭୟ ଦାଶ)**

ଖାଦିମ୍ ଇଣ୍ଡିଆ ଲିମିଟେଡ୍‌ର ପ୍ରମୁଖ ଗାମେଣ୍ଟର୍ସ ବ୍ରାଣ୍ଡ୍ 'ପ୍ରୋ ଆକ୍ଟିଭ୍ ୱେର୍'ର ଶୁଭାରମ୍ଭ ଶନିବାର ସର୍ବଭାରତୀୟସ୍ତରରେ ହୋଇଯାଇଛି। ବିଶେଷକରି ଏହା ଆରାମ, ଶକ୍ତି ଏବଂ ଶୈଳୀକୁ ପାଳନ କରୁଥିବା କ୍ରୀଡ଼ା ଜଗତର ଏକ ନୂତନ ଓ ସାହସିକ ପଦକ୍ଷେପ ବୋଲି କୁହାଯାଉଛି। ସେହିଭଳି ପ୍ରୋ ଆକ୍ଟିଭ୍ ୱେର୍ ରେଞ୍ଜ ଗ୍ରାହକଙ୍କ ପ୍ରତ୍ୟେକ ପଦକ୍ଷେପକୁ ସଶକ୍ତ କରିବା ପାଇଁ ନିର୍ମିତ ହୋଇଛି। ଏପରିକି ପୁରୁଷ ଏବଂ ମହିଳାଙ୍କ ପାଇଁ ଡିଜାଇନ୍ ହୋଇଥିବା ଏହି ନୂତନ ବ୍ରାଣ୍ଡ୍‌ରେ ଟିସ୍, ଟ୍ରାକ୍ସ ଏବଂ ସର୍ଟସର ଆକର୍ଷଣୀୟ ଓ ବହୁମୁଖୀ ଲାଇନ ଅପ୍ ସାମିଲ ରହିଛି। ସେହିପରି ଦେଶବ୍ୟାପୀ ୧୦୦ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ଷ୍ଟୋର)ରେ ବ୍ରାଣ୍ଡ୍‌ର ପ୍ରାରମ୍ଭିକ ଶୁଭାରମ୍ଭ ହୋଇଯାଇଛି। ଏପରିକି ଦେଶର ପ୍ରତ୍ୟେକ ଖାଦିମ୍ ଆଉଟ୍‌ଲେଟ୍‌କୁ ବିସ୍ତାର କରିବାର ଯୋଜନା ସହ ପ୍ରୋ ଆକ୍ଟିଭ୍ ୱେର୍ ହେଉଛି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରିମିୟମ୍ ଆରାମଦାୟକ ସୁବିଧା ଉପଲବ୍ଧ କରାଇବାର ଆମର ପ୍ରତିଶ୍ରୁତି-ସହର ରାସ୍ତାରୁ ଛୋଟ ସହର ପର୍ଯ୍ୟନ୍ତ, ଶୀଘ୍ର ଉଠିବାଠାରୁ ବିଳମ୍ବିତ ରାତିରେ ସ୍ୱପ୍ନ ଦେଖୁଥିବା ପର୍ଯ୍ୟନ୍ତ।

ଏ ସମ୍ପର୍କରେ ଖାଦିମ୍ ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ରିତିକ ରୟ ବର୍ମନ କହିଛନ୍ତି, ଏହା କେବଳ ଏକ ଉତ୍ପାଦର ଶୁଭାରମ୍ଭ ନୁହେଁ, ଏକ ଆନ୍ଦୋଳନ। ପ୍ରତ୍ୟେକ ଭାରତୀୟଙ୍କ ହାତରେ ଏକ ଶକ୍ତିଶାଳୀ, ଷ୍ଟାଇଲିଶ୍ ଓ ପ୍ରତିଦିନର କାର୍ଯ୍ୟଦକ୍ଷତା ପୋଷାକ ପ୍ରଦାନ କରିବା ହେଉଛି ଆମର ମୂଳଲକ୍ଷ୍ୟ। ଆମେ ଆରମ୍ଭରୁ ୧୦୦ଟି ଷ୍ଟୋରରେ ପ୍ରୋ ଆକ୍ଟିଭ୍ ୱେର୍‌ର ରେଞ୍ଜ ଆଣିଛୁ ଏବଂ ଖୁବ୍ ଶୀଘ୍ର ଏହାକୁ ଆମର ସମସ୍ତ ଆଉଟ୍‌ଲେଟ୍‌ରେ ଉପଲବ୍ଧ କରାଇବୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି ପକ୍ଷରୁ ଏସ୍‌ଏଲ୍‌ଡିସି ପରିଦର୍ଶନ



ଏସ୍‌ଏଲ୍‌ଡିସି ପରିଦର୍ଶନରେ ଆସିଥିବା ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୦।୫**

ଓଡ଼ିଶା ବିଧାନସଭା ଦ୍ୱାରା ଗଠିତ ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି -ଏକ୍ସର ପ୍ରତିନିଧି ଦଳ ଶନିବାର ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ ରାଜ୍ୟ ଭାର ପ୍ରେରଣ କେନ୍ଦ୍ର (ଏସ୍‌ଏଲ୍‌ଡିସି) ପରିଦର୍ଶନ କରିଛନ୍ତି। ଏହି କମିଟିର ଅଧ୍ୟକ୍ଷ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ବିଧାୟକ ସରୋଜ କୁମାର ପ୍ରଧାନ ଓ ବିଧାୟକ ରମେଶ ଚନ୍ଦ୍ର ବେହେରା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା ଏବଂ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ, ରାଜ୍ୟ ଭାର ପ୍ରେରଣ କେନ୍ଦ୍ରର ନିର୍ଦ୍ଦେଶକ,ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ରାଜ୍ୟ ଭାର ପ୍ରେରଣ କେନ୍ଦ୍ରର ନିର୍ଦ୍ଦେଶକ କମିଟି ସଦସ୍ୟମାନଙ୍କୁ ଜରୁରିକାଳୀନ ଓ ବିପର୍ଯ୍ୟୟ ପରିସ୍ଥିତିରେ ମୁକାବିଲା କରିବାକୁ ଏହି କେନ୍ଦ୍ରରେ କିପରି ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ଏ ନେଇ ବିଧାୟକ ସ୍ୱାଇଁ ରାଜ୍ୟ ଭାର ପ୍ରେରଣ କେନ୍ଦ୍ରର କାର୍ଯ୍ୟକୁଶଳତାକୁ ଉଚ୍ଚ ପ୍ରଶଂସା କରିଥିଲେ।

# ବାର୍ଷିକ ୧୮.୮୨% ଅଭିବୃଦ୍ଧି

**ଭୁବନେଶ୍ୱର,୧୦।୫**

କ୍ରମାଗତ ଭାବେ ଏଚ୍‌ଡିଏଫ୍‌ସି ଫ୍ଲେକ୍ସି କ୍ୟାପ୍ ଫଣ୍ଡର କାରବାର ବୃଦ୍ଧି ପାଉଥିଲାବେଳେ ଏହାର ଅତୁଳନୀୟ ପ୍ରଦର୍ଶନୀ ମଧ୍ୟ ଜାରି ରହିଛି। ଏପରିକି ଏହା ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ଫଣ୍ଡ ହୋଇଥିଲାବେଳେ ନିବେଶକମାନଙ୍କୁ ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟିରେ ବେଶ୍ ସହାୟକ ହୋଇଛି। ଲାର୍ଜ କ୍ୟାପ୍, ମିଡ୍ କ୍ୟାପ ଓ ସ୍ମଲ କ୍ୟାପ ଷ୍ଟକ୍‌ରେ ନିବେଶ ଜାରି ରହିଛି। ୧୯୯୧ ଜାନୁଆରୀ ୧ରେ ଏହାର ଶୁଭାରମ୍ଭ ହୋଇଥିଲା। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଏହା ଚକ୍ରବୃଦ୍ଧି ହାରରେ ବାର୍ଷିକ ୧୮.୮୨% ଅଭିବୃଦ୍ଧି ପ୍ରଦାନ କରିଛି। ଶୁଭାରମ୍ଭରେ ନିବେଶ ହୋଇଥିବା ୧ଲକ୍ଷ ଟଙ୍କା ବର୍ତ୍ତମାନ ୧.୮୪ କୋଟି ଟଙ୍କାରେ ପରିଣତ ହୋଇଛି, ଯାହା ନିଫ୍ଟି ୫୦୦ ଟିଆର୍‌ଆଇ ସମାନ ନିବେଶ ଉପରେ ପ୍ରଦାନ କରିଥିବା ୧.୫୧କୋଟି ଟଙ୍କାର ରିଟର୍ନ ତୁଳନାରେ ଅଧିକ ବୋଲି କୁହାଯାଉଛି। ଏଚ୍‌ଡିଏଫ୍‌ସି ଏଏମ୍‌ସିର ଏମ୍‌ଡି ତଥା ସିଇଓ ନବନୀତ ମୁନୋଟ କହିଛନ୍ତି, ଗତ ୩ ଦଶନ୍ଧି ମଧ୍ୟରେ ଏଚ୍‌ଡିଏଫ୍‌ସି ଫ୍ଲେକ୍ସି କ୍ୟାପର ଯାତ୍ରା ଶୃଙ୍ଖଳିତ ନିବେଶ ଦର୍ଶନ ଏବଂ ନିବେଶକ ସମ୍ପତ୍ତି ସୃଷ୍ଟିକରିବା ପ୍ରତି ଅତୁଟ ପ୍ରତିବଦ୍ଧତାର ପ୍ରମାଣ ପାଲଟିଛି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ନିଧି ମହାନନ୍ଦ**

ଆବିର୍ଭାବ: ୦୧।୦୧।୧୯୫୫
ତିରୋଧାନ: ୩୦।୦୪।୨୦୨୫
ନୂଆପଡ଼ା, ତୁଷରା, ଜିଲ୍ଲା: ବଲାଙ୍ଗୀର

ହେ ପୂଜ୍ୟ, ଆଜି (୧୧।୦୫।୨୦୨୫) ପବିତ୍ର ଏକାଦଶାହ ଉପଲକ୍ଷେ ଆପଣଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ। ଆପଣଙ୍କ ଅନାବିଳ ଶ୍ରଦ୍ଧା, ସସ୍ନେହ, ଭଲପାଇବା ଓ ଆଶୀର୍ବାଦ ଥିଲା, ଅଛି ଓ ସବୁଦିନ ରହିଥିବ। ଆପଣଙ୍କୁ କୋଟି ପ୍ରଣାମ।

ଶୋକସନ୍ତପ୍ତ:- ସ୍ତ୍ରୀ: ବନିତା, ପୁଅ: ସରୋଜ ମହାନନ୍ଦ, ମନୋଜ ମହାନନ୍ଦ (କେନ୍ଦ୍ରୀୟ ରାସ୍ତା ଓ କୋଠା ସର୍କଲ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଭୁବନେଶ୍ୱର), ନରେଶ ମହାନନ୍ଦ, ବୋହୂ, ଝିଅ ସସ୍ମିତା, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ।

ଧ-୪୯୪



# Classified Everyday

**0674-2580101, 9692975378**



MATRIMONIAL

## BRIDE WANTD

Brahmin Boy 1993, 5'11", MBA Serving Bhubaneswar, Monthly 60,000/- "Sunasansar"- 9937512659. D-76267

Teli Boy 1992, 5'5", +2, dving Business Monthly 30,000/- "Sunasansar"- 9937512659. D-76268

## GROOM WANTED

47 ବର୍ଷ SBI BANK ରେ କାର୍ଯ୍ୟରତ, ବିବାହଯୋଗ୍ୟ ବ୍ୟକ୍ତି ଯୋଗାଯୋଗ କରନ୍ତୁ- 8455853154. D-491



## REAL ESTATE SALE

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

3BHK flat with 3 Bathrooms, SBA (1750sqft.) 2nd floor, Eastfacing, near Basudev Wood, Saheed Nagar, Bhubaneswar, @price: 1.79Cr. Contact: 9937936471, 9938849650. D-76056

PLOT FOR SALE BANKUALA BBSR Near to Saibaba Mandira 1740sqft. only for SC and ST in lowest price Contact- 8700747184. D-487

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

Lodge/ Resort/ Cottage at Puri @ 15Lakhs & Sandalwood Farming Project @3Lakhs. 8917622925. D-482



## CONSTRUCTION

Do you want to construct a building on your own plot please contact K.K. Construction. 7 0 0 8 2 6 8 1 2 9 , 9439143273. D-71397

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## GENERAL SALE

**Whole sale paper plate & danna For Buffet, Phulanankhara, Cuttack. 7809525452.** D-74651




Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8 0 1 8 8 2 2 3 0 7 , 7978560206 for location and details. D-303

**1000sqft. Office on rent at Jayadev Vihar Square @35000/-, Marketing Office not allowed. +91 6371-084018 Sohan.** D-499




Newly open Jyoti SPA positively health benefits (Expert therapist). 8458067955. D-76912

**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by experience therapist with homely atmosphere. 8658088274. D-447

## AFFIDAVIT

By virtue of an affidavit sworn before the Notary Public, Bhubaneswar, dated 9 May 2025, I, Thomas Das Paltasingh, residing at Plot No.- SE- 19/3, Satyanagar, P.O.- Saheednagar, P.S.- Kharvelanagar, Bhubaneswar- 751007, Dist.- Khurda, Odisha, declare that I have changed my name from Thomas Das to Thomas Das Paltasingh. Henceforth, I shall be known as Thomas Das Paltasingh for all purposes.
Thomas Das Paltasingh
D-488

I, Rambhabati Nayak (new name), Rambha Nayak (old name), W/o- Late Nakul Chandra Nayak, R/o. Village- Phulpatharkhol, P.O.- Jharagogua, P.S.- Laimura, Dist.- Deogarh, PIN- 768108 declare by this affidavit No.-261 dated 8.5.2025 sworn before the Executive Magistrate, Deogarh, I have changed my name from Rambha Nayak to Rambhabati Nayak. Henceforth, I shall be known as Rambhabati Nayak for all purposes.
D-493

I, P.Ramesh Patra, S/o- Late P.Shyam Sundar Patra, resident of Plot No.- 166/2574, Ekamra Vihar, Ebaranga, Sundarpada, P.O.- Sundarpada, Ps-Air field, Bhubaneswar- 751002, Dist.- Khordha, Odisha, declare by this affidavit No.- 435 dtd.- 07.05.2025, that now onwards, I shall be known as P.Ramesh Kumar Patra for all future purposes. D-501

By virtue of an affidavit sworn before the Executive Magistrate, Dharmasala, dated 07.05.2025, I, Bulu Malik, Address: At- Bandhadiha, P.O.- Bandhadiha, P.S.- Dharmasala, Dist.- Jajpur, Odisha- 755005 declare that I have changed my daughter's name from Roji Malik to Lozy Malik. Henceforth, She shall be known as Lozy Malik for all purposes. D-489

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, କଣାସ, ଜି- ପୁରୀଙ୍କ ପାଖରେ ଶପଥ କରୁଅଛି କି, ମୁଁ ମୀରା ମହାପାତ୍ର, ସ୍ୱା- ପ୍ରମୋଦ ମହାପାତ୍ର, ଗ୍ରା/ପୋ- ଓଢ଼ାଣ, ଥା- ଗଡ଼ଶାଗୋଦା, ମୋର ଆଧାର ନମ୍ବର XXXX XXXX ୫୨୧୧ ମୋର ଆଗ ନାମକୁ ବଦଳାଇ ନିରୁପମା ମହାପାତ୍ର କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୫୦୦

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

I, SAMIRA KUMAR SAHOO, S/o- Late Dhaneswar Sahoo, resident of At- Chanchapada, P.O.- Damodarpur, P.S.- Kishannagar, Dist.- Cuttack-754130, Odisha declare by this affidavit No.- 5451, dated 10.05.2025 that now onwards I shall be known as SAMIR KUMAR SAHOO for all future purposes. D-497

I, Madhumita Mishra, W/o- Sibanjan Mishra, resident of flat No. TP206, Imarat Trinath Plaza, near Mahalaxmi Cold Storage, Patrapada, P.S.- Khandagiri, Bhubaneswar, Dist.- Khordha, PIN- 751019, Odisha declare by this affidavit No. 6005, dtd- 08.05.2025 that now onwards I shall be known as Madhumita Ray for all future purposes. D-492

By virtue of an affidavit sworn before Executive Magistrate, Bhubaneswar, dated 11.04.2025, I, Surath Mukhi, S/o- DAMA MUKHI, Address: Resident of Plot No.-183, Kapilaprasad, Talsahi, near Trinatha Temple, Old Town, Bhubaneswar, Dist.- Khordha, Odisha-751002 declare that I have changed my name from Surendra Mukhi to Surath Mukhi. Henceforth, I shall be known as Surath Mukhi for all purposes.
Surath Mukhi
D- 503

## LEGAL NOTICE

BEFORE THE DISTRICT CONSUMER DISPUTES REDRESSAL COMMISSION, PURI (ODISHA)
C.C.EXECUTION CASE NO.- 4 of 2025 (Arising out of C.C. Case No.- 155 of 2014)

Sunita Mohapatra, aged about 47 years, W/o- Ashutosh Mohapatra, At- Nua Sahi, Nabakalebar Road, P.O.- Puri-2, P.S.- Kumbharapada, Dist.- Puri.
.....Decree Holder
-Versus-
The Proprietor-cum-Manager, Swapna Motors Private Limited, At- Plot No.- 156, 157 & 158, Sector-A, Zone-A, Mancheswar Industrial Estate, Bhubaneswar-751010, Dist.- Khurdha
.......Judgment Debtor

NOTICE

Where as in the aforementioned Case, the notices issued could not be served on the Judgment Debtor in the ordinary process.

Therefore the JDR is directed to appear before this Commission in person or through Advocate on 29.05.2025 at 11.30 AM failing which the case will be decided in your absence in merit.

Sd./- President
District C.D.R. Commission, Puri
D-498

# ପ୍ରଥମ ଉପହାର ମା' ପାଇଁ



ମା' ଏମିତି ଏକ ମଣିଷ, ଯାହାର ତୁଳନା ନାହିଁ। ସନ୍ତାନକୁ ସେ ଜନ୍ମ ଦେଇଛି, ନିଜ କ୍ଷୀର ଖୁଆଇଛି, ଭଲ ମଣିଷ କରି ଗଢ଼ିବାକୁ ପ୍ରଥମ ଗୁରୁ ବି ସାଜିଛି, ଆଉ ଆଗକୁ ବଢ଼ି ସଫଳ ହେବା ଲାଗି ପ୍ରେରଣା ଓ ମାର୍ଗଦର୍ଶନ ବି ଦେଇଛି। ତେବେ ପ୍ରତିବଦଳରେ କିଛି ଆଶା ନ ରଖି ଜୀବନସାରା ନିଃସ୍ୱାର୍ଥ ଭାବେ କେବଳ ଦେଇ ଚାଲିଥିବା ମା'କୁ ନିଜ ପ୍ରଥମ ରୋଜଗାରରେ କିଛି ଉପହାର ଦେବାର ଅନୁଭୂତି ସତରେ ଅନନ୍ୟ ଓ ଅପୂର୍ବ। ଆଜି ମଦର୍ସ ଡେ' (ମେ ୨ୟ ରବିବାର) ଅବସରରେ କେତେଜଣଙ୍କ ଏଭଳି ଅନୁଭୂତିକୁ ନେଇ ବିଶେଷ ଉପସ୍ଥାପନା...

–ପୌର୍ଣ୍ଣମାସୀ

## ବୋଉ ଆଖିରେ ଖୁସି ଆଉ ଲୁହ ଥିଲା



**ଲଳିତ କୁମାର ସ୍ୱାଇଁ** (ସାହିତ୍ୟିକ, ନନ୍ଦଳା, ପୁରୀ)– ବୋଉ ପାଇଁ ପ୍ରଥମ ରୋଜଗାରରେ କିଣିଥିବା ଉପହାରର ଅନୁଭୂତି ସବୁବେଳେ ସତେଜ ହୋଇ ରୁହେ। ଜୀବନସାରା ଛୋଟ ଛୋଟ ଜିନିଷ ପାଇଁ ବୋଉକୁ ହାତ ପତାଉ ଥିବା ମଣିଷଟିଏ ମୁଁ। ଗାଁ ସ୍କୁଲରେ ବେସରକାରୀ ଭାବେ ଶିକ୍ଷକତା କରୁଥାଏ। ୨୦୦୮, ଅଗଷ୍ଟ ମାସରେ ମୋର ପ୍ରଥମ ରୋଜଗାର ଥିଲା ୭୦୦ ଟଙ୍କା। ଆଉ ସେହି ରୋଜଗାର ଅନୁସାରେ ତା' ପାଇଁ ହଳେ ଚପଲ, ଚୁଡ଼ି ଆଉ ଗୋଟେ ଶାଢ଼ି କିଣି ନେଇଥିଲି। ଏସବୁ ଦେଖି ସେ ଆଶ୍ଚର୍ଯ୍ୟ ଓ ସ୍ତବ୍ଧ ହୋଇଗଲା। ମୁଁ ସ୍ପଷ୍ଟ ଦେଖିପାରୁଥାଏ ତା' ଆଖିର ଖୁସି ଆଉ ଲୁହକୁ। ବୋଉକୁ ଦେଖିବା ପରଠୁ ସେ ସୂତା ଲୁଗା ପିନ୍ଧି ଆସୁଥିଲା। ଭାବିଲି ଭଲ ଶାଢ଼ି ଗୋଟେ ନେଇଗଲେ ସେ ବୋଧେ ବେଶି ଖୁସି ହେବ। ତା' ପରେ ଅବଶ୍ୟ ଗାଳି ଶୁଣିଲି, ''ତତେ ଜିନିଷ କିଣି ଆସେନି, ତତେ କିଏ କହିଲା ଏସବୁ କିଣିବାକୁ, ତତେ ଠକିଦେଲା, ଏମିତି ଡିଜାଇନ ଭଲ ହୋଇନି, ମୋର ଏସବୁ କ'ଣ ହେବ, ଏମିତି କେତେ କ'ଣ।'' ପୁଅର କାହିଁ ଅଯଥା ଟଙ୍କା ସରିବ ବୋଲି ବୋଉ ସିନା ମୋତେ ଏମିତି କହିଥିଲା, କିନ୍ତୁ ବାକି ସମସ୍ତଙ୍କୁ ଖୁସିରେ କହିଛି, ମୋ ପୁଅ ମୋ ପାଇଁ ଏସବୁ ଆଣିଛି। ଗାଁମାନଙ୍କରେ ବିଶେଷକରି ଏସବୁ ଅନାବିଳ ସ୍ନେହ, ଭଲପାଇବା ଆଉ ଆବେଗକୁ ସାମ୍ନା ଲୋକ ଆଗରେ ଏତେଟା କୁହାଯାଉ ନ ଥିଲା। ଦଶମରେ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ପୁଅକୁ ମଧ୍ୟ ଗାଁରେ ଲାଜ କରିବାକୁ ପଡୁଥିଲା। ମୋ କ୍ଷେତ୍ରରେ ବି ସେଇଆ ହୋଇଥିଲା। ଜୀବନର ସବୁକିଛି ଦେଇ ମତେ ତିଆରି କରିଥିବା ବୋଉକୁ ଉପହାର ଦେବାର ଧୃଷ୍ଟତା କରିଥିଲି, ଆଉ ତାହା ପାଇଁ ସେ ବହୁତ ଖୁସି ହୋଇଥିଲା, ତାହା ହିଁ ଆନନ୍ଦ।

## ମମି ପାଖରେ ଥିଲେ ମୁଁ ହିରୋ

**ମୁକେଶ** (ଆଙ୍କର)– ମମି (ସୁଚିତ୍ରା ବରିଶଲ୍) ପାଖରେ ଥିଲେ ମୋ ପାଇଁ ସବୁଦିନ ସ୍ପେଶାଲ। କାରଣ ମମି ବିନା ମୁଁ ଜିରୋ, ଆଉ ସେ ଥିଲେ ମୁଁ ହିରୋ। ପିଲାବେଳୁ ଏପର୍ଯ୍ୟନ୍ତ ସେ ଯେଉଁ ଆଦର ଯତ୍ନରେ ମୋତେ ବଢ଼ାଇଛନ୍ତି, ସେଥିପାଇଁ ସଦାସର୍ବଦା ତାଙ୍କ ପାଖରେ ଋଣୀ। କେବଳ ଖୁଆଇବା, ପାଠ ପଢ଼ାଇବା, ଗାଇଡ୍ କରିବା ନୁହେଁ ବରଂ ଆଜିର ଗ୍ଲାମର ଦୁନିଆରେ ନିଜର ପରିଚୟ ସୃଷ୍ଟି କରିବାରେ ବି ତାଙ୍କର ହାତ ଅଛି। କାରଣ ଆଜି ପର୍ଯ୍ୟନ୍ତ ଚୁଟି କାଟିବା ଲାଗି ହେଉ କିମ୍ବା ଫେସ୍ କେୟାର୍ ପାଇଁ କେବେ ପାର୍ଲର ଯାଇନି, ସେ ହିଁ ପିଲାବେଳୁ ମୋ ବ୍ୟୁଟିସିଆନ୍। ତାଙ୍କର ମୋର ପସନ୍ଦ ବି ସମାନ। ତାଙ୍କୁ ବ୍ଲାକ୍ କଲର ବହୁତ ପସନ୍ଦ। ତେଣୁ ୨୦୧୫ରେ ଯେଉଁଦିନ ମୋ ପ୍ରଥମ ରୋଜଗାର ଟଙ୍କା ପାଇଥିଲି, ତାଙ୍କ ପାଇଁ ନାଇଟି ଟିଏ କିଣି ଆଣିଥିଲି। ସେ ତା'କୁ ଧରି ଯେତିକି ଖୁସି ହୋଇଥିଲେ, ତା' ଆଗରେ ଯେମିତି କୋଟିଏ ଟଙ୍କାର ଉପହାର ବି ତୁଚ୍ଛ। ତାଙ୍କୁ ଦେଖି ମୋତେ ଯେଉଁ ଆନନ୍ଦ ମିଳିଥିଲା ତାହା ଅବର୍ଣ୍ଣନୀୟ। ସେହିବର୍ଷ ମଦର୍ସ ଡେ'ରେ ତାଙ୍କୁ ଦୁଇ ହଳ ଇୟରରିଙ୍ଗ୍ସ ଏବଂ ହଳେ ପାଉଁଜି ବି ଦେଇଥିଲି। ଆଜି ଏହି ଶୁଭ ଅବସରରେ ମମି ସୁସ୍ଥ ରୁହନ୍ତୁ ଏବଂ ସବୁବେଳେ ମୋ ପାଖରେ ରୁହନ୍ତୁ ଏତିକି ଈଶ୍ୱରଙ୍କ ନିକଟରେ କାମନା କରିବି।



## ଫେସିଆଲ୍ ଏକ୍ସପ୍ରେଶନ୍‌ରେ ପ୍ରସ୍ଫୁଟିତ ହେଉଥିଲା ମା'ଙ୍କ ଖୁସି



**ଜ୍ୟୋତି** (ଅଭିନେତା)– ପିଲାବେଳୁ ଅଭିନୟ ପ୍ରତି ମୋର ଆଗ୍ରହ। ଏ କ୍ଷେତ୍ରରେ ଆଗକୁ ବଢ଼ିବା ଓ ଜଣେ ଅଭିନେତା ଭାବେ ନିଜର ପରିଚୟ ସୃଷ୍ଟି କରିବା ଲାଗି ଯିଏ ସାଜିଥିଲେ ମୋର ପ୍ରଥମ ଗୁରୁ, ସେ ହେଉଛନ୍ତି ମୋ ମା' (ଚନ୍ଦ୍ରକାନ୍ତି ପଣ୍ଡା)। ସେ ଜଣେ କଳାଶିଳ୍ପୀ। ତେଣୁ ପିଲାଦିନୁ ସେ ମୋ ରୁଚିକୁ ସଫଳ କରିବା ଦିଗରେ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ ଏବଂ ସଦାସର୍ବଦା ଉପଦେଶ କରିଥିଲେ। ଅଭିନୟରେ କ୍ୟାରିୟର ଆରମ୍ଭ କରିବା ପରେ ମୋ ପ୍ରଥମ ରୋଜଗାର ଟଙ୍କାରେ ତାଙ୍କ ପାଇଁ ଗୋଟିଏ ଶାଢ଼ି ଆଣିଥିଲି। ମା'ଙ୍କୁ ଜୀବନରେ ପ୍ରଥମଥର ଉପହାର ଦେବାକୁ ଯାଉଥିବାରୁ ମୋ ମନରେ ଉତ୍କଣ୍ଠା ଭରି ରହିଥିଲା। ଆଉ ଯେତେବେଳେ ତାଙ୍କ ହାତକୁ ପ୍ୟାକେଟ୍ଟି ବଢ଼ାଇଦେଇଥିଲି, ସେ ଶାଢ଼ିକୁ ଦେଖି ଖୁବ୍ ସୁନ୍ଦର ହୋଇଛି, କିନ୍ତୁ କାହିଁକି ଆଣିଲୁ ବୋଲି କହିଥିଲେ। ହେଲେ ବାସ୍ତବରେ ଅନ୍ତରର ଖୁସି ତାଙ୍କ ଫେସିଆଲ୍ ଏକ୍ସପ୍ରେଶନ୍‌ରେ ପ୍ରସ୍ଫୁଟିତ ହେଉଥିଲା। ସତ କହିବି ସେହି ମୁହୂର୍ତ୍ତରେ ମୋତେ ଏତେ ଖୁସି ଦେଇଥିଲା ଯେ ସାରା ଜୀବନ ଏ ଅନୁଭୂତି ମୋ ମନରେ ସାଇତା ହୋଇ ରହିବ।

## ମା'କୁ କିଛି ଦେଇପାରିଥିବାରୁ ନିଜକୁ ଧନ୍ୟ ମନେକରୁଛି

**ସ୍ମୃତି ଚାନ୍ଦ** (ଗ୍ରାଜୁଏଟ୍)– ପିଲାବେଳ ଅଭାବରେ କଟିଛି। ପିଲାଙ୍କୁ ଭଲକରି ଦିକେ ଖୁଆଇବା ପାଇଁ ଅଭିଭାବକଙ୍କ କଷ୍ଟକୁ ଅନୁଭବ କରିଛି। ଆମକୁ ମଣିଷ କରିବା ଲାଗି ମା' (ଅଖୋଜି ଚାନ୍ଦ) ଯେବେ ନିଜ ପାଖରେ ଥିବା ଅଳ୍ପ କେତୋଟି ଗହଣାକୁ ବି ବିନା ଲୋଭରେ ବିକି ଦେଇଛି ତାହା ବି ଦେଖିଛି। ଏମିତିରେ ଭବିଷ୍ୟତରେ ନିଶ୍ଚୟ ସଫଳ ହୋଇ ତା'ଙ୍କ ମନରେ ଖୁସି ଭରିଦେବା ମୋର ସବୁଠୁ ବଡ଼ ଲକ୍ଷ୍ୟ ଥିଲା। ମା'କୁ ନିଜ ପ୍ରଥମ ରୋଜଗାରରେ ସମ୍ବଲପୁରୀ ଶାଢ଼ିଟିଏ ଉପହାର ଦେଇଥିଲି। ଆଉ ଖୁସିରେ ତା' ପାଟିରୁ ଯେଉଁ ଆଶୀର୍ବାଦ ବାହାରିଥିଲା, ତାହା ମୋତେ କେତେ ଆନନ୍ଦ ଦେଇଥିଲା ପ୍ରକାଶ କରିବାକୁ ମୋ ପାଖେ ଭାଷା ନିଅଣ୍ଟ। ପରେ ସୁନାଗହଣା ଦେଇଛି, ରହିବା ପାଇଁ ଭଲ ଘରଟିଏ ଦେଇପାରିଛି। ଯଦିଓ ମା' କେବେ ଉପହାର ଆଶା କରେନି, ତାକୁ ଯାହାଦେଲେ କାହିଁକି ଆଣିଲୁ କହି ମନା କରେ; ତଥାପି ଜଣେ ଝିଅ ହୋଇ ବି ମା'କୁ କିଛି ଦେଇପାରିଥିବାରୁ ନିଜକୁ ଧନ୍ୟ ମନେକରୁଛି।



## ବୋଉ ଆଦରରେ ସାଇତି ରଖିଛି

**ସୂର୍ଯ୍ୟକାନ୍ତ ସାମଲ** (ଅଭିନେତା, ପ୍ରଯୋଜକ)– ବୋଉ (ବାସନ୍ତି ସାମଲ)ଠାରୁ ମଧୁର ଶବ୍ଦ ଏ ଦୁନିଆରେ ଆଉ କିଛି ନାହିଁ। ତା' ନାଁ ଧରିଲେ ଯେମିତି ସବୁ କଷ୍ଟ ଦୂରେଇଯାଏ। ତେଣୁ ତା' ପାଇଁ ଗୋଟିଏ ଦିନ ନୁହେଁ ସାରା ଜୀବନ ଉତ୍ସର୍ଗୀକୃତ। ତଥାପି ଏହି ମଦର୍ସ ଡେ'ରେ ମା'କୁ କିଛି ଉପହାର ଦେଇ ଏହି ସ୍ପେଶାଲ ଦିନକୁ ଭଲ ଭାବେ ସେଲିବ୍ରେଟ୍ କରିବାକୁ ହୃଦୟର ସହ ସ୍ୱାଗତ କରୁଛି। ତେବେ ମୋ ମତରେ ଜୀବନରେ ଯେବେ ସୁଯୋଗ ମିଳୁଛି ତା'କୁ କିଛି ଦେବା ନିହାତି ଦରକାର।





କାରଣ ଯିଏ ଆମକୁ ଜନ୍ମ ଦେଇଛି, ସବୁ ଅଳି ଅଝଟ ସହି କୋଳେଇ କାଖେଇ ମଣିଷ କରିଛି ତା'କୁ ଖୁସିରେ ରଖିବା ଆମର ପ୍ରଥମ କର୍ତ୍ତବ୍ୟ। ମୁଁ ଯେବେ ପ୍ରଥମ ଥର ରୋଜଗାର କରିଥିଲି ବୋଉ ପାଇଁ ଗୋଟିଏ ସାଲ୍ ଆଣିଥିଲି। ତା'କୁ ଦେଖି ସେ ଏତେ ଖୁସି ହୋଇଯାଇଥିଲା କହିଲେ ନ ସରେ। ଏବେବି ସେ ତା'କୁ ବଡ ଆଦରର ସହ ସାଇତି ରଖିଛି। ଆଉ ତା'ପରେ ମୁଁ ବୋଉ ପାଇଁ ଅନେକ ଜିନିଷ ଆଣିଛି ସତ, ହେଲେ ଯେବେବି ସେହି ସାଲ୍‌ଟି ସେ ଦେହରେ ପକାଏ ମୋତେ କାହିଁକି ସବୁଠୁ ଅଧିକ ଖୁସି ମିଳେ।



## ଏକ୍ସାଇଟ୍‌ମେଣ୍ଟ ବହୁତ ବଢ଼ିଯାଇଥିଲା

**ଅର୍ପିତା** (କଣ୍ଠଶିଳ୍ପୀ)– ପ୍ରତ୍ୟେକ ସନ୍ତାନ ଜୀବନରେ ମା'ର ଭୂମିକା ଅତୁଳନୀୟ। ତେଣୁ ମା'କୁ ଉପହାରରେ ଯାହା ବି ଦେଲେ ସବୁ କମ୍। ତଥାପି ସବୁବେଳେ ଯାହାଠାରୁ କେବଳ ପାଇଛେ ତାଙ୍କୁ ନିଜ ପ୍ରଥମ ରୋଜଗାରରେ କିଛି ଗିଫ୍ଟ ଦେବାରେ ଯେଉଁ ଅପୂର୍ବ ଆନନ୍ଦ ମିଳେ ତାହା ଅବର୍ଣ୍ଣନୀୟ। ମନେପଡୁଛି, ଯଦିଓ ଶିଶୁ କଳାଶିଳ୍ପୀ ଭାବେ ଷ୍ଟାଣ୍ଡାର୍ଡ ୩ରୁ ସ୍କଲାରଶିପ୍ ପାଇବା ଆରମ୍ଭ ହୋଇଯାଇଥିଲା, ହେଲେ ଯେବେ ପ୍ରଥମଥର ଏଥିରେ କ୍ୟାରିୟର ଆରମ୍ଭ କରି ଟଙ୍କା ପାଇଲି, ମାମା (ରମା ରେଣୁ ମହାପାତ୍ର)ଙ୍କ ପାଇଁ ଗୋଟିଏ ସୁନ୍ଦର ଶାଢ଼ି ଆଣିଥିଲି। ପ୍ରଥମଥର ଝିଅ ନିଜ ରୋଜଗାରରେ ଗିଫ୍ଟ ଦେଉଥିବା ବେଳେ ତାଙ୍କ ପ୍ରତିକ୍ରିୟା କେମିତି ରହିବ ଦେଖିବା ପାଇଁ ମୋ ଭିତରେ ଏକ୍ସାଇଟ୍‌ମେଣ୍ଟ ବହୁତ ବଢ଼ିଯାଇଥିଲା। ଆଉ ଯେତେବେଳେ ତାଙ୍କ ହାତକୁ ଶାଢ଼ିଟି ବଢ଼ାଇଦେଲି ଖୁସିରେ ତାଙ୍କ ଆଖି ଛଳଛଳ ହୋଇଗଲା ଓ ସେ ମୋତେ କୁଣ୍ଢାଇ ପକାଇଲେ। ଆଜି ମୁଁ ମା'କୁ କିଛି ଦେବା ପାଇଁ ସକ୍ଷମ ହୋଇପାରିଛି ଭାବି ବେଶ୍ ଆତ୍ମସନ୍ତୋଷ ମିଳିଥିଲା ଏବଂ ଆଗକୁ ଅଧିକରୁ ଅଧିକ ରୋଜଗାର କରି ମାମାପାଇଁ ପାଦବେ ସବୁ ଖୁସି ଅଜାଡି ଦେବାକୁ ଆହୁରି ଆଗ୍ରହ ବଢ଼ିଥିଲା। ସେବେଠୁ ତାଙ୍କ ପାଇଁ କିଛି ନା କିଛି ଉପହାର ନିଶ୍ଚୟ ନିଏ। ଆଜି ମଦର୍ସ ଡେ' ଅବସରରେ ମାମା ସବୁବେଳେ ହସ ଖୁସିରେ ରୁହନ୍ତୁ ବୋଲି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି।



## ଏ ସପ୍ତାହର ପ୍ରଶ୍ନ

୧– ବିରୂପାକ୍ଷ ମନ୍ଦିର......... ରାଜ୍ୟରେ ଅବସ୍ଥିତ ?
୨– ଏନ୍ଆଇଏଲ୍‌ପିର ଫୁଲ୍‌ଫର୍ମ ................ ?
୩– ରୋମିଓ ଆଣ୍ଡ ଜୁଲିଏଟ୍ ପୁସ୍ତକର ଲେଖକ ................ ?
୪– ନ୍ୟାଶନାଲ ସ୍ପୋର୍ଟ୍ସ ଡେ' ....... ତାରିଖରେ ପାଳନ କରାଯାଏ ?
୫– ବୁଦ୍ଧ ସମ୍ୟକ୍ ଦର୍ଶନ ସଂଗ୍ରହାଳୟ .......... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଏପ୍ରିଲ୍ ୧୮ ତାରିଖ
୨ ମହାରାଷ୍ଟ୍ର
୩ ଆୱାର ପାୱାର, ଆୱାର ଆର୍ଥ– ଆମ ଶକ୍ତି ଆମ ପୃଥିବୀ
୪ ଉତ୍ତରାଖଣ୍ଡ
୫ ସାଉଥ୍ ଆଫ୍ରିକା

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ମାନସ ରଞ୍ଜନ ପଟ୍ଟନାୟକ ଭୁବନେଶ୍ୱର


ଶକ୍ତି ପ୍ରସାଦ ସିଂ ଭୁବନେଶ୍ୱର

## ଟପ୍ ୧୦
### ଲୋକପ୍ରିୟ କଫି ବ୍ରାଣ୍ଡ



୧................................................ ଷ୍ଟାରବକ୍ସ
୨................................................ କିଉରିଗ୍ ଡ. ପିପର୍
୩................................................ ନେସ୍କାଫେ
୪................................................ ପିଟ୍ସ କଫି
୫................................................ ଗ୍ଲୋରିଆ ଜିନ୍ସ କଫିଜ୍
୬................................................ ଟିମ୍ ହର୍ଟନ୍ସ
୭................................................ କୋଷ୍ଟା କଫି
୮................................................ ଫୋଲ୍‌ଗର୍ସ
୯................................................ ଲାଭାଜା
୧୦................................................ ଡଙ୍କିନ୍

### ୟୁଥ୍ ଫ୍ୟାଶନ୍

## ଇଣ୍ଡୋ-ୱେଷ୍ଟର୍ନ ଫ୍ୟାଶନ୍ ଟ୍ରେଣ୍ଡ

ବର୍ତ୍ତମାନ ଟ୍ରାଡିସନାଲ ୱେର ସହିତ ବିଭିନ୍ନ ୱେଷ୍ଟର୍ନ ଡ୍ରେସ୍‌ର ଫ୍ୟୁଜନ୍ ଏବେ ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଛି। ତେବେ ଏହି ଇଣ୍ଡୋ–ୱେଷ୍ଟର୍ନ ଆଉଟ୍‌ଫିଟ୍ ଯୁବପିଢ଼ିଙ୍କୁ ସର୍ବାଧିକ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି ...

▸▸ବର୍ତ୍ତମାନ ଫେଷ୍ଟିଭ୍ ଲୁକରେ ଯୁବତୀ ହୁଅନ୍ତୁ ଅବା ଯୁବକ, ବିଭିନ୍ନ ଟ୍ରାଡିସନାଲ କୁର୍ତ୍ତା ସହିତ ଜିନ୍ସର କମ୍ବିନେସନ୍‌କୁ ଅଧିକ ପସନ୍ଦ କରୁଛନ୍ତି। ଅନେକ ଯୁବତୀ ଆଙ୍କେଲ୍ ଲେନ୍ଥ ଜିନ୍ସ ସହ ଶାଢ଼ି, ବେଲ୍ଟ ଏବଂ ହାଇନେକ୍ ବ୍ଲାଉଜ୍ ପିନ୍ଧି ମଧ୍ୟ ଟ୍ରେଣ୍ଡି ଓ ଆଇକ୍ୟାଚି ଲୁକ୍ ପାଇପାରୁଛନ୍ତି।
▸▸ସିଲ୍କ ଶାର୍ଟ ସହିତ ଷ୍ଟ୍ରେଟ୍ ପ୍ୟାଣ୍ଟର କମ୍ବିନେଶନ ଖୁବ୍ ମଡର୍ନ ଲୁକ୍ ଦେଇଥାଏ। ଏହି ଲୁକିସେକୁ ଇଣ୍ଡୋ–ୱେଷ୍ଟର୍ନ ଫ୍ୟାଶନ ଏବେ ଅନେକଙ୍କର ପ୍ରଥମ ପସନ୍ଦ ପାଲଟିଛି। ଏହା ସହ ମ୍ୟାଚିଂ ଆକସେସରିଜ୍ ଅଧିକ ଫ୍ୟାଶନେବଲ୍ ଲାଗିଥାଏ।
▸▸କେବଳ ବିଭିନ୍ନ ଟ୍ରାଡିସନାଲ ଶାର୍ଟ ନୁହେଁ, ବରଂ ସିଲ୍କ ଏବଂ ସମ୍ବଲପୁରୀ ଇକତ୍ ଭଳି ଟ୍ରାଡିସନାଲ ଲୁକ୍‌ରେ ପ୍ରସ୍ତୁତ ବ୍ଲେଜରର ମଧ୍ୟ ଡିମାଣ୍ଡ ବଢ଼ୁଛି। ଏହା ସିଙ୍ଗଲ୍ କଲରର ଷ୍ଟ୍ରେଟ୍ ପ୍ୟାଣ୍ଟ ହେଉ କିମ୍ବା ଜିନ୍ସ ସହିତ ରେଡ୍, ବ୍ଲୁ, ଅରେଞ୍ଜ ଭଳି କଲରର ବ୍ଲେଜରକୁ ଅନେକେ ପସନ୍ଦ କରୁଛନ୍ତି। ଏହା ମଡର୍ନ ଏବଂ ଫ୍ୟାଶନେବଲ୍ ଲୁକ୍ ଦେଉଛି।
▸▸ବର୍ତ୍ତମାନ ପ୍ଲେନ୍ ବା ସିଙ୍ଗଲ୍ କଲର ଧୋତି ପ୍ୟାଣ୍ଟ ସହିତ ଟ୍ରାଡିସନାଲ୍ ଶାର୍ଟ, କୁର୍ତ୍ତା ଆଦିକୁ

ଯୁବପିଢ଼ି ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ଭାବେ ବାଛୁଥିବା ଦେଖିବାକୁ ମିଳୁଛି। ଏହା ଟ୍ରେଣ୍ଡି ଏବଂ କ୍ଲାସି ଲୁକ୍ ଦେଉଛି। ଏଥିରେ ଅନେକେ ଓଭରକୋଟ୍ ଆଡ୍ କରି ଅଧିକ ଷ୍ଟାଇଲିଶ୍ ଲୁକ୍ ପାଇପାରୁଛନ୍ତି।
▸▸ବିଭିନ୍ନ ବନାରସୀ କୁର୍ତ୍ତା କିମ୍ବା ସେରୱାନିର ସହ ବି ଜିନ୍ସର କମ୍ବିନେଶନ୍ ଅନେକଙ୍କ ଖୁବ୍ ପସନ୍ଦ ଆସୁଛି।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧୧ ମେ, ୨୦୨୫ Bhubaneswar, Sunday, 11 May, 2025

# ଜାତୀୟ ରେକର୍ଡ ଭାଙ୍ଗିଲେ ହର୍ଷବର୍ଦ୍ଧନ

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

## ଜ୍ୟୋତ୍ସ୍ନା ଶବରଙ୍କୁ ସ୍ୱର୍ଣ୍ଣ ପଦକ



ହର୍ଷବର୍ଦ୍ଧନ ସାହୁ



ଜ୍ୟୋତ୍ସ୍ନା ଶବର

**ଭୁବନେଶ୍ୱର, ୧୦।୫(ତପନ ସ୍ୱାଇଁ)**

ବିହାରର ରାଜଗିରଠାରେ ଚାଲିଥିବା ୭ମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଶନିବାର ଓଡ଼ିଶା ଭାରୋତ୍ତୋଳକମାନେ ଚମକ ସୃଷ୍ଟି କରିଛନ୍ତି। ଜ୍ୟୋତ୍ସ୍ନା ଶବର ଓ ହର୍ଷବର୍ଦ୍ଧନ ସାହୁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ହର୍ଷବର୍ଦ୍ଧନ ୨ଟି ଜାତୀୟ ୟୁଥ୍ ରେକର୍ଡ ସହ ୪୯ କିଗ୍ରା ବର୍ଗରେ ମୋଟ ୨୦୩ କେଜି ଉତ୍ତୋଳନ କରି ଐତିହାସିକ ସଫଳତା ପାଇଛନ୍ତି। ସେ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କେଜି ସହ ମୋଟ ୨୦୩ କେଜି ଉତ୍ତୋଳନ କରି ୨ଟି ଜାତୀୟ ୟୁଥ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ସ୍ନାଚ୍‌ରେ ସେ ୮୮ କେଜି ଭାର ଉଠାଇଥିଲେ। ଗତବର୍ଷ ଫିଜିର ସୁଭାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ବିଶ୍ୱ ୟୁଥ୍ ଚାମ୍ପିୟନଶିପ୍‌ରେ ଝାଡ଼ଖଣ୍ଡର ବାବୁଲାଲ ହେମ୍ବ୍ରମ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୪ କେଜି ଉତ୍ତୋଳନ କରି ରେକର୍ଡର ଅଧିକାରୀ ଥିଲେ। ସେହିପରି ୪୦ କେଜି ବର୍ଗରେ ସମୁଦାୟ ୧୨୨ କେଜି ଓଜନ ଉଠାଇ ଜ୍ୟୋତ୍ସ୍ନା ରାଜ୍ୟକୁ ଗର୍ବିତ କରିଛନ୍ତି।

ହର୍ଷବର୍ଦ୍ଧନ ପଟିଆସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍‌ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ। ନିକଟରେ ପେରୁର ଲିମାଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। "ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଜାତୀୟ ରେକର୍ଡ ସୃଷ୍ଟି କରିଥିବାରୁ ମୁଁ ଖୁବ୍ ଆନନ୍ଦିତ। ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥିଲି। ପେରୁରେ ବ୍ରୋଞ୍ଜ ପଦକ ଜିତିବାପରେ ମୁଁ ଟ୍ରେନିଂ ପାଇଁ ଅଧିକ ସମୟ ପାଇ ନ ଥିଲି। ଏହା ସତ୍ତ୍ୱେ ପୂରା ଫୋକସ ରଖି ମୁଁ ଏହି ସଫଳତା ପାଇଛି। ଭାରତ ସରକାର, ସାଇ ଓ କୋଚ୍ ଆକାଶଙ୍କଠାରୁ ଭରପୂର ସମର୍ଥନ ପାଇଥିବାରୁ ଏପରି ସଫଳତା ସମ୍ଭବ ହୋଇପାରିଛି" ବୋଲି ହର୍ଷବର୍ଦ୍ଧନ ପ୍ରକାଶ କରିଛନ୍ତି। ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିବାରୁ ୧୮ ବର୍ଷୀୟ ହର୍ଷବର୍ଦ୍ଧନ ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ଅହମଦାବାଦରେ ହେବ।

ହର୍ଷବର୍ଦ୍ଧନଙ୍କ ପରି ଜ୍ୟୋତ୍ସ୍ନା ମଧ୍ୟ ପେରୁରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେ ଏବେ ଖେଲୋ ଇଣ୍ଡିଆ ପ୍ରତିଯୋଗିତାର ସ୍ନାଚ୍‌ରେ ୫୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୬୭ କେଜି ଉତ୍ତୋଳନ କରିଛନ୍ତି। ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍‌ରେ ସେ ମୋଟ ୧୨୯ (୫୭+୭୨) କେଜି ଉତ୍ତୋଳନ କରିଥିଲେ। ଜ୍ୟୋତ୍ସ୍ନା ଏବେ ଭୁବନେଶ୍ୱରରେ ଥିବା ଭାରୋତ୍ତୋଳନ ହାଇପର୍‌ଫର୍ମାନ୍ସ ସେଣ୍ଟରରେ ହଙ୍ଗେରୀ କୋଚ୍ ଜୋଲଟାନ ବାଟୋର୍ଫଙ୍କଠାରୁ ଟ୍ରେନିଂ ନେଉଛନ୍ତି। ଗଜପତି ଜିଲା ପେକଟା ଗ୍ରାମରେ ଏକ କୃଷକ ପରିବାରରୁ ଆସିଥିବା ଜ୍ୟୋତ୍ସ୍ନା ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା କେ. ରବି କୁମାରଙ୍କ ଦ୍ୱାରା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରୁ ଆସିଥିଲେ। ଏବେ ମଧ୍ୟ ରବି କୁମାର ତାଙ୍କୁ ଟ୍ରେନିଂ ଦେଉଛନ୍ତି। ଜ୍ୟୋତ୍ସ୍ନା ନିଜ ସଫଳତାର ଶ୍ରେୟ ପରିବାର ଓ କୋଚ୍‌ଙ୍କୁ ଦେଇଛନ୍ତି। "ସ୍ୱର୍ଣ୍ଣ ଜିତିଥିବାରୁ ବହୁତ ଖୁସି। ମୁଁ ଏପରି ସଫଳତା ପାଇବି ବୋଲି ଭାବିପାରି ନ ଥିଲି। କାରଣ ମାତ୍ର ୨-୩ ଦିନ ଟ୍ରେନିଂ ନେଇଥିଲି। ତେବେ କେବେହେଲେ ଫୋକସ ନ ହଟାଇବା ପାଇଁ ମୋ କୋଚ୍ ପରାମର୍ଶ ଦେଇଥିଲେ। ମୁଁ ଏବେ ଯେଉଁଠି ବି ପହଞ୍ଚିଛି ପରିବାର ଓ କୋଚ୍‌ଙ୍କ ପାଇଁ" ବୋଲି ଜ୍ୟୋତ୍ସ୍ନା ପ୍ରକାଶ କରିଛନ୍ତି।

### ସେମିଫାଇନାଲରେ ଓଡ଼ିଶା

ଓଡ଼ିଶା ପୁରୁଷ ଫୁଟବଲ୍ ଦଳ ଉନ୍ନତ ପ୍ରଦର୍ଶନ ଜାରିରଖି ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଚଣ୍ଡିଗଡ଼କୁ ୧-୦ରେ ପରାସ୍ତ କରି ଟେବୁଲ ଟପ୍ପର ହୋଇଛି। ଏଥିସହ ଓଡ଼ିଶା ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ପକ୍ଷରୁ ୩୪ତମ ମିନିଟରେ ଭେଙ୍କଟେଶ୍ୱର ଓରାମ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।

# ଓସିଏ ପକ୍ଷରୁ କୋଚ୍, ସପୋର୍ଟ ଷ୍ଟାଫ୍ ନିଯୁକ୍ତି

**ଭୁବନେଶ୍ୱର, ୧୦।୫(ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଘରୋଇ ସିଜନ ୨୦୨୫-୨୬ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବିଭିନ୍ନ ଦଳର କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ନାମ ଘୋଷଣା କରାଯାଇଛି। ଆଗାମୀ ସିଜନ ଲାଗି ନିଜ ପଦ ବଜାୟ ରଖିଥିବା କୋଚ୍‌ମାନେ ହେଲେ ସିନିୟର ଦଳର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ଜିଲା ଓ ରାଜ୍ୟ ଏକାଡେମୀର ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମ ଓ ସିନିୟର ମହିଳା ଦଳର ମୁଖ୍ୟ କୋଚ୍ ସୁଷମା ଶର୍ମା। ସୌରଜିତ୍ ମହାପାତ୍ର ପୁରୁଷ ଚୟନ କମିଟି ଅଧକ୍ଷ ରହିଥିବାବେଳେ ଅବକାଶ ଖଟୁଆ ଓ ଶୁଭ୍ରଜିତ୍ ସାହୁ ସଦସ୍ୟ, ଜୁନିୟର ପୁରୁଷ ଚୟନ କମିଟିରେ ନଟରାଜ ବେହେରା ଅଧକ୍ଷ ଏବଂ ନିରଞ୍ଜନ ବେହେରା ଓ ଜଗନ୍ନାଥ ଦାସ ସଦସ୍ୟ ରହିଛନ୍ତି। ସେହିପରି ସସ୍ମିତା ପଟ୍ଟନାୟକ ମହିଳା ଚୟନ କମିଟି ଅଧକ୍ଷା ଏବଂ ଗଙ୍ଗୋତ୍ରୀ ବେହେରା, ଶୁଭ୍ରାଂଶୁବାଳା ଭୂୟାଁ ଓ ତିଲୋତ୍ତମା ସାହୁ ସଦସ୍ୟା ଅଛନ୍ତି। କୋଚ୍‌ଭାବେ ପୁରୁଷ ୱିଙ୍ଗରେ ସୌରଭ ସେହଗଲ, ବସନ୍ତ ମହାନ୍ତି, ଶୁବିତ ବିଶ୍ୱା, ରଶ୍ମି ରଞ୍ଜନ ଦାସ, ପ୍ରଭଞ୍ଜନ ମଲିକ, ପ୍ରୀତମ୍‌ଜିତ ଦାସ, ସୁରେଶ କୁମାର, ଅସଜିତ୍ ଜୟପ୍ରକାଶମ, ବିଭୁଦତ୍ତ ପଣ୍ଡା, ସଞ୍ଜୟ ଶତପଥୀ, ଦୀପକ ମଙ୍ଗରାଜ, ସଞ୍ଜୀବ ପ୍ରସାଦ, କେ.ଭି. ପ୍ରସାଦ, ପ୍ରଭାତ ନାୟକ, ଶୋଭନ ଦେବ ଓ ଦେବଦତ୍ତ ଲେଙ୍କା ସ୍ଥାନ ପାଇଛନ୍ତି।

# ଆଜି ଭାରତ-ଶ୍ରୀଲଙ୍କା ଫାଇନାଲ




ଟ୍ରଫି ସହ ଦୁଇ ଦଳର ଅଧିନାୟିକା।

## ମହିଳା ଦିନିକିଆ ତ୍ରିରାଷ୍ଟ୍ରୀୟ କ୍ରିକେଟ

**କଲମ୍ବୋ, ୧୦।୫ (ପି.ଟି.)**

ଭାରତ ଦୃଢ଼ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସହ ଏଠାରେ ରବିବାର ଖେଳାଯିବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ମହିଳା ଅନ୍ତର୍ଜାତୀୟ ଦିନିକିଆ ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜ ଫାଇନାଲ ଜିତିବା ଲାଗି ଆଶା ପୋଷଣ କରିଛି। ଇଭେଣ୍ଟରେ ଭାରତ ଥରେ ମାତ୍ର ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ପରାଜିତ ହୋଇଛି। କିନ୍ତୁ ହରମନପ୍ରୀତ କୌରଙ୍କ ଦଳ ଏହି ଟୁର୍ନାମେଣ୍ଟରେ ସବୁଠାରୁ ପ୍ରାଧାନ୍ୟବିସ୍ତାର କରି ଖେଳିଥିବା ଦଳ। ଦଳ ୪ଟି ମ୍ୟାଚରୁ ୩ଟିରେ ବିଜୟ ହାସଲ କରି ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଶ୍ରୀଲଙ୍କା ଦୁଇଟି ବିଜୟ ଏବଂ ସମାନ ସଂଖ୍ୟକ ପରାଜୟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୪ଟି ଗେମ୍‌ରୁ ମାତ୍ର ଗୋଟିଏ ବିଜୟ ସହ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହି ମୁକାବିଲା ଜିତିବା ଉଭୟ ଦଳ ପାଇଁ ମହତ୍ତ୍ୱପୂର୍ଣ୍ଣ। ଏଠାରେ ଭାରତର ଭଲ ପ୍ରଦର୍ଶନ ପଛରେ ମୁଖ୍ୟ କାରଣ ହେଉଛି ଚମତ୍କାର ବ୍ୟାଟିଂ ପ୍ରଦର୍ଶନ। ଭାରତର ଶ୍ରେଷ୍ଠ ବ୍ୟାଟର ଜେମିମା ରୋଡ୍ରିଗ୍ସ ୬୭ ଆଭରେଜରେ ମୋଟ ୨୦୧ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କର ଏକ ଶତକ (୧୨୩) ରହିଛି। ଅନ୍ୟ ସଫଳ ବ୍ୟାଟରଙ୍କ ମଧ୍ୟରେ ରହିଛନ୍ତି ପ୍ରତୀକା ରାୱଲ (୧୬୪), ସ୍ମୃତି ମନ୍ଧାନା (୧୪୮) ଓ ଦୀପ୍ତି ଶର୍ମା (୧୨୬)। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୀପ୍ତି ୯୩ରନ କରି ଅପରାଜିତ ରହିଥିଲେ। ଅଧିନାୟିକା ହରମନପ୍ରୀତ ଇଭେଣ୍ଟରେ ଯଦିଓ ଏକ ବଡ଼ ସ୍କୋର କରିପାରି ନାହାନ୍ତି। ସେ ଗତ ତିନୋଟି ମ୍ୟାଚରେ ୪୧*, ୩୦ ଓ ୨୮ ରନ କରିଛନ୍ତି।

# ରାଜ୍ୟ କରାଟେ: ବିଶ୍ୱଦୀପଙ୍କୁ ଡବଲ ସ୍ୱର୍ଣ୍ଣ



ପଦକ ବିଜେତା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ରାଜ୍ୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ୧୦, ୧୧ ଓ ୧୨ ବର୍ଷ ବୟସ ବର୍ଗ ବାଳିକା ଓ ବାଳକ ବିଭାଗର କାଟା ଓ ଫାଇଟିଂ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ସୋନାଲି ଚାନ୍ଦ ଓ ଅମିତ କୁମାର ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କରାଟେକାଙ୍କ ମଧ୍ୟରୁ ବିଶ୍ୱଦୀପ ବେହେରା ଡବଲ ସ୍ୱର୍ଣ୍ଣ ଜିତିଥିବାବେଳେ ବୈଶାଳୀ ପାତ୍ର, ଅଭିଜ୍ଞାନ ଦାଶ, ପ୍ରଣୀତ ଜେନା, ତୁଷାର ପତି, ଭି. ପ୍ରଜ୍ଞାନ, ବୈଷ୍ଣବୀ ବେହେରା, ଅନର୍ଦିତ୍ୟ ସ୍ୱାଇଁ, ଈଶାନି ପଣ୍ଡା, ସମୟ ଶତପଥୀ, ଏମ. ଇଭା, କୈଭବ ପଟ୍ଟନାୟକ, ଶ୍ରେୟା କାନୁନ୍‌ଗୋ, ଆଶୁତୋଷ ପୃଷ୍ଟି, ପ୍ରସ୍ମିତ ମହାନ୍ତି, ଶଶାଙ୍କ ମହାରଣା, ଏମ. ସାଇ ହେମକେଶ, ଆୟୁଷ ଚର୍ଚ୍ଚା, ଦିବ୍ୟାଙ୍ଗନା ସାମନ୍ତରା, ସିଦ୍ଧେଶ୍ୱରୀ ମଲିକ, ଦିବ୍ୟାଂଶୀ ଘଡ଼େଇ ଓ ରାଜେଶ୍ୱରୀ ସିଂ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ମାଧୁରାଙ୍କୁ ବ୍ୟକ୍ତିଗତ ସ୍ୱର୍ଣ୍ଣ

**ଶାଂଘାଇ, ୧୦।୫(ପି.ଟି.)**

ଭାରତୀୟ ତୀରନ୍ଦାଜ୍ ମାଧୁରା ଧମନଗାଁକାର ପ୍ରଥମ ଥର ଏକ ବିଶ୍ୱକପ୍‌ରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୨ରେ ସେ ଏହି ସଫଳତା ହାସଲ କରିଛନ୍ତି। କମ୍ପାଉଣ୍ଡ ବିଭାଗରେ ଭାରତ ଦୁଇ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଦୁଇ ବ୍ରୋଞ୍ଜ ପଦକ ପାଇଛି। ଅଣର୍‌ୟାଙ୍କିଙ୍ଗ୍‌ପ୍ରାପ୍ତ ମାଧୁରା ଗତ ୩ ବର୍ଷ ହେଲା ଉପେକ୍ଷିତ ହୋଇଆସୁଥିଲେ। ମାଧୁରା ଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ)ର କାର୍ସନ କ୍ରାହେଙ୍କୁ ୧୩୯-୧୩୮ରେ ପରାସ୍ତକରି ପୋଡିୟମରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମହାରାଷ୍ଟ୍ର ରାଜ୍ୟର ଅମରାବତୀର ୨୪ ବର୍ଷୀୟ ଏହି ତୀରନ୍ଦାଜ୍ ପୂର୍ବରୁ ଏକ ଟିମ୍ ରୌପ୍ୟ ଓ ଏକ ମିକ୍ସଡ ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ ପାଇଁ ବୁଝାମଣା

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

କିଟ୍ ଓ କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ। ଏନେଇ ଶୁକ୍ରବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର୍ ପେସ୍‌ଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପେସ୍-ସାମନ୍ତ ଏକାଡେମୀ ଟେନିସ୍ ସମେତ ୧୬ଟି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବ। କ୍ରୀଡ଼ା କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଥିବା କିଟ୍ ଓ କିସ୍ ସହ ଲିଆଣ୍ଡର ସହବନ୍ଧିତ ହୋଇ କ୍ରୀଡ଼ାକୁ ଆହୁରି ଆଗକୁ ନେବା ପାଇଁ ଆଗଭର ହୋଇଛନ୍ତି। ଏଥି ନିମନ୍ତେ କିଟ୍-କିସ୍ ସମସ୍ତ ପ୍ରକାର ଭିତ୍ତିଭୂମି ଏବଂ ଲିଆଣ୍ଡର ବୈଷୟିକ ଜ୍ଞାନ ସହ କ୍ରୀଡ଼ା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଜ୍ଞାନ ଯୋଗାଇ ଦେବେ। ଅଲିମ୍ପିଆନ, ମେଜର ଧ୍ୟାନଚାନ୍ଦ ଖେଲରତ୍ନ ପୁରସ୍କାର ବିଜେତା ପଦ୍ମ ଭୂଷଣ ଲିଆଣ୍ଡର ପେସ୍ ହେଉଛନ୍ତି ଭାରତର ପ୍ରଥମ ଏସୀୟ ପୁରୁଷ ଖେଳାଳି, ଯିଏ କି ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଛନ୍ତି। ସେ ୮ଟି ପୁରୁଷ ଡବଲ୍ସ ଏବଂ ୧୦ଟି ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ରେକର୍ଡ କରିଛନ୍ତି।



ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ଅଚ୍ୟୁତ ସାମନ୍ତ, ଲିଆଣ୍ଡର ପେସ୍ ଓ ଅନ୍ୟମାନେ।

ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଲିଆଣ୍ଡର ଖୁସି ବ୍ୟକ୍ତ କରିବା ସହ କିଟ୍ ଓ କିସ୍‌ରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ରହିଛି ବୋଲି କହିଛନ୍ତ। ଆଗାମୀ ୧୫ବର୍ଷ ମଧ୍ୟରେ ୨ଲକ୍ଷ ୫୦ ହଜାର କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ନେଇ ଲିଆଣ୍ଡର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଥିବା ବିଶ୍ୱର କ୍ରୀଡ଼ାବିତ୍‌ଙ୍କୁ ଆଣି ଏହି ଏକାଡେମୀ ମାଧ୍ୟମରେ ନୂତନ କ୍ରୀଡ଼ା ପ୍ରତିଭାଙ୍କ ଭାବାତ୍ମକ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ବିକାଶ ସହ ସେମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ବିଶେଷ ତାଲିମ ଓ ସୁଯୋଗ ଦିଆଯିବ। କିଟ୍ ଓ କିସ୍‌ରେ ମୁଁ ପ୍ରଥମ ଏକାଡେମୀ କରିବାକୁ ଯାଉଥିବାରୁ ବହୁତ ଖୁସି ବୋଲି ଲିଆଣ୍ଡର କହିଛନ୍ତି। ଅନ୍ୟ ପକ୍ଷରେ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଗତ ୨୦ ବର୍ଷ ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛି। ପଦ୍ମଭୂଷଣ ଲିଆଣ୍ଡରଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କ୍ରୀଡ଼ାର ପ୍ରସାର ନେଇ ଆମ ସହ ଯୋଡ଼ି ହୋଇଥିବାରୁ କିଟ୍ ଓ କିସ୍ ତାଙ୍କୁ କୃତଜ୍ଞତା ଜଣାଉଛି ବୋଲି ସେ ପ୍ରକାଶ କରିଛନ୍ତି।

# ଆଇପିଏଲ୍ ବିଦେଶୀ ଖେଳାଳିଙ୍କ ଘରବାହୁଡ଼ା

**ନୂଆଦିଲ୍ଲୀ, ୧୦।୫ (ପି.ଟି.):** ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଯୋଗୁ ହାଇ-ପ୍ରୋଫାଇଲ ଟି୨୦ ଲିଗ୍ ଆଇପିଏଲ୍‌କୁ ଏକ ସପ୍ତାହ ପାଇଁ ସସ୍‌ପେଣ୍ଡ କରାଯିବା ପରେ ବିଭିନ୍ନ ଫ୍ରାଞ୍ଚାଇଜରୁ ପ୍ରତିନିଧିତ୍ୱ କରୁଥିବା ବିଦେଶୀ ଖେଳାଳିମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱଦେଶ ଫେରିଛନ୍ତି। ପଡ଼ୋଶୀ ଜମ୍ମୁ ଓ ପଠାନ୍‌କୋଟ ସହରରେ ବିମାନ ଆକ୍ରମଣର ଚେତାବନୀ ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଧର୍ମଶାଳାରେ ଗତ ଗୁରୁବାର ଖେଳାଯାଉଥିବା ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍‌କୁ ଅଧାରୁ ବାତିଲ କରିଦିଆଯାଇଥିଲା। ଏହାର ପରଦିନ ଶୁକ୍ରବାର ଆଇପିଏଲ୍‌କୁ ଏକ ସପ୍ତାହ ପାଇଁ ସସ୍‌ପେଣ୍ଡ କରାଗଲା। ଟୁର୍ନାମେଣ୍ଟ ସସ୍‌ପେଣ୍ଡ ପରେ ଫ୍ରାଞ୍ଚାଇଜ୍‌ଗୁଡ଼ିକର ଖେଳାଳିମାନେ ଘରବାହୁଡ଼ା ଆରମ୍ଭ କରିଦେଇଥିଲେ। ବିଦେଶୀ ଖେଳାଳିମାନେ ମଧ୍ୟ ସେମାନଙ୍କ ଦେଶକୁ ଫେରିଯାଉଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) କହିଛି, ଏହାର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ସୁରକ୍ଷିତ ଭାବେ ବେଙ୍ଗାଲୁରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଘରମୁହାଁ ହୋଇଛନ୍ତି। ଆର୍‌ସିବିର ବିଦେଶୀ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ଟିମ୍ ଡେଭିଡ, ଲିଆମ ଲିଭିଂଷ୍ଟୋନ, ଜାକବ ବେଥେଲ, ରୋମାରିଓ ଶେଫର୍ଡ, ଫିଲିପ ସଲ୍ଟ, ଜୋଶ ହାଜେଲଉଡ୍, ଲୁଙ୍ଗି ଏନ୍‌ଗିଡ଼ି ଓ ନୁୱାନ ଧୁଶାରା। ଦଳର ବିଦେଶୀ ଷ୍ଟାଫ୍‌ଙ୍କ ମଧ୍ୟରେ ରହିଛନ୍ତି ମୁଖ୍ୟ କୋଚ୍ ଆଣ୍ଡି ଫ୍ଲାୱାର, ବୋଲିଂ କୋଚ୍ ଆଡାମ ଗ୍ରିଫିଥ୍, କ୍ରିକେଟ ଅପରେଶନ ଡାଇରେକ୍ଟର ମୋ ବୋବାଟ୍, ଟିମ୍ ଫିଜିଓ ଇଭାନ ସ୍ପିଚ୍‌ଲି ଓ ଆନାଲିଷ୍ଟ ଫ୍ରିଡି ୱାଇଲ୍ଡ। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଜଣେ ଅଫିସିଆଲ ସୂଚନା ଦେଇ କହିଛନ୍ତି, ସେମାନଙ୍କର କିଛି ବିଦେଶୀ ଖେଳାଳି ଶନିବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଅନ୍ୟମାନେ ଭାରତରେ ରହିବାକୁ ପସନ୍ଦ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ସମ୍ପୃକ୍ତ କର୍ତ୍ତୃପକ୍ଷ ଏବଂ ଅଂଶୀଦାରଙ୍କ ସହ ପରାମର୍ଶ ସହ ପରିସ୍ଥିତିର ଅନୁଧ୍ୟାନ ପରେ ଠିକଣା ସମୟରେ ଟୁର୍ନାମେଣ୍ଟର ଅବଶିଷ୍ଟାଂଶ, କାର୍ଯ୍ୟସୂଚୀ ଓ ଭେନ୍ୟୁ ସମ୍ପର୍କରେ ଜଣାଇ ଦିଆଯିବ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ